

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar





ନିର୍ବାଚନୀ ଇସ୍ତାହାର ପ୍ରକାଶ କଲା ଆପ୍ | ୬

ବୁମରାଙ୍କୁ ଟେଷ୍ଟ କ୍ରିକେଟରେ ଅଫ୍ ଦି ଇୟର ପୁରସ୍କାର | ୭



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୯୯ Vol. 21 No-299 28 JANUARY 2025 TUESDAY BHUBANESWAR ମଙ୍ଗଳବାର, ୨୮ ଜାନୁଆରୀ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ଟ୍ରମ୍ପଙ୍କ ସହ କଥାହେଲେ ମୋଦୀ

ନୂଆଦିଲ୍ଲୀ,୨୭ା୧: ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ନେବାପରେ ତାଙ୍କ ସହ ସୋମବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଥା ହୋଇଥିବା ସୂଚନା ମିଳିଛି। ଟେଲିଫୋନ୍ ଯୋଗେ ଉଭୟ ନେତା ଦୀର୍ଘ ସମୟଧରି କଥାବାର୍ତ୍ତା ହୋଇଥିଲେ। ବିଶେଷକରି ଦ୍ୱିପାକ୍ଷିକ ସମ୍ପର୍କ ଉପରେ ଉଭୟପକ୍ଷ ମଧ୍ୟରେ ଆଲୋଚନା ହୋଇଥିବା ସୂଚନା ମିଳିଛି।

### ଘରେ ପଶି ଯୁବକଙ୍କୁ ହାଣିଲେ ମାଓବାଦୀ

ମାଲକାନଗିରି,୨୭ା୧ (ଭାସ୍କର ନ୍ୟୁଜ୍): ମାଲକାନଗିରି ସୀମାନ୍ତ ଛତିଶଗଡ ବିଜାପୁରରେ ମାଓବାଦୀଙ୍କ ବର୍ବରକାଣ୍ଡ। ପୋଲିସ୍ ଇନଫର୍ମର ସନ୍ଦେହରେ ଯୁବକଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ସୂଚନା ମୁତାବକ ଛତିଶଗଡ ବିଜାପୁରର ଭୈରବଗଡ ଥାନା କେଶମୁଣ୍ଡା ଗାଁରେ ଅଭାବନୀୟ ଘଟଣା ଘଟିଛି। ପୋଲିସ୍ ଇନଫର୍ମର ସନ୍ଦେହରେ ମାଓବାଦୀମାନେ ଘରେ ପଶି ଜଣେ ଯୁବକଙ୍କୁ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ହିଡ଼ମା ସୋଡି। ହିଡମା ମାଓବାଦୀଙ୍କ ବିରୋଧରେ ପୋଲିସ୍‌କୁ ଖବର ଦେଉଥିବା ନେଇ ମାଓବାଦୀମାନଙ୍କୁ ଖବର ମିଳିଥିଲା।

### ଡଲଫିନ୍ ଗଣନା ଆରମ୍ଭ

ରାଜନଗର,୨୭ା୧(ଭାସ୍କର ନ୍ୟୁଜ୍): ସୋମବାରଠାରୁ ଆରମ୍ଭ ହୋଇଛି ଡଲଫିନ୍ ଗଣନା। ଏହି ଗଣନା ୩ଦିନ ଧରି ଚାଲିବ। ରାଜନଗର ବନଖଣ୍ଡ ଧାମରାରୁ ଦେବୀ ମୁହାଣ ଯାଏ ଏହ ଗଣନା ଚାଲିବ। ରାଜନଗର ବନଖଣ୍ଡର ୫ଟି ରେଞ୍ଜରେ ଡଲଫିନ ଗଣନା ଚାଲିବ। ମୋଟ୍ ୯ଟି ଟିମ୍‌ରେ ୪ଜଣ ଲେଖାଏ କର୍ମଚାରୀ ନିୟୋଜିତ ହୋଇଛନ୍ତି।

ସେନ୍‌ସେକ୍ସ: ୭୫,୩୬୬.୧୭
ସର୍ବାଧିକ: ୨୯.୦ ଡିଗ୍ରୀ
ସର୍ବନିମ୍ନ: ୧୭.୨ ଡିଗ୍ରୀ

**୨୭ା୧ା୨୦୨୫ ର ମତାମତ**

ମାଓବାଦୀଙ୍କ ଦବ୍‌ଦବାକୁ ସୁରକ୍ଷା କର୍ମୀ ରୋକିବା ସମ୍ଭବ କି ?




**ଆଜିର ପ୍ରସଙ୍ଗ**

ରାଜ୍ୟରେ ଶିଳ୍ପର ବିକାଶ ହେଲେ ନିଯୁକ୍ତି ସୁଯୋଗର ସମ୍ଭାବନା ରହିବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

**ଅର୍ଜିତ ଅନିର୍ବାଣ**



କେଡ଼େ କେଡ଼େ ସବୁ ଶିଳ୍ପପତି ବାବୁ
ହୋଇବେ ଓଡ଼ିଶାମୁହାଁ,
ଶିଳ୍ପ ବିପ୍ଳବ ଏମିତି ହେବ ଯେ
ଚାହିଁବ କରି ଆଁ ।
ଲାଗିବନି ଖାଁ ଖାଁ,
ଯୁଆଡ଼େ ଦେଖିବ ଖାଲି କାରଖାନା
ଧୂଡ଼୍ ଧାଡ଼୍, ଟୁଂ ଟାଂ ।

## ଆଜିଠୁ ଦୁଇଦିନିଆ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ

# ଶିଳ୍ପ ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ

- ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ
- ୫ଲକ୍ଷ କୋଟିର ପୁଞ୍ଜିନିବେଶ ପ୍ରସ୍ତାବ ସମ୍ଭାବନା
- ସୃଷ୍ଟି ହେବ ୩.୫ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ
- ସୁରକ୍ଷା କଡ଼ାକଡ଼ି, ନୋ ଡ୍ରୋନ୍,ଫ୍ଲାଇଂଜୋନ୍ ଘୋଷଣା





ଭୁବନେଶ୍ୱର,୨୭ା୧(ଭାସ୍କର ନ୍ୟୁଜ): ମଙ୍ଗଳବାରଠାରୁ ଦୁଇଦିନ ବ୍ୟାପୀ ଭୁବନେଶ୍ୱର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଯାଉଛି ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନକ୍ଲେଭ। ଚଳିତଥର କାର୍ଯ୍ୟକ୍ରମରେ ପାରମ୍ପରିକ କ୍ଷେତ୍ରବାଦ, ସମ୍ଭାବ୍ୟ ତଥା ନୂତନ କ୍ଷେତ୍ରଗୁଡ଼ିକ ଉପରେ ରାଜ୍ୟ ସରକାର ଫୋକସ କରିଛନ୍ତି। ଏହି ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୮ ତାରିଖ ପୂର୍ବାହ୍ନରେ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ, ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ଉପସ୍ଥିତ ରହିବେ। କାର୍ଯ୍ୟକ୍ରମରେ ୭୫୦୦ରୁ ଅଧିକ ଶିଳ୍ପ କ୍ଷେତ୍ରର ପ୍ରତିନିଧି ଓ ୧୦୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ପ୍ରତିନିଧି ଯୋଗଦେବେ। ସେହିଭଳି ୨୦ଟି ଦେଶର କୂଟନୀତିଜ୍ଞଙ୍କ ସହ ଅନ୍ୟମାନେ ଏହି ସମ୍ମିଳନୀରେ ସାମିଲ ହେବେ । ସହଯୋଗୀ ଦେଶଭାବେ ସିଙ୍ଗାପୁର, ଅଷ୍ଟ୍ରେଲିଆ ଏବଂ ମାଲେସିଆ ଆଲୋଚନା ଏବଂ ସହଯୋଗିତା ବୃଦ୍ଧି ଦିଗରେ କାର୍ଯ୍ୟ କରିବେ। ଏହାବାଦ୍ ଭିଏତ୍‌ନାମ, ଜିମ୍ବାୱେ, କାଜାଖସ୍ତାନ, ଭେନଜୁଏଲା, ୟୁକେ, ୟୁଏସ୍‌ଏ, • ପୃଷ୍ଠା ୫ ଦେଖନ୍ତୁ

### ଉତ୍କର୍ଷ ଓଡ଼ିଶା ବିକଶିତ ଭାରତ ଗଠନ ଦିଗରେ ଉତ୍‌ପ୍ରେରକ ହେବ: ରାଜ୍ୟପାଳ



ଭୁବନେଶ୍ୱର,୨୭ା୧(ଭାସ୍କର ନ୍ୟୁଜ): ଉତ୍କର୍ଷ ଓଡ଼ିଶା ବିକଶିତ ଭାରତ ଗଠନ ଦିଗରେ ଉତ୍‌ପ୍ରେରକ ହେବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ଆଜି କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସି.ଆଇ.ଆଇ.)ର ୟଙ୍ଗ୍ ଇଣ୍ଡିଆନସ୍ ଭୁବନେଶ୍ୱର ଚାପ୍ଟର ଆନୁକୂଲ୍ୟରେ ଆୟୋଜିତ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ମତବ୍ୟକ୍ତ କରିଛନ୍ତି। ଉକ୍ତ ଅଧିବେଶନରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଉଦ୍ୟୋଗୀମାନଙ୍କ ସହ ଆଲୋଚନା ବେଳେ ରାଜ୍ୟପାଳ କହିଥିଲେ ଯେ ବିକଶିତ ଓଡ଼ିଶା ଗଠନ ପାଇଁ ଉତ୍କର୍ଷ ଓଡ଼ିଶା ଏକ • ପୃଷ୍ଠା ୫ ଦେଖନ୍ତୁ



କଟକଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପରେଡରେ ଅଭିବାଦନ ଗ୍ରହଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

## ପ୍ରକାଶ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା



**ମଧୁସୂଦନ ପାଢୀ ରାଜ୍ୟ ନିର୍ବାଚନ କମିଶନର**



ଭୁବନେଶ୍ୱର,୨୭ା୧(ଭାସ୍କର ନ୍ୟୁଜ): ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ପ୍ରକାଶ ମିଶ୍ରଙ୍କୁ ନୂଆ ଦାୟିତ୍ୱ। ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପରାମର୍ଶଦାତା ଭାବେ ନିଯୁକ୍ତି ପାଇଛନ୍ତି। ତାଙ୍କୁ କ୍ୟାବିନେଟ ପାହ୍ୟା ପ୍ରଦାନ କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆ ଦାୟିତ୍ୱ ମିଳିବା ପରେ ଶ୍ରୀ ମିଶ୍ର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ମୋତେ ଗୁରୁ ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ମୋତେ ଯେଉଁ ଦାୟିତ୍ୱ ଅର୍ପଣ କରିଛନ୍ତି, ତାକୁ ମୁଁ ସୁଚାରୁ ରୂପେ ତୁଲାଇବି। ଜନହିତରେ ଯାହା ହୋଇପାରିବ ତାହା ମିଳିମିଶି କରିବୁ। ଲୋକଙ୍କ ସମସ୍ୟା କିପରି ଦୂର ହେବ ସେଥିପ୍ରତି ଧ୍ୟାନ ଦେବୁ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ମଧୁସୂଦନ ପାଢୀଙ୍କୁ ମଧ୍ୟ • ପୃଷ୍ଠା ୫ ଦେଖନ୍ତୁ

## ବଢୁଛି ବଜେଟ୍ ଉତ୍କଣ୍ଠା

# ଟିକସଦାତାଙ୍କୁ କେତେ ମିଳିବ ରିହାତି !



ନୂଆଦିଲ୍ଲୀ,୨୭ା୧: ଦେଶବାସୀଙ୍କ ସ୍ୱପ୍ନ ଆଉ ଅସରନ୍ତି ଆଶାକୁ ନେଇ ଆସୁଛି ସାଧାରଣ ବଜେଟ୍ । ଏହା ଉପରେ ସାଧାରଣବର୍ଗଙ୍କ ସହ ମଧ୍ୟବିତ୍ତଙ୍କ ନଜର ରହିଛି। ଏଥର ବଜେଟ୍‌ରେ କେଉଁ ଦିଗ ଉପରେ ଅଧିକ ଫୋକସ୍ ଦିଆଯିବ। ମଧ୍ୟବିତ୍ତଙ୍କ ଆଶା ଆକାଂକ୍ଷାକୁ କେତେ ପରିମାଣର ଦୂର କରିବାରେ ସମର୍ଥ ହେବେ ମୋଦୀ ସରକାର। ଲାଘବ ହେବ କି ଦରବୃଦ୍ଧିର ବୋଝ। ଟିକସ ଦାତାଙ୍କୁ କେତେ ମିଳିବ ରିହାତି। ଏସବୁ ପ୍ରଶ୍ନର ଉତ୍ତର ଫେବୃଆରୀ ପହିଲାରେ ମିଳିବ ବୋଲି ଆଶା କରାଯାଉଛି। ସଂପ୍ରତି ଖାଦ୍ୟ ସାମଗ୍ରୀ, ପେଟ୍ରୋଲିୟମ ଉତ୍ପାଦ ଓ ରନ୍ଧନ ଗ୍ୟାସ ସହ ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶଛୁଆଁ ରହିଛି। ଏଭଳି ସ୍ଥିତିରେ ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଟିକସ କୋହଳ ସହ ଟିକସଦାତାଙ୍କୁ ରିହାତି ମିଳିବ ବୋଲି ଆଶା କରାଯାଉଛି। ସେହିପରି ଆଗାମୀ ବଜେଟ୍‌ରେ କୃଷି କ୍ଷେତ୍ରକୁ ଅଗ୍ରାଧିକାର ଦେବା ପାଇଁ ଦାବି କରିଛନ୍ତି ଚାଷୀକୁଳ। ଗୃହିଣୀ ମଧ୍ୟ ଆଶା ବାନ୍ଧିଛନ୍ତି ଯେ ହାଣ୍ଡିଶାଳକୁ ଆଖିରେ ରଖି ଏଥର ବଜେଟ୍‌ରେ ଗୁରୁତ୍ୱ ଦିଆଯିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆସନ୍ତା ୧ ତାରିଖରେ କ୍ରମାଗତ ଅଷ୍ଟମ ଥରପାଇଁ ସଂସଦରେ ବଜେଟ୍ ଉପସ୍ଥାପନ କରିବେ। ବିକଶିତ ଭାରତ ଲକ୍ଷ୍ୟରେ ଗତଥର କୃଷି, ନିଯୁକ୍ତି, ମାନବସମ୍ବଳ, ନିର୍ମାଣ କ୍ଷେତ୍ର, ନଗର ଉନ୍ନୟନ, ଶକ୍ତି, ଭିତ୍ତିଭୂମି ଆଦି • ପୃଷ୍ଠା ୫ ଦେଖନ୍ତୁ

## ମନୋଜ ଆହୁଜାଙ୍କୁ ମୁଖ୍ୟ ଆବାସିକ କମିଶନର ଅତିରିକ୍ତ ଦାୟିତ୍ୱ



ଭୁବନେଶ୍ୱର/ପୁରୀ,୨୭ା୧(ଭାସ୍କର ନ୍ୟୁଜ): ମୁଖ୍ୟ ଶାସନ ସଚିବ ତଥା ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଥିବା ମନୋଜ ଆହୁଜାଙ୍କୁ ରାଜ୍ୟ ସରକାର ମୁଖ୍ୟ ଆବାସିକ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି । ତାଙ୍କୁ ପୂର୍ବରୁ ମୁଖ୍ୟ ଶାସନସଚିବ ଦାୟିତ୍ୱ ସହ ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ସେ ଅତିରିକ୍ତ ମୁଖ୍ୟ ଆବାସିକ ଆୟୁକ୍ତ ଭାବେ ମଧ୍ୟ ଦାୟିତ୍ୱ ତୁଲାଇବେ। ଏ ନେଇ ରାଜ୍ୟ ପ୍ରଶାସନ ଓ ଜନଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ୨୦୨୪ ଅଗଷ୍ଟ ୧୩ ତାରିଖରୁ ଶ୍ରୀ ଆହୁଜା କାର୍ଯ୍ୟକାରୀ ଅଧ୍ୟକ୍ଷ ରହିଥିଲେ। ଗତବର୍ଷ ରାଜ୍ୟରେ ନୂଆ ସରକାର ଗଠନ ହେବା ପରେ ବରିଷ୍ଠ ଆଇଏଏସ୍ ମନୋଜ ଆହୁଜାଙ୍କୁ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ମିଳିଥିଲା। ସେହିବର୍ଷ ଅଗଷ୍ଟ ମାସରେ ତାଙ୍କୁ ଶ୍ରୀମନ୍ଦିର କାର୍ଯ୍ୟକାରୀ ଅଧ୍ୟକ୍ଷ ଭାବେ ଅବସ୍ଥାପିତ କରାଯାଇଥିଲା। ଏହାପରେ ଡିସେମ୍ବର ମାସରେ ତାଙ୍କର କାର୍ଯ୍ୟକାଳକୁ ଆଉ ବର୍ଷେ ବୃଦ୍ଧି କରାଯାଇଥିଲା।

## ଦିଲ୍ଲୀର ଜଣେ ଯୁବକଙ୍କ ସମେତ ୪ଜଣଙ୍କୁ ଅପହରଣ

# ଉଦ୍ଧାର କଲେ ତହସିଲଦାର, ପୋଲିସ

ଦିଗପହଣ୍ଡି,୨୭ା୧(ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା କେ.ନୂଆଗାଁ ପୋଲିସ ଓ ଚିକିଟି ତହସିଲଦାର ଚିକିଟିଗଡ଼ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ବନ୍ଧକ ରହିଥିବା ୪ ଯୁବକଙ୍କୁ ଉଦ୍ଧାର କରିଛି । ଉଦ୍ଧାର ଯୁବକଙ୍କ ମଧ୍ୟରେ ଜଣେ ନୂଆଦିଲ୍ଲୀର ବୋଲି ସୂଚନା ମିଳିଛି। ସେ ଏକ ଘରୋଇ ଫାଇନାନ୍ସ ସଂସ୍ଥାର କର୍ମଚାରୀ ହୋଇଥିବାବେଳେ ଅନ୍ୟ ୩ଜଣ ଯୁବକ କଟକର ବୋଲି ସୂଚନା ଦିଆଯାଇଛି। ବ୍ରହ୍ମପୁର ଓ ଚିକିଟି ଅଞ୍ଚଳର କେତେକ ଅସାମାଜିକ ଯୁବକ ଏହି ଚାରିଜଣଙ୍କୁ ଅପହରଣ କରି ରଖିଥିଲେ। ଅପହରଣକାରୀମାନେ ସେମାନଙ୍କଠାରୁ ୨ କୋଟି ଦାବି କରିଥିଲେ। ସେମାନଙ୍କୁ ଚିକିଟିଗଡ଼ରେ ୩ ଦିନ ହେବ ବନ୍ଧକ ରଖାଯାଇ ଅକଥନୀୟ ଅତ୍ୟାଚାର କରାଯାଉଥିଲା। ଚିକିଟିଗଡ଼ ଗ୍ରାମର ଏହି ବ୍ୟକ୍ତିଙ୍କ ଘର • ପୃଷ୍ଠା ୫ ଦେଖନ୍ତୁ






ଭୁବନେଶ୍ୱର(ଭାସ୍କର ନ୍ୟୁଜ): ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ କଟକ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଓ କଟକ ମହାନଗର ନିଗମ ପକ୍ଷରୁ ଆୟୋଜିତ ଏକ ବୃହତ ରକ୍ତଦାନ ଶିବିରର ଶୁଭ ଉଦଘାଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଉଦ୍ୟମ ସମାଜର କଲ୍ୟାଣ ସହ ଜରୁରୀକାଳୀନ ପରିସ୍ଥିତିରେ ରୋଗୀଙ୍କୁ ରକ୍ତ ଯୋଗାଇଦେବାରେ ବିଶେଷ ସହାୟକ ହେବ। ସମସ୍ତ ରକ୍ତଦାତାଙ୍କୁ ବ୍ୟକ୍ତିଗତ ଭାବେ ସାଧୁବାଦ ଜଣାଉଛି। ସେମାନଙ୍କ ଉଦ୍ୟମ ଏବଂ ସେବା ଅନ୍ୟମାନଙ୍କୁ ନିଶ୍ଚୟ ପ୍ରେରଣା ଯୋଗାଇବ।

### ରବୀନ୍ଦ୍ରମଣ୍ଡପରେ ଦେଶାତ୍ମବୋଧକ ସଂଗୀତ କାର୍ଯ୍ୟକ୍ରମ ଭାରତୀୟମ୍ ଆୟୋଜିତ

# ସଂଗୀତର କୌଣସି ଭାଷା ନାହିଁ, ଏହା ଅନନ୍ୟ ଓ ଚିରନ୍ତନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଭାରତ ଏବଂ ଭାରତୀୟତା ହେଉଛି ଆମ ଅସ୍ତିତ୍ୱର ମୂଳ ପିଣ୍ଡ। ଆମ ଦେଶ ଓ ଏହାର ସଂସ୍କୃତି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଦେଶାତ୍ମବୋଧକ ସଂଗୀତ କାର୍ଯ୍ୟକ୍ରମ ଭାରତୀୟମ୍‌ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଏହି ଅବସରରେ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଅହୁରି ମଧ୍ୟ କହିଛନ୍ତି ଯେ, ଆଜିର ଏହି ଭବ୍ୟ କାର୍ଯ୍ୟକ୍ରମ ହେଉଛି ଭାରତମାତାଙ୍କ ପଦାରବିନ୍ଦରେ ଆମର ବିନମ୍ର ଉପହାର। ସେ କହିଥିଲେ, ସଂଗୀତର କୌଣସି ଭାଷା ନାହିଁ । ଏହା ଅନନ୍ୟ ଓ ଚିରନ୍ତନ। କାହିଁ କେତେ କାଳ ରୁ ମାନବ ସମାଜ ଗୀତ ସଂଗୀତରେ ନିପୁଣତା ହାସଲ କରିଛି। ସଂଗୀତକୁ ଉପଭୋଗ କରିବା ପାଇଁ ରାଗ ଓ ତାଳର ବିଶେଷଜ୍ଞ ହେବା



ଆବଶ୍ୟକ ନାହିଁ। ଆମେ ସଂଗୀତକୁ, ଏହାର ତାଳକୁ ଓ ଗାୟିକୀକୁ ଅନୁଭବ କରିଥାଉ। ସେ ପୁଣି କହିଥିଲେ, ସଂଗୀତ ହେଉଛି ନବରସର ସମାହାର। ଗୀତ-ସଂଗୀତ ମାଧ୍ୟମରେ ଶ୍ରୋତାଙ୍କ ଆଖିରେ ଲୁହ ଆସିପାରେ, ମୁହଁରେ ହସ ଆସିପାରେ ଏବଂ ମନରେ ବୀରତ୍ୱର ଭାବ ମଧ୍ୟ ଜାଗ୍ରତ କରିପାରେ। ଉଦାସ ସହିତ ସନ୍ତୋଷର ଭାବ ମଧ୍ୟ ଶ୍ରୋତା ଅନୁଭବ କରିପାରେ। ଆମ ଓଡ଼ିଆ ଭାଷା ଓ ସଂଗୀତ ସମୃଦ୍ଧ ଏବଂ ପରିପୁଷ୍ଟ। ଓଡ଼ିଆ ଭାଷା, ସାହିତ୍ୟର ମାଇଲଖୁଣ୍ଟ କୁହାଯାଉଥିବା ବୈଦେହିଶ ବିଳାସ, ତପସ୍ୱିନୀ, ଦୀନକୃଷ୍ଣଙ୍କ ଭଜନ, କାଳିଜାଇ ପରି କାଳଜୟୀ କବିତା ବିଭିନ୍ନ କଳାକାରଙ୍କ କଣ୍ଠରେ ସବୁଦିନ ପାଇଁ ଅମର ହୋଇ ରହିଯାଇଛି। ଏଥିସହ ଆମ କଳାକାରମାନେ ଓଡିଶୀ ସଂଗୀତ, ଛାନ୍ଦ, ଚମ୍ପୁକୁ ସଂଗୀତର ଶକ୍ତି ମାଧ୍ୟମରେ ଆଦୃତ କରିଛନ୍ତି। ଜଣେ କଳାକାର ପାଇଁ ଧନସମ୍ପତ୍ତି ନୁହେଁ, ଶ୍ରୋତାଙ୍କ ଦ୍ୱାରା ଭଲ ପାଇବା ଓ ସରକାରଙ୍କ ଦ୍ୱାରା ସମ୍ମାନ ପାଇବା ସବୁଠାରୁ ବଡ଼କଥା। ତେଣୁ ଆମେ ସମସ୍ତେ ସେମାନଙ୍କ ସାଧନା ଓ କଳା ପାଇଁ ସେମାନଙ୍କୁ ସବୁବେଳେ ଉତ୍ସାହିତ କରିବା ଆବଶ୍ୟକ। ସେ ଆହୁରି କହିଥିଲେ, ସ୍ୱାଧିନତାର ୫୦ବର୍ଷ ପର୍ଯ୍ୟନ୍ତ ଆମ ଦେଶରେ କଳାକାରଙ୍କୁ ଉଚିତ୍ ସମ୍ମାନ ଦିଆଯାଇ ନଥିଲା । କଳାକାରଙ୍କୁ ସମ୍ମାନ ଦେବା ପ୍ରକ୍ରିୟା ୧୯୯୮ ମସିହାରେ ପ୍ରଥମଥର ପାଇଁ ଗାୟିକା ଏମ.ଏସ. ଶୁଭଲକ୍ଷ୍ମୀଙ୍କୁ ଭାରତରତ୍ନ ପ୍ରଦାନ କରିବା ସହ ଆରମ୍ଭ ହୋଇଥିଲା। ଶେଷରେ ମୁଖ୍ୟମନ୍ତ୍ରୀ ନୂତନ ପିଢ଼ିର କଳାକାରଙ୍କୁ ପରାମର୍ଶ ଦେଇ କହିଥିଲେ ଆପଣମାନେ ଏପରି ସଂଗୀତ ପ୍ରସ୍ତୁତ କରନ୍ତୁ ଯାହା ନିଜ ପରିବାର ବର୍ଗଙ୍କ ସହ ସମସ୍ତେ ଉପଭୋଗ କରିପାରିବେ ଓ ଏହା କାଳଜୟୀ ହୋଇରହିବ। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଚଳିତ ବର୍ଷର ପଦ୍ମ ପୁରସ୍କାର ପାଇବାକୁ ଯାଉଥିବା ଓଡିଶୀ ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀର, ଡ଼.ଅଶୋକ ମହାପାତ୍ର, ଶିଳ୍ପୀ ଅଦ୍ୱୈତ ଗଡ଼ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ କଣ୍ଠଶିଳ୍ପୀ ଶେଖର ଘୋଷ, ଲକ୍ଷ୍ମୀକାନ୍ତ ପାଳିତ, ମନ୍ମଥ ମିଶ୍ର, ମିତାଲି ଚିନାରା, ଆଦ୍ୟାଶା ଦାସ ପ୍ରମୁଖ ସଂଗୀତ ପରିବେଷଣ କରିଥିଲେ। କଳାକାର ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । କାର୍ଯ୍ୟକ୍ରମରେ ଏକାମ୍ର ବିଧାୟକ ବାବୁ ସିଂହ, ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡକ୍ଟର ପ୍ରିୟଙ୍କା ମାର୍ଣ୍ଡି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଜଗନ୍ନାଥ ପ୍ରଧାନ, ଶାରଦା ଶତପଥୀ, ସଂସ୍କୃତି ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

### ଗାନ୍ଧିମାର୍ଗରେ ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

# ଫର ଫର ଉଡିଲା ତ୍ରିରଙ୍ଗା



ଏଠାରେ ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ରାଜ୍ୟପାଳ ଶ୍ରୀ କମ୍ଭମ୍‌ପାଟି ଅଭିବାଦନ ଗ୍ରହଣ କରିଥିଲେ । ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ସମାରୋହରେ ଭୁବନେଶ୍ୱରରେ ଫର ଫର ହୋଇ ଉଡିଲା ତ୍ରିରଙ୍ଗା । ଗାନ୍ଧିମାର୍ଗରେ ହୋଇଥିଲା ଏନସିସି ଛାତ୍ରଛାତ୍ରୀଙ୍କ ପରେଡ । ୪୯ ମାର୍ଚ୍ଚିଂ କଣ୍ଟିଜେଣ୍ଟ ଦ୍ୱାରା ପରେଡ୍ ପ୍ରଦର୍ଶିତ ହୋଇଯାଇଛି । ୧୨୦ ବାଟାଲିୟନ, ବିଏସ୍‌ଏଫ୍, ଆଇଟିବିପି, ସିଆରପିଏଫ, ସିଆରପିଏଫ ବ୍ୟାଣ୍ଡ, ଭୁବନେଶ୍ୱର ଏସଏସବିଏନ, ଏସଓଜି ଚନ୍ଦକା, ଝାଡ଼ଖଣ୍ଡ ପୁଲିସ, ଓଆଇଏସଫ, ଆମର୍ଡ ପୋଲିସ, କମିଶନରେଟ ଟ୍ରାଫିକ ପୋଲିସ, କଟକ ଓଏସଏଫ, ଓଡ୍ରାଫ, ଓଆଇଏସଫ, ଫାୟାର, ହୋମଗାର୍ଡ, ଛାତ୍ରଛାତ୍ରୀ ପରେଡରେ ଅଂଶଗ୍ରହଣ କରିଥିଲେ ।

## ବିଶିଷ୍ଟ ସମବାୟବିତ୍ ରଞ୍ଜନ ଦାସଙ୍କ ମାତୃବିୟୋଗ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଶିଷ୍ଟ ସମବାୟବିତ୍ ରଞ୍ଜନ ଦାସଙ୍କ ମା' ଲକ୍ଷ୍ମୀପ୍ରିୟା ଦାସଙ୍କ ବିୟୋଗ ଘଟିଛି । ସୋମବାର ବରଗଡ଼ ସ୍ଥିତ ବାସଭବନରେ ତାଙ୍କର ପରଲୋକ ଘଟିଥିବା ବେଳେ ମୃତ୍ୟୁବେଳକୁ ତାଙ୍କୁ ୭୨ବର୍ଷ ହୋଇଥିଲା । ତାଙ୍କର ହୃଦ୍‌ଘାତରେ ବିୟୋଗ ହୋଇଥିବା ସୂଚନା ମିଳିଛି । ସ୍ୱର୍ଗତାଃ ଲକ୍ଷ୍ମୀପ୍ରିୟା ଜଣେ ଧର୍ମପରାୟଣା ମହିଳା ଥିଲେ । ଏଥିସହ ୨୦୦୩-୦୪ ମସିହାରେ କୋରେଇର ଜାତୀୟ କଂଗ୍ରେସ ମହିଳା ବିଭାଗର ଜିଲ୍ଲା ସଭାପତି ଭାବରେ କାର୍ଯ୍ୟ ତୁଲାଇ ବେଶ୍ ପ୍ରଶଂସା ସାଉଣ୍ଟିଥିଲେ । ଲକ୍ଷ୍ମୀପ୍ରିୟାଙ୍କର ଦୁଇପୁଅ ରଞ୍ଜନ କୁମାର ଦାସ ଓ ମନୋଜ କୁମାର ଦାସ । ମୃତ୍ୟୁଶଯ୍ୟା ନିକଟରେ ସ୍ୱର୍ଗତା ଦୁଇ ପୁତ୍ର ସନ୍ତାନଙ୍କ ସମେତ ପୁତ୍ରବଧୂ ମୋନାଲିସା ଦାସ, ରଶ୍ମିତା ଦାସ । ଏଥିସହ କନ୍ୟା ମଧୁସ୍ମିତା ମହାନ୍ତି ଓ ଜ୍ୱାଇଁ ଡକ୍ଟର ଓମ୍ ପ୍ରକାଶ ମହାନ୍ତି ଉପସ୍ଥିତ ଥିଲେ । ସ୍ୱର୍ଗତାଃ ଲକ୍ଷ୍ମୀପ୍ରିୟାଙ୍କ ଶେଷକୃତ୍ୟ ସମ୍ପନ୍ନ ପୁରୀ ସ୍ୱର୍ଗଦ୍ୱାରରେ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ରଞ୍ଜନ ଦାସ ମୁଖାଗ୍ନି ଦେଇଥିଲେ ।

## ଖୁବ୍‌ଶୀଘ୍ର ଶେଷ ହେବ ବିଜେଡି ସାଙ୍ଗଠନିକ ନିର୍ବାଚନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିଜେଡି ସାଂଗଠନିକ ନିର୍ବାଚନ ଖୁବ ଶୀଘ୍ର ଶେଷ ହେବ ବୋଲି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର କହିଛନ୍ତି । ସେ କହିଛନ୍ତି ଯେ, ସାଂଗଠନିକ କାର୍ଯ୍ୟକଳାପ ଦଳର ଗୋଟେ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ସବୁ ବର୍ଷ ନିର୍ଦ୍ଧାରିତ ସମୟରେ ଆମ ନିର୍ବାଚନ ହୁଏ। ଯେହେତୁ କୋଭିଡ ପରେ ସାଧାରଣ ନିର୍ବାଚନ ଥିଲା ତେଣୁ ଆମେ ନିର୍ବାଚନ କମିଶନଙ୍କୁ ଆସନ୍ତା ୨୪ ଶେଷ ବେଳକୁ ଏହି ପ୍ରକ୍ରିୟାକୁ ଆଗକୁ ନେବୁ। ସେହି ଅନୁସାରେ ଆମେ ପ୍ରକ୍ରିୟାକୁ ଆଗକୁ ନେଇଛୁ। ଆମର ୧୦ ରୁ ୧୨ ସପ୍ତାହ ମଧ୍ୟରେ ଏ ପ୍ରକ୍ରିୟା ଶେଷ ହେବ। ଚଳିତ ମାସ ଶେଷ ସୁଦ୍ଧା କିମ୍ବା ଫେବ୍ରୁଆରୀ ପ୍ରଥମ ସପ୍ତାହରେ ଜିଲ୍ଲା ନିର୍ବାଚନ ଅଧିକାରୀ ମାନଙ୍କ ନାଁ ମୁଖ୍ୟ ନିର୍ବାଚନ ଅଧିକାରୀ ଘୋଷଣା କରିବେ। ତା ପରେ କ୍ଷେତ୍ରିୟ ଅଧିକାରୀଙ୍କ ଘୋଷଣା ହେବ।



ସାଧାରଣତନ୍ତ୍ର ଦିବସ ଅବସରରେ ବାଚସ୍ପତି ସୁରମା ପାଢ଼ୀ ବିଧାନସଭା ପରିସରରେ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି । ନିକଟରେ ବିଧାନସଭା ସଚିବ ଦାଶରଥୀ ଶତପଥୀ ଓ ଅନ୍ୟମାନେ

### ନଗର ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ସମୀକ୍ଷା

# ଯୋଜନାବଦ୍ଧ ଭାବେ ବିକଶିତ ସହର ବୃଦ୍ଧି ଉପରେ ଗୁରୁତ୍ୱ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିନସ୍ଥ ଉନ୍ନୟନ କର୍ତ୍ତୃପକ୍ଷର କାର୍ଯ୍ୟ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା କରିଛନ୍ତି । ବିକଶିତ ଓଡିଶା ବିକଶିତ ସହର । ଯୋଜନାବଦ୍ଧ ଭାବେ ରାଜ୍ୟରେ ବିକଶିତ ସହର ବୃଦ୍ଧି କରାଯିବା ଉପରେ ବୈଠକରେ ଗୁରୁତ୍ୱ ଆରୋପ କରାଯାଇଛି । ବିଡିଏ ଦ୍ୱାରା ଆରମ୍ଭ କରାଯାଇଥିବା ଟିପି ସ୍କିମ୍ ଅନ୍ୟ ସହରରେ କାର୍ଯ୍ୟକାରୀ ଲାଗି ଆଲୋଚନା ହୋଇଥିଲା । ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପିପିପି ମୋଡରେ ସେମାନଙ୍କ ଅଧିନରେ ଥିବା ସରକାରୀ ଜମିଗୁଡିକର ସଦୁପଯୋଗ କର ନିଜର ଆୟ ବୃଦ୍ଧି କରିବା ନିମନ୍ତେ ପରାମର୍ଶ ଦିଆଯାଇଛି । ଖାଲିଥିବା ଟାଉନପ୍ଲାନର ପଦବୀର ଆବଶ୍ୟକତା, ପ୍ରସ୍ତୁତ କରାଯାଉଥିବା ଭିଜନ ଡକ୍ୟୁମେଣ୍ଟଗୁଡିକର କ୍ରିୟାଶୀଳ ଓ ଆବଶ୍ୟକତା ଦୃଷ୍ଟିରୁ ପରିବର୍ତ୍ତନ କରାଯିବା ଉପରେ ମଧ୍ୟ ଆଲୋଚା କରାଯାଇଛି । ବୈଠକ ପରେ ମନ୍ତ୍ରୀ ଡାଃ ମହାପାତ୍ର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ରାଜ୍ୟର ନିର୍ମାଣ ହେବ ନୂଆ ସହର ପୁରୁଣା ସହରର ହେବ ନବକଳେବର। ଓଡ଼ିଶାରେ ୧୭ ପ୍ରତିଶତ ଟାଉନ୍ ସିପ ରହିଛି ତାହା ୩୦ ପ୍ରତିଶତ ପର୍ଯ୍ୟନ୍ତ ସମ୍ପ୍ରସାରିତ ହେବ । ଆମେ ୨୦୩୬ ରେ ବିକଶିତ ଓଡିଶା ପାଇଁ ଚିନ୍ତା କରୁଛୁ ତେଣୁ ସହରର ବିକାଶରେ ଓଡ଼ିଶାର ବିକାଶ ହେବ ଏନେଇ ଗୁରୁତ୍ୱ ଦିଆଯାଉଛି । ସବୁ ଡେଭଲପମେଣ୍ଟ ଅଧିକାରୀଙ୍କ ସହ ଆଲୋଚନା ହୋଇଛି । କିଛି ଏଜେଣ୍ଡା ଅନୁସାରେ ଟାଉନ୍‌ସିପ ବଢିଲେ ସହରର ବିକାଶରେ ଓଡ଼ିଶାର ବିକାଶ ହେବ । ଯେଉଁଠି ଟାଉନ ପ୍ଲାନର ଅଭାବ ଅଛି ତାହା ପୂରଣ କରାଯିବ । ବିଭିନ୍ନ ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାର କରୁଛନ୍ତି । ଏହାସହ ବ୍ରହ୍ମପୁରର ବିକାଶ ପାଇଁ ସ୍ୱେରେଜ ଓ ଡ୍ରେନେଜ ପାଇଁ ଆଲୋଚନା ହୋଇଛି । ନୂଆ ଟିପି ସ୍କିମରେ ବୃହତ ସମ୍ବଲପୁର ଓ ବୃହତ ରାଉରକେଲା ପାଇଁ ଆଲୋଚନା ହୋଇଛି । ବିଲ୍ଡର ହୁଅନ୍ତୁ କି ସାଧାରଣ ଲୋକ ସରଳ ପ୍ରକ୍ରିୟାରେ ଲୋକମାନେ ନିର୍ଦ୍ଧାରିତ ସମୟରେ ଘର କରିବା କେମିତି ସମ୍ଭବ ହେବ ସେନେଇ ଆଲୋଚନା ହୋଇଛି । ଯେଉଁ ଘର ଗୁଡିକ ପାଇଁ ରେଜିଷ୍ଟ୍ରେସନରେ ବାଧା ଥିଲା ତାହା ମଧ୍ୟ ସମାଧାନ କରାଯାଉଛି । ଏ ହେଉଛି ଲୋକଙ୍କ ସରକାର ତେଣୁ ଲୋକଙ୍କ ପାଇଁ ଯାହା ଯାହା ଆବଶ୍ୟକ ସବୁ କରାଯିବ ବୋଲି ମନ୍ତ୍ରୀ ଡାଃ ମହାପାତ୍ର ସୂଚନା ଦେଇଛନ୍ତି । ଖାରବେଳଭବନ ଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ପୌର ପ୍ରଶାସକ ଅରିନ୍ଦମ ଡାକୁଆ, ସ୍ୱତନ୍ତ୍ର ସଚିବ ଦେବାଶିଷ ସିଂହ, ସ୍ୱତନ୍ତ୍ର ସଚିବ ସୁଶାନ୍ତ ମିଶ୍ର, ବିଡିଏ, ସିଡିଏ, ବ୍ରହ୍ମପୁର, ସମ୍ବଲପୁର, ରାଉରକେଲା, ପୁରୀ-କୋଣାର୍କ, କଳିଙ୍ଗନଗର, ପାରାଦୀପ୍, ତାଳଚେର-ଅନୁଗୁଳ-ନରାଜ ବିକାଶ ସଂସ୍ଥାର ଉପାଧକ୍ଷା ଏବଂ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।




ଆନନ୍ଦ ମିଶନ ଏବଂ ଦୟା ଧର୍ମ ସେବା ଟ୍ରଷ୍ଟ ପକ୍ଷରୁ ୨୫ ତାରିଖରେ ଏସ୍‌ସିବି ମେଡିକାଲ କଲେଜର ହେମାଟୋଲୋଜି, ଆଚାର୍ଯ୍ୟ ହରିହର କ୍ୟାନ୍ସର ପ୍ରତିଷ୍ଠାନ ଏବଂ ଥାଲାସେମିଆ ବିଭାଗରେ ପୁଷ୍ଟିକର ଖାଦ୍ୟ ଶିଶୁଙ୍କ ପାଇଁ ବଣ୍ଟନ କରାଯାଉଛି ।

### ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ଯୁବପିଢି

# ବେଦାନ୍ତ ଅଧକ୍ଷଙ୍କୁ ବିରୋଧ ପାଇଁ ଚେତାବନୀ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପରିବେଶ ସୁରକ୍ଷା ପାଇଁ ଅଣ୍ଟା ଭିଡ଼ିଲେ ଯୁବପିଢି । ଜନବିରୋଧୀ ନୀତି ପାଇଁ ଦି ଗ୍ରୀନ ଟିମ୍ ସଙ୍ଗଠନ ପକ୍ଷରୁ ବେଦାନ୍ତ କମ୍ପାନୀର ଅଧ୍ୟକ୍ଷଙ୍କୁ ଟୁଇଟ୍ ମାଧ୍ୟମରେ ବିରୋଧ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ଉତ୍କର୍ଷ ଓଡ଼ିଶା ମେକ ଇନ୍ ଓଡ଼ିଶା କନକ୍ଲେଭରେ ଯୋଗଦେବାକୁ ଅନେକ ଶିଳ୍ପପତି ସାମିଲ ହେବେ। ସେମାନଙ୍କ ମଧ୍ୟରୁ ବେଦାନ୍ତ କମ୍ପାନୀର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ମଧ୍ୟ ସାମିଲ ହେବେ। କଳାହାଣ୍ଡି ଓ ଝାରସୁଗୁଡା ଜିଲ୍ଲାରେ ବେଦାନ୍ତ ଲିମିଟେଡ଼ ଦ୍ୱାରା ବିଭିନ୍ନ ସମୟରେ ବେଆଇନ, ପରିବେଶ ଓ ଜନବିରୋଧୀ କାର୍ଯ୍ୟ କରାଯାଉଥିବା ଅଭିଯୋଗ ହେଉଛି। ଯାହାଦ୍ୱାରା ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବା ସହ ଜନଜୀବନ ଉପରେ ପ୍ରଭାବ ପଡୁଛି। ଓଡ଼ିଶାର ଜଳ, ଜଙ୍ଗଲ, ଜମି ଓ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ବେଦାନ୍ତ କମ୍ପାନୀର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଗ୍ରୀନ୍ ଟିମ୍ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଛି।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଗତ ୨୬ ଜାନୁଆରୀ (ରବିବାର) କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୬ତମ ଗଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ ଦିବସରେ ଅନୁଷ୍ଠାନର ସଭାପତି ଡ଼ଃ. ଚିତ୍ତ ରଞ୍ଜନ ମିଶ୍ର, ଅଧ୍ୟକ୍ଷ ପ୍ରଫେସର ଉଦୟ ଶଙ୍କର ଆଚାର୍ଯ୍ୟ ଓ ଉପାଧ୍ୟକ୍ଷ ଡ଼ଃ. ରୁଦ୍ର ମୋହାନ ନନ୍ଦଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ତଥା ଆବାସିକ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସକାଳୁ ପ୍ରଭାତ ଫେରିସହ ବିଭିନ୍ନ ଗଣତାନ୍ତ୍ରୀକ ସ୍ୱତନ୍ତ୍ରତାର ସ୍ଲୋଗାନ୍ ସମଗ୍ର ଅଞ୍ଚଳକୁ ଗଣତନ୍ତ୍ର ମୟ କରିଥିଲା। ସମସ୍ତଙ୍କ ଉପସ୍ଥିତିରେ ସଭାପତି ଡ଼ଃ. ମିଶ୍ର ପତାକା ଉତ୍ତୋଳନ କରିବା ସହ ଛାତ୍ରଛାତ୍ରୀମାନେ ଜାତୀୟ ସଙ୍ଗିତ ଗାନ କରିଥିଲେ। ଏହା ପରେ ଡ଼ଃ. ମିଶ୍ର ଭାରତ ମାତାର ସୁଯୋଗ୍ୟ ସନ୍ତାନ ହିସାବରେ ଆମମାନଙ୍କର



ଦେଶ ମା ପ୍ରତି କି ପ୍ରକାର କର୍ତ୍ତବ୍ୟ ରହିବା କଥା ସେ ବିଷୟରେ ଆଲୋକପାତ କରିଥିଲେ। ଦେଶକୁ ଭଲ ପାଇବାକୁ ହେଲେ ଭାରତ ମାତାର ସବୁପ୍ରକାର ସୁରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ୍ ବୋଲି କହିଥିଲେ। ଜାତୀୟ ପିତା ମହାତ୍ମା ଗାନ୍ଧୀ, ପଣ୍ଡିତ ଗୋପବନ୍ଧୁ ଦାସ, ସୁବାସ ଚନ୍ଦ୍ର ବୋଷ ପରି ଅନେକ ମହାପୁରୁଷ ଯେଉଁମାନଙ୍କର ତ୍ୟାଗ ପାଇଁ ଆମେ ଆଜି ସୁନ୍ଦର, ସୁସ୍ଥ ଭାତୀୟ ଭାବେ ଜୀବନ ଯାପନ କରିପାରୁଛି ବୋଲି ମଧ୍ୟ ଡ଼ଃ. ମିଶ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ମଧ୍ୟ ସେମାନଙ୍କ ବକ୍ତବ୍ୟରେ ସ୍ୱାଧୀନୋତ୍ତର ଭାରତର ଯୁବଶକ୍ତି ଭାରତର ଉର୍ଦ୍ଧ୍ୱଗତିତାକୁ ସାକାର କରିବାରେ ଗୁରୁଦାୟିତ୍ୱ ନିଅନ୍ତୁ ବୋଲି ମତ ପ୍ରକାଶ କରିବା ସହ ଛାତ୍ର ହେଉଛି ରାଷ୍ଟ୍ରର ଶକ୍ତି ବୋଲି ମତ ପୋଷଣ କରିଥିଲେ। ସର୍ବ ଶେଷରେ ଉପସ୍ଥିତ ଥିବା ସମସ୍ତ ଛାତ୍ରଛାତ୍ରୀ ଓ କର୍ମଚାରୀମାନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଆତ୍ମନିର୍ଭର ଓଡ଼ିଶା ଶୀର୍ଷକ ପାଠଚକ୍ର

କଟକ(ଭାସ୍କର ନ୍ୟୁଜ): ପ୍ରଜାତନ୍ତ୍ର ପ୍ରଚାର ସମିତି ଆନୁକୂଲ୍ୟରେ ଝଆତ୍ମନିର୍ଭର ଓଡ଼ିଶାଝ ଶୀର୍ଷକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ଚାମ୍ବର ଅଫ୍ କମର୍ସର ଅଧ୍ୟକ୍ଷ ରାଜୀବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଂସଦ ଭର୍ତ୍ତୃହରି ମହତାବ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଓଡ଼ିଶାର କୁଶଳୀ କାରିଗର ରାଜ୍ୟ ବାହାରେ ବେଶ୍ ଉଚ୍ଚ ପ୍ରଶଂସିତ । ଆମ ରାଜ୍ୟରେ କର୍ମସଂସ୍ଥାନ ଅଭାବରୁ ସେମାନେ ଭିଟାମାଟି ଛାଡ଼ିବା ନିମନ୍ତେ ବାଧ୍ୟ ହେଉଛନ୍ତି । ଓଡ଼ିଶା ଗୋଟିଏ ଖାଉଟୀ ରାଜ୍ୟ ଭାବେ ପରିଣତ ହୋଇଛି । ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିବାରୁ ଆମ ରାଜ୍ୟ ନିଜର ରାଜସ୍ୱ ହରାଇବା ସହ ମୁଦ୍ରାସ୍ଫିତି ଚାପରେ ଜର୍ଜରିତ ବୋଲି ଶ୍ରୀ ମହତାବ ପ୍ରକାଶ କରିଥିଲେ । ବିଶିଷ୍ଟ ସ୍ତମ୍ଭକାର ଓ ସୁବକ୍ତା ନଟବର ଖୁଣ୍ଟିଆ ଓ ପ୍ରାକ୍ତନ ସୂଚନା କମିଶନର ଜଗଦାନନ୍ଦ ସମ୍ମାନୀତ ବକ୍ତା ଭାବେ ଯୋଗ ଦେଇଥିଲେ । ସନ୍ତୋଷ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଂଯୋଜକ ଡ଼ାକ୍ତର ରବି ରନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟପାଳଙ୍କୁ ସାକ୍ଷାତ କଲେ ଉତ୍ତର-ପୂର୍ବାଞ୍ଚଳ ୭ ରାଜ୍ୟର ଛାତ୍ର ପ୍ରତିନିଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଉତ୍ତର-ପୂର୍ବାଞ୍ଚଳ ୭ଟି ରାଜ୍ୟର ଛାତ୍ର ପ୍ରତିନିଧି ରାଜଭବନରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟିଙ୍କୁ ସାକ୍ଷାତ କରିଛନ୍ତି । ଅନ୍ତଃରାଜ୍ୟ ଛାତ୍ର ଜୀବନ ଦର୍ଶନ କାର୍ଯ୍ୟକ୍ରମରେ ଆସାମ, ଅରୁଣାଚଂଳ ପ୍ରଦେଶ, ନାଗାଲାଣ୍ଡ, ମେଘାଳୟ, ମିଜୋରାମ, ମଣିପୁର ଓ ତ୍ରିପୁରାର ଛାତ୍ରଛାତ୍ରୀମାନେ ଓଡ଼ିଶା ପରିଭ୍ରମଣରେ ଆସିବା ପରିପ୍ରେକ୍ଷୀରେ ରାଜ୍ୟପାଳଙ୍କୁ ସାକ୍ଷାତ କରିଥିଲେ । ଅଭିଷେକ ହଲ୍‌ଠାରେ ରାଜ୍ୟପାଳଙ୍କ ସହ ବାର୍ତାଳାପ ବେଳେ ଓଡିଶା କେମିତି ଲାଗୁଛି ବୋଲି ଛାତ୍ର ପ୍ରତିନିଧିମାନଙ୍କୁ ରାଜ୍ୟପାଳ ପଚାରିଥିଲେ । ଉପରୋକ୍ତ ୭ଟି ରାଜ୍ୟର ଛାତ୍ର ପ୍ରତିନିଧିମାନେ ନିଜ ନିଜ ରାଜ୍ୟର କଳା, ସଂସ୍କୃତି, ଐତିହ୍ୟ, ପରଂପରା ଓ ବୈଶିଷ୍ଟ୍ୟ ସଂପର୍କରେ ଅବତାରଣା କରିବା ସହ ଓଡିଶାର ସାଂସ୍କୃତିକ ପରଂପରା, ଭାସ୍କର୍ଯ୍ୟ, ଆତିଥେୟତା, ମହିମା ମଣ୍ଡିତ ଦେବଦେବୀ ପୀଠ, ସୌନ୍ଦର୍ଯ୍ୟ ଓ ମହନତାର ପ୍ରଶଂସା କରିଥିଲେ । ରାଜ୍ୟପାଳଙ୍କ ପ୍ରମୁଖ ଶାସନ ସଚିବ ଏନ୍‌ବିଏସ୍ ରାଜପୁତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପରେ ପରେ ରାଜ୍ୟପାଳଙ୍କ ସୌଜନ୍ୟରେ ଆୟୋଜିତ ନୈଶ୍ୟ ଭୋଜିରେ ଅତିଥି ଛାତ୍ର ପ୍ରତିନିଧି ଯୋଗ ଦେଇଥିଲେ । ସୂଚନାଯୋଗ୍ୟଯେ ଜାତୀୟ ଏକତାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଉତ୍ତର-ପୂର୍ବାଚଂଳର ଛାତ୍ରଛାତ୍ରୀମାନେ ଦେଶର ବିଭିନ୍ନ ଅଞ୍ଚଳ ଭ୍ରମଣ କରୁଛନ୍ତି ।

# ଏଫ୍‌ଏଫ୍‌ସି ପକ୍ଷରୁ କମକର୍ତ୍ତା ନିର୍ବାଚନ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ପ୍ରାତଃ ଭ୍ରମଣକାରୀ ସଂଗଠନ ଫନ ଆଣ୍ଡ ଫିଟେନସ୍ ୱାକରସ କ୍ଲବ, ଭୁବେନଶ୍ୱର, ଓଡ଼ିଶା, ଛତିଶଢ଼ ଓ ପଶ୍ଚିମବଙ୍ଗ ଜିଅନରେ ସ୍ୱାସ୍ଥ୍ୟ ପାଇଁ ଚାଲିବା ଓ ସୁସ୍ଥ ରହିବାର ବାର୍ତ୍ତା ଯୋଗାଭ୍ୟାସ, ବ୍ୟାୟାମ, ପ୍ରଶିକ୍ଷଣ, ବ୍ୟାପକ ବୃକ୍ଷେରାପଣ, ଗରିବ ନିସହାୟ ଓ ଭିନ୍ନକ୍ଷମ ଲୋକଙ୍କ ଖାଦ୍ୟ, ବସ୍ତ୍ର ବଣ୍ଟନ ସ୍ୱାସ୍ଥ୍ୟ ଶିବିର ଓ ରକ୍ତଦାନ ଶିବିର ଅାୟୋଜନ କରି ବ୍ୟାପକ ଜନସେଚତନା ସୃଷ୍ଟି କରି ଆସୁଥିବାରୁ ୱାକର୍ସ ଇଣ୍ଟର ନେସନାଲ ଟ୍ରଷ୍ଟ ବୋର୍ଡ଼ ଦ୍ୱାରା କ୍ରମାଗତ ଭାବେ ୨୦୨୩ ଏବଂ ୨୦୨୪ ମସିହାରେ ଶ୍ରେଷ୍ଠ କ୍ଲବ ବିବେଚିତ ଫନ ଆଣ୍ଡ ଫିଟେନ୍‌ସ୍ ୱାକରସ୍ କ୍ଲବ, ଭୁବେନଶ୍ୱର ଚଳିତ ବର୍ଷ ଏନ-୩ ପାକର୍ରେ ୭୬ ତମ ସାଧାରନତନ୍ତ୍ର ଦିବସ ପାଳନ ଅବସରେ ଏହାର କମକର୍ତ୍ତା ନିର୍ବାଚନ ଏବଂ ଅଧିଷ୍ଠାପନ ଦିବସ ପାଳନ କରିଛି। ବରିଷ୍ଠ ଆଇନଜୀବୀ ସୂର୍ଯ୍ୟନାରାୟଣ ଦାସ ପତକା ଉତ୍ତୋଳନ କରିଥିଲେ ଏବଂ ଅଧିଷ୍ଠାପନକୁ ଲାୟନ୍ସ କ୍ଲବ ଇଣ୍ଟରନ୍ୟାସନାଲ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଡ.ଅଞ୍ଜଳୀ ଛୋଟରାୟ ପଦାଧିକାରୀଙ୍କୁ ପଦର ଗୋପନୀୟତା ଓ କର୍ତ୍ତବ୍ୟ ପରାୟଣତା ସମ୍ପର୍କରେ ସୂଚନା ଦେବା ସଙ୍ଗେ ସଙ୍ଗେ ଶପଥପାଠ କରାଇଥିଲେ। ଏଥିରେ ଆଶିଷ ପଟ୍ଟନାୟକ ପ୍ରେସିଡେଣ୍ଟ, ରିୟା ଖାନ ଓ ପ୍ରଦୀପ ପଣ୍ଡା, ଭାଇସ୍ ପ୍ରେସିଡେଣ୍ଟ, ସୁଧାକର ଷଡ଼ଙ୍ଗୀ ସମ୍ପାଦକ, ଶ୍ରଦ୍ଧାଦାସ ଏବଂ ସୌଭାଗ୍ୟ ନାୟକ ଯୁଗ୍ମ ସମ୍ପାଦକ, ପ୍ରଦୀପ ରାଉତ କୋଷାଧ୍ୟକ୍ଷ, ସୁରେନ୍ଦ୍ର ନାଥ ସେଠୀ ଜଲିୱାକର, ଅମିତା ଜେନା ପବ୍ଲିକ୍ ରିଲେସନ ଅଫିସର ନିର୍ବାଚିତ ହେଇ ଶପଥ ଗ୍ରହଣ କରିଛନ୍ତି। ଏତଦ୍ ବ୍ୟତୀତ ଡାଇରେକ୍ଟର ଭାବେ ଭବାନୀ ପଟ୍ଟନାୟକ, ବୈଷ୍ଣବ ଓଝା, ସଲମାନ ଖାନ, ସୁମିତ୍ରା ବେହେରା, ପ୍ରତାପ ରାଉତରାୟ, ମଧୁସ୍ମିତା ପ୍ରିୟଦର୍ଶିନୀ, ବାବୁରାମ ସେଠୀ, ସଚ୍ଚିଦାନନ୍ଦ ବେହେରା, ଅରବିନ୍ଦ ମହାପାତ୍ର, ଚେତନ ବିଶ୍ୱାଳ, ଇଂ ସୁକୁମାର ପରିଡା, ଉପେଦଷ୍ଟା ଭାବେ ନିକୁଞ୍ଜ ଛୋଟରାୟ, ସୂର୍ଯ୍ୟନାରାୟଣ ଦାସ, ଇଂ ଅସୀମା ନନ୍ଦ ମହାନ୍ତି, ବିଶିଷ୍ଟ ଖଣି ବ୍ୟବସାୟୀ ତାରିଣୀ ପ୍ରସାଦ ମହାନ୍ତି, ଇଂ.ଚିତ୍ତରଞ୍ଜନ ଦାସ, ପୂର୍ବତନ ସଭାପତି କେଦାର ପଟ୍ଟନାୟକ, ପ୍ରେମାନନ୍ଦ ପୃଷ୍ଟି, ଶିଶିର ନାରାୟଣ ଷଡଙ୍ଗୀ ମନୋନିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଡ. ଶଶୀକାନ୍ତ ମିଶ୍ର, ଗେଜନ୍ଦ୍ର ନାଥ ବେହେରା କ୍ରିଷ୍ଣା ନାୟକ, ମୋହନ ମହାପାତ୍ର, ବିଭୁ ପ୍ରସାଦ ବାରିକ, ସତ୍ୟବ୍ରତ କାଳିଆ, ଶ୍ରୀଲତା ଚୌଧୁରୀ, ଲିପ୍ସା ମହାନ୍ତି, ସିଦ୍ଧାର୍ଥ ଚୌଧୁରୀ, କପିଳାସ ସ୍ୱାଇଁ, ଅଜୟ ଦାସ, ତପସ୍ୱିନୀ ସାହୁ ପ୍ରମୁଖ ସଭ୍ୟ ପରିଚାଳନା କରିଥିଲେ।

# କଟକରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

କଟକ(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୭୬ତମ ସାଧାରଣତନ୍ତ୍ର ଦିବସ ଅବସରରେ କଟକଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗ ଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ଆମର ସ୍ୱାଧୀନତା ସଂଗ୍ରାମ ଏକ ସଙ୍ଘର୍ଷମୟ କାହାଣୀ, ବଳିଦାନର କାହାଣୀ ଓ ତ୍ୟାଗର ଗାଥା। ଏହି ସଂଘର୍ଷରେ ଲକ୍ଷ ଲକ୍ଷ ଦେଶବାସୀ ନିଜକୁ ଉତ୍ସର୍ଗ କରିଦେଇଥିଲେ। ସେମାନେ ତାଙ୍କର କୈଶୋର ଏବଂ ଯୌବନ ଦେଶ ଉଦ୍ଦେଶ୍ୟରେ ସମର୍ପି ଦେଇଥିଲେ, କାରଣ ଆମେ ଏକ ସ୍ୱାଧୀନ ଦେଶରେ ନିଶ୍ୱାସ-ପ୍ରଶ୍ୱାସ ନେଇ ପାରିବା। ସେ କହିଛନ୍ତି ଯେ, ଏହି ପବିତ୍ର ଦିନରେ ଜାତିର ଜନକ ମହାତ୍ମା ଗାନ୍ଧୀ, ପଣ୍ଡିତ ନେହେରୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ମୌଲାନା ଅବୁଲ କାଲାମ ଆଜାଦ, ବୀର୍ ସବରକର, ବାବା ସାହେବ ଡକ୍ଟର ଭୀମରାଓ ଆମ୍ବେଦକର, ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ, ଲାଲା ଲାଜପତ ରାୟ, ବିପିନ ଚନ୍ଦ୍ର ପାଲ, ବାଲ ଗଙ୍ଗାଧର ତିଲକ, ସରୋଜିନୀ ନାଇଡୁ, ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ପରି ମହାମନୀଷୀ ମାନଙ୍କୁ ମୋର ବିନମ୍ର ଶ୍ରଦ୍ଧାଞ୍ଜଳି। ସେ କହିଛନ୍ତି ଯେ, ଆମ ରାଜ୍ୟ ଓଡିଶାରେ ମଧ୍ୟ ସ୍ୱାଧୀନତା ସଂଗ୍ରାମ ତଥା ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଆନ୍ଦୋଳନରେ ଅନେକ ବୀର ସୁପୁତ୍ର ନିଜର ତ୍ୟାଗ ଓ ବଳିଦାନ ଦେଇଛନ୍ତି। ବୀର ସୁରେନ୍ଦ୍ର ସାଏ, ଶହୀଦ୍ ମାଧୋ ସିଂ, ବକ୍‌ସି ଜଗବନ୍ଧୁ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୁଦନ ଦାସ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭଗବାନ ବିର୍ସା ମୁଣ୍ଡା, ଶହୀଦ୍ ଲକ୍ଷ୍ମଣ ନାୟକ, ଡକ୍ଟର ହରେକୃଷ୍ଣ ମହତାବ, ମା' ରମାଦେବୀ, ଶହୀଦ୍ ବାଜି ରାଉତ, ମାଳତୀ ଚୌଧୁରୀ, ପାର୍ବତୀ ଗିରିଙ୍କ ପରି ମହାନ ସଂଗ୍ରାମୀ ମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସେ କହିଛନ୍ତି ଯେ,ଦେଶ ସ୍ୱାଧୀନ ହେବା ପରେ ସବୁଠାରୁ ବଡ ଆହ୍ୱାନ ଥିଲା ଏହାର ସୁରକ୍ଷା ଓ ଅଖଣ୍ଡତାକୁ ବଜାୟ ରଖିବା ସହିତ ଲୋକଙ୍କ ସ୍ୱପ୍ନର ଭାରତ ଗଠନ ପାଇଁ ଏକ ସୁଶାସନ ପ୍ରଦାନ କରିବା। ଏହି ଉଦ୍ଦେଶ୍ୟରେ ଦେଶର ବିଭିନ୍ନ ପ୍ରାନ୍ତରୁ ନିର୍ବାଚିତ ହୋଇଥିବା ପ୍ରତିନିଧିମାନେ ତିନି ବର୍ଷର ବିଚାର ବିମର୍ଶ ପରେ ଦେଶକୁ ଭାରତୀୟ ସମ୍ବିଧାନର ଉପହାର ଦେଇଥିଲେ। ସେ କହିଛନ୍ତି ଯେ, ଆଜିର ଏହି ପବିତ୍ର ଦିବସରେ ମୁଁ ସମସ୍ତଙ୍କୁ ଆହ୍ୱାନ କରୁଛି, ଆସନ୍ତୁ, ବାବା ସାହେବଙ୍କ ପ୍ରଦର୍ଶିତ ମାର୍ଗ ଅନୁସରଣ କରି ଆମ ରାଜ୍ୟ ଓଡ଼ିଶାକୁ ୨୦୩୬ ମସିହା ସୁଦ୍ଧା ଏକ ସମୃଦ୍ଧ ରାଜ୍ୟ ଭାବେ ଗଢି ତୋଳିବା ଏବଂ ୨୦୪୭ ମସିହା ସୁଦ୍ଧା ଆମ ଦେଶ ଭାରତକୁ ବିକଶିତ ଦେଶ ଭାବେ ଗଢିବା ପାଇଁ ନିଜ ନିଜର ଯୋଗଦାନ ଦେବା। ଆସନ୍ତୁ ଆମ ଓଡ଼ିଶା, ଓଡ଼ିଆପଣ ତଥା ଭାରତୀୟତାକୁ ସଦା ଜାଗ୍ରତ ରଖିବା ପାଇଁ ଏକ ସମୃଦ୍ଧ ଗଣତନ୍ତ୍ରର ଉତ୍ତର ଦାୟାଦ ରୂପେ ଆମେ ସାଥି ହୋଇ ବିକାଶକୁ ବିଶ୍ୱାସ ବନେଇବା। ଝଡ଼ ଆସିବ, ଝଞ୍ଜା ଆସିବ, ଆହ୍ୱାନର ପାହାଡ଼ ଆସି ଠିଆ ହେବ, କିନ୍ତୁ ବିଡ଼ାଏ କାଠି ଭଳି ଆମେ ଏକାଠି ହୋଇ ଏହାକୁ ସାମ୍ନା କରିବା। ଅନ୍ୟାୟ ବିରୁଦ୍ଧରେ ନ୍ୟାୟର ଏବଂ ଅହଙ୍କାର ବିରୁଦ୍ଧରେ ଅସ୍ମିତାର ବିଜୟ ପାଇଁ ନିଜକୁ ସମର୍ପଣ କରୁଥିବା।



ODISHA NEW OPPORTUNITIES

CII Confederation of Indian Industry

# MAKE IT UTKARSH

Hon'ble Prime Minister, Shri Narendra Modi inaugurates the Utkarsh Odisha – Make in Odisha Conclave 2025 today, we invite industry leaders and entrepreneurs to be a part of this transformational journey.



**Shri Narendra Modi**
Prime Minister

**Shri Mohan Charan Majhi**
Chief Minister, Odisha

*"As we aim for Viksit Bharat 2047, Odisha will play a pivotal role in driving this ambition forward. Its investor- friendly policies and strategic location make it the anchor for our Purvodaya Vision."*




Utkarsh Odisha Inauguration by
**Prime Minister of India at 10:30 AM**

## Today 28 January 2025

- CEOs Roundtable
- Start-up Plenary Session
- Country-of -focus Session
- Cultural Program
- Chemicals, Petrochemicals and Plastics Session
- Renewable Energy & Equipment Session
- Mining & Metallurgy Session

**VENUE: Janata Maidan Bhubaneswar**

BECOME A PART OF THE "SAMRUDH ODISHA 2036" JOURNEY

## INVEST IN ODISHA, INVEST IN FUTURE



"ଭଗବତ୍ କରୁଣା, ଭଗବତ୍ ଇଚ୍ଛା ଓ ଭଗବତ୍ କର୍ମରେ ପୂର୍ଣ୍ଣ ବିଶ୍ୱାସ ରଖି ଚାଲ। ସବୁ କିଛି ଠିକ୍ ହୋଇଯିବ।"
-ଶ୍ରୀମା



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



## ମଉଳିଲା ଆତଙ୍କୀର ଶେଷ ଆଶା

# ଭାରତର କୂଟନୈତିକ ସଫଳତା

ଗତ ୨୦୦୮ ମସିହା ନଭେମ୍ବର ୨୬ ତାରିଖ ରାତିରେ ଭାରତର ଅର୍ଥନୈତିକ ରାଜଧାନୀ ମୁମ୍ବାଇ ମହାନଗରୀ ଉପରେ ହୋଇଥିଲା ଏକ ବଡ଼ଧରଣର ଆତଙ୍କବାଦୀ ଆକ୍ରମଣ। ପାକିସ୍ତାନର କରାଚୀ ବନ୍ଦରରୁ ଦଶଜଣ ଦୁର୍ଦ୍ଦାନ୍ତ ଆତଙ୍କବାଦୀ ଜଳପଥରେ ଆସି ମୁମ୍ବାଇରେ ପହଞ୍ଚିବା ପରେ ଦୁଇଦିନ କାଳ ସମଗ୍ର ସହରରେ ହିଂସାର ତାଣ୍ଡବ ଚଳାଇଥିଲେ। ସେମାନଙ୍କ ଅତର୍କିତ ଆକ୍ରମଣ ଏବଂ ଏକେ ୪୭ ରାଇଫଲ୍‌ରୁ ଆଖିବୁଜା ଗୁଳି ଚାଳନାରେ କେତେକ ସୁଦକ୍ଷ ପୋଲିସ ଅଧିକାରୀଙ୍କ ସମେତ ଶତାଧିକ ନିରୀହ ଲୋକଙ୍କ ମୃତ୍ୟୁ ଘଟିଥିଲା। ଅବଶ୍ୟ ପରବର୍ତ୍ତୀ ସମୟରେ ପୋଲିସ ସହ ଏନ୍‌କାଉଣ୍ଟରରେ ୯ଜଣ ଆତଙ୍କୀ ପ୍ରାଣ ହରାଇଥିବା ବେଳେ କସବ୍ ନାମକ ଆଉ ଜଣେ ଆତଙ୍କବାଦୀ ଧରାପଡ଼ି ଗିରଫ ହୋଇଥିଲା। ପରବର୍ତ୍ତୀ ସମୟରେ ଅଦାଲତରେ ମାମଲାର ବିଚାର କରାଯାଇ କସବ୍‌କୁ ଫାଶୀ ଦିଆଯାଇଥିଲା। ପାକିସ୍ତାନ ପ୍ରାୟୋଜିତ ନଭେମ୍ବର ୨୬ର ମୁମ୍ବାଇ ଆକ୍ରମଣ ଭାରତର ଅପରାଧ ଇତିହାସରେ ଏକ କଳଙ୍କମୟ ଅଧ୍ୟାୟ ସୃଷ୍ଟି କରିଛି। ଆତଙ୍କବାଦୀ ସଂଗଠନ ପକ୍ଷରୁ ମୁମ୍ବାଇ ଉପରେ ହୋଇଥିବା ଏହି ବର୍ବର ଆକ୍ରମଣ ପୂର୍ବରୁ ଏକ ବଡ଼ଧରଣର ଷଡ଼ଯନ୍ତ୍ରର ନକ୍ସା ପ୍ରସ୍ତୁତ ହୋଇଥିଲା ଏବଂ ଏଥିରେ ଅନେକ ବ୍ୟକ୍ତି ଜଡ଼ିତ ଥିଲେ। ଯଦିଓ ମୁମ୍ବାଇରେ ଆତଙ୍କ ଖେଳାଇଥିବା ୧୦ଜଣଙ୍କ ମୃତ୍ୟୁ ଘଟି ସାରିଛି, ମାତ୍ର ଏହି ଆକ୍ରମଣର ମୁଖ୍ୟ ଷଡ଼ଯନ୍ତ୍ରକାରୀ ତାହାୱୁର ହୁସେନ୍ ରାଣା ସେହିଦିନ ଠାରୁ ଆମେରିକାରେ ବସବାସ କରି ରହିଥିଲା। ତାକୁ ଭାରତକୁ ପ୍ରତ୍ୟର୍ପଣ କରିବାକୁ ଅତୀତରେ ବହୁବାର ଉଦ୍ୟମ ହୋଇଥିଲେ ହେଁ ତାହା ସଫଳ ହୋଇନଥିଲା। ଏବେ ୧୭ବର୍ଷ ପରେ ଭାରତ ପାଇଁ ଏକ ଆଶ୍ୱସ୍ତିକର ଖବର ଆସିଛି। ତାହାୱୁର ରାଣାର ଭାରତକୁ ପ୍ରତ୍ୟର୍ପଣ ଆଶା ଉଜ୍ଜ୍ୱଳ ହୋଇ ଉଠିଛି। ପ୍ରତ୍ୟର୍ପଣକୁ ବିରୋଧ କରି ରାଣା ଆମେରିକା ସୁପ୍ରିମକୋର୍ଟରେ ଯେଉଁ ରିଭ୍ୟୁ ପିଟିସନ୍ ଦାଖଲ କରିଥିଲା, ତାକୁ କୋର୍ଟ ଖାରଜ କରିଦେଇଛନ୍ତି। ଏଥିପୂର୍ବରୁ ସେ ଆମେରିକାର ଏକାଧିକ ଅଦାଲତରେ ପିଟିସନ୍ ଦାଖଲ କରି ବିଫଳ ହେବା ପରେ ଗତ ନଭେମ୍ବର ୩୦ ତାରିଖରେ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲା ଏବଂ ଏହା ହିଁ ଥିଲା ତା'ର ଶେଷ ଆଇନଗତ ଲଢ଼େଇ। ୬୪ ବର୍ଷୀୟ ଏହି ଷଡ଼ଯନ୍ତ୍ରକାରୀ ପାକିସ୍ତାନ ବଂଶୋଦ୍ଭବ ହୋଇଥିବା ସ୍ଥଳେ କାନାଡ଼ା ନାଗରିକତ୍ୱ ଗ୍ରହଣ କରି ସେଠାରେ ବାସ କରୁଥିଲା। କାନାଡ଼ା ଯିବା ପୂର୍ବରୁ ସେ କିଛିବର୍ଷ ପାକିସ୍ତାନ ସେନାରେ ଡାକ୍ତର ଭାବେ କାର୍ଯ୍ୟ କରୁଥିଲା। ମୁମ୍ବାଇ ଆକ୍ରମଣର ଅନ୍ୟଜଣେ ଅଭିଯୁକ୍ତ ଥିଲା ରାଣାର ଘନିଷ୍ଠ ବନ୍ଧୁ ଡେଭିଡ୍ ହେଡ୍‌ଲି। ଏ ଦୁହେଁ ମିଶି ଡେନମାର୍କର ଏକ ସମ୍ବାଦପତ୍ର କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ ଏବଂ ସେଥିପାଇଁ ଆମେରିକା ଗୁଇନ୍ଦା ସଂସ୍ଥା ଏଫ୍.ବି.ଆଇ ଉଭୟଙ୍କୁ ଗିରଫ କରିଥିଲା। ହେଡ୍‌ଲି ୨୦୦୭ ଏବଂ ୨୦୦୮ ମସିହାରେ ପାଞ୍ଚଥର ମୁମ୍ବାଇ ମହାନଗରୀକୁ ଆସି କେଉଁଠି କିଭଳି ଭାବରେ ଆକ୍ରମଣ କରାଯିବ, ତାହାର ନକ୍ସା ପ୍ରସ୍ତୁତ କରିଥିଲା ଏବଂ ଆମେରିକା ପୋଲିସ ଆଗରେ ତାହା ସ୍ୱୀକାର ମଧ୍ୟ କରିଛି। ସେହିପରି ତାହାୱୁର ରାଣା ମଧ୍ୟ ନିଜର ପତ୍ନୀ ସହ ମୁମ୍ବାଇକୁ ଆସି ତାଜ୍ ହୋଟେଲ୍‌ରେ ଅବସ୍ଥାନ କରିବା ସହିତ ଆକ୍ରମଣର ରୂପରେଖ ପ୍ରସ୍ତୁତ କରିଥିଲା। ନଭେମ୍ବର ୨୬ ତାରିଖ ଆକ୍ରମଣ ସମୟରେ ଆତଙ୍କବାଦୀମାନେ ସେହି ତାଜ୍ ହୋଟେଲ୍‌କୁ ହିଁ ଟାର୍ଗେଟ୍ କରିଥିଲେ। ରାଣାକୁ ତୁରନ୍ତ ଭାରତ ହାତକୁ ଫେରାଇ ଦେବା ପାଇଁ ୨୦୧୯ ମସିହାରେ ଭାରତ ସରକାର ଆନୁଷ୍ଠାନିକ ଭାବରେ ଆମେରିକାକୁ ଅନୁରୋଧ କରିଥିବା ସ୍ଥଳେ ଆଇନଗତ ପ୍ରତିବନ୍ଧକ ଯୋଗୁ ଏହା ସମ୍ଭବପର ହୋଇପାରୁ ନଥିଲା। ଛ'ବର୍ଷର ପ୍ରତୀକ୍ଷା ପରେ ଏହି ଷଡ଼ଯନ୍ତ୍ରକାରୀର ଭାରତକୁ ଆସିବାର ପଥ ପରିଷ୍କାର ହୋଇଯାଇଛି। ଭାରତକୁ ଫେରିବା ପରେ ଆମ ଦେଶର ନ୍ୟାୟିକ ବ୍ୟବସ୍ଥା ଅନୁଯାୟୀ ତା'ର ବିଚାର କରାଯାଇ ଆବଶ୍ୟକୀୟ ଦଣ୍ଡବିଧାନ କରାଯାଇପାରେ। ତେବେ ରାଣାର ପ୍ରତ୍ୟର୍ପଣ ଭାରତ ପାଇଁ ଯେ ଏକ ବିରାଟ କୂଟନୈତିକ ସଫଳତା, ଏଥିରେ ସନ୍ଦେହ ନାହିଁ।

# ପରିମାଣରେ ଭାଗର ପରିଣାମ



ଡ. ସତ୍ୟ ନାରାୟଣ ମିଶ୍ର
ସହ ନିର୍ଦ୍ଦେଶକ, ଜାତୀୟ ଅଭିଲେଖାଗାର, ଭାରତ ସରକାର, ୟୁନିଟ - ୪, ଭୁବନେଶ୍ୱର
ମୋ:୯୯୩୭୩୪୫୯୦୦

ସାଂପ୍ରତିକ ସମାଜରେ ମଣିଷ ଜୀବନର ଅନେକ ସମୟ କେବଳ ଭାଗ ମାପରେ ନିଜର ମୂଲ୍ୟବାନ ସମୟକୁ ବିନିଯୋଗ କରୁଅଛି। ଜୀବନର ଅୟମାରମ୍ଭରୁ ମଣିଷ ଭାଗ ବଣ୍ଟାର ବିଭେଦ ମଧ୍ୟରେ ନିଜକୁ ନିମର୍ଜିତ କରିନଥାଏ। ସାମାଜିକ, ପାରିପାର୍ଶ୍ୱିକ ପରିସ୍ଥିତି ତଥା ରାଜନୈତିକ, ଭୌଗୋଳିକ ଓ ଅର୍ଥନୈତିକ ତାରତମ୍ୟରେ ସ୍ୱାର୍ଥକୁ ହାସଲ କରିବା ନିମନ୍ତେ କ୍ରମଶଃ ମଣିଷ ଭାଗବଣ୍ଟା ମଧ୍ୟରେ ନିମର୍ଜିତ ହୋଇଥାଏ। ସାଧାରଣତଃ ଭାଗର ଅର୍ଥ ନିଜର ପ୍ରାପ୍ୟ ବା ନିଜର ଅଧିକାର ଅଂଶ ଯାହା ସ୍ୱଚ୍ଛତା ଉପରେ ନିର୍ଭର କରିଥାଏ। ମାତ୍ର ଭାଗକୁ ନେଇ ସବୁବେଳେ ମଣିଷ ମଣିଷ ମଧ୍ୟରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥାଏ କାରଣ ସେଇଠି ଭାଗ ହୋଇଥାଏ ଅସାଧୁ ନୀତିର ସୂତ୍ର। ସରଳ ଶବ୍ଦରେ, ଭାଗ ହେଉଛି ଏକ ଅଂଶ ବା ଆର୍ଥିକ ସମ୍ପତ୍ତିର ମାଲିକାନାର ଶତକଡ଼ା। ଐତିହାସିକ ଓ ପୌରାଣିକ ତଥା ବର୍ତ୍ତମାନର ରାଜନୈତିକ ଓ ସାମାଜିକ ଦୃଷ୍ଟିକୋଣକୁ ଅନୁଧ୍ୟାନ କଲେ ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ ଯେ ମଣିଷ ସମାଜର ଭାଗ କେବଳ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ। ଏଠାରେ ଭାଗ କେବଳ ଭୋଗ୍ୟ ବସ୍ତୁ ବା ପଦାର୍ଥରେ ଆନନ୍ଦ ଯାହା ଥାଏ ଯୌଗିକ କ୍ରିୟା ମାତ୍ର ମୌଳିକ କ୍ରିୟାରେ ପରିମାଣର ଅଂଶ ବା ଭାଗ ଉପଯୁକ୍ତ ନହେଲେ ପଦାର୍ଥ, ଔଷଧ ଠାରୁ ଆରମ୍ଭ କରି ଅନେକ ରସାୟନିକ ପଦାର୍ଥର ସତ୍ତା ବା ଚିହ୍ନ ଭିନ୍ନ ହୋଇଥାଏ। ରାମାୟଣ, ମହାଭାରତର ସୃଷ୍ଟି ଭାଗରୁ ସୃଷ୍ଟି, ଯାହା ଅନ୍ୟାୟ ଉପରେ ଆଧାରିତ ଥିଲା। ଭାଗ ଯେଉଁଠି ନୀତିହୀନ ହୋଇଥାଏ ସେଇଠି ଅବକ୍ଷୟ ଅବସମ୍ଭାବୀ, ମାତ୍ର ଭାଗ ଯେଉଁଠି ନୀତିଯୁକ୍ତ ହୋଇଥାଏ ସେଠାରେ ଭାଗ ଏକ ଆଦର୍ଶର ନୀତି ଭାବରେ ବିବେଚିତ ହୋଇଥାଏ। ସମ୍ପ୍ରତି ସମାଜରେ ପ୍ରତ୍ୟେକ ଦିନ ମଣିଷ ମଣିଷ ମଧ୍ୟରେ ଛୋଟରୁ ବଡ଼ ଧରଣର ଲୁଣ୍ଠନ, ହତ୍ୟା ଆଦି କେବଳ ଭାଗକୁ ଆଧାର କରି ସୃଷ୍ଟି ହୋଇଥାଏ। ମାତ୍ର ବର୍ତ୍ତମାନର ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ଭାଗ ଏକ ଅଧିକାର ବୋଲି କେତେକ ଦାବି କରିଥାନ୍ତି। ଗଣତାନ୍ତ୍ରିକ ସରକାରରେ ଅନେକ ଲାଞ୍ଚକୁ ଆଦରି ନେଇଥିବା ବ୍ୟକ୍ତି ଅର୍ଥର ସାର୍ବଜନୀନ ଉନ୍ନତି କଳ୍ପେ ବିନିଯୋଗ ହେଉଥିବା ଅର୍ଥ ରାଶିକୁ ସୁପାରିସ କରିବାରେ ନିଜର ଲାଞ୍ଚର ଭାଗ ସାବ୍ୟସ୍ତ କରିଥାନ୍ତି। ଉକ୍ତ ଭାଗର ଅଙ୍କକଷା ସମାଧାନ ନହେଲେ ପ୍ରକଳ୍ପର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇନଥାଏ। ପରିଣାମ ସ୍ୱରୂପ ଉକ୍ତ ପ୍ରକଳ୍ପର କାର୍ଯ୍ୟ ଗୁଣବତ୍ତା ଉପରେ ପ୍ରଶ୍ନ ସୃଷ୍ଟି ହୋଇଥାଏ ଓ କେତେକାଂଶରେ ତାହାର ପରିଣାମ ମଧ୍ୟ ଜନସାଧାରଣ ଅନୁଭବ କରିଛନ୍ତି। ସରକାରୀ ଓ ବ୍ୟକ୍ତିଗତ କାର୍ଯ୍ୟ ପାଇଁ ଭାଗର କାହାର କେତେ ଗଣିତ ଶିକ୍ଷା ହୋଇଥାଏ ଏକ ନିର୍ଦ୍ଦିଷ୍ଟ ପରିସରରେ ଓ ପରିବେଶରେ। ଉକ୍ତ ଧାରା ଲାଞ୍ଚୁଆ ବାବୁଙ୍କ ଠାରୁ ଆରମ୍ଭ କରି ଲାଞ୍ଚୁଆ ବଡ଼ବାବୁ ଓ ସାନବାବୁ ପର୍ଯ୍ୟନ୍ତ ହୋଇଥାଏ, ଯାହା ଅନେକଙ୍କ ଲକ୍ଷ୍ୟରେ ଓ ଅଲକ୍ଷରେ ମଧ୍ୟ ହୋଇଥାଏ। ତେବେ ଉକ୍ତ ଭାଗ ମାପରେ ଯଦି ଗଣିତ ଭୁଲ ହୋଇଯାଏ ବା ଭାଗର ହିସାବ ଭୁଲ ହୁଏ, ତେବେ ଆରମ୍ଭ ହୋଇଥାଏ ଅମାନବିକତାର ବର୍ବର ପ୍ରଚେଷ୍ଟାର ପରିମାଣରେ ପରିଣାମ।

ବର୍ତ୍ତମାନ ସମାଜରେ ସମସ୍ତେ ସବୁ ସମୟରେ ବ୍ୟସ୍ତ, କାହାର କେତେ ଭାଗର ନିର୍ଣ୍ଣୟ କରିବା ପାଇଁ। ସୁନା ବ୍ୟବସାୟୀ ସୁନା ସହିତ ଅପମିଶ୍ରଣ ଧାତୁ କେତେ ପରିମାଣର ଭାଗ ହେବ ଓ କାହାର କେତେ ଭାଗ ହେଲେ ଉପଭୋକ୍ତା କ୍ଷତିରେ ମୁନିବର ଲାଭ ହେବ ତାହା ବିଚାର କରାଯାଇଥାଏ। ଖାଦ୍ୟ ସାମଗ୍ରୀ, ଔଷଧ, ନିତ୍ୟ ବ୍ୟବହାର୍ଯ୍ୟ ଆବଶ୍ୟକୀୟ ଉପକରଣ ଇତ୍ୟାଦି କେତେ ଭାଗ ମାପ ହେଲେ କ୍ରେତାଙ୍କ ଅର୍ଥରେ ବିକ୍ରେତା କିପରି ଅଧିକ ଭାଗର ଲାଭାଂଶ ଲାଭ କରିପାରିବେ ତାହା ହିସାବ ହୋଇଥାଏ। ସେଥିପାଇଁ ଅନବରତ ସମସ୍ତଙ୍କୁ ସମସ୍ତେ ଧାବମାନ ହୋଇଥାନ୍ତି କାହାର କେତେ ଭାଗର ନିର୍ଣ୍ଣୟ। ଏ ପ୍ରସଙ୍ଗରେ ଜନତା ନିଜକୁ ପ୍ରଶ୍ନ କରିଥାଏ ଯେ ସାଂପ୍ରତିକ ପରିସ୍ଥିତିରେ ସମୁଦାୟ ହିସାବ ନିକାଶର ସାଧାରଣ ଜନତାଙ୍କର ଭାଗ କେତେ। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଜନତା ଉପଭୋଗ କରୁଥିବା ସରକାରଙ୍କର କଲ୍ୟାଣକାରୀ ଯୋଜନାର ଭାଗ ସାଧାରଣ ଦାରିଦ୍ର୍ୟ ଶ୍ରେଣୀର ଜନତା ଉପଭୋଗ କରିଥାନ୍ତି। ବିଭିନ୍ନ ଭତ୍ତା, ଅନୁକମ୍ପା ରାଶି, ପ୍ରୋତ୍ସାହନ କ୍ଷତି ପୂରଣ, ସାମଗ୍ରୀ ବଣ୍ଟନ ଆଦିକୁ ଏକତ୍ର କଲେ ଜଣେ ସାଧାରଣ ଜନତାଙ୍କ ଭାଗରେ ବର୍ଷକୁ ଅତି ବେଶୀରେ କୋଡିଏ ହଜାର ଟଙ୍କା ସରକାରଙ୍କ ଠାରୁ ଭାଗ ମିଳିଥାଏ। ସୁତରାଂ ଜଣେ ସାଧାରଣ ଜନତା ସରକାରଙ୍କୁ ଅନ୍ୟାନ୍ୟ ସାମଗ୍ରୀ କ୍ରୟରେ ଦୁଇ ତିନି ହଜାର ଟଙ୍କା କର ହିସାବରେ ଦେଇଥାନ୍ତି। ଅର୍ଥାତ ସରକାରଙ୍କ ଠାରୁ ଜଣେ ସାଧାରଣ ଜନତା ଭାଗ ହିସାବରେ ପାଇଥାଏ ବର୍ଷକୁ ଅତିବେଶିରେ ମାତ୍ର ୧୦-୧୨ ହଜାର ଟଙ୍କା, ଯାହା ଥାଏ ସର୍ବଜନ ବିଦିତ ନୀତିର ଭାଗ। ଅନ୍ୟପକ୍ଷରେ ଜଣେ ସାଧାରଣ ଜନତା ଯଦି ସେ ସରକାରଙ୍କର କଲ୍ୟାଣକାରୀ ଯୋଜନାର ଅନ୍ତର୍ଭୁକ୍ତ ହେବା ପାଇଁ ନିର୍ଦ୍ଧାରିତ ମାନଦଣ୍ଡରେ ଉପଯୁକ୍ତ ନହୋଇପାରେ, ତେବେ ସେ କୌଣସି ଭାଗ ପାଇପାରି ନଥାଏ ବରଂ ସରକାରଙ୍କୁ ବିଭିନ୍ନ ବ୍ୟବସ୍ଥାରେ କର ଦେଇଥାନ୍ତି। ମାତ୍ର ଜଣେ ସାଧାରଣ ଜନତାଙ୍କର ସେବା ପାଇଁ ଉଦ୍ଦିଷ୍ଟ ଲାଞ୍ଚୁଆ ମାନେ ବିଭିନ୍ନ ଆଧାରରେ ସରକାରୀ ଅର୍ଥରୁ ଓ ଜନତାଙ୍କ ଠାରୁ ଯେଉଁ ଭାଗ ରାଶି ଗ୍ରହଣ କରିଥାନ୍ତି ତାହା ମୂଲ୍ୟାଙ୍କନ କଲେ ହୁଏତ ଗଣିତର ଗାଣିତିକ କ୍ରମ ସଂଖ୍ୟା ଭୁଲ ହୋଇ ଯାଇପାରେ। ଜଣେ ଜଣେ ଲାଞ୍ଚଖୋର ବ୍ୟକ୍ତି ପ୍ରତିଦିନ ଲକ୍ଷ ଲକ୍ଷ ଧନ ରାଶି ଭାଗ ହିସାବରେ ଗ୍ରହଣ କରିଥାନ୍ତି ଯାହା ସାମାଜିକ ବିଭେଦର ମୁଖ୍ୟ କାରଣ। ଭାଗର ଭାଗୀଦାରୀ ହୋଇ ଜୀବନର ମୂଲ୍ୟବାନ ସମୟକୁ ଅର୍ଥ ରୋଜଗାର ଉପରେ ଅନେକ ଯେତେବେଳେ ଅପଚୟ କରିଥାନ୍ତି, ସେତେବେଳେ ବିଚରା ସାଧାରଣ ଜନତା ନେହୁରା ହୋଇଥାଏ ଜୀବନ ସଂଗ୍ରାମର ଜୟଗାଥା ପାଇଁ। ଯେତେବେଳେ ମଣିଷ ଅର୍ଥର ଭାଗ ରାଶିରେ ପ୍ରାଚୁର୍ଯ୍ୟ ଓ ଆଡମ୍ବରରେ ଜୀବନ ନିର୍ବାହ କରିବା ପାଇଁ ଭାଗର ଖେଳ ଖେଳୁଥାଏ, ସେହି ସମୟରେ ଏକ ସାଧାରଣ ଜନତା ନିଜକୁ ପ୍ରଶ୍ନ ପଚାରିଥାଏ କାହାର କେତେ ଭାଗ। ଯେଉଁମାନଙ୍କ ଦ୍ୱାରା ଗଣତାନ୍ତ୍ରିକ ସରକାରର ପରିମାଣ ପ୍ରତିଷ୍ଠା ହୋଇଥାଏ, ସେହି ଗଣତାନ୍ତ୍ରିକ ଶାସନରେ ସାଧାରଣ ମଣିଷ ସବୁବେଳେ ହୋଇଥାଏ ଅଲୋଡାର ପରିଣାମ।

ଭାଗ ମାପର ଦ୍ୱାନ୍ଦ୍ୱାତ୍ମକ ପରିଧି ମଧ୍ୟରେ ମଣିଷ ଯେତେବେଳେ ଭାଗକୁ ପ୍ରତ୍ୟାଖାନ କରିଥାଏ ସେତେବେଳେ ସେ ହୋଇଥାନ୍ତି ଧର୍ମରାଜ ଯୁଧିଷ୍ଠିର ବା ରାମାୟଣର ରାମଚନ୍ଦ୍ର। କିନ୍ତୁ ଭାଗକୁ ଆଦର କରି ଭାଗକୁ ଏକ ନିଶାରେ ପରିଣତ କରୁଥିବା ବ୍ୟକ୍ତିର ପରିଣାମ ହୋଇଥାଏ ଦୁର୍ଯ୍ୟୋଧନ ପରି, ଯେଉଁଠି ଶେଷ ହୋଇଯାଏ ଭାଗ ମାପର ସମୁଦାୟ ସମଷ୍ଟି। ଆଜି ଦେଶ ଦେଶ ମଧ୍ୟରେ ଭୌଗୋଳିକ ସୀମାରେଖା ପାଇଁ ଭାଗକୁ ନେଇ ଯୁଦ୍ଧ, ନରସଂହାର, ଧ୍ୱଂସ ଇତ୍ୟାଦି ସଂଘଟିତ ହେଉଅଛି, ହେଲେ ଏହାର ପରିଣାମ ହେଉଛି କେବଳ ମଣିଷ ସମାଜର ନିଶ୍ଚିହ୍ନ ଓ ମାନବିକାତାର ପୂର୍ଣ୍ଣଚ୍ଛେଦ। ଇତିହାସକୁ ରୋମନ୍ଥନ କଲେ କେବଳ ଗୋଟିଏ ବିଷୟ ଦୃଶ୍ୟମାନ ହୋଇଥାଏ ଯେ ଅନ୍ୟାୟ ଭାଗରେ ପରିଣାମ ହୋଇଥାଏ ସଂହାର। ମଣିଷ ବଞ୍ଚିଥିଲେ ସିନା ଭାଗ ପ୍ରାପ୍ତିର ଉପଭୋଗ କରି ପାରିବ, ମାତ୍ର ଭାଗ ରାଶିର ଗଣିତକୁ ଗଣିବା ପଛରେ ଯଦି ମଣିଷ ସର୍ବଦା ଧାବମାନ କରିଥାଏ, ତେବେ ତାହାର ଗତି କେଉଁ ଦିଗକୁ ଗତି କରିବ ତାହା ନିରୂପଣ ହୋଇଥାଏ ଗଣିତ ସଂଖ୍ୟାକୁ ଆଦର କରି ଜୀବନ ନିର୍ବାହ କରୁଥିବା ବ୍ୟକ୍ତିର ଭାବନା ଉପରେ। ପରିବାରରେ ପାରିବାରିକ ସଦସ୍ୟମାନଙ୍କ ମଧ୍ୟରେ ଅନେକ ସମୟରେ ଭାଗକୁ ନେଇ ସୃଷ୍ଟି ହୋଇଥାଏ ହିଂସା, ସାମାଜିକ କ୍ଷେତ୍ରରେ ଭାଗକୁ ନେଇ ସୃଷ୍ଟି ହୋଇଥାଏ ବିଭେଦ, ଜାତୀୟ ଆନ୍ତର୍ଜାତୀୟ କ୍ଷେତ୍ରରେ ମଧ୍ୟ ଭାଗକୁ ନେଇ ସୃଷ୍ଟି ହୋଇଥାଏ ନରସଂହାର। ରାଜନୈତିକ ପୃଷ୍ଠଭୂମିରେ ଯଦି ଜଣେ ସାଧାରଣ ଜନତା ସରକାରଙ୍କର କୌଣସି ନୀତି ନିୟମକୁ ଯଥା ସମୟରେ ପ୍ରତିପାଦନ କରିବା ପାଇଁ ସକ୍ଷମ ନହୋଇଥାଏ ତେବେ ଉକ୍ତ କ୍ଷେତ୍ରରେ ସରକାରୀ ବିଧି ବ୍ୟବସ୍ଥାର ବିଚାର ଧାରା ଉକ୍ତ ବ୍ୟକ୍ତି ବା ସମାଜ ପାଇଁ ପ୍ରୟୋଗ ହୋଇଥାଏ। ମାତ୍ର ଲକ୍ଷ ଲକ୍ଷ କୋଟି କୋଟି ଧନରାଶିକୁ ଆତ୍ମସାତ କରୁଥିବା ଲାଞ୍ଚୁଆ ବ୍ୟକ୍ତି ଭାଗ ଉପରେ ଆଧାରିତ ଜୀବନ ନିର୍ବାହ କରୁଥିବା ବେଳେ କୌଣସି ନୀତି ନିୟମକୁ ଅବମାନନା କଲେ ସରକାରୀ ବିଧିବ୍ୟବସ୍ଥା କିପରି ପ୍ରୟୋଗ ହୋଇଥାଏ ତାହା ଇତିହାସ ଓ ବର୍ତ୍ତମାନ ଲିପିବଦ୍ଧ କରି ସାଇତି ରଖିଥାଏ ଭବିଷ୍ୟତ ପାଇଁ। ତେଣୁ ଭାଗର ପରିସୀମା ସବୁସମୟରେ ନୀତି ନିୟମ ତଥା ନିଷ୍ଠା ଦ୍ୱାରା ପରିଚାଳିତ ହେବା ଆବଶ୍ୟକ, କାରଣ ଯେଉଁ ଭାଗରେ ସମାଜରେ ମଙ୍ଗଳ ହୋଇଥାଏ ତାହା ଥାଏ ଚିରନ୍ତନ। ଝରଣାରୁ ନଦୀ ଶାଖାନଦୀ ହୋଇ ଭାଗ ଭାଗ ହୋଇଗଲେ ମଧ୍ୟ ତାହା ସମାଜର ହିତ ପାଇଁ ଉଦ୍ଦିଷ୍ଟ ଥାଏ ଓ ତାହା ଥାଏ ପୂଜ୍ୟ। ମାତ୍ର ଭାଗରେ ଭୋଗସର୍ବସ୍ୱ ହୋଇ ଅନୈତିକ ଉପାୟରେ ଭାଗରେ ଲିପ୍ତ ରହିଲେ ତାହାର ପରିଣାମ ନଦୀର ବାଲି ପରି ନଦୀ ଗର୍ଭରେ ଲୀନ ହୋଇଯାଏ, ଯେଉଁଠି ନଥାଏ କାହାର କେତେ ଭାଗର ପରିମାଣ।

# ପରିଶ୍ରମ...



ମନୋଜ କୁମାର ବେହେରା
ପ୍ଲଟନଂ-୨୧୭/ପି, ୟୁନିଟ୍-୯(ଫ୍ଲାଟ)
ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ସବୁଲୋକ ସୁଖୀ ତ ହେବାକୁ ଚାହିଁଥାନ୍ତି, କିନ୍ତୁ ଏହା ପାଇଁ ପରିଶ୍ରମ କରିବାକୁ ଚାହିଁ ନଥାନ୍ତି। ଏହା ତ ନ୍ୟାୟର କଥା ଅଟେ, କି ବିନା କର୍ମ କରି ଫଳ ମିଳେ ନାହିଁ। ଯଦି ଆପଣ ଉତ୍ତମ ଫଳ ଚାହାନ୍ତି ତା'ହେଲେ ପୁରୁଷାର୍ଥତ ଅବଶ୍ୟ ହିଁ କରିବାକୁ ପଡିବ। ଯଦି ଭୋଜନ କରିବେ ତା'ହେଲେ ରୋଷେଇ ଘରକୁ ଯିବାକୁ ପଡିବ, ସେଠାରେ ଭୋଜନ ବନେଇବାର ପରିଶ୍ରମ ତ କରିବାକୁ ପଡିବ। ତା'ପରେ ଭଲ ଭୋଜନ ପ୍ରାପ୍ତ ହୋଇପାରିବ। ଏହି ପ୍ରକାରରୁ ଯେଉଁ ଲୋକ ମନର ଶାନ୍ତି ଆଉ ସୁଖ ପୂର୍ବକ ଜୀବନ ବିତେଇବାକୁ ଚାହିଁଥାନ୍ତି, ତା'ହେଲେ ତାକୁ ଏଥିପାଇଁ ଦୁଇଟା କାର୍ଯ୍ୟ କରିବାକୁ ହେବ। ପ୍ରଥମ-ପ୍ରତିଦିନ ସକାଳେ-ସଞ୍ଜରେ ନିୟମିତ ରୂପରେ ଈଶ୍ୱରଙ୍କ ଉପାସନା କରିବାକୁ ପଡିବ। ତାହା ପନ୍ଦରରୁ କୋଡିଏ ମିନିଟ୍ ପର୍ଯ୍ୟନ୍ତ କରନ୍ତୁ, କିନ୍ତୁ ନିୟମିତ ରୂପରେ କର। ଏଥିରେ ଆପଣଙ୍କ ଆତ୍ମାର ବ୍ୟାଟେରୀ ଚାର୍ଜ ହୋଇଯିବ। ସେଥିରେ ଈଶ୍ୱରୀୟ ଗୁଣ ନ୍ୟାୟ, ସେବା, ପରୋପକାର, ସତ୍ୟ ଆଦି ପ୍ରବିଷ୍ଟ ହୋଇଯିବ। ତା'ପରେ ଏହି ଗୁଣର ସହାୟତାରେ ଆପଣ ଦିନସାରା ଅନ୍ୟଲୋକଙ୍କ ସହିତ ଭଲ ବ୍ୟବହାର କରିବେ। ଦ୍ୱିତୀୟ କାର୍ଯ୍ୟ ହେଲା ଅନ୍ୟମାନଙ୍କ ସହିତ ଉତ୍ତମ ଆଉ ସତ୍ୟତାର ସହିତ ବ୍ୟବହାର କରନ୍ତୁ। ଏମିତି କରିଲେ ଈଶ୍ୱର ଆପଣଙ୍କୁ ଭିତରୁ ବହୁତ ସୁଖ, ଶାନ୍ତି ଆଉ ଆନନ୍ଦ ଦେବେ। ଆପଣଙ୍କ ଜୀବନ ମଧ୍ୟ ସୁଖମୟ ହେବ ଆଉ ଯଦି ଆପଣ ଏମିତି ନକରନ୍ତି ତା'ହେଲେ ଆପଣଙ୍କର ଆତ୍ମାର ବ୍ୟାଟେରୀ ଚାର୍ଜ ହେବ ନାହିଁ। ସେଥିରେ କାମ, କ୍ରୋଧ, ଲୋଭ, ଈର୍ଷା, ଦ୍ୱେଷ, ଅଭିମାନ ଆଦି ଦୋଷରେ ଭରି ହୋଇ ପଡି ରହିବେ।

ଯାହାର କାରଣରୁ ଆପଣ ଲୋକଙ୍କ ସହିତ ଭଲ ବ୍ୟବହାର କରିପାରିବେ ନାହିଁ। ଏହାର ପରିଣାମ ଏହା ହେବ କି ମନରେ ମଧ୍ୟ ଅଶାନ୍ତି ଆଉ ଆପଣଙ୍କ ବ୍ୟବହାର ମଧ୍ୟ ବିଗିଡି ଯିବ। ଆଗକୁ ଚାଲିକରି ଏହା କ୍ରୋଧ, ପାଗଳାମି ଆଦି ମାନସିକ ରୋଗ ଭଳି ଲାଗିବ। ଆଉ ଶରୀରରେ ଏସିଡିଟି, ହୃଦରୋଗ, ରକ୍ତଚାପ, ମଧୁମେହ ଆଦି ଅନେକ ରୋଗ ମଧ୍ୟ ଉତ୍ପନ୍ନ ହୋଇପାରିବ। ଯଦି ଏମିତି ଜୀବନ ରହିଲା, ତା'ହେଲେ ଆପଣଙ୍କୁ ଆଗାମୀ ଜନ୍ମ ମଧ୍ୟ ଭଲ ମିଳିବ ନାହିଁ। ପଶୁ-ପକ୍ଷୀ, ଜୀବ-ଜନ୍ତୁ ଆଦି ଯୋନିରେ ଏହିସବୁ ପାପ କର୍ମର ଦଣ୍ଡ ଭୋଗିବାକୁ ପଡିବ। ସେଥିପାଇଁ ଉପରେ ବତା ଯାଇଥିବା ଦୁଇ କାର୍ଯ୍ୟକୁ ପ୍ରତିଦିନ କର। ନିଜର ଜୀବନକୁ ଭଲ ବନାଅ ଆଉ ସୁଖୀ ରୁହ। ଲୋକଙ୍କର ଜୀବନର ଉଦ୍ଦେଶ୍ୟ ଏହା ହେବା ଦରକାର କି କର୍ମ କର ଫଳର ଚିନ୍ତା କରନାହିଁ। ଗୀତାର ଉପଦେଶ ହେଲା ନିତ୍ୟ ନିଜର କର୍ମର ସଂଲଗ୍ନ ରହିବା ଜରୁରି।

# ଆଧ୍ୟାତ୍ମିକ ଉନ୍ନତି ହିଁ ମୁଖ୍ୟ



ପ୍ରଫେସର ଡା. ଉମେଶ ଚନ୍ଦ୍ର ପାତ୍ର
ସହ-ପ୍ରତିରତ୍ନିକ ଓ ବିଭାଗୀୟ ମୁଖ୍ୟ
ହେପାଟୋଲୋଜି ବିଭାଗ, ଏସ୍‌ସିବି ମେଡିକାଲ କଲେଜ
କଟକ, ମୋ : ୯୪୩୭୦୫୧୯୫୭

ମଣିଷ ଜୀବନର ବାଲ୍ୟକାଳରୁ ବାର୍ଦ୍ଧକ୍ୟ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଗୋଟିଏ ସୌନ୍ଦର୍ଯ୍ୟ ସଂଲଗ୍ନତା ଓ ଆବଶ୍ୟକତା ଥାଏ। ଯଦିଓ କେହି କାହାର ପୂର୍ଣ୍ଣମାତ୍ରାରେ ପରିପୂରକ ନୁହେଁ, କେହି କାହାକୁ ଛାଡ଼ିବା ପାଇଁ ପ୍ରସ୍ତୁତ ନଥାନ୍ତି। ସେଥିମଧ୍ୟରୁ ଯୌବନ ଏକ ସୁନ୍ଦର ଓ ବିରଳ ସ୍ଥିତି। ଏହା ଏକ ଅଦମ୍ୟ, ଅନ୍ୱେଷା ଓ ଜିଜ୍ଞାଷାର ସ୍ଥିତି। ଯୌବନର ମହାସାଗର, ସୀମାହୀନ ଆକାଶର ବ୍ୟାପ୍ତି, ସୁଦୂରତମ ନକ୍ଷତ୍ରରେ ପହଞ୍ଚିବାର ଝୁଙ୍କ। କାରଣ ଏ ଅବସ୍ଥାରେ ଅନନ୍ତ ପ୍ରାଣ ଶକ୍ତିର ସର୍ଜନାତ୍ମକ ଉର୍ମି ବାରମ୍ବାର କୂଳ ଲଙ୍ଘୁଥାଏ। କାରଣ ଏ ଅବସ୍ଥାରେ ସନ୍ନିହିତ ରହିଥାଏ ଜୀବନର ବୈପ୍ଳବିକ ଅତୃପ୍ତି, ଯେଉଁମାନେ ଯୌବନାଦ୍ୱିତ ସେମାନେ ଜୀବନରେ ଓ ଆତ୍ମାରେ ଚାହାନ୍ତି ସୁରକ୍ଷା ଓ ସ୍ଥିରତା। ଯୌବନ କିନ୍ତୁ ଅସୀମର ଆହ୍ୱାନରେ ଅସ୍ଥିର ଓ ଚଳଚଞ୍ଚଳ। ଅନ୍ୱେଷାର ଜ୍ୱାଳା ଭିତରେ ସେ ଖୋଜେ ସତ୍ୟ, ନ୍ୟାୟ ଓ ସର୍ଜନାତ୍ମକ ଜୀବନର ପରିପୂର୍ଣ୍ଣତା। ତେବେ ଯୌବନର ପଥ ସବୁବେଳେ ସରଳ ନଥାଏ। ଥାଏ ବନ୍ଧୁର। ଅନତିକ୍ରମ୍ୟକୁ ଅତିକ୍ରମ କଲାବେଳେ ବାଟରେ ଯେଉଁ ବାଧା, ପ୍ରତିବନ୍ଧକ ଦେଖାଯାଏ ସେଥିରେ ଯିଏ ହାରିଗଲା ବୋଲି ଭାବିଲା ତା' ଜୀବନର ଗତିପଥ ଓ ମାନଚିତ୍ର ବଦଳିଯାଏ। ବହୁ ମୁନିଋଷି ଓ ମହାପୁରୁଷମାନେ ଯୌବନକୁ ବ୍ରହ୍ମଚର୍ଯ୍ୟ, ତପସ୍ୟା, ନିର୍ଭିକତା ଓ ସତ୍‌ଚରିତ୍ରର ଅବସ୍ଥା ବୋଲି ଅଭିହିତ କରିଥାନ୍ତି। କାରଣ ଚାରିତ୍ରିକ ଶୁଦ୍ଧତା ଦିନକରେ ତିଆରି ହୁଏନାହିଁ। ଏଥିପାଇଁ ଯୁଗ ଯୁଗର ସଂଗ୍ରାମର ଆବଶ୍ୟକତା ଥାଏ। ତାହା ହିଁ ଜଣକୁ ସତ୍ୟର ଅତି ପାଖାପାଖି କରିଥାଏ। ସତ୍ୟ, ସାଧୁତା ଓ ପବିତ୍ରତା ସର୍ବଦା ଅବିନାଶ। ଏସବୁ ସର୍ବୋତ୍ତମ ଗୁଣର ଯିଏ ଅଧିକାରୀ ତାକୁ ଆମେ କିପରି ସହଜରେ ହିସାବ କରିପାରିବା ବା ବର୍ଣ୍ଣନା କରିପାରିବା। ମନେପକାନ୍ତୁ ଶ୍ରବଣ କୁମାର, ଏକଲବ୍ୟ, ନଚିକେତା, ପ୍ରହ୍ଲାଦ କଥା। ମନେପକାନ୍ତୁ ପ୍ରମିଥିଅସ୍, ହରକ୍ୟୁଲସ୍, ସିସିଫସ୍ ଓ ଜନାଥନ ଲିଭିଙ୍ଗଷ୍ଟନ ସିଗଲ କଥା। ଏମାନଙ୍କ ଜୀବନର ବିଚିତ୍ରତା ସ୍ମରଣ କରାଇଦିଏ ଯୌବନର ଅପରିକଳ୍ପନୀୟ ଗାଥା।

ପୃଥିବୀର ଯେ କୌଣସି ଦେଶରେ, ଯେକୌଣସି ପ୍ରକାରେ ସାମାଜିକ, ସାଂସ୍କୃତିକ, ଆର୍ଥିକ ଓ ରାଜନୈତିକ ପରିବର୍ତ୍ତନ ସଂଗଠିତ ହୋଇଛି ସେ ସବୁର ଅଗ୍ରଭାଗରେ ଯୌବନଦୀପ୍ତ ଯୁବ ସମାଜର ଅଗ୍ରଭୂମିକାକୁ ଅସ୍ୱୀକାର କରିହେବନାହିଁ। ଭାରତର ଦୀର୍ଘଦିନର ସ୍ୱାଧୀନତା ସଂଗ୍ରାମ ସମୟରେ କେତେ ଯେ କେତେ ଯୁବ ଗୋଷ୍ଠୀ ନିଜର ସ୍ୱାର୍ଥୋତ୍ସର୍ଗ କରିଛନ୍ତି ତାହା ଅବର୍ଣ୍ଣନୀୟ। ସେମାନଙ୍କ ଉଦ୍ଦେଶ୍ୟ ଥିଲା ପରାଧୀନତାରୁ ଭାରତମାତାକୁ ମୁକ୍ତି ଦେବା ଏବଂ ପରିଶେଷରେ ସେମାନଙ୍କର ସଂକଳ୍ପ ସିଦ୍ଧ ହେଲା। ସେମାନେ କେଉଁ ପ୍ରକାର ଭାରତ ଚାହୁଁଥିଲେ? ସେମାନେ ଚାହୁଁଥିଲେ ଅପସୃତ ଭାରତୀୟ ସଂସ୍କୃତିର ପୁନଃରୁଦ୍ଧାର ସହ ଏକ କ୍ଷୁଧାମୁକ୍ତ, ଭୟମୁକ୍ତ, ଦୁର୍ନୀତିମୁକ୍ତ ସ୍ୱାଧୀନ ଭାରତ। ତାହା ଏଯାଏ ସମ୍ଭବ ହୋଇପାରିଛି କି? ସ୍ୱାଧୀନୋତ୍ତର ଭାରତରେ ମଧ୍ୟ ଯେଉଁ ଯେଉଁ ବଡ଼ ବଡ଼ ଆନ୍ଦୋଳନ ମୁଣ୍ଡ ଟେକି ସଫଳ ହୋଇଛି ତାହା ମଧ୍ୟ କେବଳ ଯୁବଗୋଷ୍ଠୀର ପ୍ରତିବାଦ ଦ୍ୱାରା ସମ୍ଭବ ହୋଇପାରିଛି। ସଂପ୍ରତି ଭାରତର ସୁରକ୍ଷା ଓ ପ୍ରଗତିରେ ଯଦି କିଛି ପ୍ରଥମ ଅନ୍ତରାୟ ହୋଇଛି ତାହା ବାହ୍ୟଶକ୍ତି ଦ୍ୱାରା ନୁହେଁ, ତାହା ଆମ ସାମାଜିକ, ପ୍ରଶାସନିକ ଓ ରାଜନୈତିକ ଜୀବନରେ ଦୁର୍ନୀତି। ସଂପ୍ରତି ଦୁର୍ନୀତି ହିଁ ଭାରତୀୟ ଜୀବନର ବଡ଼ ଶତ୍ରୁ ଏବଂ ତାହାରି ପାଖରେ ବନ୍ଧାପଡ଼ିଛି ଆମର ନୈତିକ ଓ ସାମାଜିକ ଜୀବନ। ସମାଜର ପ୍ରତିସ୍ତରରେ ଦୁର୍ନୀତି ଏପରି ତାର କାୟା ବିସ୍ତାର କରିଛି ଯେ ଅନ୍ୟ ଦେଶମାନଙ୍କରୁ ଭାରତକୁ ଆସିବା ପାଇଁ ଡରୁଥିବା ବେଳେ ଭାରତୀୟମାନେ ବାହାରକୁ ଗଲେ ଅନ୍ୟମାନେ ସେମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଛନ୍ତି। ଏଥିପାଇଁ ଦରକାର ଆଉ ଏକ ଆନ୍ତରିକ ଆନ୍ଦୋଳନ, ଯାହା କେବଳ ଯୁବଶକ୍ତିମାନଙ୍କ ଦ୍ୱାରା ସମ୍ଭବ ହୋଇପାରିବ। କିନ୍ତୁ ପରିତାପର ବିଷୟ ଯେ ଆଜିର ଭାରତୀୟ ଯୁବଗୋଷ୍ଠୀ ବହୁଧା ବିଭକ୍ତ। ବିଭିନ୍ନ ରାଜନୈତିକ ଦଳ ଆପଣାର ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ବିଭିନ୍ନ ପ୍ରଲୋଭନ ଦେଖାଇ ସେମାନଙ୍କର ଅଦ୍ୟମ ଇଚ୍ଛାଶକ୍ତି, ଦେଶ ପାଇଁ ପ୍ରତିବଦ୍ଧତା, ଭୟହୀନ ନାୟକତ୍ୱକୁ ନଷ୍ଟ କରିଦେଇଛନ୍ତି। ଆଜି ଯଦି ଭାରତ ସମସ୍ତ ରାଜନୈତିକ ବିଚାରର ଊର୍ଦ୍ଧ୍ୱକୁ ଯାଇ ଯଦି ଅନ୍ତତଃପକ୍ଷେ ଶହେ କୋଟିରୁ ଊର୍ଦ୍ଧ୍ୱ ଭାରତୀୟଙ୍କ ଭିତରୁ ଏକ କୋଟି ଯୁବଗୋଷ୍ଠୀ ଏକାଠି ହୋଇ ଦୁର୍ନୀତି ବିରୋଧରେ ଲଢ଼ନ୍ତେ ତାହାଲେ ଗାନ୍ଧିଜୀଙ୍କ ସ୍ୱପ୍ନର ଭାରତ ପୁଣି ଫେରି ଆସନ୍ତା।

କୁରୁକ୍ଷେତ୍ର ରଣାଙ୍ଗନରେ ବିଷାଦଗ୍ରସ୍ତ ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ ବୁଝାଇବାକୁ ଯାଇ କହିଥିଲେ, 'କ୍ଲୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ। କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ।।' ଏହି ଆଲୋଚନା ବେଳେ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କଥିତ ଆଧ୍ୟାତ୍ମିକ ପ୍ରସଙ୍ଗର-୨୨୩ ପୃଷ୍ଠାରେ ଉଲ୍ଲେଖିତ 'ଆଧ୍ୟାତ୍ମିକ ଉନ୍ନତି ହିଁ ମୁଖ୍ୟ କି ନୁହଁ' ଏହି ପ୍ରଶ୍ନର ଉତ୍ତରରେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ମାର୍ଗଦର୍ଶନ କରିଥିଲେ - 'କୌଣସି କିଛିକୁ ବାଦ ଦେଇ କୌଣସିଟିର ମହତ୍ୱ ନାହିଁ। ସମସ୍ତ କିଛିକୁ ଧରି ମଣିଷର ଜୀବନ, ଆଉ ତାହା ଅଖଣ୍ଡ। ଅସ୍ତିତ୍ୱର ଭୌତିକ ସ୍ଥିତିକୁ ବାଦ ଦେଇ ଯଦି ଆଧ୍ୟାତ୍ମିକ ବିକାଶର କଥା ଭାବି ବସୁ, ତାହା ହେଲେ ଆତ୍ମିକ ବିକାଶ ହେବ କାହାକୁ ନେଇ ଏବଂ କାହା ଉପରେ ଛିଡ଼ା ହେଇ? ପୁଣି ଆତ୍ମିକ ବିକାଶର ଦିଗଟାକୁ ବାଦ ଦେଇ ଯଦି କେବଳ ମାତ୍ର ଭୌତିକ ସ୍ଥିତି ଓ ସମୃଦ୍ଧିର କଥାକୁ ବଡ଼ କରି ଦେଖୁ, ତେବେ ତାହା ପ୍ରବୃତ୍ତିର ପ୍ରଭୁତ୍ୱ ଏତେ ପରିମାଣରେ ବଢ଼ିଯିବ ଯେ ତାହା ହିଁ ନିଜର ଓ ଅପରର ବିନାଶର କାରଣ ହୋଇ ଉଠିବ ସମତା ରହିବ ନାହିଁ।

## ଓଭରଲୋଡ଼ ଗାଡ଼ି ଲଗାମ ଛଡ଼ା

# ପିକ୍‌ନିକ୍ ଋତୁରେ ବେଗ ନିୟନ୍ତ୍ରକ ଯନ୍ତ୍ରର ଯାଞ୍ଚ ହେଉନି

### ପାଠକଙ୍କ ମତ

ଏବେ ଚାଲିଛି ପିକ୍‌ନିକ୍ ଋତୁ। ଇଆଡ଼େ ଶୀତଦିନିଆ ପ୍ରବଳ କୁହୁଡ଼ି। ସାମ୍ନା ଦୃଶ୍ୟ ଅସ୍ପଷ୍ଟ ରହୁଛି ମଧ୍ୟ। ଇଆଡ଼େ ନଭେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ବିଭିନ୍ନ ଦର୍ଶନୀୟ ସ୍ଥାନକୁ ଲୋକଙ୍କ ସୁଅ ଛୁଟିଥାଏ। ଯାତ୍ରୀ ପରିବହନ କ୍ଷେତ୍ରରେ ନିୟୋଜିତ ଥିବା ବାଣିଜ୍ୟିକ ଗାଡ଼ି ତଥା ବସ୍, କ୍ୟାଣ୍ଟର, ଟାଟା ମ୍ୟାଜିକ ଓ ଅନ୍ୟାନ୍ୟ ଛୋଟ ଗାଡ଼ିରେ ସ୍ପିଡ କଣ୍ଟ୍ରୋଲ ଡିଭାଇସ ବା ସ୍ପିଡ ଲିମିଟର ଲଗାଯାଇଛି ନା ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଯନ୍ତ୍ର ଲଗାଯିବା ଫଳରେ ଗାଡ଼ିର ବେଗ ଚାହିଁଲେ ବି ନିର୍ଦ୍ଧାରିତ ସୀମା ଟପିବ ନାହିଁ। ଏଣୁ ପରିବହନ ବିଭାଗ ପକ୍ଷରୁ ଦୁର୍ଘଟଣା ରୋକିବା ପାଇଁ ଏଭଳି ବ୍ୟବସ୍ଥା କିଛିବର୍ଷ ପୂର୍ବରୁ ଲାଗୁ ହୋଇଥିଲା। ବାସ୍ତବ କ୍ଷେତ୍ରରେ ଏବେ ବି ଗାଡ଼ିଗୁଡ଼ିକରେ ସ୍ପିଡ ଲିମିଟର ଡିଭାଇସ୍ ବେଗ ନିୟନ୍ତ୍ରକ ଯନ୍ତ୍ର ନାମକୁ ମାତ୍ର ଲାଗିଥିବା ଜଣାପଡ଼ିଛି। ପ୍ରତିଦିନ ବସ୍ ଓ ଅନ୍ୟ ଗାଡ଼ିଗୁଡ଼ିକ ପିକ୍‌ନିକ୍ ପାଇଁ ବହୁ ସଂଖ୍ୟାରେ ବୁକିଂ କରାଯାଉଛି। ପିକ୍‌ନିକ୍ ଯାଉଥିବା ଲୋକଙ୍କୁ ଶୀଘ୍ର ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବା ଓ ପୁଣି ଫେରାଇବା ପାଇଁ ଅଧିକ ବେଗ ଉପରେ ନିର୍ଭର କରିଥାନ୍ତି ଏହି ଗାଡ଼ି। ଏଣୁ ସ୍ପିଡ ଲିମିଟର ପାଇଁ ବେଗ ବଢୁ ନଥିବାରୁ ଅଧିକାଂଶ ଗାଡ଼ିରେ ଏହାର ସଂଯୋଗ ବିଚ୍ଛିନ୍ନ କରାଯାଉଥିବା ଅଭିଯୋଗ ହେଉଛି। ଗାଡ଼ିରେ ସ୍ପିଡଲିମିଟର ଡିଭାଇସ ସଂଯୋଗ ତଥା କାର୍ଯ୍ୟକ୍ଷମ ଥିଲେ ହିଁ ଫିଟନେସ ଦିଆଯିବାର ନିୟମ ରହିଛି। ବାସ୍ତବରେ ଏହାର ସଂଯୋଗ ରହିଛି ନା ବିଚ୍ଛିନ୍ନ କରାଯାଇ ଗାଡ଼ି ଚଳାଚଳ କରୁଛି ତାହାର ଯାଞ୍ଚ ସଠିକ ଢ଼ଙ୍ଗରେ ହେଉନାହିଁ।

ମୋଟର ଯାନ ଆଇନ ୧୯୯୩ର ରୁଲ୍ ୧୭୩ ଅନୁସାରେ ଗାଡ଼ି ଗୁଡ଼ିକର ସର୍ବାଧିକ ବେଗ ଧାର୍ଯ୍ୟ କରିଥିଲା ପରିବହନ ପ୍ରାଧିକରଣ। ସ୍ପିଡ ଗଭର୍ଣ୍ଣର ଲଗାଯିବା ପରେ ବି ଗାଡ଼ି ଗୁଡ଼ିକ କିପରି ଦ୍ରୁତଗତିରେ ଚଳାଚଳ କରୁଛି ତାହା ଯାଞ୍ଚ ସାପେକ୍ଷ। ସେହିଭଳି ପିକ୍‌ନିକ୍ ଯାଉଥିବା ଗାଡ଼ି ମଧ୍ୟ ଓଭରଲୋଡ଼ ହୋଇଯାଉଥିବା କାରଣରୁ ଅନେକ ସମୟରେ ଦୁର୍ଘଟଣା ଘଟୁଥିବାର ନଜିର ରହିଛି। ରାଜ୍ୟ କ୍ରାଇମବ୍ରାଞ୍ଚ ମଧ୍ୟ ଅତୀତରେ ଏହି ପ୍ରସଙ୍ଗରେ ରାଜ୍ୟ ପରିବହନ ବିଭାଗକୁ ଯାଞ୍ଚ କରିବା ପାଇଁ ପରାମର୍ଶ ଦେଇ ଆସିଛି।

ଏ ସମ୍ପର୍କରେ ପରିବହନ ବିଭାଗର ଅଧିକାରୀଙ୍କ କହିବାନୁସାରେ, ବିଭାଗ ପକ୍ଷରୁ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ଖୁବଶୀଘ୍ର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହେବ। ରାଜ୍ୟରେ ବର୍ଷକୁ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୬ ହଜାର ଛୁଇଁଲାଣି। ୨୦୨୦ରେ ଯେଉଁଠି ୪୭୩୮ ଜଣଙ୍କ ମୃତ୍ୟୁ ହୋଇଥିଲା ୨୦୨୧ରେ ୫୦୮୧, ୨୦୨୨ରେ ୫୪୬୭ ଏବଂ ୨୦୨୩ରେ ୫୬୯୬ ଥିଲା। ସେହିପରି ୨୦୨୪ରେ ପ୍ରଥମ ଆଠ ମାସରେ ଏହା ଚାରି ହଜାର ଛୁଇଁଥିଲା। ପରିବହନ ବିଭାଗ ପକ୍ଷରୁ ବସ୍ ଡ୍ରାଇଭରମାନଙ୍କୁ ମୋବାଇଲ ଫୋନ୍ ମନା ହୋଇଥିଲା। ଗାଡ଼ି ଚଳାଉଥିଲାବେଳେ ବସ୍ ଡ୍ରାଇଭରମାନଙ୍କର ଫୋନ୍ ସଂପୃକ୍ତ ବସ୍‌ର କଣ୍ଡକ୍ଟରମାନଙ୍କ ନିକଟରେ ରହିବ ବୋଲି ଗତ ୮ ବର୍ଷ ପୂର୍ବରୁ ନିର୍ଦ୍ଦେଶ ଥିଲା। ଟୋଲ ଫ୍ରି ନମ୍ବର ଲେଖାଯିବା ବାଧ୍ୟତାମୂଳକ ହୋଇଥିଲେ ମଧ୍ୟ ଅନେକ ଏହାକୁ ପାଳନ କରୁନଥିବା ଦେଖିବାକୁ ମିଳିଛି। ତେଣୁ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦିଅନ୍ତୁ ଓ ଲୋକମାନଙ୍କ ଜୀବନ ରକ୍ଷା ପାଇଁ ନିଜ ଗୁରୁଦାୟିତ୍ୱ ନିର୍ବାହ କରନ୍ତୁ।

*ଶାରଦା ପ୍ରସନ୍ନ ବେହେରା, ଭେଷଜ ତତ୍ତ୍ୱାବଧାରକ, କଟକ, ମୋ : ୭୬୫୭୦୭୧୯୬୭*

# ଲାଲା ଲାଜପତ ରାୟ



ଡ. ଅରୁନ୍ଧତୀ ଦେବୀ
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

'ଶେର-ଏ-ପଞ୍ଜାବ' ବା 'ପଞ୍ଜାବ କେଶରୀ' ଭାବେ ଖ୍ୟାତ ଲାଲା ଲାଜପତ ରାୟ ୧୮୬୫ ଆଜିର ଦିନରେ ପଞ୍ଜାବର ମୋଗା ଜିଲ୍ଲା ଅନ୍ତର୍ଗତ ଦୁଧିକେ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଭାରତୀୟ ସ୍ୱାଧୀନତା ସଂଗ୍ରାମ ସହ ସଂପୃକ୍ତ ପ୍ରମୁଖ ନେତାଙ୍କ ମଧ୍ୟରେ ସେ ଅନ୍ୟତମ। ଅହିଂସାତ୍ମକ ଆନ୍ଦୋଳନରେ ବିଶ୍ୱାସ ରଖିଥିବା ଲାଜପତ ରାୟ ହିନ୍ଦୁ ଧର୍ମ ମାଧ୍ୟମରେ ଅହିଂସା ମନ୍ତ୍ରରେ ଦୀକ୍ଷିତ ହୋଇଥିଲେ। ତାଙ୍କ ଦୃଷ୍ଟିରେ ହିନ୍ଦୁ ଧର୍ମ ହିଁ ଅହିଂସାର ପଥ ପ୍ରଦର୍ଶକ। ସେ ହିନ୍ଦୁତ୍ୱକୁ ଜାତୀୟତାର ଊର୍ଦ୍ଧ୍ୱରେ ଦେଖୁଥିଲେ। ହିନ୍ଦୁ ଜାତୀୟତାବାଦୀ 'ହିନ୍ଦୁ ମହାସଭା' ସହ ସେ ସଂପୃକ୍ତ ଥିଲେ। ଧର୍ମନିରପେକ୍ଷତାରେ ତାଙ୍କର ବିଶ୍ୱାସ ନଥିଲା। ସେ ଭାରତକୁ ଏକ ସ୍ୱାଧୀନ ହିନ୍ଦୁ ରାଷ୍ଟ୍ର ରୂପେ ଦେଖିବାକୁ ଚାହୁଁଥିଲେ। ଲାଜପତଙ୍କ ଜେଜେବାପା ଥିଲେ ଜୈନ। ତାଙ୍କ ପିତା ରାଧାକୃଷ୍ଣ ଉର୍ଦ୍ଦୁ ପଢ଼ାଉଥିଲେ ।

ଲାଜପତ ନିଜ ଜୀବନ କାଳରେ ପଞ୍ଜାବ ବିଭାଜନ ଚାହୁଁଥିଲେ। ମୁସଲମାନଙ୍କ ପାଇଁ ଭିନ୍ନ ଅଞ୍ଚଳର ବ୍ୟବସ୍ଥାକୁ ସେ ସମର୍ଥନ କରୁଥିଲେ। ସେ ବର୍ଣ୍ଣବୈଷମ୍ୟବାଦ ଓ ଜାତିପ୍ରଥାର ତୀବ୍ର ବିରୋଧୀ ଥିଲେ। ୩୦ ଅକ୍ଟୋବର ୧୯୨୮ରେ ସାଇମନ୍ କମିସନର ଲାହୋର ଗସ୍ତ କାଳରେ ଲାଜପତ ରାୟଙ୍କ ନେତୃତ୍ୱରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେ ଏକ ବିଶାଳ ଶୋଭାଯାତ୍ରାର ନେତୃତ୍ୱ ନେଉଥିବା ବେଳେ ବ୍ରିଟିଶ ପୁଲିସ୍ ହଠାତ୍ ଆକ୍ରମଣ କରିଥିଲା। ଜେମସ୍ ଏ ସ୍କଟ୍ ନାମକ ଆରକ୍ଷୀ ଅଧୀକ୍ଷକ ବ୍ୟକ୍ତିଗତ ଭାବେ ଲାଠି ଦ୍ୱାରା ଲାଜପତ ରାୟଙ୍କୁ ଆକ୍ରମଣ କରି ଗୁରୁତର ଭାବେ ଆହତ କରିଥିଲେ। ତାଙ୍କୁ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଥିବାବେଳେ ୧୭ ନଭେମ୍ବରରେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଥିଲା।



ବାରଙ୍ଗ(ଭାସ୍କର ନ୍ୟୁଜ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ୮ ବର୍ଷ ବୟସ୍କା ସିଂହୀ ରେଓ୍ୱା ଆଖି ବୁଜିଛି। ପ୍ରସବକାଳୀନ ଅସୁସ୍ଥତା ହେତୁ ତାର ମୃତ୍ୟୁ ହୋଇଥିବା କୁହାଯାଉଛି। ୭ ବର୍ଷ ବୟସରେ ରେଓ୍ୱାକୁ ୨୦୨୦ ଡିସେମ୍ବର ୨୦ ତାରିଖରେ ମଧ୍ୟପ୍ରଦେଶର ଇନ୍ଦୋରର କମଳା ନେହରୁ ପ୍ରାଣୀ ଉଦ୍ୟାନରୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଅଣାଯାଇଥିଲା। ଗତ ୨୫ ତାରିଖ ଶନିବାର ଦିନ ରେଓ୍ୱା ୩ୟ ଥର ପାଇଁ ମାତୃତ୍ୱ ଲାଭ କରିଥିଲା। ସିଂହୀ ରେଓ୍ୱା ତିନି ଛୁଆ ଜନ୍ମ ଦେଇଥିଲା । ପ୍ରଥମ ଛୁଆଟି ସକାଳ ୯ ଟା ୩୩ ମିନିଟରେ ଜନ୍ମ ହୋଇଥିବା ବେଳେ ତାର ମୃତ୍ୟୁ ଘଟିଥିଲା । ତେଣେ ଦ୍ୱିତୀୟ ଶାବକ ୩ଟା ୫୮ ମିନିଟରେ ଏବଂ ତୃତୀୟ ଶାବକ ୫ଟା ୫୬ ମିନିଟରେ ଜନ୍ମ ହୋଇଥିଲା । ଉଭୟ ଛୁଆଙ୍କୁ ରେଓ୍ୱା ଆପଣାଇଲା ନାହିଁ । ୨୬ ତାରିଖରେ ମାତୃତ୍ୱକୁ ନେଇ ସିଂହୀ ରେଓ୍ୱାର ଶରୀରରେ ଜଟିଳତା ଦେଖାଦେଇଥିଲା। ଏହାପରେ ସୋମବାର ସକାଳେ ତାର ପ୍ରାଣହାନି ଘଟିଛି। ତେବେ ଦୁଇ ଶାବକଙ୍କୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନର ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଉଭୟଙ୍କ ଚିକିତ୍ସା ଚାଲିଛି।



# ଓଡିଶା ଜୀବିକା ମିଶନ ପୋଟ୍ରେଲ ଗ୍ରାମ ପଞ୍ଚାୟତ ସିଆରପି ଓ ଏମ୍‌ବିକେ ବିରୁଦ୍ଧରେ ଦାବିପତ୍ର



କୋରୁକୋଣ୍ଡା(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ପୋଟ୍ରେଲ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଏମଭି-୫୩ ଗ୍ରାମରେ ମୋଟ ୧୩ଟି ମହିଳା ସ୍ୱୟଂ ସହାୟକ ଗ୍ରୁପ ମଧ୍ୟରୁ ୧୦ଗୋଟି ସ୍ୱୟଂସହାୟକ ଗ୍ରୁପର ମହିଳା ବୃନ୍ଦଙ୍କ ସମେତ ଗ୍ରାମବାସୀ କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ ପରିସରରେ ପହଞ୍ଚି ବିଡିଓଙ୍କୁ ସାକ୍ଷାତ କରି ଓଡିଶା ଜୀବିକା ମିସନ ସଂସ୍ଥାରେ କାର୍ଯ୍ୟରତ ଥିବା ପୋଟ୍ରେଲ ଗ୍ରାମ ପଞ୍ଚାୟତ ସିଆରପି ଓ ଏମବିକେଙ୍କ ବିରୁଦ୍ଧରେ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ସ୍ୱୟଂସହାୟକ ଗ୍ରୁପର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ଓଡିଶା ଜୀବିକା ମିସନ ସଂସ୍ଥା ଜରିଆରେ ବହୁ ଯୋଜନା ପ୍ରଣୟନ କରାଯିବା ସହ ଏଥି ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଏହି କ୍ରମେ ଏକ ସ୍ୱୟଂସହାୟକ ଗ୍ରୁପ ମାଧ୍ୟମରେ କୁଣ୍ଡରେ ମାଛ ବିହନ ବ୍ୟବସାୟ କରିବା ପାଇଁ ବାୟୋ ଫ୍ଲିକ ୟୁନିଟ ନାମକ ଯୋଜନା ପ୍ରଣୟନ କରାଯାଇଛି। କିନ୍ତୁ ଏମଭି -୩୫ ଗ୍ରାମରେ ଓଡିଶା ଜୀବିକା ମିସନ ପକ୍ଷରୁ ଗ୍ରାମରେ ଥିବା ସମସ୍ତ ସ୍ୱୟଂ ସହାୟକ ଗ୍ରୁପ କିମ୍ବା ପଞ୍ଚାୟତରେ ଥିବା ସ୍ୱୟଂ ସହାୟକ ଗ୍ରୁପଙ୍କ ସହ କୌଣସି ବୈଠକ ଓ ଆଲୋଚନା ନକରି ଓଡିଶା ଜୀବିକା ମିସନ ଅଧୀନରେ କାର୍ଯ୍ୟରତ ଥିବ ପୋଟ୍ରେଲ ପଞ୍ଚାୟତର ତଥା ଏମ୍‌ଭି-୩୫ ଗ୍ରାମର କମ୍ୟୁନିଟି ରିସର୍ସ ପରସନ ଶ୍ୟାମଳି ବାଲାଙ୍କୁ ୫ ଲକ୍ଷ ଟଙ୍କାର ବାୟୋ ଫ୍ଲିକ ୟୁନିଟକୁ ବେଆଇନ ଭାବେ ଯୋଗାଇ ଦିଆଯାଇଛି। ଏହି ଯୋଜନା ବାବଦରେ ମୋଟ ୫ଲକ୍ଷ ଟଙ୍କା ବେଆଇନ ଭାବେ ସିଆରପିଙ୍କ ବ୍ୟାଙ୍କ ଏକାଉଣ୍ଟରେ ଜମା କରାଯାଇଥିବା ଗ୍ରାମବାସୀ ଓ ସ୍ୱୟଂ ସହାୟକ ଗ୍ରୁପର ମହିଳା ମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ସମ୍ପର୍କରେ ଗ୍ରାମବାସୀ ଓ ସ୍ୱୟଂ ସହାୟକ ଗ୍ରୁପର ମହିଳା ଜାଣିବା ପରେ ପ୍ରକୃତ ଘଟଣା ଜାଣିବା ପାଇଁ ପ୍ରଥମେ ସିଆରପି ଓ ପୋଟ୍ରେଲ ପଞ୍ଚାୟତର ଗୋଷ୍ଠୀ ଦକ୍ଷ ନଥିପତ୍ର ଲେଖିକା ଜ୍ୟୋତି ବାଇନଙ୍କୁ ଡାକି ପଚାରିଥିଲେ। ସେମାନ କହିଥିଲେ ଯେ, ଏହି ପ୍ରୋଜେକ୍ଟ ସିଆରପି ବ୍ୟକ୍ତଗତ ଭାବେ କରିଛନ୍ତି ବୋଲି କହିଥିଲେ। ତେବେ ଗ୍ରାମବାସୀଙ୍କୁ ସନ୍ତୁଷ୍ଟ ଜନକ ଉତ୍ତର ସେମାନେ ଦେଇନପାରି ବରଂ ଗ୍ରାମବାସୀ ଓ ସ୍ୱୟଂ ସହାୟକ ଗ୍ରୁପର ମହିଳାଙ୍କ ସହ ତର୍କ ବିତର୍କ କରିଥିବା ଗ୍ରାମବାସୀ ଉକ୍ତ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ସିଆରପି ଏବଂ ଏମବିକେଙ୍କୁ ତୁରନ୍ତ ଅତ୍ୟତ୍ର ବଦଳି କରିବା ସହ ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଓ ଗ୍ରାମର ସମସ୍ତ ସ୍ୱୟଂ ସହାୟକ ଗ୍ରୁପର ମହିଳାମାନେ ଦାବି କରିଛନ୍ତି। ଏହି ଘଟଣାର ତଦନ୍ତ ଜରାଯିବ ଯଦି ଅଭିଯୋଗ ସତ ହୋଇଥିବ ତେବେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଡ଼ିଓ ଅମୁଲ୍ୟ ସାହୁ ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଇ କହିଥିଲେ।

# ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାରାଥନ କାର୍ଯ୍ୟକ୍ରମ



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦ୍ୱାରା ନିମାପଡା ନିର୍ବାଚନମଣ୍ଡଳୀରେ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଉପମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ବହୁ ସ୍ୱେଚ୍ଛାସେବୀ ସଂଗଠନର ଯୁବକମାନେ ରକ୍ତଦାନ କରିଥିବା ଜଣାପଡିଛି । ସୂଚନା ଅନୁଯାୟୀ ପୁରୀ ଜିଲ୍ଲା ନିମାପଡା ଟାଉନହଲ ଠାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଜନ୍ମଦିନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ବ୍ୟକ୍ତି ରକ୍ତଦାନ କରିଥିଲେ । ଏହି ଅବସରରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ଏକ୍ସରେ ମେସିନ୍‌ର ଉଦ୍‌ଘାଟନ ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା କରାଯାଇଛି । କାର୍ଯ୍ୟକ୍ରମରେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ପ୍ରଶାନ୍ତ କୁମାର ସାମନ୍ତରାୟ ସମେତ ବହୁ ଡାକ୍ତର ଯୋଗ ଦେଇଥିଲେ । ଆକାଉଟାଂଟ ମ୍ୟାନେଜର ଆଶୁତୋ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରେ ଶ୍ରୀମତୀ ପରିଡା ରୋଗୀ ୱାର୍ଡ ବୁଲିବା ସହ ରୋଗୀଙ୍କଠାରୁ ସ୍ୱାସ୍ଥ୍ୟଗତ ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ସାମାଜିକ କ୍ଷେତ୍ରରେ କାର୍ଯ୍ୟକରୁଥିବା କେତେକ ବ୍ୟକ୍ତିଙ୍କୁ ସମ୍ମାନିତ କରିଥିଲେ । ସୋମବାର ବଳଙ୍ଗା ମହାବିଦ୍ୟାଳୟ ୪୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜଗତ୍‌ସିଂହପୁର ସାଂସଦ ବିଭୂପ୍ରସାଦ ତରାଇ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଶିକ୍ଷା ବିଭାଗ ମୁଖ୍ୟ ପ୍ରଦୋଷ କୁମାର ପତି ପ୍ରମୁଖ ଯୋଗଦେଇଥିଲେ। ଶ୍ରୀମତୀ ପରିଡା ଛାତ୍ରଛାତ୍ରୀଙ୍କଠାରୁ ପାଠପଢା ସଂପର୍କରେ ପଚାରି ବୁଝିଥିଲେ। କଲେଜ ପରିସରରେ ଏକ କୋଟି ବାର ଲକ୍ଷ ଟଙ୍କା ଅନୁଦାନରେ ନିର୍ମିତ ନୂତନ ଶ୍ରେଣୀଗୃହକୁ ଉଦ୍‌ଘାଟନ କରିଥିବା ବେଳେ ୬୦ଲକ୍ଷ ଟଙ୍କା ବ୍ୟୟରେ ନୂତନ ଶ୍ରେଣୀ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଖେଳାର ନିକଟରେ ଥିବା ଏକ କଲେଜ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଯୋଗଦେଇଥିଲେ।

## କେନ୍ଦୁଝରରୁ ଅଯୋଧ୍ୟାକୁ ଗଡ଼ିଲା ସ୍ୱତନ୍ତ୍ର ବସ୍

କେନ୍ଦୁଝର(ଭାସ୍କର ନ୍ୟୁଜ): ମହାକୁମ୍ଭ ମେଳା ପରିପ୍ରେକ୍ଷୀରେ କେନ୍ଦୁଝରରୁ ଅଯୋଧ୍ୟାକୁ ସୋମବାର ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ବସସେବା। ରାଜ୍ୟ ସରକାର ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ମିଳିତ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ଏହି ବସ୍‌ରେ ପ୍ରଥମ ଦିନରେ ୫୦ଜଣ ଯାତ୍ରୀଙ୍କ ସହ ୨ଜଣ ଚାଳକ ଓ ପରିବହନ ବିଭାଗର ୨ଜଣ କର୍ମଚାରୀ ଗାଇଡ୍ ଭାବେ ଯାତ୍ରାରମ୍ଭ କରିଥିବା କେନ୍ଦୁଝର ଡିଟିଏମ୍ ଗୌରବ ଜେନା କହିଛନ୍ତି। ଏହି ବସ୍ କେନ୍ଦୁଝରରୁ ସକାଳ ୯ରୁ ଯାତ୍ରା ଆରମ୍ଭ କରି ବାରାଣସୀ, ପ୍ରୟାଗରାଜ ଦେଇ ଅଯୋଧ୍ୟାରେ ୨୪ଘଣ୍ଟାରେ ପହଞ୍ଚିବା ପରେ ପୁଣି ସକାଳ ୯ରୁ ଅଯୋଧ୍ୟାରୁ ବାହାରି ଆସନ୍ତା ୩୧



ତାରିଖ ସକାଳ ୯ଘଟିକାରେ କେନ୍ଦୁଝରରେ ପହଞ୍ଚିବ ବୋଲି ଗୌରବ ଜେନା କହିଛନ୍ତି। ପୁରୁଷ ଯାତ୍ରୀ ପ୍ରତି ୫୬୬୮ ଟଙ୍କା ଏବଂ ମହିଳା ଯାତ୍ରୀ ପ୍ରତି ୩୬୮୮ ଟଙ୍କା ଭଡ଼ା ମୂଲ୍ୟ ଦେବାକୁ ପଡୁଥିବା ବେଳେ ପରିବହନ ବିଭାଗ ପକ୍ଷରୁ ସମସ୍ତ ଯାତ୍ରୀଙ୍କ ପାଇଁ ସକାଳ ବେଳା ଜଳପାନ ସହ ମଧ୍ୟାହ୍ନଭୋଜନ ଓ ରାତ୍ରିଭୋଜନ ମଧ ମାଗଣାରେ ଯୋଗାଇ ଦିଆଯିବ ବୋଲି ଡିଟିଏମ୍ ଗୌରବ ଜେନା କହିଛନ୍ତି। ଏହି ସ୍ୱତନ୍ତ୍ର ବସ୍ ଆସନ୍ତା ଫେବୃୟାରୀ ୨, ୧୦, ୧୭ ଓ ୨୪ ତାରିଖରେ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବାକୁ ଥିବାବେଳେ ଅନ୍‌ଲାଇନ ମାଧ୍ୟମରେ ଯାତ୍ରୀ ସେମାନଙ୍କ ଟିକେଟ୍ ବୁକିଂ କରିବାକୁ କୁହାଯାଇଛି। ଏହି ଉପଲକ୍ଷେ ସରକାରୀ ବସ୍‌ଷ୍ଟାଣ୍ଡ ପରିସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଆଲୋକ କୁମାର ପ୍ରଧାନ ଏବଂ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଅତିଥି ଭାବେ ଯୋଗଦେଇ ପତାକା ଦେଖାଇ ବସ୍‌ସେବା ଶୁଭାରମ୍ଭ କରିବା ସହ ସମସ୍ତ ଯାତ୍ରୀଙ୍କ ମଙ୍ଗଳମୟ ଯାତ୍ରା କାମନା କରିଛନ୍ତି।

# ବାଙ୍କୀ ବିଜେପିର କର୍ମଶାଳା ଓ ମିଶ୍ରଣ ପର୍ବ ପାଳିତ



ବାରଙ୍ଗ(ଭାସ୍କର ନ୍ୟୁଜ): ତ୍ରିଶୂଳିଆସ୍ଥିତ ଏକ ଘରୋଇ ମଣ୍ଡପରେ ବାଙ୍କୀ ବିଜେପିର ନିର୍ବାଚନ ମଣ୍ଡଳୀ ସ୍ତରୀୟ କର୍ମଶାଳା, ମିଶ୍ରଣ ପର୍ବ ଓ ବନ୍ଧୁ ମିଳନ ଯୁବ ନେତା ତୁଷାର କାନ୍ତ ଚକ୍ରବର୍ତ୍ତୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଡବଲ ଇଂଜିନ ସରକାରଙ୍କ ଯୋଜନା ବୁଥ୍ ସ୍ତରରେ ଥିବା ଦଳର କର୍ମୀମାନେ ଲୋକଙ୍କ ନିକଟରେ ପହଞ୍ଚେଇବାକୁ ମୁଖ୍ୟ ଅତିଥି କଟକ ସାଂସଦ ଭର୍ତୃହରି ମହତାବ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ସମ୍ପାଦିକା ସୁକେଶୀ ଓରାମ, କସ୍ତୁରୀ ମିଶ୍ର, ନବନିର୍ବାଚିତ କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ ସଂଗଠନକୁ ଏକ ଏକ କରି ସୁଦୃଢ଼ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ପ୍ରତିନିଧି ଦୀପକ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ଭୂପତି ଭୂଷଣ ପାଣି, କୁହ୍ନେଇପଡ଼ା ପୂର୍ବତନ ସରପଞ୍ଚ ଅରୁଣ ସାହୁ, ସମିତି ସଭ୍ୟା ପ୍ରାତୀନା ଦାସ, ଦାଢାପାଟଣା ସମିତି ସଭ୍ୟା ବନାନୀ ସ୍ୱାଇଁ, ଶ୍ରୀବନ୍ତପୁର ସରପଞ୍ଚ ସଞ୍ଜୟ ପାଣି, ମଧୁପୁର ସମିତି ସଭ୍ୟ କିଶନ ଜେନା, ମୁଣ୍ଡଳୀ ସରପଞ୍ଚ କଣ୍ଢେଇ ସାହୁ ପ୍ରମୁଖ ଯୋଗଦେଇ ଥିବାବେଳେ ବେଲଗଛିଆ ପୂର୍ବତନ ସରପଞ୍ଚ ସନ୍ତୋଷ ପାଣି ସଭା ସଂଚାଳନ କରିଥିଲେ । ବାରଙ୍ଗ ମଣ୍ଡଳ ସଭାପତି ସୁନୀଲ ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ମିଶ୍ରଣ ପର୍ବରେ ବିଜୁ ଜନତା ଦଳର ବର୍ଷୀୟାନ ନେତା ତଥା ଅବୈତନିକ ବନ୍ୟଜନ୍ତୁ ସଂରକ୍ଷକ ସୁରେନ୍ଦ୍ର କୁମାର ତ୍ରିପାଠୀ, ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଆଇନଜୀବୀ ମାନସ ଧଳ, ତାଳବସ୍ତ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟା ଜ୍ୟୋତିର୍ମୟୀ ସାହୁ, ସଂଯୁକ୍ତା ବରାଡ଼, ବାଆଁରା ସରପଞ୍ଚ ରମିତା ସାହୁ, କଳାପଥର ସମିତି ସଭ୍ୟା ଝରଣା ରଣା, ଓସ୍ତିଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ସମବାୟବିତ୍ ଭରତ ବେହେରା, କୁହ୍ନେଇପଡା ପୂର୍ବତନ ସମିତି ସଭ୍ୟ ବାବୁଲି ସ୍ୱାଇଁ, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ସୁବ୍ରତା ମଣ୍ଡଳ, ବରିଷ୍ଠ ନେତା ପ୍ରମୋଦ ରାଉତ, ଭରତ ଭୂଷଣ ବେହେରା, ରାଜେନ୍ଦ୍ର ରାଉତ, ବୈଷ୍ଣବ ପାଣି, ଯୁବନେତା ପପିନ ମହାପାତ୍ର, ରାଜକିଶୋର ମହାନ୍ତି, ଆଲୋକ ସାହୁ, ବରେନ୍ଦ୍ର ସାହୁ, ଭଗବାନ ଜେନା, ରଂକନିଧି ଖଟୁଆ, ଚନ୍ଦ୍ର ଶେଖର ଜେନା, ଉମାକାନ୍ତ ମହାପାତ୍ର ପ୍ରମୁଖ ବିଜୁ ଜନତା ଦଳ ଛାଡି ବିଜେପିରେ ଯୋଗ ଦେଇଥିଲେ। ବ୍ରହ୍ମପୁରା ଜୋନ କଂଗ୍ରେସ ସଭାପତି, ପୂର୍ବତନ ସରପଞ୍ଚ ଓ ଜିଲ୍ଲା ପରିଷଦ ପ୍ରାର୍ଥୀ ରମେଶ ସେନାପତି କଂଗ୍ରେସ ଦଳ ଛାଡି ବିଜେପିରେ ମିଶିଥିଲେ । ସମସ୍ତଙ୍କୁ ଜିଲ୍ଲା ସଭାପତି ଓ ମଣ୍ଡଳ ସଭାପତି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ ।

## କାର୍ଲିଗାଁ ଡବଲ ମର୍ଡର ଘଟଣା: ମୁଖ୍ୟ ଅଭିଯୁକ୍ତ କୋର୍ଟଚାଲାଣ



ଧର୍ମଗଡ଼(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଅନ୍ତର୍ଗତ ଦଶପୁର ଫାଣ୍ଡି କାର୍ଲିଗାଁରେ ଜମିବାଡି ବିବାଦକୁ ନେଇ ବଡ଼ ବାପା ଓ ବଡ ମାଆଙ୍କୁ ନୃଶଂସ ପୁତୁରା ହତ୍ୟା କରିବା ଘଟଣାର ପର୍ଦ୍ଦାଫାସ କରିଛି ପୋଲିସ । ଦୀର୍ଘ ଦିନ ଧରି ମୃତକଙ୍କ ପରିବାର ଓ ଅଭିଯୁକ୍ତଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ଗଣ୍ଡଗୋଳ ଲାଗିରହିଥିଲା । ଏନେଇ ଉକ୍ତ ପରିବାର ଗତ ଶୁକ୍ରବାର ଦିନ ଦଶପୁର ଫାଣ୍ଡିର ଦ୍ୱାରସ୍ଥ ମଧ ହୋଇଥିଲେ । ଅନେକ ବୁଝାସୁଝା କରିବା ପରେ ମଧ ବିଫଳ ହୋଇଥିଲା । ଶେଷରେ ନୃଶଂସ ପୁତୁରା ପ୍ରତିଶୋଧ ପରାୟଣ ହୋଇ ନିଜ ବଡ଼ ବାପା ଓ ବଡ଼ ମା'ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲା । କାଳେ ବଞ୍ଚିଯିବେ ବୋଲି ଜାଣି ଏକ ପଥର ସାହାଯ୍ୟରେ ଛେଚି ନିର୍ମମ ଭାବେ ହତ୍ୟା କରିଥିଲା। ଯାହାରି ଫଳରେ ବୁଟୁ ବାଗ (୫୦), ସଜନେ ବାଗ(୪୫)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା । ଏନେଇ ଖବର ପାଇ ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିଲେ । ଶେଷରେ ହତ୍ୟା ଅଭିଯୁକ୍ତ ପୁତୁରା ବସନ୍ତ ବାଗକୁ ପୋଲିସ ଗିରଫ କରିବା ସହିତ ତା ଠାରୁ ହତ୍ୟାରେ ବ୍ୟବହୃତ ଏକ ଟାଙ୍ଗିଆ ଓ ପଥର ଜବତ କରି କୋର୍ଟ ଚାଲାଣ କରିଛି ଗୋଲାମୁଣ୍ଡା ପୋଲିସ । ଏନେଇ ଧର୍ମଗଡ଼ ଉପଖଣ୍ଡ ପୋଲିସ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏସଡିପିଓ ମନୋଜ କୁମାର ବେହେରା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଗୋଲାମୁଣ୍ଡା ଥାନାଧିକାରୀ ଶ୍ୱେତାପଦ୍ମ ସେଠ, ଦଶପୁର ଫାଣ୍ଡି ଅଧିକାରୀ ସୁଶାନ୍ତ ପଣ୍ଡା ଉପସ୍ଥିତ ଥିଲେ ।

## ମା' ମଙ୍ଗଳାଙ୍କ ସେବିକାଙ୍କ ପରଲୋକ

କାକଟପୁର(ଭାସ୍କର ନ୍ୟୁଜ): କାକଟପୁର ସେବକ ସାହିର ସ୍ୱର୍ଗତଃ ରାଜକିଶୋର ପଣ୍ଡାଙ୍କ ଧର୍ମପତ୍ନୀ ତଥା ମଙ୍ଗଳାଙ୍କ ସେବିକା ମୋହିନୀ ଦେବୀ (୮୩)ଙ୍କ ରବିବାର ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ଜୀବନର ଶେଷ ପର୍ଯ୍ୟନ୍ତ ମା'ଙ୍କର ସେବାରେ ନିଜ ଜୀବନ ଉତ୍ସର୍ଗ କରିବା ସହ, କର୍ମାଡ଼ପୁର, ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡ଼ିତ ରହି ଅନନ୍ୟ ଧର୍ମପରାୟଣା ମହିଳା ଭାବେ ବେଶ ପରିଚିତ ଥିଲେ । ତାଙ୍କ ମରଶରୀରକୁ ଏକ ବିରାଟ ଶୋଭାଯାତ୍ରା ସହ ଗ୍ରାମ ପରିକ୍ରମା କରାଯାଇ ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା । ଜ୍ୟେଷ୍ଠ ପୁତ୍ର ରଞ୍ଜନ ମୁଖାଗ୍ନି ଦେଇଥିବା ବେଳେ କନିଷ୍ଠ ପୁତ୍ର ସାମ୍ବାଦିକ ପ୍ରଦୀପ ପଣ୍ଡା, ଦୁଇ ଝିଅଜ୍ୱାଇଁ ଓ ସେବାୟତମାନେ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି ।

# ପଞ୍ଚଦିବସୀୟ ସାଙ୍କେତିକ ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




ନିମାପଡା(ଭାସ୍କର ନ୍ୟୁଜ): ଏହି ନିମାପଡା ପଞ୍ଚଦିବସୀୟ ସାଙ୍କେତିକ ଭାଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି । ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲଫେୟାର ଅର୍ଗାନାଇଜେସନ ଅଲ୍ଲି ଆଭରଜଙ୍ଗ ରାଷ୍ଟ୍ରିୟ ବାକ୍ ଓ ଶବଢ ଦିବ୍ୟାଙ୍ଗ ଜନସଂସ୍ଥା ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ସୋମବାର ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଶିବିରରେ ୭୦ ପ୍ରଶିକ୍ଷଣାର୍ଥୀ ଅଂଶଗ୍ରହଣ କରିଛନ୍ତି । ୨୭ର ୩୧ତାରିଖ ପର୍ଯ୍ୟନ୍ତ ତଳଅଁଆସ୍ଥିତ ସଂସ୍ଥାର ପ୍ରଶାସନିକ ଭବନରେ କାର୍ଯ୍ୟକ୍ରମ ଚାଲିବ । ପ୍ରତ୍ୟେକ ପରୀକ୍ଷାର୍ଥୀ ପ୍ରଶିକ୍ଷଣ ପ୍ରମାଣପତ୍ର ପ୍ରଦାନ କରାଯିବ । ବାକ୍ ଓ ଶ୍ରବଣ ଦିବ୍ୟାଙ୍ଗଜନଙ୍କ ବାର୍ତ୍ତାଳାପ ନିମନ୍ତେ ସାଙ୍କେତିକ ଭାଷାର ଆବଶ୍ୟକତା ରହିଛି । ଯାଦ୍ୱାରା ସେମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ । କାର୍ଯ୍ୟକ୍ରମକୁ ଡା, ଲାନୁ ୱିନ୍ ବୟ ଆଇମୋଲ ସହ ନିର୍ଦ୍ଦେଶକ ଅଜୟ ସିଂ ରାଓ୍ୱତ, ମାଷ୍ଟର ଟ୍ରେନର ଦେବସ୍ମିତା ପଟ୍ଟନାୟକ ଓ ସାଧାରଣୀ ମହାପାତ୍ର ଯୋଗ ଦେଇଥିଲେ । ସାଧାରଣ ସଂପାଦକ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୌସୁମୀ ରାୟସିଂହ, ପ୍ରଜ୍ଞାପରମିତା ପରିଡା ସଭା ପରିଚାଳନା କରିଥିଲେ।

## କାଶୀପୁରରେ ଯୁଗ୍ମ ଅଭିଯୋଗ ଶୁଣାଣି

ରାୟଗଡ(ଭାସ୍କର ନ୍ୟୁଜ): ରାୟଗଡା ଜିଲ୍ଲା ପ୍ରଶାସନ ତରଫରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟ କାଶୀପୁର ଠାରେ ଯୁଗ୍ମ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଆରୋକ୍ଷୀ ଅଧିକ୍ଷକ ସ୍ୱାତୀ ଏସ କୁମାର, ନିର୍ବାହୀ ଅଧିକାରୀ ତଥା ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ, ଅକ୍ଷୟ ଖେମୁଣ୍ଡୁ, ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼କ୍ଟର ଲାଲମୋହନ ରାଉତରାୟ, ପିଏ ପିଏଆଇଟିଡ଼ିଏ ଚନ୍ଦ୍ର କାନ୍ତ ନାୟକ, ସମିତି ଅଧ୍ୟକ୍ଷ, କଣ୍ଡମାଝି, ପ୍ରମୁଖ ଯୋଗଦାନ କରି ଶୁଣାଣି କରିଥିଲେ । ମୋଟ ୯୫ଟି ଅଭିଯୋଗ ମଧ୍ୟରୁ ୫୬ଟି ବ୍ୟକ୍ତିଗତ ଅଭିଯୋଗ ଥିଲା ବେଳେ ୩୯ଗୋଟି ଗ୍ରାମବାସୀଙ୍କର ସାମୂହିକ ଅଭିଯୋଗ ଥିଲା । ଜିଲ୍ଲାପାଳ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୩୫୦୦୦/-ଟଙ୍କା ପ୍ରଦାନ କରିଛନ୍ତି । ଜିଲ୍ଲାପାଳ ୭ଟି ଅଭିଯୋଗ ତତକ୍ଷଣତ ଫଇସଲା କରିଛନ୍ତି । ଏହି ଅଭିଯୋଗ ଶିବିରରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବିଷ୍ଣୁ ପ୍ରସାଦ କର, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଦୟାନିଧି ରାଉତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲାସାମାଜ କଲ୍ୟାଣ ଅଧିକାରୀ ମିନତୀ ଦେଓ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ଶେଖ ଆଲେନୁର, ଜିଲ୍ଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ ସମେତ କାଶୀପୁର ବିଡ଼ିଓ ତନ୍ମୟ ପାତ୍ର, ତହସିଲଦାର ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗର ଶୁଣାଣୀ କରିଥିଲେ । ଜିଲ୍ଲାପାଳ ଅଭିଯୋଗ ପାଇଲା ପରେ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

## ନିମାପଡା ପ୍ରେସ୍ କ୍ଲବ୍ ଜାଗାର ପୁନଃରୁଦ୍ଧାର ନିଷ୍ପତ୍ତି



ନିମାପଡା(ଭାସ୍କର ନ୍ୟୁଜ): ନିମାପଡା ପ୍ରେସ୍‌କ୍ଲବ ପକ୍ଷରୁ ବୈଠକ ସ୍ଥାନୀୟ ଶହୀଦ ଭବନରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରଂଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ସାମ୍ବାଦିକ ପ୍ରେସ୍‌କ୍ଲବ ଉନ୍ନତି ସଂପର୍କରେ ଆଲୋଚନା କରିଥିଲେ। କ୍ଲବ ନାମରେ ଥିବା ୫ ଡିସିମିଲି ଜାଗା ମାମଲା ଚକବନ୍ଦୀରେ ବିଚାରାଧିନ ଥିବାରୁ ତୁରନ୍ତ କିପରି ଫଇସଲା ହୋଇପାରିବେ ସେ ସଂପର୍କରେ ଆଲୋଚନା କରାଯାଇଥିଲା ବେଳେ ନୂତନ ସଭ୍ୟ ଚୟନ କରାଯାଇଛି। ସଭ୍ୟମାନେ ହେଲେ ଅକ୍ଷୟ କୁମାର ନାୟକ, ରଂଜନ କୁମାର ଦାସ, ସୁକାନ୍ତ କର, ସୁଦର୍ଶନ ବେହେରା ବିଧିବଦ୍ଧ ଭାବେ ଏମାନଙ୍କ ନାମ ଘୋଷଣା କରାଯାଇଛି। ୨୭ ତାରିଖ ଚକବନ୍ଦୀରେ ପ୍ରେସ୍ କ୍ଲବ ଜାଗା ସମ୍ବନ୍ଧିତ କେସ୍‌ର ତାରିଖ ଥିବାବେଳେ କେତେକ କର୍ମକର୍ତ୍ତା ଓକିଲଙ୍କ ମାଧ୍ୟମରେ ଚକବନ୍ଦୀ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରବର୍ତ୍ତି ତାରିଖ ମାର୍ଚ୍ଚ ୩କୁ ଯାଇଥିବା ବେଳେ ପ୍ରେସ୍ କ୍ଲବ ଜାଗା ଉପରେ ଯେପରି କୌଣସି ବ୍ୟକ୍ତି ଜାଗା ଅବରୋଧ କରିନପାରେ ସେ ସଂପର୍କରେ କର୍ମକର୍ତ୍ତା ଆଲୋଚନା କରିଛନ୍ତି। କୌଣସି ବ୍ୟକ୍ତି ଅବରୋଧ କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସାମ୍ବାଦିକ କହିଛନ୍ତି। ସାମ୍ବାଦିକ ଚିତ୍ତରଂଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ରମାକାନ୍ତ ବେହେରା, ଶରତ ଚନ୍ଦ୍ର ସେନାପତି, ପ୍ରଦ୍ୟୁମ୍ନ ବେହେରା, ଅଶୋକ କୁମାର ବେହେରା, ନିବେଦିତା ମିଶ୍ର, ପ୍ରତାପ କୁମାର ପଣ୍ଡା, ଅକ୍ଷୟ ବେହେରା, ନଳିନୀକାନ୍ତ ପରିଡା ପ୍ରମୁଖ ସାମ୍ବାଦିକମାନେ ବୈଠକରେ ଯୋଗ ଦେଇଥିଲେ।

## ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ

ଧର୍ମଗଡ଼(ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧିନସ୍ଥ ଚିଚିଆ ଗ୍ରାମରେ ଜଣେ ଯୁବକ ବେକରେ ରଶି ଲଗେଇ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି । ମୃତ ଯୁବକ ଜଣକ ହେଲେ ଚିଚିଆ ଗ୍ରାମର ନନ୍ଦ ଅଘରିଆଙ୍କ ପୁଅ ବିନୋଦ ଅଘରିଆ (୧୬)। ପ୍ରକାଶ ଥାଉ କି ବିନୋଦ ନିଜ ପରିବାର ବର୍ଗଙ୍କ ସହିତ ଝଗଡା ସହ ମାରପିଟ୍ ହୋଇଥିଲା । ଘରେ କେହି ନଥିବା ଦେଖିବେକରେ ରଷି ଲଗେଇ ଆତ୍ମହତ୍ୟା କରିଛନ୍ତି । ପରିବାର ଲୋକେ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଦଶପୁର ଫାଣ୍ଡି ପୋଲିସ ଧର୍ମଗଡ ହସ୍ପିଟାଲକୁ ପହଞ୍ଚି ଶବ ଜବତ କରିବା ସହ ଗୋଲାମୁଣ୍ଡା ଥାନା କେଶ ନମ୍ବର ୧/୨୫ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରିଥିବା ବେଳେ ତଦନ୍ତ ଜାରି ରହିଛି ।

# ଘରୋଇ କମ୍ପାନୀର ମନମାନୀ



ଖଇରାପୁଟ(ଭାସ୍କର ନ୍ୟୁଜ): ୨୦୦୫ ମସିହାରୁ ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକରେ ଜଳବିଦ୍ୟୁତ କେନ୍ଦ୍ର ସ୍ଥାପନ କରି ସ୍ଥାନିୟ ଲୋକଙ୍କୁ ରୋଜଗାର ଓ ଅଞ୍ଚଳରେ ବିଦ୍ୟୁତ ଯୋଗାଣର ସ୍ୱପ୍ନ ସହିତ ଆରମ୍ଭ ହୋଇଥିଲା ଅବନ୍ତିକା ପାୱାର ପ୍ରକଳ୍ପ । ୨୦୦୮ ଫେବୃଆରୀ ୨୨ରେ ନକ୍ସଲବାଦ ଯୋଗୁଁ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହେବାପରେ ଶେଷରେ ପ୍ରାୟ ୨୦୨୧ରେ ବିଦ୍ୟୁତ ଉତ୍ପାଦନ କରିବାରେ ସକ୍ଷମ ହୋଇଥିଲା । ବର୍ଷକୁ ପ୍ରାୟ ୪୦୦୦୦ ମେଗାୱାଟରୁ ଅଧିକ ବିଦ୍ୟୁତ ଉତ୍ପାଦନ କରୁଥିବା କମ୍ପାନୀ କର୍ତ୍ତୃପକ୍ଷ ନିଜ ସାମାଜିକ ଦାୟିତ୍ୱ ତୁଲେଇବାରେ ଟାଳଟୁଳ କରୁଥିବା ଅଭିଯୋଗ ହେଉଛି । ୧୮ ମେଗାୱାଟ କ୍ଷମତୀ ଯୁକ୍ତ ଏ ବିଦ୍ୟୁତ କେନ୍ଦ୍ରରେ ମୋଟ ୩୮ ସ୍ଥାୟୀ କର୍ମଚାରୀ ଅଛନ୍ତି । ତେବେ ସେଥିରେ ମାତ୍ର ୪ ଜଣ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଛାଡିଦେଲେ ଆଉ କୌଣସି ଓଡିଆ କର୍ମଚାରୀଙ୍କୁ ଏଠି ନିଯୁକ୍ତି ମିଳି ନାହିଁ । ପୂର୍ବ ସରକାରଙ୍କ ଦୁର୍ବଳ ଦୃଷ୍ଟି ହେଉ କି ଅଣଦେଖା କାରଣରୁ କୌଣସି ସ୍ଥାନିୟଙ୍କୁ ଏ କମ୍ପାନୀ ଧ୍ୟାନ ଦେଉନଥିଲା । ତେବେ ୨୦୨୪ରେ ରାଜ୍ୟରେ ସରକାର ବଦଳିବା ପରେ ସ୍ଥାନିୟ ଲୋକଙ୍କ ମଧ୍ୟରେ ଏଠାରେ ନିଯୁକ୍ତି ଓ ରୋଜଗାର ପାଇଁ ଏକ ନୂଆ ଆଶା ସଞ୍ଚାର ହୋଇଥିଲା । ତେବେ ନୂଆ ସରକାରଙ୍କ ୮ ମାସରୁ ଅଧିକ ଓ ଶକ୍ତି ତଥା ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ଜିଲ୍ଲା ଗସ୍ତ ପରେ ବି ଲୋକଙ୍କ ଆଶା କେବଳ ଆଶାରେ ହିଁ ରହିଯାଇଛି । ଦେଖିବା କଥା ହେଉଛି ଆନ୍ଧ୍ରପ୍ରଦେଶର ଏଭଳି ଜିଲ୍ଲାରେ ଅନେକ କମ୍ପାନୀ ବାର୍ଷିକ ଶହ ଶହ କୋଟି ଟଙ୍କାର କାରବାର କରୁଥିବା ବେଳେ ସ୍ଥାନିୟ ଲୋକଙ୍କ ରୋଜଗାର ନେଇ ସରକାର କିମ୍ବା ଏସବୁ କମ୍ପାନୀ କେବେ ବିଶେଷ ଚିନ୍ତା କରୁନଥିବାରୁ ଲୋକେ ଧାନଚାଷ ପରେ ଦାଦନ ଖଟିବାକୁ ସେଇ ଆନ୍ଧ୍ରପ୍ରଦେଶ ଯିବାକୁ ବାଧ ହେଉଛନ୍ତି । ଦେଖିବାକୁ ରହିଲା ରାଜ୍ୟ ସରକାର ଓ ଅବନ୍ତିକା ଭଳି କମ୍ପାନୀମାନେ କେବେ ଏସବୁ ସ୍ଥାନିୟ ସମସ୍ୟା ଓ ଦାବିଗୁଡ଼ିକ ଉପରେ ଧ୍ୟାନ ଦେଉଛନ୍ତି ।

# ଆଇଓସିଏଲ୍ ପାରାଦୀପ ରିଫାଇନେରୀରେ ସାଧାରଣତନ୍ତ୍ର ଦିବସ ପାଳିତ



ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ରିଫାଇନେରୀ ପକ୍ଷରୁ ଦେଶର ୭୬ ତମ ସାଧାରଣତନ୍ତ୍ର ଦିବସ ଦେଶପ୍ରେମ ପରିବେଶ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ପାରାଦୀପ ରିଫାଇନରୀର କାର୍ଯ୍ୟକାରୀ ନିର୍ଦ୍ଦେଶକ ଏବଂ ରିଫାଇନରୀ ପ୍ରମୁଖ କୌଶିକ ବସୁ, ପାରାଦୀପ ରିଫାଇନରୀ ଟାଉନସିପ୍‌ର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଷ୍ଟାଡିୟମରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ଏବଂ ସମସ୍ତ ପାରାଦୀପ ରିଫାଇନରୀ ପରିବାର ମିଳିତ ଭାବରେ ଜାତୀୟ ସଂଗୀତ ଗାନ କରିଥିଲେ । ସମାବେଶକୁ ସମ୍ବୋଧିତ କରି କୌଶିକ ବସୁ, ସମ୍ବିଧାନ ପ୍ରଣୟନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାନ ନେତା ଏବଂ ସ୍ୱାଧୀନତା ସଂଗ୍ରାମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ନିଜ ଅଭିଭାଷଣରେ ଶ୍ରୀ ବସୁ ପାରାଦୀପ ରିଫାଇନରୀ ଏହି ଅଞ୍ଚଳର ଅନ୍ତର୍ଭୁକ୍ତ ଅଭିବୃଦ୍ଧି ଉପରେ ସମ୍ପୂର୍ଣ୍ଣ ଧ୍ୟାନ ଦେବା ଏବଂ ନୂତନ ପ୍ରକଳ୍ପଗୁଡିକ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧି କାହାଣୀରେ ଏକ ନୂଆ ପଥ ଆଙ୍କିବ ବୋଲି ଉଲ୍ଲେଖ କରିଥିଲେ । ଏହି ଅବସରରେ ଶ୍ରୀ ବସୁ ନିକଟବର୍ତ୍ତୀ ଅଞ୍ଚଳରେ ବ୍ୟବହାର ପାଇଁ ୧୦ଟି ଇ-ରିକ୍ସା ପ୍ରଦାନ କରିଥିଲେ ଯାହା ପାରାଦୀପରେ ପ୍ରଦୂଷଣକୁ ହ୍ରାସ କରିବା ସହିତ ବେରୋଜଗାର ସ୍ଥାନୀୟ ଯୁବକମାନଙ୍କୁ ବିକଳ୍ପ ନିଯୁକ୍ତି ସୁଯୋଗ ପ୍ରଦାନ କରିବ । ଡିପିଏସ୍ ପାରାଦୀପର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରଦର୍ଶନ ସହିତ ସାଧାରଣତନ୍ତ୍ର ଦିବସର କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା । ସାଧାରଣତନ୍ତ୍ର ଦିବସ ଅବସରରେ ପାରାଦୀପ ରିଫାଇନେରୀ ନିକଟସ୍ଥ ଅନାଥାଶ୍ରମ ଏବଂ ବୃଦ୍ଧାଶ୍ରମକୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଣ୍ଟନ କରି ସେଠାକାର ଲୋକଙ୍କ ମନରେ ଆନନ୍ଦ ଏବଂ ଉତ୍ସାହ ଭରିଦେଇଥିବା ଦେଖିବାକୁ ମିଳିଥିଲା ।

## ପିଲର ଛାତ ପଡ଼ିବା ନେଇ ବିରୋଧ

କଣ୍ଟାପଡା(ଭାସ୍କର ନ୍ୟୁଜ): କଣ୍ଟାପଡା ବ୍ଲକ ଅଧୀନ ଅଡଶପୁର ପଞ୍ଚାୟତ ବବଜା ଗ୍ରାମରେ ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ ୨୦୨୨-୨୩ ମସିହାରେ ଗୋବର୍ଦ୍ଧନ ବଳି ଗୋଠ ଘର ନିର୍ମାଣ ପାଇଁ ପାଣ୍ଠିରେ ଏକ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇ ପିଲର ଉଠା ଯାଇଥିଲା। ଏହି କାମ ଅଧା ଥିବାବେଳେ ବର୍ତ୍ତମାନର ବିଧାୟକ ଏହି କାମକୁ ପୂର୍ଣ୍ଣାଙ୍ଗ କରିବା ନିମନ୍ତେ ୪ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏବେ ଉକ୍ତ ଘରର ଛାତ ପଡୁଥିବାରୁ କେତେକ ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ ବିରୋଧ କରୁଛନ୍ତି। ଏ ନେଇ କଣ୍ଟାପଡା ସହକାରୀ ଯନ୍ତ୍ରୀ ଧନଞ୍ଜୟ ସାମଲଙ୍କୁ ପଚାରିବାରୁ ପୂର୍ବତନ ବିଧାୟକଙ୍କ ସମୟରେ ପିଲର ପଡିଥିଲା, ବର୍ତ୍ତମାନ ବିଧାୟକଙ୍କ ସମୟରେ ସେହି ଅଧା କାମକୁ ପୂର୍ଣ୍ଣ କରାଯାଉଛି। ଏଥିରେ ଅନିୟମିତତା ନାହିଁ। ଆମେ ଉପସ୍ଥିତ ରହି କାମ ତଦାରଖ କରୁଛୁ। ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ଏନେଇ ସ୍ଥାନୀୟ ଅଞ୍ଚଳରେ ବେଶ ଚର୍ଚ୍ଚା ଧରିଛି ।

## ଏଚ୍‌ସିଜି ପଣ୍ଡା କ୍ୟାନ୍ସର ହସ୍ପିଟାଲରେ ଗଣତନ୍ତ୍ର ଦିବସ ପାଳିତ




ଫୁଲନଖରା(ଭାସ୍କର ନ୍ୟୁଜ): ଏଚ୍‌ସିଜିପଣ୍ଡା କ୍ୟାନ୍ସର ହସ୍ପିଟାଲ ପକ୍ଷରୁ ୭୬ତମ ଗଣତନ୍ତ୍ର ଦିବସ ହସ୍ପିଟାଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲୁମନିସ୍ଥିସ ଇଣ୍ଡାରେର ସଭାନେତ୍ରୀ ତଥା ସହ ପ୍ରତିଷ୍ଠାତା ଜୟଶ୍ରୀ ମହାନ୍ତି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଡାକ୍ତର ରଣଜିତ୍ କ୍ରଉ ହସ୍ପିଟାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡାକ୍ତର ସ୍ମିତା ପାଢୀ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ ସହ ବୀରପୁରୁଷଙ୍କ ଦେଶ ମାତୃକା ପାଇଁ ସହିଦ ହୋଇ ଭାରତବର୍ଷର ନୂତନ ସମ୍ବିଧାନର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିପାରିଛନ୍ତି ବୋଲି ସେମାନଙ୍କୁ କୋଟି କୋଟି ପ୍ରଣାମ କରିଥିଲେ । ଏହି ଉପଲକ୍ଷେ ତମାଖୁ ସେବନ ଦ୍ୱାରା କିଭଳି ଜଣେ ବ୍ୟକ୍ତିର ଜୀବନ ନଷ୍ଟ ହୋଇଯାଉଛି ସେ ସଂକ୍ରାନ୍ତରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ବୁଝାଇଥିଲେ। ସଚେତନ ହୋଇ ତମାଖୁ, ଗୁଟଖା ଆଦି ପରିତ୍ୟାଗ କଲେ କ୍ୟାନ୍ସର ଭଳି ମାରାତ୍ମକ ରୋଗ ଶରୀରକୁ ଛୁଇଁ ପାରିବନି ବୋଲି କହିଥିଲେ। ତେଣୁ ଏଭଳି ଏକ ପବିତ୍ର ଦିବସରେ ତମାଖୁ ସେବନ୍ ପରିତ୍ୟାଗ କରିବାକୁ ଶପଥ ନେଇ ସ୍ୱାଧୀନ ଭାରତ ପାଇଁ ଆତ୍ମବଳି ଦେଇଥିବା ମହାପୁରୁଷଙ୍କ ପ୍ରତି ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି । ହସ୍ପିଟାଲର ସମସ୍ତ କର୍ମଚାରୀ ଏଥିରେ ଭାଗ ନେଇ ସମ୍ବିଧାନକୁ ସମ୍ମାନ ଜଣାଇଥିଲେ ।

## ସୁବର୍ଣ୍ଣପୁରରେ ଜିଲ୍ଲାସ୍ତରୀୟ ସାଧରଣତନ୍ତ୍ର ଦିବସ ପାଳିତ



ସୁବର୍ଣ୍ଣପୁର: (ଭାସ୍କର ନ୍ୟୁଜ): ୭୬ତମ ସୁବର୍ଣ୍ଣପୁର ଜିଲାସ୍ତରୀୟ ସାଧାରଣ ତନ୍ତ୍ର ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ରବି ନାରାୟଣ ନାଏକ, ମନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଓଡିଶାଙ୍କ ଦ୍ୱାରା ଅନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ, ମିଳିତ ପ୍ୟାରେଡର ଅଭିବାଦନ ଗ୍ରହଣ, ସମବେତ ଜନତା ତଥା ଜିଲ୍ଲାବାସୀଙ୍କ ଉଦ୍ଦେଶ୍ୟରେ ଉଦବୋଧନ, ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଜ୍ଞାପନ ମେଢ ପ୍ରଦର୍ଶନ, ଜିଲ୍ଲାରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ତଥା ଉତ୍ତମ ପ୍ରଦର୍ଶନ ନିମନ୍ତେ ବ୍ୟକ୍ତି/ଅନୁଷ୍ଠାନ/କର୍ମଚାରୀଙ୍କୁ, ପ୍ୟାରେଡର କୃତି ଦଳଙ୍କୁ ପୁରସ୍କାର ପ୍ରଦାନ, ଜିଲ୍ଲା ଶିଶୁଗୃହ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଉପ କାରାଗାରରେ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି । ସୋନପୁର ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମ ପଞ୍ଚାୟତ ବାବୁପାଲି ଓ ମଧୁପୁରରେ ୨ ଗୋଟି ଭିଏସ୍‌ଏସ କୋଠାର ଉଦ୍‌ଘାଟନ ସହ ଜିଲ୍ଲାର ୬ଟି ବ୍ଲକ୍‌ର ୯୩ ଗୋଟି ନୂତନ ଅମୃତ ସରୋବରର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି ।

### ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାକୁ ମିଳିବ ପ୍ରୋତ୍ସାହନ

# ଏଣିକି ମେଡିକାଲ କଲେଜ ଓ ଚିକିତ୍ସାଳୟକୁ ମିଳିବ ନିରବଚ୍ଛିନ୍ନ ବିଜୁଳି

ବାଲେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍‌ଯୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ(ଟିପିଏନଓଡିଏଲ) ବିଦ୍ୟୁତ ବିତରଣର ଦାୟିତ୍ୱ ନେଇ ମାତ୍ର କେଇ ବର୍ଷ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାର ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ସାଙ୍ଗକୁ ଉତ୍ତମ ସେବା ଓ ନିରାପତ୍ତା ପ୍ରଦାନ କ୍ଷେତ୍ରରେ ଆଶାତୀତ ସଂସ୍କାର ଆଣିଛି । ସମ୍ପୃକ୍ତ ଜିଲ୍ଲାଗୁଡିକର ଚିକିତ୍ସାଳୟ, ମେଡିକାଲ କଲେଜ, ପାନୀୟ ଜଳ ଯୋଗାଣ କେନ୍ଦ୍ର, ସରକାରୀ ଅଫିସ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରଗୁଡିକୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ସୁନିଶ୍ଚିତ କରିବାକୁ ଅନେକ ଉଲ୍ଲେଖନୀୟ ପଦକ୍ଷେପ ଗ୍ରହଣ କରିଛି। ଏଣିକି ମେଡିକାଲ କଲେଜ ଓ ଚିକିତ୍ସାଳୟଗୁଡିକୁ ମିଳିବ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଜୁଳି ସେବା। ଝଡ଼, ବାତ୍ୟା ଭଳି ପ୍ରତିକୂଳ ସ୍ଥିତିରେ ବି ଅଗ୍ରାଧିକାର ଭିତ୍ତିରେ ବିଜୁଳି ସେବା ଯୋଗାଣ ପାଇଁ ବ୍ୟବସ୍ଥା ପ୍ରସ୍ତୁତ ହେଉଛି। ଏହି କ୍ରମରେ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ପିଏମଆର ମେଡିକାଲ କଲେଜକୁ ଏଣିକି ଗୁଣାତ୍ମକ ବିଜୁଳି ସେବା ମିଳିବ। ମିଳିଥିବା ସୂଚନା ମୁତାବକ ବିଦ୍ୟୁତ୍ ଯୋଗାଣ ପାଇଁ ପିଆରଏମ ହସପିଟାଲ୍ ଓ ମେଡିକାଲ୍ କଲେଜ ପୂର୍ବରୁ ଏକ ୩୩ କେଭି ଓଭରହେଡ୍ ଲାଇନ ଉପରେ ନିର୍ଭର କରୁଥିଲା। ପ୍ରବଳ ବର୍ଷା ପବନ କିମ୍ବା ବାତ୍ୟା ଭଳି ସ୍ଥିତିରେ ପ୍ରତିକୂଳ ପରିସ୍ଥିତି ଯୋଗୁଁ ଓଭରହେଡ୍ ଲାଇନ୍ କାରଣରୁ କଲେଜକୁ ବିଦ୍ୟୁତ୍ ସେବା ବ୍ୟାହତ ହେଉଥିଲା। ସମ୍ପୃକ୍ତ ମେଡିକାଲକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ ସେବା ଯୋଗାଇବା ପାଇଁ ପିଏମଆର ମେଡିକାଲ୍ କଲେଜ ସବଷ୍ଟେସନରେ ଏକ ରିଙ୍ଗ୍ ମେନ୍ ୟୁନିଟ୍ (ଆରଏମୟୁ) ସ୍ଥାପନ ସହିତ ଏକ ଉତ୍ସର୍ଗୀକୃତ ୩୩ କେଭି ଭୂତଳ(ୟୁଜି) କେବୁଲ୍ ସଂଯୋଗ କରାଯାଇଛି । ଟିପିଏନଓଡ଼ିଏଲ ପକ୍ଷରୁ ଏନେଇ ସମସ୍ତ ପ୍ରତିଷେଧକମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଖାଲି ବାରିପଦାର ପିଆରଏମ ମେଡିକାଲ କଲେଜ ନୁହଁ, ବାଲେଶ୍ୱରର ଫକୀରମୋହନ ମେଡିକାଲ କଲେଜ ଓ ଚିକିତ୍ସାଳୟକୁ ମଧ୍ୟ ଗୁଣାତ୍ମକ ବିଜୁଳି ସେବା ସମାନ ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ଏହା ସହ ଯାଜପୁର ମେଡିକାଲ କଲେଜ ଓ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ବିଦ୍ୟୁତ ସଂଯୋଗ ପାଇଁ ସ୍ୱତନ୍ତ୍ର ଲାଇନ ପ୍ରସ୍ତୁତ କରାଯାଇଛି। ଯାଜପୁର ପାଇଁ ସାଢେ ପାଞ୍ଚ କିଲୋମିଟର ସ୍ୱତନ୍ତ୍ର କେବୁଲ ଲାଇନ ବିଛା ଯାଇଥିବା ବେଳେ ବାଲେଶ୍ୱର ପାଇଁ ଦେଢ କିମି, ବାରିପଦା ଓ ଭଦ୍ରକ ଚିକିତ୍ସାଳୟ ପାଇଁ ପ୍ରାୟ ୫୦୦ମିଟର ଲେଖାଏଁ ସ୍ୱତନ୍ତ୍ର କେବୁଲ ସଂଯୋଗ ହୋଇଛି। ସେହିପରି କେନ୍ଦୁଝର ମେଡିକାଲ କଲେଜ ଓ ଚିକିତ୍ସାଳୟକୁ ସମାନ ଢାଞ୍ଚାରେ ବିଦ୍ୟୁତ ଯୋଗାଇବାକୁ ପ୍ରକ୍ରିୟା ଆରମ୍ଭ କରାଯାଇଥିବା ଟିପିଏନଓଡ଼ିଏଲ ପକ୍ଷରୁ ସୂଚନା ମିଳିଛି। ଫଳ ସ୍ୱରୂପ ଝଡ଼, ବାତ୍ୟା ଭଳି ପ୍ରତିକୂଳ ସ୍ଥିତିରେ ବି ଅଗ୍ରାଧିକାର ଭିତ୍ତିରେ ଚିକିତ୍ସାଳୟଗୁଡ଼ିକୁ ବିଜୁଳି ସେବା ଯୋଗାଣ ସୁନିଶ୍ଚିତ କରାଯାଇ ପାରିବ ଏବଂ ରୋଗୀ ସେବା ବ୍ୟାହତ ହେବ ନାହିଁ। ତେବେ ଟିପିଏନଓଡ଼ିଏଲର ଦାୟିତ୍ୱସମ୍ପନ୍ନ ଅଧିକାରୀ ଓ କର୍ତ୍ତବ୍ୟରତ କର୍ମଚାରୀଙ୍କ ନିଷ୍ଠାପରତା ଯୋଗୁ ସମ୍ପ୍ରତି ୫ ଜିଲାରେ ବିଦ୍ୟୁତ ଉପଭୋକ୍ତା ଆଶ୍ୱସ୍ତି ଅନୁଭବ କରୁଛନ୍ତି ଏଥିରେ ଦ୍ୱିମତ ନାହିଁ।



କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ସିଏସ୍ ହାଇସ୍କୁଲ୍, ବୋଦାପଲସା ପ୍ରାଙ୍ଗଣରେ ପୁରାତନ ଛାତ୍ରମାନଙ୍କ ଦ୍ୱାରା ବିଦ୍ୟାଳୟର ପ୍ରଧାନଶିକ୍ଷକ ନୀଳାମ୍ବର ମହାନ୍ତଙ୍କ ସଭାପତିତ୍ୱ ଏକ ବୈଠକ ଆୟୋଜିତ ହୋଇଯାଇଛି। ଏହି ସଭାରେ ବିଦ୍ୟାଳୟର ଶତବାର୍ଷିକୀ ବର୍ଷ ପୂର୍ତ୍ତି ଉତ୍ସବର ଆୟୋଜନ ନେଇ ଆଲୋଚନା କରାଯାଇଥିଲା। ସଭାରେ ସମସ୍ତ ଅଂଶଗ୍ରହଣକାରୀଙ୍କର ସହମତି ଅନୁସାରେ ଏହି ଉତ୍ସବ ଉପଲକ୍ଷେ ଏକ ଶେଷ ସଭା ଆଗାମୀ ଫେବୃଆରୀ ମାସ ୯ ତାରିଖରେ ଆୟୋଜିତ କରିବାକୁ ନିଷ୍ପତ୍ତି ହୋଇଛି। ଉକ୍ତ ସଭାରେ ସର୍ବଶ୍ରୀ ବନବିହାରୀ ଦାସ, ଅକ୍ଷୟ କୁମାର ଦାସ, ପ୍ରତ୍ୟୁଷ ପଟ୍ଟନାୟକ ସମେତ ଅନେକ ପୁରାତନ ସଭ୍ୟ ଉପସ୍ଥିତ ଥିଲେ ଏବଂ ସେମାନେ ସ୍କୁଲର ୧୦୦ତମ ବର୍ଷ ପୂର୍ତ୍ତି ପାଇଁ ଅନେକ ପ୍ରସ୍ତାବ ସମ୍ବନ୍ଧରେ ଚର୍ଚ୍ଚା କରିଛନ୍ତି। ପ୍ରଧାନ ବିଷୟ ଥିଲା ସମସ୍ତ ସ୍କୁଲ ପୁରୁଣା ଛାତ୍ରଛାତ୍ରୀମାନେ ସହ ଏହି ଉତ୍ସବରେ ସମ୍ମିଳିତ ହୋଇ ଅନୁଷ୍ଠାନକୁ ଆହୁରି ଆଗକୁ ନେବା ପାଇଁ ସବୁ ପ୍ରକାର ଉଦ୍ୟମ କରିବା। ବିଶେଷ ଭାବେ, ଏହି ସଭାରେ ସ୍କୁଲ ପାଠାଗାର ଓ ଖେଳ ପଡିଆକୁ କିପରି ଉନ୍ନତତର କରାଯାଇ ପାରିବ ସେ ସମ୍ବନ୍ଧରେ ଆଲୋଚନା କରାଯାଇଛି। ସମସ୍ତ ପ୍ରାକ୍ତନ ଛାତ୍ରମାନେ ଏହି ଉତ୍ସବକୁ ସଫଳ କରିବା ପାଇଁ ଅଧିକ ସଂଖ୍ୟାରେ ଯୋଗଦେବାର ଆହ୍ୱାନ କରାଯାଇଛି।

# ବାରଭୂଜା ମା'ଙ୍କ ମାଘ ଯାତ୍ରା



ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ ଭଣ୍ଡାରିଗୁଡା ଗ୍ରାମ ପଞ୍ଚାୟତ ଅଧୀନରେ ଅବସ୍ଥିତ ପୋଡାଗଡ ଠାରେ ପାରମ୍ପରିକ ମାଘ ମାସରେ ପୂର୍ବ ନିର୍ଦ୍ଧାରିତ ଅନୁଯାୟୀ ବାରଭୁଜା ବାର ଗାଡା ଦୂରଦାନି, ମା' ଖମ୍ଭେଶ୍ୱରୀ ଓ ଗାଦୀମା ବାବା ଚାଉରିଆ ମନ୍ଦିରରେ ଫୁଲ ପିନ୍ଧନୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ପୂଜକ ଶ୍ରୀ କୃଷ୍ଣ ପୂଜାରୀ ଓ ଅନ୍ୟାନ୍ୟ ପୂଜକ ରଘୁ, ନାରାୟଣ ପୁଜାରୀ ମୁଖ୍ୟ ମାଝୀ ମହେନ୍ଦ୍ର ମାଝୀ ପରଗଣିଆ ଗଣ୍ଡା ଉପସ୍ଥିତରେ ପୋଡାଗଡ ସେବାୟତ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା କୈଳାସ ଚନ୍ଦ୍ର ବେହେରାଙ୍କ ଉପସ୍ଥିତରେ ସମସ୍ତ ଦେବଦେବୀଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ୯୩ଟି ଗ୍ରାମର ପୂଜକ, ଶିରା, ଗୁଣିଆ ଏହି ଅବସରରେ ଉପସ୍ଥିତ ଥିଲେ। ମଣ୍ଡେଇ ଆସନ୍ତା ଫେବୃୟାରୀ ମାସ ୧୦ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଆସନ୍ତା ବେବୃଆରୀ ୭ ତାରିଖରେ ଭୈରବ ମନ୍ଦିର ନିକଟରେ ଥିବା କଳା ଭୈରବ ମନ୍ଦିରରେ ଫୁଲ ପିନ୍ଧନି ଯାତ୍ରା ଅନୁଷ୍ଠିତ ହେବ। ଫେବୃୟାରୀ ମାସ ୧୧ ତାରିଖରେ ପାଞ୍ଚଦେଓ ଭଟ୍ଟା ଠାରେ ମଣ୍ଡେଇ ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହେବ ବୋଲି କୈଳାସ ବେହେରା ସୂଚନା ପ୍ରଦାନ କରିଛନ୍ତି।

# ନୂତନ ବିଡିଓଙ୍କ କାର୍ଯ୍ୟରେ ଯୋଗଦାନ



ଗୁଣପୁର (ଭାସ୍କର ନ୍ୟୁଜ୍ ): ଗୁଣପୁର ବ୍ଲକ ନୂତନ ବିଡିଓ ଭାବେ ସ୍ୱସ୍ତିକ ଜମାଦାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପ୍ରାକ୍ତନ ବିଡିଓ ଶୁଭ୍ରାଞ୍ଜଳି ପ୍ରଧାନଙ୍କ ଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀ ଜମାଦାର ଏଥିପୂର୍ବରୁ ବୌଦ୍ଧ ମ୍ୟୁନିସିପାଲଟିରେ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ତେବେ ଗୁଣପୁରରେ ଶ୍ରୀ ଜମାଦାରଙ୍କ ଏହା ଦ୍ୱିତୀୟ ଇନିଙ୍ଗସ ହେବାକୁ ଯାଉଥିବାବେଳେ ପୂର୍ବରୁ ୨୦୨୪ ମସିହାରେ ସ୍ୱଳ୍ପ ସମୟ ପାଇଁ ଗୁଣପୁର ମ୍ୟୁନିସିପାଲଟିର ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। କାର୍ଯ୍ୟରେ ଯୋଗଦାନ ପରେ ଗ୍ରାମାଞ୍ଚଳର ସମସ୍ୟାର ସମାଧାନ ସହ ଗରିବ ଲୋକଙ୍କ ନିକଟରେ ସରକାରଙ୍କ ଲୋକାଭିମୁଖି ଯୋଜନା କିଭଳି ପହଞ୍ଚିବ ଏହା ଉପରେ ସେ ପ୍ରାଧାନ୍ୟ ଦେବେ ବୋଲି ପ୍ରତିକ୍ରିୟାରେ କହିଥିଲେ। ଗୁଣପୁର ବ୍ଲକ ଗତ ଦିନ ଗୁଡିକରେ ବିଭିନ୍ନ ବିବାଦକୁ ନେଇ ଚର୍ଚ୍ଚାରେ ରହୁଥିବା ବେଳେ ପରିବର୍ତ୍ତିତ ରାଜନୈତିକ ସମୀକରଣକୁ ଦୃଷ୍ଟିରେ ରଖି ନୂତନ ବିଡିଓ କିଭଳି ସମ୍ଭାଳୁଛନ୍ତି ଆଗକୁ ଦେଖିବାକୁ ବାକି ରହିଲା।

# ବନାଞ୍ଚଳସ୍ତରୀୟ ତାଲିମ ଶିବିର

ରାଇଘର (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ବନଖଣ୍ଡ ଅଧିନସ୍ଥ ବନାଞ୍ଚଳ ପକ୍ଷରୁ ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁର ନିୟନ୍ତ୍ରଣ ଓ ନିବାରଣ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା ରାଇଘର ବନାଞ୍ଚଳ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଜନ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ସ୍ଲୋଗାନ ଦେଇ ଲୋକମାନଙ୍କୁ ସଚେତନ କରିଥିଲେ। ବନାଞ୍ଚଳ କାର୍ଯ୍ୟାଳୟ ଠାରେ ରାଇଘର ରେଞ୍ଜର ଅବଦୁଲ ସମଦଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ରାଇଘର ତହସିଲଦାର ରିତୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜଙ୍ଗଲ ସୁରକ୍ଷା କରିବା ସହ ଜଙ୍ଗଲ ସୃଷ୍ଟି କରିବା ପାଇଁ ଆହ୍ୱାନ ଦେଇଥିଲେ। ସେହିପରି ଜଙ୍ଗଲରେ ନିଆଁ ଲଗାଇବା ଆଇନଗତ ଅପରାଧ ତେଣୁ ଜଙ୍ଗଲରେ ନିଆଁ ଲଗାଇବା ନାହିଁ ଏବଂ ଯଦି ଜଙ୍ଗଲରେ ନିଆଁ ଲାଗିଥିବା ଦେଖିଲେ ତୁରନ୍ତ ବନ ବିଭାଗକୁ ଜଣାଇବା ପାଇଁ କହିଥିଲେ। ସେହିପରି ଜଙ୍ଗଲର ନିଆଁକୁ କିଭଳି ନିୟନ୍ତ୍ରଣ ଓ ନିବାରଣ କରିହେବ ସେନେଇ ଉପସ୍ଥିତ ଥିବା ଜଙ୍ଗଲ ସୁରକ୍ଷା କମିଟିର ସଦସ୍ୟମାନଙ୍କୁ ବୁଝାଇ ଥିଲେ। ସମ୍ମାନୀତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର, ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠି ପ୍ରମୁଖ ଯୋଗ ଦେଇ ଜଙ୍ଗଲ ନଷ୍ଟ ହେବା ଯୋଗୁଁ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି ତେଣୁ ନୂତନ ଜଙ୍ଗଲ ସୃଷ୍ଟି କରିବା ସହ ଜଣେ ଜଣେ ପାଞ୍ଚଟି ଗଛ ଲଗାଇବା ଓ ତା'ର ଯତ୍ନ ନେବା ପାଇଁ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବନାଞ୍ଚଳର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଉପନିୟନ୍ତ୍ରକ ବୈଧ ମାପ ଓ ବିଜ୍ଞାନ କାର୍ଯ୍ୟାଳୟରେ ଜାତୀୟ ପତାକାକୁ ଅସମ୍ମାନ



କନ୍ଧମାଳ(ଭାସ୍କର ନ୍ୟୁଜ୍): ଜାତୀୟ ପତାକାକୁ ଆମେ ଆମର ଗର୍ବ ଓ ଗୌରବ କହୁଥିବାବେଳେ କିଛି ଜାଗା ଓ କିଛି ସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକାକୁ ତଳେ ପକାଇ ଅସମ୍ମାନ କରୁଥିବା ନଜରକୁ ଆସିଛି। ସୂଚନା ଅନୁସାରେ କନ୍ଧମାଳ ଜିଲ୍ଲା ଫୁଲବାଣୀ ପୌରପରିଷଦ ସ୍ଥିତ ଉପ ନିୟନ୍ତ୍ରକ ବୈଧ ମାପ ଓ ବିଜ୍ଞାନଙ୍କ କାର୍ଯ୍ୟାଳୟରେ ଏପରି ଘଟଣା ଦେଖିବାକୁ ମିଳିଛି। କିଛିଦିନ ତଳେ ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ବା ୭୬ତମ ସାଧାରଣତନ୍ତ୍ର ଦିବସକୁ କିପରି ଠିକ ଭାବରେ ପାଳନ ହେବ ଏହାକୁ ନେଇ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ଅଧିକାରୀଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାରେ ଜାତୀୟ ପତାକାକୁ ସମ୍ମାନ ରୂପେ ଉତ୍ତୋଳନ କରିବା ନିମନ୍ତେ ଏକ ସମୟସୀମା ଧାର୍ଯ୍ୟ କରାଯାଇଥିଲା। ଯାହାକି ସରକାରୀ କାର୍ଯ୍ୟାଳୟମାନଙ୍କରେ ସକାଳ ୭ ୩୦ ମିନିଟ୍ ହୋଇଥିବା ବେଳେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ୭ .୧୫ ଘଟିକା ସମୟ ଏବଂ ପ୍ୟାରେଡ ପଡ଼ିଆରେ ୯ ଘଟିକା ସମୟ ଧାର୍ଯ୍ୟ କରାଯାଇଥିଲା। କନ୍ଧମାଳ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଦିଆଯାଇଥିବା ନିର୍ଦ୍ଧାରିତ ସମୟ ୯ ଘଟିକାରେ ଫୁଲବାଣୀ ରିଜର୍ଭ ପଡିଆ ଠାରେ ପତାକା ଉତ୍ତୋଳନ କରିଥିଲେ। ଜିଲ୍ଲାପାଳଙ୍କ ପରିସରଭୁକ୍ତ ଉପ ନିୟନ୍ତ୍ରକ ବୈଧ ମାପ ଓ ବିଜ୍ଞାନଙ୍କ କାର୍ଯ୍ୟାଳୟ ଫୁଲବାଣୀ ଠାରେ ପତାକାକୁ ତଳେ ପକାଇ ଲମ୍ବା ଫଟା ବାଉଁଶରେ ବାନ୍ଧି ବାଉଁଶ ତଳେ ପିଟିଥିଲେ କାଳେ ବାଉଁଶ ପଡ଼ିଯିବ ତେଣୁ ବାଉଁଶକୁ ମଧ୍ୟ କାନ୍ଥରେ ବାନ୍ଧିଥିବା ଦେଖିବାକୁ ମିଳିଥିଲା। ଇତିମଧ୍ୟରେ ପତାକା ଉତ୍ତୋଳନ ସମୟରେ କୌଣସି ବରିଷ୍ଠ ଅଧିକାରୀ ନଥିବା ମଧ୍ୟ ଦେଖିବାକୁ ମିଳିଥିଲା ଓ ୮ ମିନିଟ ସମୟରେ ଏହି ଓଜନ ଓ ମାପ ବିଭାଗ ପତାକା ପିଅନ ଦ୍ୱାରା ଉତ୍ତୋଳନ କରିଥିଲେ। ସେହି ସମୟରେ ଜାତୀୟ ସଙ୍ଗୀତ ମଧ୍ୟ ଗାନ କରିନଥିବା ଦେଖିବାକୁ ମିଳିଛି । ଜାତୀୟ ପତାକାକୁ ଅସମ୍ମାନ କରିବା ଜାତୀୟ ସଙ୍ଗୀତ ଗାନ ନକରିବା ବରିଷ୍ଠ ଅଧିକାରୀ ଏହି ଦିବସରେ ଯୋଗଦାନ ନକରିବାକୁ ନେଇ ଏବେ ଜନଅସନ୍ତୋଷ ଦେଖାଦେଉଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ତେବେ ଜାତୀୟ ପତାକାକୁ ଅସମ୍ମାନ କରି ଜାତୀୟ ସଙ୍ଗୀତ ଗାନ ନକରିଥିବା ଉପନିୟନ୍ତ୍ରକ ବୈଧ ମାପ ଓ ବିଜ୍ଞାନଙ୍କ କାର୍ଯ୍ୟାଳୟ କାର୍ଯ୍ୟକର୍ତ୍ତାଙ୍କ ପ୍ରତି ଜିଲ୍ଲାପାଳ ଏବଂ ରାଜ୍ୟ ସରକାର କିପରି ଏବଂ କେଉଁ ପଦକ୍ଷେପମାନ ନେବେ କନ୍ଧମାଳବାସୀ ଏବଂ ଦେଶବାସୀ ଅପେକ୍ଷାରେ ରହିବେ ବୋଲି ଏବେ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ବିଜେପି କର୍ମୀ ସମ୍ମିଳନୀ ଓ ଅଭିଯୋଗ ଗ୍ରହଣ କାର୍ଯ୍ୟକ୍ରମ



ଖଡ଼ିଆଳ (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲା ଖଡ଼ିଆଳ ଅଗ୍ରେସନ ଭବନ ଠାରେ ଆୟୋଜିତ ବିଜେପିର କର୍ମୀ ସମ୍ମିଳନୀ ଓ ଅଭିଯୋଗ ଗ୍ରହଣ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା, କ୍ରୀଡା, ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଯୁବମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଛନ୍ତି। ଏହି ଅବସରରେ ସେ ବିଜେଡି ସରକାର ବିରୋଧରେ କହିବା ସହିତ ବିଜେପି ସରକାର ଯେଉଁସବୁ ଯୋଜନାଗୁଡିକ ପ୍ରଣୟନ କରିଛନ୍ତି ସେହି ଯୋଜନାଗୁଡ଼ିକୁ ସାଧରଣ ଜନତାଙ୍କ ପାଖରେ ପହଞ୍ଚାଇବା ପର୍ଯ୍ୟନ୍ତ ଭାରତୀୟ ଜନତା ପାର୍ଟିର ଜଣେ ଜଣେ ସଦସ୍ୟ ସେତୁ ବନ୍ଧ। ଆମେ ଯେତେ ସୁଦୃଢ ରହିବା, ଯେତେ ସ୍ୱଚ୍ଛ ରହିବା, ଆମେମାନେ ବିନମ୍ର ରହି ଲୋକଙ୍କ ସେବା କରିବା ଆମର କର୍ତ୍ତବ୍ୟ। ଖଡ଼ିଆଳ ଅଞ୍ଚଳର ବିକାଶ ହେଲେ ରାଜ୍ୟର ବିକାଶ ହେବ, ରାଜ୍ୟର ବିକାଶ ହେଲେ ଦେଶର ବିକାଶ ହେବ। ମୋହନ ମାଝି ସରକାର ପଶ୍ଚିମ ଓଡ଼ିଶାକୁ ଗୁରୁତ୍ୱ ଦେଇଛନ୍ତି। ଉତ୍କର୍ଷ ଓଡ଼ିଶା ଗଠନ ପାଇଁ ୫ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି ତାହା ପଶ୍ଚିମ ଓଡ଼ିଶାର ଅନୁନ୍ନତ ଅଞ୍ଚଳର ବିକାଶ, ଶିଳ୍ପାଞ୍ଚଳ, ଯୁବକମାନଙ୍କ ରୋଜଗାର, କୃଷକର ବିକାଶ, ଓଡ଼ିଶାର ଯୁବକମାନେ ଛୋଟ ଛୋଟ କମ୍ପାନୀ ଖୋଲି ବଡ ବଡ କମ୍ପାନୀର ସହଭାଗିତା ହେବା ସହିତ ସେମାନଙ୍କ ଉନ୍ନତି ହେଲେ ଦେଶର ବିକାଶ ହେବ। ସମାଜର ଶେଷ ପର୍ଯ୍ୟାୟର ଲୋକଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚାଇ ସେମାନଙ୍କ ବିକାଶ କରିବା ବିଜେପିର ଲକ୍ଷ୍ୟ ବୋଲି ପ୍ରକାଶ କରିଥିଲେ । ଅନୁଷ୍ଠିତ ସଭାରେ ବିଜେପି ଜିଲ୍ଲା ଉପ ସଭାପତି ମୋହନ ଭୋଇଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ପୂର୍ବତନ ସାଂସଦ ବସନ୍ତ ପଣ୍ଡା, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ନୂଆପଡା ବିଧାୟକ ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା, ଜିଲ୍ଲା ଓବିଶି ମୋର୍ଚ୍ଚା ସଭାପତି ଅଜିତ କିଶୋର ଚଳାନ, ବରିଷ୍ଠ ବିଜେପି ନେତା ନନ୍ଦ ମନହୀରା, ଦେବ ଦେବ ସିଂ ଦେଓ, ବିକ୍ରମ ମାଝି, ପୁଷ୍ପାଞ୍ଜଳି ପାଣ୍ଡେଙ୍କ ସମେତ ତିନୋଟି ମଣ୍ଡଳ ସଭାପତି ମଞ୍ଚାସୀନ ହୋଇଥିଲେ । ବିଜେପିର ଶହ ଶହ ମହିଳା ଓ ପୁରୁଷ କର୍ମୀ ସାମିଲ ଥିଲେ।

# ନବନିଯୁକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ତାଲିମ

ରାୟଗଡା(ଭାସ୍କର ନ୍ୟୁଜ୍): ରାୟଗଡା ଜିଲ୍ଲାରେ ନୂତନ ଭାବେ ନିଯୁକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନିମନ୍ତେ ଏକ ଦିବସୀୟ ତାଲିମ ଅନୁଷ୍ଠିତ ହୋଇଯାଇଛି। ରାୟଗଡା ପଞ୍ଚାୟତ ସମିତି ସଦ୍‌ଭାବନା ଗୃହରେ ଆୟୋଜିତ ଏହି ବୈଠକରେ ଜିଲ୍ଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା ମୁଖ୍ୟ ତାଲିମଦାତା ଭାବରେ ଯୋଗଦେଇ ଦେଇଥିଲେ। ରାୟଗଡା ବ୍ଲକର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଗୋପାଳ ପଣ୍ଡା ଓ କୋଲନରା ବ୍ଲକ ପଞ୍ଚାୟତ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ପାଢ଼ୀ ଅନ୍ୟତମ ତାଲିମଦାତା ରୂପେ ମଞ୍ଚାସୀନ ଥିଲେ। ଏଥିରେ ଜିଲ୍ଲାର ୧୧ ଗୋଟି ବ୍ଲକରୁ ୩୫ ତାଲିମାର୍ଥୀ ଯୋଗ ଦେଇଥିଲେ। ପ୍ରକାଶ ଥାଉକି ୨୦୨୪ ମସିହାରେ ଜିଲ୍ଲାରେ ଖାଲି ପଡ଼ିଥିବା ନିର୍ବାହୀ ଅଧିକାରୀ ପଦବୀ ପୂରଣ ପାଇଁ ୪୧ଜଣ ପୁରୁଷ ଓ ମହିଳାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିଲା। ଭୁବନେଶ୍ୱରସ୍ଥିତ ଏସ୍‌ଆଇଆର୍‌ଡି ଠାରେ ସେମାନଙ୍କୁ ଗ୍ରାମ ପଞ୍ଚାୟତର କାର୍ଯ୍ୟ ଓ ସେମାନଙ୍କର ଭୂମିକା ବିଷୟରେ ପ୍ରାଥମିକ ତାଲିମ ପ୍ରଦାନ କରାଯାଇଥିଲା। ଜିଲ୍ଲାସ୍ତରୀୟ ଏହି ତାଲିମରେ ନବନିଯୁକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଗ୍ରାମ ପଞ୍ଚାୟତ ନଥିପତ୍ର, ନଗଦ କାରବାର ବହି, ଗ୍ରାମ ପଞ୍ଚାୟତ ମାସିକ ବୈଠକ, ଗ୍ରାମସଭା, ପଲ୍ଲୀସଭା, ବିଭିନ୍ନ ଷ୍ଟାଣ୍ଡିଂ କମିଟିର ଗଠନ ଓ ପରିଚାଳନା ସହ ଓଡ଼ିଶା ଗ୍ରାମ ପଞ୍ଚାୟତ ଅଧିନିୟମ ୧୯୬୪ ଓ ଗ୍ରାମ ପଞ୍ଚାୟତ ନିୟମାବଳୀ ୨୦୧୪ ରେ ଥିବା ବିଭିନ୍ନ ବିଧି ବ୍ୟବସ୍ଥା ବିଷୟରେ ଆଲୋଚନା ହୋଇଥିଲା। ସଦ୍ୟ ନିଯୁକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯେପରି ବିଭିନ୍ନ ଧାରା ଉପଧାରା ସହ ଅବଗତ ହେବାସହ ରେକର୍ଡ ପରିଚାଳନା ଜ୍ଞାନ ଓ କୌଶଳ ପ୍ରାପ୍ତ କରିପାରିବେ ଓ ନିର୍ବିଘ୍ନରେ ଓ ବିନା ଚାପରେ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଏହି ତାଲିମର ପରିକଳ୍ପନା କରାଯାଇଥିଲା ବୋଲି ଜିଲ୍ଲା ପଞ୍ଚାୟତ ଅଧିକାରୀ ସୂର୍ଯ୍ୟନାରାୟଣ ମହାରଣା କହିଛନ୍ତି।

# ମୁକ୍ତ ହୃଦ୍‌ରୋଗ ଯାଞ୍ଚ ସ୍ୱାସ୍ଥ୍ୟ ଶିବିର



ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରେ ପ୍ରଥମଥର ପାଇଁ ଜେ.ପି.ଏଜୁକେସନାଲ୍ ଟ୍ରଷ୍ଟ ପକ୍ଷରୁ ଉମରକୋଟ ଏସ୍.ଏଲ୍.ଏନ୍. ପବ୍ଲିକ୍ ସ୍କୁଲରେ ଏକ ମୁକ୍ତ ହୃଦରୋଗ ସ୍ୱାସ୍ଥ୍ୟ ଯାଞ୍ଚ ଏବଂ ସଚେତନତା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରକୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାର ଉଦ୍‌ଘାଟନ କରିଥିଲେ। ଭାରତର ବିଖ୍ୟାତ ହୃଦରୋଗ ବିଶେଷଜ୍ଞ ଡକ୍ଟର ଚନ୍ଦନ ଦାସ, ଡକ୍ଟର ସୁରେନ୍ଦ୍ର ନାଥ ଦାସ, ଜେପି ଟ୍ରଷ୍ଟର ସଭାପତି ଜୟଦେବ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ନିଜ ଭାଷଣରେ ଡକ୍ଟର ଚନ୍ଦନ ଦାସ ହୃଦରୋଗର ବିଭିନ୍ନ କାରଣ ଏବଂ ଏହାର ସତର୍କତା ଅବଲମ୍ବନ କରି କିପରି ଭାବେ ହୃଦରୋଗକୁ ରୋକା ଯାଇପାରିବ ସେ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ହୃଦରୋଗର ମୁଖ୍ୟ କାରଣ ଗୁଡ଼ିକ ହେଉଛି ମାନସିକ ଚାପ, ଉଚ୍ଚ ରକ୍ତଚାପ, ସୁଗର ବଢ଼ିବା, ତମାଖୁ ଓ ମଦ୍ୟପାନ କରିବା, ଜଙ୍କ୍‌ଫୁଡ୍ ଓ ବ୍ୟାୟାମର ଅଭାବ ବୋଲି କହିଥିଲେ। ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ହୃଦରୋଗର ବିପଦପୂର୍ଣ୍ଣ ପ୍ରଭାବ ବିଷୟରେ ଲୋକଙ୍କୁ ସଚେତନ କରିବା ପାଇଁ ଜେ.ପି. ଏଜୁକେସନାଲ୍ ଟ୍ରଷ୍ଟ ପକ୍ଷରୁ ନିଆଯାଇଥିବା ପ୍ରୟାସକୁ ପ୍ରଶଂସା କରିଛନ୍ତି। ଜେ.ପି. ଏଜୁକେସନାଲ୍ ଟ୍ରଷ୍ଟର ସଭାପତି ଶ୍ରୀ ଜୟଦେବ ପରିଡା ସଭାପତିତ୍ୱ କରି ଟ୍ରଷ୍ଟ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ସାମାଜିକ ସେବା ଯୋଜନା ବିଷୟରେ ବର୍ଣ୍ଣନା କରିଥିଲେ। ଜେ.ପି. ଏଜୁକେସନାଲ୍ ଟ୍ରଷ୍ଟର ଉପାଧ୍ୟକ୍ଷ ରାଜଲକ୍ଷ୍ମୀ ପରିଡା, ରାଜ୍ୟ ବିଜେପି ସମ୍ପାଦକ ରମେଶ ଚନ୍ଦ୍ର ସାହୁ ମଞ୍ଚରେ ଉପସ୍ଥିତ ଥିଲେ। ଡକ୍ଟର ଚନ୍ଦନ ଦାସ ଏହି ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ଲୋକେ ପରୀକ୍ଷା କରିଥିଲେ ଓ ଏଥି ମଧ୍ୟରୁ ୧୫ ବର୍ଷୀୟା ଝିଅର ହୃଦରୋଗ ଚିହ୍ନଟ ସହ ପ୍ରାୟ ୧୫ଜଣ ନୂଆ ରୋଗୀ ଡାଇବେଟିସ୍, ହାଇପର ଟେନ୍‌ସନ୍ ଓ ହୃଦରୋଗୀ ଚିହ୍ନଟ ହେଇଥିବା ଶିବିରର ସମାପନ ପରେ ହୃଦରୋଗ ବିଶେଷଜ୍ଞ ଡକ୍ଟର ଚନ୍ଦନ ଦାସ ସୂଚନା ପ୍ରଦାନ କରିଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ



ଉମରକୋଟ(ଭାସ୍କର ନ୍ୟୁଜ୍): ଉମରକୋଟ ବ୍ଲକ ଅନ୍ତର୍ଗତ ଭଣ୍ଡାରୀଗୁଡା ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମାରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ପ୍ରକାଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଛି। ବିଦ୍ୟାଳୟର ୬୦ରୁ ଉର୍ଦ୍ଧ୍ୱ ବାଳିକା ଛତ୍ରୀ ଏହି ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷିକା ସୁକାନ୍ତି ସାହୁ ବାଳିକାମାନଙ୍କୁ ଆତ୍ମାରକ୍ଷାର ବିଭିନ୍ନ କୌଶଳ ଶିଖାଇଥିଲେ। ଜାନୁଆରୀ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୨୪ ତାରିଖରେ ଶେଷ ହୋଇଛି। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜିତ ମଜୁମଦାର, ଦିଲ୍ଲୀପ ହରିଜନ, ଉଷା ମାଝି, ଜୟକୃଷ୍ଣ ଭତ୍ରା ବାବୁରାମ ସାହୁ, ବିଶ୍ୱରଞ୍ଜନ ମୁଦୁଲି, ମିହିର ରଞ୍ଜନ ପଣ୍ଡା ସହଯୋଗ କରିଥିଲେ।

# ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ସଦର ମହକୁମାଠାରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରମନ୍ତ୍ରୀ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରି ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ। ଦିବସ ଅବସରରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ୟାରେଡ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ ମଞ୍ଚରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ନରେଶ ଚନ୍ଦ୍ର ଶବର ଓ ସଦର ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଓ ସରୋଜ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ରଘୁନାଥପୁର (ଭାସ୍କର ନ୍ୟୁଜ୍ ): ରଘୁନାଥପୁର ବ୍ଲକ ତାରପୁର ଗ୍ରାମର ଜନୈକ ଯୁବକଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ତାରପୁର ଗ୍ରାମର ରବିନ୍ଦ୍ର ନାଥ ରାଉତଙ୍କ ପୁତ୍ର ପ୍ରଶାନ୍ତ କୁମାର ରାଉତ(କାଳିଆ) ବୟସ ୩୦ ଗତ ୨୫ତାରିଖ ଦିନ ବିରିଡି ବ୍ଲକ ଅଧିନ ଅଡଙ୍ଗ ଗ୍ରାମରେଥିବା ନିଜ ଦାଦାଙ୍କ ଶଶୁର ଘରକୁ ଏକାଦଶାହ କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। ସେଠାରୁ କାର୍ଯ୍ୟସାରି ରାତି ୯ଟା ସମୟରେ ଏକ ସ୍କୁଟି ଗାଡିରେ ଘରକୁ ଫେରୁଥିବା ବେଳେ ଗଡମା ନିକଟରେ ଏକ ମାଲବାହୀ ଅଟୋ ତାଙ୍କ ଗାଡିକୁ ଧକ୍କା ଦେଇଥିଲା। ଯାହାଫଳରେ ପ୍ରଶାନ୍ତଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।

# ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ

ଗୁଣପୁର (ଭାସ୍କର ନ୍ୟୁଜ୍ ) : ଗୁଣପୁର ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ମିନି ଷ୍ଟାଡିୟମ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଗୁଣପୁର ଉପଜିଲ୍ଲାପାଳ କିରନଦୀପ କୌର ସହୋତା, ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମ୍ବିଧାନ ଏକ ମହତ୍ୱପୂର୍ଣ୍ଣ ଓ ଭାରତୀୟ ଗଣତନ୍ତ୍ରର ସ୍ୱାଭିମାନ ଜନମାନସର ମହାନ ସହାୟତା ହେବା ସହ ସମ୍ବିଧାନ ପ୍ରଣୟନ, କାର୍ଯ୍ୟକାରିତା, ଲୋକଙ୍କ ପାଇଁ ସୁସାଶନର ପ୍ରତିବଦ୍ଧତା ହିଁ ଆଜିର ଦିନର ମୁଖ୍ୟ ଆହ୍ୱାନ ବୋଲି ମୁଖ୍ୟ ଅତିଥି ନିଜ ବ୍ୟକ୍ତବରେ କହିଥିଲେ। ପ୍ୟାରେଡ଼ରେ ବରିଷ୍ଠ ଦଳରେ ଗୁଣପୁର ମହାବିଦ୍ୟାଳୟ ପ୍ରଥମ ସ୍ଥାନ ଥୟାରାମ୍ମା ମହିଳା ମହାବିଦ୍ୟାଳୟ ଦ୍ୱିତୀୟ କନିଷ୍ଠ ବର୍ଗରେ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ ପ୍ରଥମ, ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ସିଭିଲିଆନରେ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ବିକ୍ରମପୁର ପ୍ରଥମ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଚନ୍ଦ୍ରପୁର ଦ୍ୱିତୀୟ, ଜଗନ୍ନାଥ ପବ୍ଲିକ ସ୍କୁଲ ମାସ୍ ଡ୍ରିଲରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମରେ ଦ୍ୱିତୀୟ ଭାରତୀୟ ସଂରକ୍ଷିତ ବାହିନୀର ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୁଭ୍ରାଞ୍ଜଳି ପ୍ରଧାନ, ଅତିରିକ୍ତ ତହସିଲଦାର ଅଂଶୁମାନ ପରିଡା, ବ୍ଲକ ବିଡୀୟ ଅଧିକାରୀ ଉମାକାନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ । ପ୍ୟାରେଡ଼ ପରେ କୌତୁକ ପୋଷାକ ପ୍ରତିଯୋଗିତା, ମାସ୍‌ଡ୍ରିଲ ଅନୁଷ୍ଠିତ ହୋଇଥିଲା । ଅତିଥିମାନେ ମଞ୍ଚ ଉପରୁ ସମସ୍ତ ପୁରସ୍କାର ବିତରଣ କରିବା ସହ ପ୍ୟାରେଡ଼ରେ ଅଂଶଗ୍ରହଣ କରିଥିବା ସମସ୍ତ ୨୬ଗୋଟି ଦଳକୁ ମାନପତ୍ର ପ୍ରଦାନ ଓ କ୍ରୀଡା ପ୍ରତିଯୋଗିତା କରାଇଥିବା ସମସ୍ତ ପିଇଟି, ସପନ ଦାସ, ରାମ ଗୌଡ଼, କମଳାକାନ୍ତ ଖୁଣ୍ଟିଆ ପ୍ରମୁଖଙ୍କ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରାଙ୍କ ତତ୍ତ୍ୱାବଧାନରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜସ୍ୱ ସହାୟକ ନନ୍ଦିତା ଶବର, ଯସ୍ମିନ ଭୂୟାଁ, ସୂଚନା ଓ ଲୋକ ସମ୍ପର୍କର ଅନନ୍ତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

# ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର



ରଘୁନାଥପୁର (ଭାସ୍କର ନ୍ୟୁଜ୍) : ସୋମବାର ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ ଜ୍ୟୋତିମହାସଂଘ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି ।ଏହି ଅଭିଯୋଗ ଶିବିର ରେ ଉପରିସ୍ଥ ଅଧିକାରୀ ମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ। ଏଥିରେ ମୋଟ ୭୪ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୬୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ / ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୨ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୧୬ ଟି, ଆବାସ ଯୋଜନା ସମ୍ପର୍କୀୟ ୭ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୧୫ ଟି, ପେନସନ ପାଇବା ପାଇଁ ୫ ଟି,ପୋଲିସ ସହାୟତା ପାଇବା ପାଇଁ ୦୨ଟି, ଏବଂ ଅନ୍ୟାନ୍ୟ ୧୧ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଏଠାରେ ୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ,ଜିଲ୍ଲା ପରିଷଦ ର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଶ୍ରୀ ରବିନାରାୟଣ ଜେଠୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିରଞ୍ଚି ନାରାୟଣ ବେହେରା, ତହସିଲଦାର, ଅଭିପ୍ସା ପଟ୍ଟନାୟକ,ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ। ଏହି ଶିବୀରରେ ଧରାଧରପୁର ପଞ୍ଚାୟତ ବସନ୍ତା ଗ୍ରାମର ଦିବ୍ୟଙ୍ଗା ରଶ୍ମୀତା ସାହାଣୀ ସମ୍ପୂର୍ଣ୍ଣ ଅକ୍ଷମ ରହିଥିବାବେଳେ ତାଙ୍କର ଭିନ୍ନକ୍ଷମ ପ୍ରମାଣ ପତ୍ରରେ ୭୫% ଦିଆଯାଇଥିବା କୁ ନେଇ ତାଙ୍କୁ ଶିବୀରକୁ ଅଣାଯାଇ ପ୍ରଶାସନର ଦ ?ଷ୍ଟି ଆକର୍ଷଣ କରାଯାଇଥିଲା। ସେହି ପରି ଧରାଧରପୁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ନିର୍ମାଣ ହୋଇଥିବା ରାସ୍ତା ନଷ୍ଟ ହୋଇଥିଲେ ବି ଏହାର ମରାମତି ସମ୍ପର୍କରେ ସେହି ଗ୍ରାମର ଭଗବାନ ରାଉତ ଶିବୀରରେ ଅଭିଯୋଗ କରିଥିଲେ। ଜଗନ୍ନାଥପୁର ଧାନମଣ୍ଡିରେ ଦୁର୍ନିତି ହେଉଥିବାକୁନେଇ ଚାଷୀ ବିପିନି ବିହାରୀ ସ୍ୱାଇଁ ଙ୍କ ନେତ ?ତ୍ୟରେ ଅନେକ ଚାଷୀ ଅଭିଯୋଗ କରିଥିଲେ। ଅଢେଇ କୂଳ ଗ୍ରାମପଞ୍ଚାୟତ ସାନକୋରକର ୭ନଂ କେନାଲ ଠାରୁ ଭୂତ ଗହିର ହଂସୁଆ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ପୂନର ଉଦ୍ଧାର ପାଇଁ ଗ୍ରାମବାସୀ ଅଭିଯୋଗ କରିଥିଲେ। ଜଗତସିଂହପୁର ରଘୁନାଥପୁର ରାସ୍ତାକଡ ଘର ଉପରେ ଯାଉଥିବା ୩୩ କେଭି ବିଦ୍ୟୁତ୍ ଲାଇନକୁ ବିରୋଧ କରି ପ୍ରଶାନ୍ତ ବାରିକ ଙ୍କ ସମେତ ୧୦ଗୋଟି ଗ୍ରାମବାସୀ ଅଭିଯୋଗ କରିଥିବାବେଳେ ବିରିଡିବ୍ଲକ ମାଣତ୍ରୀ ଗ୍ରାମର ପ୍ରମୋଦ କୁମାର ଜେନା ଙ୍କ ପ୍ରତି ବିରିଡି ବ୍ୟାଙ୍କ ଓ ବିରିଡି ଥାନା କରିଥିବା ଅନ୍ୟାୟ ବିରୁଦ୍ଧରେ ବାରମ୍ବାର ଜିଲ୍ଲାର ବିଭିନ୍ନ ବ୍ଲକ ଜନସୁଣାଣି ରେ ସେ ଅଭିଯୋଗ କରିଆସୁଥିଲେ ବି ତାଙ୍କୁ ନ୍ୟାୟମିଳୁନାହିଁ ଏହି ଜନ ସୁଣାଣି ଶିବୀର ଏକ ପ୍ରହସନ ରେ ପରିଣତ ହୋଇଛି ଏଥିରେ କୌଣସି ଅଭିଯୋଗ ସମାଧାନ ହେଉନାହିଁ ବୋଲି ସେ ଅଭିଯୋଗ କରିଛନ୍ତି।



ଭୁବନ (ଭାସ୍କର ନ୍ୟୁଜ): ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ୭୬ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ନଗରପାଳ ଶୁଭେନ୍ଦୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଦେଶର ଏକତା ,ଅଖଣ୍ଡତା ଓ ସୁରକ୍ଷା ପାଇଁ ବଳିଦାନ ଦେଇଥିବା ଅମର ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି କହିଥିଲେ ଯେ,ବିଭିନ୍ନତା ମଧ୍ୟରେ ଏକତା ହେଉଛି ଆମ ଦେଶର ମୂଳମନ୍ତ୍ର । ଆମ ସମ୍ବିଧାନ ଏବଂ ଆଦର୍ଶ ସମ୍ବିଧାନ ଏବଂ ଗଣତନ୍ତ୍ର ର ଆତ୍ମା । ଆମ ସମ୍ବିଧାନ ଏବେ ବିପଦରେ । ତେଣୁ ନିଜର କର୍ତ୍ତବ୍ୟ କୁ ନିଷ୍ଠାର ସହ ପାଳନ କରି ଆମ ସମ୍ବିଧାନ ର ଗରିମା ବଜାୟ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ । ଭୁବନ ଏନ୍ ଏ ସି ନିର୍ବାହୀ ଅଧିକାରୀ ଲୋକନାଥ ବେହେରା, ଉପାଧ୍ୟକ୍ଷ ମାଳିନୀ ସାହୁ ,କାଉନସିଲର ଗିରିଧାରୀ ସାହୁ,ପପୁ କୁମାର ସାହୁ, କଳ୍ପନା ବେହେରା , କବିତା ସେନାପତି ଙ୍କ ସମେତ ସମସ୍ତ କର୍ମଚାରୀ , ସ୍ୱଚ୍ଛାସାଥି ଓ ବନ୍ଧୁ ମାନଙ୍କ ଉପସ୍ଥିତି ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ପରେ ନଗରପାଳ କାଳୀ ବଜାର ସ୍ଥିତ ସହିଦ ବାଜି ରାଉତ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଡାକ୍ତରଖାନା ରେ ରୋଗୀ ଙ୍କୁ ଫଳ ବଣ୍ଟନ କରିଥିଲେ । ଭୁବନ ର ସମସ୍ତ ସରକାରୀ,ବେସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନ ରେ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

# ଏନ୍‌ଟିପିସି ଦର୍ଲିପାଲିରେ ଉତ୍ସାହର ସହିତ ୭୬ତମ ଗଣତନ୍ତ୍ର ଦିବସ ପାଳିତ

କଣିହା, (ଭାସ୍କର ନ୍ୟୁଜ୍): ଏନଟିପିସି ଦର୍ଲିପାଲିରେ ୭୬ତମ ଗଣତନ୍ତ୍ର ଦିବସ ପାଳନ ଉଲ୍ଲାସ ଏବଂ ଉତ୍ସାହର ସହିତ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ, ମୁଖ୍ୟ ଅତିଥି ଜି ରାମଭଜନ ମଲିକ, ପ୍ରକଳ୍ପ ମୁଖ୍ୟ (ଦାରଲିପାଲି) ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ଏନଟିପିସି ଦାର୍ଲିପାଲି ଏବଂ ସିଆଇଏସ୍ଏଫ୍‌ର ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାର ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଶୁଭ୍ରଜ୍ୟୋତି ନଗରର ଷ୍ଟାଡିୟମରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପରେ ମୁଖ୍ୟ ଅତିଥି ସିଆଇଏସଏଫ୍ ଏବଂ ବାଲ ଭାରତୀ ପବ୍ଲିକ୍ ସ୍କୁଲର ପରେଡ୍ ନିରୀକ୍ଷଣ କରିଥିଲେ । ସିଆଇଏସ୍ଏଫ୍ ଜବାନ ଏବଂ ବାଲ ଭାରତୀ ପବ୍ଲିକ୍ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣ ମାଧ୍ୟମରେ ଗଣତନ୍ତ୍ର ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ କର୍ମଚାରୀ, ସେମାନଙ୍କ ପରିବାର, ସିଆଇଏସ୍ଏଫ୍ ଜବାନ ଏବଂ ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ୭୬ତମ ଗଣତନ୍ତ୍ର ଦିବସ ପାଇଁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ଜଣାଇଥିଲେ । ପ୍ରକଳ୍ପରେ ଗଠନମୂଳକ ଏବଂ ସକାରାତ୍ମକ ଅବଦାନ ପାଇଁ ମୁଖ୍ୟ ଅତିଥି



ଏନ୍‌ଟିପି ଅଧିକାରୀ, କର୍ମଚାରୀ, ନିରାମୟ ହସ୍ପିଟାଲ, ସମସ୍ତ ସିଆଇଏସ୍ଏଫ୍ ଅଧିକାରୀ ଏବଂ ଜବାନ, ସଂଘ ଏବଂ କଲ୍ୟାଣକାରୀ ସଂସ୍ଥା, ଡି.ଇ.ଡବ୍ଲୁ.ଏ., ଅଭିଳାଷ ଲେଡିଜ୍ କ୍ଲବ୍‌କୁ ପ୍ରଶଂସା କରିଥିଲେ । ବାଲ୍ ଭାରତୀ ପବ୍ଲିକ୍ ସ୍କୁଲ, ବାଲ୍ ଭବନ ଏବଂ ଦୀକ୍ଷା ପ୍ଲେ ସ୍କୁଲର ଛାତ୍ରଛାତ୍ରୀମାନେ ଦେଶପ୍ରେମରେ ଅନୁପ୍ରାଣିତ ଗୋଷ୍ଠୀ ନୃତ୍ୟ ଏବଂ ଗୀତ ପରିବେଷଣ କରିଥିଲେ, ଯାହା ଉପସ୍ଥିତ ସମସ୍ତଙ୍କ ହୃଦୟ ଜିତିଥିଲା । ସିଆଇଏସ୍ଏଫ୍‌ର ଅଗ୍ନିଶମ ବିଭାଗ ପାଣି ସହିତ ତ୍ରିରଙ୍ଗାର ପ୍ରତିଛବି ସୃଷ୍ଟି କରି କାର୍ଯ୍ୟକ୍ରମକୁ ଦେଶାତ୍ମବୋଧକ କରିଥିଲା । ଶେଷରେ ଏନଟିପିସି ଏବଂ ସିଆଇଏସ୍ଏଫ୍ କର୍ମଚାରୀମାନଙ୍କୁ ସେମାନଙ୍କ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପୁରସ୍କାର ବଣ୍ଟନ କରାଯାଇଥିଲା । ଏହି ଅବସରରେ, ମହାପ୍ରବନ୍ଧକ (ଅପରେସନ ଏବଂ ରକ୍ଷଣାବେକ୍ଷଣ) ହରେ ରାମ ସିଂହ, ସମସ୍ତ ବିଭାଗ ମୁଖ୍ୟ, ଅଧିକାରୀ, ଡିସି ସିଆଇଏସଏଫ ଏଲ ମହାନ୍ତି, ବିବିପିଏସ ସ୍କୁଲ୍‌ର ଅଧକ୍ଷା ନୀରଜା ତିୱାରୀ, ସଂଘ ଏବଂ କଲ୍ୟାଣକାରୀ ସଂଗଠନର ପ୍ରତିନିଧି, ଅଭିଳାଷ ଲେଡିଜ୍ କ୍ଲବ୍‌ର ସଭାପତି ଏବଂ ଶୁଭ୍ରଜ୍ୟୋତି ନଗରର ସମସ୍ତ ବାସିନ୍ଦା ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଅତିରିକ୍ତ ମହାପ୍ରବନ୍ଧକ (ମାନବ ସମ୍ପଦ) ପ୍ରତିଭା ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିଆଇଆଇ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର (ଭାସ୍କର ନ୍ୟୁଜ): ମଙ୍ଗଳବାର ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫ ଆରମ୍ଭ ହେବାକୁ ଅପେକ୍ଷା କରିଥିବାବେଳେ, ଆମେ ଅତ୍ୟନ୍ତ ଆଶାବାଦରେ ପରିପୂର୍ଣ୍ଣ । ଆଜି, ଓଡ଼ିଶା ହେଉଛି ପୂର୍ବର ଉଦୀୟମାନ ତାରା । ଏହା ଭାରତର ଶିଳ୍ପ ଇକୋସିଷ୍ଟମରେ ଏକ ପ୍ରମୁଖ ଖେଳାଳି ଭାବରେ ଉଭା ହେଉଛି । ବିବିଧ ଶିଳ୍ପ ସଶକ୍ତିକରଣର ଏକ ମାଧ୍ୟମ ଭାବରେ ସଫଳତା ଲେଖିବା ପାଇଁ ଓଡ଼ିଶା ଏକ ଦୃଢ଼ ଅଂଶୀଦାର ଭାବରେ ଠିଆ ହୋଇଛି । ଏହା ଏକ ଚମକଦାର ପ୍ରଗତି ସହିତ ଏକତା ଏବଂ ଉତ୍ସାହୀ ଅଭିବୃଦ୍ଧିର ସୂତ୍ର । ମୁଖ୍ୟମନ୍ତ୍ରୀ ଭାବରେ, ମୋର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଲୋକଙ୍କ ପାଇଁ, ବିଶେଷକରି ଆମର ଯୁବପିଢ଼ି ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବା । ମୁଁ ଏକ ଅନୁକୂଳ ବ୍ୟବସାୟ-ଅନୁକୂଳ ଇକୋସିଷ୍ଟମ ସୃଷ୍ଟି କରିବା ଦିଗରେ ସରକାରଙ୍କୁ ନେତୃତ୍ୱ ଦେବାକୁ ଆଗ୍ରହୀ ଯାହା ସମସ୍ତଙ୍କ ପାଇଁ ଏକ ବିଜୟ । ମୋର ଦୃଷ୍ଟିକୋଣ ସରଳ, କିନ୍ତୁ ମହତ୍ତ୍ୱାକାଂକ୍ଷୀ: ଶିଳ୍ପ ନିବେଶକୁ ଆକର୍ଷିତ କରିବା, ନିଯୁକ୍ତି ସୃଷ୍ଟି କରିବା ଏବଂ ଓଡ଼ିଶାର ଲୋକଙ୍କ ପାଇଁ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧି ନିଶ୍ଚିତ କରିବା । ୨୦୩୬ ସୁଦ୍ଧା ଏକ ସମୃଦ୍ଧ ଓଡ଼ିଶାର ଆମର ଦୃଷ୍ଟିକୋଣକୁ ଅନୁସରଣ କରି, ଆମେ ଓଡ଼ିଶାକୁ ଏକ ଶିଳ୍ପ କେନ୍ଦ୍ର ଭାବରେ ସ୍ଥାନିତ କରିବା ପାଇଁ ଅନେକ ପଦକ୍ଷେପ ନେଇଛୁ । ଆମେ ଏକ ତ୍ରିମୁଖୀ ଆଭିମୁଖ୍ୟ ଗ୍ରହଣ କରିଛୁ - ଦୃଢ଼ ଶିଳ୍ପ ଭିତ୍ତିଭୂମି ବିକାଶ କରିବା, ବ୍ୟବସାୟ କରିବାର ସହଜତାକୁ ସମର୍ଥନ କରିବା ଏବଂ ବୃହତ ପରିମାଣରେ ନିଯୁକ୍ତି ସୃଷ୍ଟି ପାଇଁ ସମର୍ଥନ କରିବା ।ଆମ ନିଜସ୍ୱ ବଜେଟରେ, ଆମେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଯଥେଷ୍ଟ ସମ୍ବଳ ସଂରକ୍ଷଣ କରିଛୁ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରକାଶ ମିଶ୍ର...

ବଡ଼ ଦାୟିତ୍ୱ ଦିଆଯାଇଛି । ସେ ରାଜ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ପାଇଛନ୍ତି । ରାଜ୍ୟପାଳ ତାଙ୍କୁ ଏହି ନିଯୁକ୍ତି ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅବସର ପରେ ଏହି ପଦବୀ ଦୀର୍ଘଦିନ ହେବ ଖାଲି ପଡ଼ିଥିଲା ।

### ଟିକସଦାତାଙ୍କୁ...

୯ଟି କ୍ଷେତ୍ରକୁ ଫୋକସ କରାଯାଇଥିଲା । ଏପରିକି ଆୟକର ସ୍ଲାବରେ ବଡ଼ଧରଣର ପରିବର୍ତ୍ତନ ସ୍ୱରୂପ ନୂଆ ବ୍ୟବସ୍ଥାରେ ସଂଶୋଧନ ସହ ୫୦ହଜାରରୁ ୭୫ ହଜାରକୁ ବଢ଼ିଥିଲା ଷ୍ଟାଣ୍ଡାର୍ଡ ଡିଡକ୍ସନ । ସୀମାଶୁଳ୍କ ହ୍ରାସ ପରେ ସୁନା, ରୁପା, ପ୍ଲାଟିନମ୍ ଓ ମୋବାଇଲ ଫୋନ୍ ଶସ୍ତା ହୋଇଥିଲା । ତେବେ ଅର୍ଥନୀତିଜ୍ଞମାନେ କହିଛନ୍ତି ଯେ ବ୍ୟକ୍ତିଗତ ଆୟକର ଛାଡ଼ସୀମା ୭ଲକ୍ଷ ପର୍ଯ୍ୟନ୍ତ ବିଚାର କରାଯିବା ଜରୁରି । ଆୟକର ଛାଡ଼ସୀମା ବୃଦ୍ଧି ହେଲେ ଖର୍ଚ୍ଚ କରିବାକୁ ଅଧିକ ଟଙ୍କା ମିଳିବ । ସେହିପରି ଯୁବବର୍ଗଙ୍କ ନିଯୁକ୍ତି କ୍ଷେତ୍ରରେ ଏବଂ ଷ୍ଟାର୍ଟଅପ୍ କ୍ଷେତ୍ରକୁ ସୀତାରମଣ ଗୁରୁତ୍ୱ ଦେବାର ସମ୍ଭାବନା ରହିଛି ।

### ଉତ୍କର୍ଷ ଓଡ଼ିଶା...

ସୁଯୋଗ ସୃଷ୍ଟି କରିବ । ଓଡ଼ିଶାରେ ଅପାର ସମ୍ଭାବନା ରହିଛି । ଓଡ଼ିଶାର ପ୍ରାକୃତିକ ସମ୍ପଦ, ପର୍ଯ୍ୟଟନ ବିଭବ, ସୁବିସ୍ତୃତ ବେଳାଭୂମି ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଉତ୍କର୍ଷ ଓଡ଼ିଶା କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଆସୁଥିବା ନିବେଶକମାନଙ୍କୁ ଆକର୍ଷିତ କରିବାର ମାଧ୍ୟମ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୪୭ ମସିହା ସୁଦ୍ଧା ଏକ ବିକଶିତ ଭାରତର ପରିକଳ୍ପନା କରି ପ୍ରୟାସ ଆରମ୍ଭ କରିଛନ୍ତି । ବିକଶିତ ଭାରତର ପ୍ରୟାସକୁ ବିକଶିତ ଗାଁ, ବିକଶିତ ଜିଲ୍ଲା ଏବଂ ବିକଶିତ ରାଜ୍ୟ ସାକାର କରିବ । ଏହି ଅବସରରେ ରାଜ୍ୟପାଳ ପୁଣି କହିଥିଲେ ଯେ ରାଷ୍ଟ୍ର ନିର୍ମାଣ ଓ ଭାରତର ଭବିଷ୍ୟତ ଗଠନରେ ଯୁବ ପିଢ଼ିର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବିଗତ ଦଶନ୍ଧି ମଧ୍ୟରେ ଭାରତରେ ଯୁବକମାନଙ୍କ ମାନସିକତାରେ ଅନେକ ପରିବର୍ତ୍ତନ ଆସିଛି । ପୂର୍ବରୁ ଯୁବକମାନେ କେବଳ ଚାକିରୀ ପଛରେ ଧାଉଁଥିଲେ । କିନ୍ତୁ ବର୍ତ୍ତମାନ ଅନେକ ଯୁବକ ଉଦ୍ୟୋଗୀ ହେବାକୁ ଆଗ୍ରହୀ ହେଉଛନ୍ତି । ବର୍ତ୍ତମାନ ଦେଶରେ ଷ୍ଟାର୍ଟ ଅପ୍ ସଂଖ୍ୟା ବହୁ ସଂଖ୍ୟାରେ ବଢ଼ି ଚାଲିଛି । ସରକାର ମଧ୍ୟ ଏ ଦିଗରେ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଯୋଗାଇବା ପାଇଁ ବ୍ୟବସ୍ଥା କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ନୂତନ ଶିକ୍ଷା ନୀତି ଉପରେ ଆଲୋକପାତ କରି ଏହା ଶିକ୍ଷା ଦୃଷ୍ଟି କୋଣକୁ ଅଧିକ ସମ୍ପ୍ରସାରିତ କରିଛି ବୋଲି କହିଥିଲେ । ନୂତନ ଶିକ୍ଷା ନୀତିରେ ଦକ୍ଷତା ବୃଦ୍ଧି, ଇଣ୍ଡଷ୍ଟ୍ରି-ଏକାଡେମିଆ ଆଲୋଚନା ଉପରେ ଗୁରୁତ୍ୱଆରୋପ କରାଯାଇଛି ବୋଲି ରାଜ୍ୟପାଳ ଡ. କମ୍ଭମ୍ପାଟି କହିଥିଲେ । ଏହି ଅବସରରେ ୟଙ୍ଗ ଇଣ୍ଡିଆର ରାଷ୍ଟ୍ରୀୟ ଅଧ୍ୟକ୍ଷ ତରଙ୍ଗ ଖୁରାନା ଆଲୋଚନାରେ ଅଂଶ ଗ୍ରହଣ କରିଥିବା ବେଳେ ଆୟୁଷ ଯଶୋରିୟା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

### ଶିଳ୍ପ ସମୃଦ୍ଧ...

ଜାପାନ, ବ୍ରିଟେନ, ଜର୍ମାନୀ, କ୍ୟୁବା, ହଲାଣ୍ଡ ଆଦି ଦେଶଗୁଡ଼ିକ ଏଥିରେ ପ୍ରତିନିଧିତ୍ୱ କରିବେ । ଲକ୍ଷ୍ମୀ ମିତ୍ତଲ, କୁମାରମଙ୍ଗଳମ୍ ବିର୍ଲା, ଅନୀଲ ଅଗ୍ରୱାଲ, ସଜ୍ଜନ ଜିନ୍ଦଲ, କରଣ ଅଦାନୀଙ୍କ ଭଳି ଶିଳ୍ପ ଲିଡରମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ । ଷ୍ଟାର୍ଟଅପ୍ ଓଡ଼ିଶା, ସ୍କିଲ ଇନ୍ ଓଡ଼ିଶା, ସୁଭଦ୍ରା ଦ୍ୱାରା ମହିଳାଙ୍କ ମଧ୍ୟରେ ଔଦ୍ୟାଗିକତା, ସିଇଓ ରାଉଣ୍ଡ ଟେବୁଲ, ମହିଳା ନେତୃତ୍ୱ ରାଉଣ୍ଡ ଟେବୁଲ, ଏଡିଟର୍ସ ରାଉଣ୍ଡ ଟେବୁଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏଠାରେ ୧୫୦ ପ୍ରଦର୍ଶନକାରୀ ସେମାନଙ୍କ ଉତ୍ପାଦ ଏବଂ ସାଧନକୁ ପ୍ରଦର୍ଶିତ କରିବେ । ଏହି ଏକ୍ସପୋ ୩୦ ଜାନୁଆରୀରେ ସାଧାରଣ ଲୋକଙ୍କ ପାଇଁ ଖୋଲା ରହିବ । ଓଡ଼ିଶା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ କଳାକୁ ପ୍ରଦର୍ଶନ କରିବେ ନୃତ୍ୟଶିଳ୍ପୀ । ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ କାର୍ଯ୍ୟକ୍ରମରେ ୧୦୦ ଏମ୍ଓୟୁ ଓ ୫ଲକ୍ଷ କୋଟିର ନିବେଶ ଆକୃଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଛି । ନୂଆ ସରକାର ଶିଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ଏବେ ଗୁରୁତ୍ୱ ଦେଉଛନ୍ତି । ଏହି ଆଧାରରେ ଚୌଦ୍ୱାରରେ ୱେଲ୍ସ ସ୍ପନ୍ ୟୁନିଟ୍ ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ କାର୍ଯ୍ୟକ୍ଷମ ହେଉଛି । ସେହିଭଳି କେନ୍ଦୁଝରରେ ପୋସ୍କୋର ସ୍ଥାପନା ଏବଂ ରାଜ୍ୟରେ ଜେଏସଡବ୍ଲୁର ୟୁନିଟ୍ କାର୍ଯ୍ୟ ଆଗକୁ ବଢ଼ାଇବା ଦିଗରେ ପ୍ରୟାସ ଆରମ୍ଭ ହୋଇଛି । ଏହି କନକ୍ଲେଭକୁ ପ୍ରଧାନମନ୍ତ୍ରୀ ପ୍ରଥମ ଦିନରେ ଉଦ୍‌ଘାଟନ କରିବେ । ଦୁଇଦିନ ଭିତରେ ବିଭିନ୍ନ କ୍ଷେତ୍ରପାଇଁ ୧୫ଟି ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ । ଏଥିରେ ଦେଶର ୧୦୦ଟି ଫର୍ଚ୍ୟୁନ-୫୦୦ କମ୍ପାନୀ ଯୋଗଦେବେ । କନକ୍ଲେଭର ସହଯୋଗୀ ଥିବା ଭାରତୀୟ ଶିଳ୍ପସଂଘ (ସିଆଇଆଇ) ଜାତୀୟ ପରିଷଦର ୨୦୦ ବରିଷ୍ଠ ସଦସ୍ୟ ଓଡ଼ିଶାରେ ଆସି ପହଞ୍ଚି ସାରିଛନ୍ତି । ୨୮ ତାରିଖ ଅପରାହ୍ନରେ ୫ଟି ଅଧିବେଶନ, ଦ୍ୱିତୀୟ ଦିନରେ ୧୦ଟି ଅଧିବେଶନ ଆୟୋଜିତ ହେବ । ଉଦଯାପନୀ ସମାରୋହରେ ରାଜ୍ୟର ୩୦ଟି ଜିଲ୍ଲାରୁ ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ କାର୍ଯ୍ୟ କରୁଥିବା ୪୦ ବର୍ଷରୁ କମ୍ ୬୦ଜଣ ଯୁବ ଉଦ୍ୟୋଗୀଙ୍କୁ ଚୟନ କରାଯିବ । ପ୍ରତି ଜିଲ୍ଲାରୁ ୨ଜଣ ଲେଖାଏଁ ଉଦ୍ୟୋଗୀଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ ଉପସ୍ଥିତ ରହିବେ ।

### ଉଦ୍ଧାର କଲେ...

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ମହୋତ୍ସବ ଆରମ୍ଭ ହେବ ବୋଲି ଜଣାପଡ଼ିଛି। ସ୍ଥାନୀୟ କାଳୀପଡ଼ିଆ ଠାରେ ମହୋତ୍ସବ ୨୮ ତାରିଖରୁ ଆରମ୍ଭ ହୋଇ ଫେବୃଆରୀ ୧ ତାରିଖ ପର୍ଯ୍ୟନ୍ତ ୫ ଦିନ ଧରି ଅନୁଷ୍ଠିତ ହେବ। ଏ ନେଇ ସୋମବାର କାଳୀପଡ଼ିଆ ଠାରେ ମହୋତ୍ସବ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ କମିଟିର ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀ ସୂଚନା ଦେଇଥିଲେ ଯେ, ୨୮ ତାରିଖ ମହୋତ୍ସବ ସକାଳେ ଚାରିଧାମରୁ ମଶାଲ ଶୋଭାଯାତ୍ରା ଆସି ମହୋତ୍ସବ ସ୍ଥଳରେ ପହଞ୍ଚିବ। ବ୍ଲକ୍‌ର କୁମାରେଶ୍ୱର, ବିରଞ୍ଚି ନାରାୟଣ, ମା' ଦପାନାୟକାଣୀ, ପାଟଣ ମଙ୍ଗଳା ଠାରୁ ମଶାଲ ଶୋଭାଯାତ୍ରା ବାହାରି ତିହିଡ଼ି କାଳୀପଡ଼ିଆ ସ୍ଥିତ ମହୋତ୍ସବ ସ୍ଥଳରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ବାଳିକାମାନଙ୍କ ଦ୍ୱାରା ସାଇକେଲ ଶୋଭାଯାତ୍ରାର କାର୍ଯ୍ୟକ୍ରମ ରହିଛି। ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ ମହୋତ୍ସବ ଉଦ୍‌ଘାଟନ କରିବେ। ଆୟୋଜିତ ଏହି ସଭାରେ ବ୍ଲକ୍ ଅଧକ୍ଷା ଅବନ୍ତୀ ଦାସ, ଉପାଧ୍ୟକ୍ଷା ସୁଭଦ୍ରା ଶତପଥୀ, ଜିଲ୍ଲା ପରିଷଦ ସଭ୍ୟା ସୁମତୀ ସେଠୀ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ସମିତିସଭ୍ୟା ଜ୍ୟୋସ୍ନାରାଣୀ ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେବେ ବୋଲି ଜଣାପଡ଼ିଛି। ପରେ କୁନି ପ୍ରବଚକ କେଶବ ଦିତୀକୃଷ୍ଣ ପ୍ରବଚନ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି, ଡ. ଲକ୍ଷ୍ମୀଧର ତ୍ରିପାଠୀ, ଧିରେନ୍ଦ୍ର ସାହୁ, ଅମୂଲ୍ୟ ସେନାପତି, ଗିରିଜା ରମଣ ଜେନା, ଅମର ଜେନା, ଦୟାନିଧି ସାହୁ, ପ୍ରଭାତ ଜେନା, ମନୋଜ ପାଣିଗ୍ରାହୀ, ମନୋଜ ସେନାପତି, ପ୍ରିୟବ୍ରତ ପାଢ଼ୀ, ମୃତ୍ୟୁଞ୍ଜୟ ଦାସ, ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଶକ୍ତି ସଂରକ୍ଷଣ ଦକ୍ଷତା ବିକାଶ ତାଲିମ ଶିବିର




ବାରିପଦା, (ଭାସ୍କର ନ୍ୟୁଜ୍): ପୌରାଞ୍ଚଳ ଅନ୍ତର୍ଗତ ମହାରାଣୀ ପ୍ରେମ କୁମାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାରିପଦା ଉପଖଣ୍ଡସ୍ତରୀୟ ବିଦ୍ୟାଳୟ ସମୂହର ଶକ୍ତି କ୍ଲବ୍ (ଏନର୍ଜି କ୍ଲବ୍)ର ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ନେଇ ଦିନିକିଆ ଦକ୍ଷତା ବିକାଶ ତାଲିମ ଶିବିର ଅନୁଷ୍ଠିତ ହୋଇଅଛି। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସଞ୍ଜୟ କୁମାର କଳିଆଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ମନୋଜ ପରିଡ଼ା, ନୟନ ଗିରି, ପ୍ରାର୍ଥନା ମିଶ୍ର, ଅତସୀ କୁଣ୍ଡୁ, ଏଲଇଡି ଇଲେକ୍ଟ୍ରିକ୍ ବଲବ୍‌ର ମେକାନିକ ଜଗନ୍ନାଥ କଳିଆ, ଟିପିଏନଓଡିଲର ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ହିମାଂଶୁ ଶେଖର ପଣ୍ଡା ଯୋଗଦେଇ ଶକ୍ତି ସଂରକ୍ଷଣ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଏହି ଶିବିରରେ ବାଙ୍ଗରିପୋଷୀ, କୁଳିଅଣା, ଶାମାଖୁଣ୍ଟା, ସାରସକଣା, ବାରିପଦା, ଶୁଳିଆପଦା ଆଦି ବ୍ଲକ୍‌ର ୧୪୩ ଜଣ ଓ ବଡ଼ସାହି, ବେତନଟୀ, ମୋରଡା, ରସଗୋବିନ୍ଦପୁର ଆଦି ବ୍ଲକ୍‌ରୁ ୧୩୭ ଜଣ ବିଦ୍ୟାଳୟରୁ ଶିକ୍ଷକମାନେ ଅଂଶଗ୍ରହଣ କରି ଭବିଷ୍ୟତ ପାଇଁ ବର୍ତ୍ତମାନ ଠାରୁ କିପରି ଶକ୍ତି ସଂରକ୍ଷଣ କରିପାରିବେ ଏହା ଉପରେ ତାଲିମ ନେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ବିଦ୍ୟାଳୟର ଶିକ୍ଷକ ବିଶ୍ୱେଶ୍ୱର ଦ୍ୱିବେଦୀ, ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

# ଓଡ଼ିଶା ମୋଟର ଗ୍ୟାରେଜ ମେକାନିକ ମହାସଂଘର ବୈଠକ

ରଣପୁର, (ଭାସ୍କର ନ୍ୟୁଜ୍): ବୋଲଗଡ଼ ନିକଟସ୍ଥ ରାଜସୁନାଖଳା କୋଟଗଡ଼ ଅନନ୍ତ ଗୁମ୍ଫାଠାରେ ଓଡ଼ିଶା ମୋଟର ମେକାନିକ ମହାସଂଘର ସଭାପତି ନାରାୟଣ ଭୂଇଁଆଙ୍କ ଆବାହକତ୍ୱରେ ରବିବାର ଦିନ ମହାସଂଘର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ କଟକ, ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲାରୁ ୨ଶହରୁ ଉର୍ଦ୍ଧ୍ୱ ମୋଟର ଗ୍ୟାରେଜ ମେକାନିକ କର୍ମଚାରୀ ମାନେ ଯୋଗ ଦେଇଥିଲେ। ଏହି



ବୈଠକରେ ଉପସ୍ଥିତ ମୋଟର ଗ୍ୟାରେଜ ମେକାନିକ କର୍ମଚାରୀମାନେ ନିଜନିଜ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଆଗାମୀ ଦିନରେ ମୋଟର ଗ୍ୟାରେଜ ମେକାନିକ ସମସ୍ତ ଭାଇ ଏକାଠି ରହି ଭାଇଚାରା, ସହଯୋଗ, ସମନ୍ୱୟ, ଏକତା ବଜାୟ ରଖି ପରସ୍ପର ମଧ୍ୟରେ ସହଯୋଗ କରିବା ସହ ମୋଟର ଗ୍ୟାରେଜ ମେକାନିକମାନଙ୍କର କିଭଳି ବିକାଶ ହୋଇପାରିବ ତାହାକୁ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କାରଯିବାକୁ ସଭାପତି ଶ୍ରୀ ଭୂଇଁଆ କହିଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ପାଦକ ରଞ୍ଜିତ ସାହୁ, ସରୋଜ,ମହାରଣା, ସନ୍ତୋଷ ରାଓ, ରବୀନ୍ଦ୍ର ସାହୁ ସନ୍ତୋଷୀ ବରାଡ଼, ରଞ୍ଜନ ସାହୁ, ଦାମୋଦର ପଣ୍ଡା, ବିଭୁତି ଭୂଷଣ ଜେନା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରି ପରିଚାଳନା କରିଥିଲେ। ପରିଶେଷରେ ସ୍ୱପ୍ନେଶ୍ୱର ବରାଡ଼ ସମସ୍ତଙ୍କର ନିରୋଗ ଜୀବନ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

କୋଇଡା, (ଭାସ୍କର ନ୍ୟୁଜ୍): କୋଇଡା ଥାନା ଅନ୍ତର୍ଗତ ଭଞ୍ଜପାଲି କଲମଙ୍ଗ ରାସ୍ତା ନିକଟବର୍ତ୍ତୀ ଜଙ୍ଗଲ ନିକଟରୁ ୧୭ ବର୍ଷ ବୟସ୍କା ଲିପି ସିଂ ନାମକ ଯୁବତୀର ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ମିଳିଥିବା ସୂଚନା ଅନୁଯାୟୀ କାଶିରା ଗ୍ରାମର ସାଧୁ ସିଂଙ୍କ ୧୭ ବର୍ଷ ବୟସ୍କା ଝିଅ ରବିବାର ସନ୍ଧ୍ୟା ବେଳେ କୌଣସି କାର୍ଯ୍ୟରେ ଘରୁ ବାହାରକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଉ ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। କିନ୍ତୁ ତାଙ୍କର କୌଣସି ସନ୍ଧାନ ପାଇ ନଥିଲେ। ସୋମବାର ସକାଳୁ କୌଣସି ସୂତ୍ରରୁ ଖବର ପାଇ ଝିଅର ମୃତଦେହ ନିକଟସ୍ଥ ଜଙ୍ଗଲରେ ଝୁଲୁଥିବା ଦେଖିବାକୁ ପାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ କୋଇଡା ପୋଲିସ ଏବଂ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ମୃତଦେହଟିକୁ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଛେଦ ପାଇଁ ଆଣିଥିଲେ। ପାରିପାର୍ଶ୍ୱିକ ସ୍ଥିତି ଅନୁଯାଇ ଏହା ଏକ ହତ୍ୟା ମାମଲା ହୋଇଥାଇପାରେ ବୋଲି ଅନୁମାନ କରାଯାଉଥିବା ବେଳେ ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ହିଁ ସବୁକିଛି ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି। ପୋଲିସ ଏ ସମ୍ବନ୍ଧରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରୀ ରଖିଛି।

# 'ଯୁବବର୍ଗ ଓ ନାଟକ' ଶୀର୍ଷକ ନାଟ୍ୟ ଆଲୋଚନା ଓ ପ୍ରଶିକ୍ଷଣ



ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଦୁଃଖୀରାମ ସ୍ୱାଇଁ କଳା ପ୍ରତିଷ୍ଠାନ ପକ୍ଷରୁ ଏକ ଦିବସୀୟ ନାଟ୍ୟ ଆଲୋଚନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ଅଜୟ ଗୋଛାୟତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଆଲୋଚକ ଭାବେ ଓଡ଼ିଶାର ଜଣାଶୁଣା ନାଟ୍ୟ ନିର୍ଦ୍ଦେଶକ ଦର୍ପ ନାରାୟଣ ସେଠୀ, ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ ଓ ସୁପ୍ରସିଦ୍ଧ ଅଭିନେତା ତଥା ନିର୍ଦ୍ଦେଶକ ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ ଯୋଗଦେଇ 'ଯୁବବର୍ଗ ଓ ନାଟକ' ବିଷୟ ଉପରେ ଆଲୋଚନା କରିଥିଲେ। ଅତିଥି ଆଲୋଚକ କହିଲେ, ନାଟକ ଜୀବନ ଜିଇଁବାର କଳା ଶିଖାଏ। ଜୀବନର ପ୍ରତ୍ୟେକ ମୋଡରେ ମଞ୍ଚ ନାଟକର ଭୂମିକା ରହିଛି। ଏବେ ଆଧୁନିକତାର ପ୍ରଭାବରେ ମଞ୍ଚ ନାଟକ ପ୍ରତି ଯୁବବର୍ଗଙ୍କ ଆଗ୍ରହ କମୁଛି। ଯାହା ଏକ ସଭ୍ୟ ସମାଜ ପାଇଁ ଶୁଭଙ୍କର ନୁହେଁ। ଯୁବାବର୍ଗଙ୍କୁ ନାଟକ ସହ ଯୋଡ଼ି ରଖିବାକୁ ବ୍ୟକ୍ତିଗତ, ସାଙ୍ଗଠନିକ ଉଦ୍ୟମ ଓ ସରକାରୀ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ଅତିଥିମାନେ ମତ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ, ଏସଭିଏମ କଲେଜ ଓ ଜିଲ୍ଲାର ନାଟ୍ୟ ପ୍ରେମୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଐତିହାସିକ ଫାଷ୍ଟଗେଟ୍‌କୁ ଉଦ୍‌ଘାଟନ କଲେ ସାଂସଦ

ତାଳଚେର, (ଭାସ୍କର ନ୍ୟୁଜ୍): ତାଳଚେରର ସର୍ବ ପୁରାତନ ଐତିହାସିକ ଫାଷ୍ଟଗେଟ୍ ରବିବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଢ଼େଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଏହି ଅବସରରେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଯୋଗଦେଇଥିଲା ବେଳେ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଜରିଆରେ ଏହାକୁ ଲୋକାର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ପୌରହିତ କରିଥିଲେ ତାଳଚେର ପୌର ପରିଷଦର ନଗରପାଳ ତଥା ଏହି ଐତିହାସିକ ରାଜା ରାଜୁଡ଼ା ଅମଳର ମୁଖ୍ୟ ଦ୍ୱାରର ପୁନଃ ଉଦ୍ଧାର କାର୍ଯ୍ୟର ମୁଖ୍ୟ ଭୂମିକା ଲିଭାଇଥିବା ପବିତ୍ର ଭୁତିଆ ଏବଂ ଭୁତିଆ ଉତ୍ସବରେ ସଭାପତିତ୍ୱ କରି ଏହି ଗେଟେ ନିର୍ମାଣରେ ସହର ବାସୀଙ୍କ ସହଯୋଗକୁ ପ୍ରସଂଶା କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ ତାଳଚେରର ଏହି ପୁରାତନ ଗେଟେଟି ପୂର୍ବରୁ ବହୁ କଳାକୃତିରେ ନିର୍ମାଣ କରାଯାଇଥିଲା। କିନ୍ତୁ ପ୍ରାୟ ୧୫୦ବର୍ଷର ଗେଟେଟି ଧୀରେ ଧୀରେ ଭଗ୍ନ ଅବସ୍ଥାରେ ପହଞ୍ଚି ସେଥିରୁ ପ୍ଲାଷ୍ଟର ଛାଡ଼ିବା ଆରମ୍ଭ ହୋଇଯାଇଥିଲା। ଏହାକୁ ସମସ୍ତ ରାଜନେତା ଓ ପ୍ରଶାସନିକ ଅଧିକାରୀମାନେ ଦେଖି ଚୁପଚାପ ବସିଯାଇ ଏଥିପ୍ରତି କେହି ଧ୍ୟାନ ଦେବାକୁ ମନ ବଳାଉ ନଥିବାରୁ ସହର ତଥା ଆଖପାଖ ଗ୍ରାମାଞ୍ଚଳର ଲୋକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହାକୁ ଉପଲବ୍ଧି କରି ତାଳଚେର ପୌରପରିଷଦର ନଗରପାଳ ପବିତ୍ର ଭୁତିଆ ତୁରନ୍ତ ପଦକ୍ଷେପ ଗ୍ରହଣ କରି ତାଳଚେର ରାଜା ସାହେବ ରାଜେନ୍ଦ୍ର ଚନ୍ଦ୍ର ଦେବ ବିରବର ହରିଚନ୍ଦନଙ୍କୁ ସାକ୍ଷାତ କରି ତାଙ୍କର ଅନୁମତି ଆଣି ପୁନଃରୁଦ୍ଧାର ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଡ଼ କରି କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ରାଜାଙ୍କ ପରାମର୍ଶ କ୍ରମେ ପୂର୍ବରୁ ଥିବା ଗେଟେର ଅବିକଳ ଚିତ୍ରକୁ ନିଖୁଣ ଭାବେ ପୁନଃରୁଦ୍ଧାର କାର୍ଯ୍ୟସମ୍ପନ୍ନ କରାଯାଇଥିଲା ଏବଂ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗେଟେର ଉପରେ ଦୁଇପାଖେ ଦୁଇଟି ୭ଫୁଟ୍ ଉଚ୍ଚତା ବିଶିଷ୍ଟ ମୂଲ୍ୟବାନ ଘଡ଼ିକୁ ସ୍ଥାପନ କରିବା ସହିତ ଗେଟେର ବିଭିନ୍ନ ସ୍ଥାନରେ ଓ ସନମୁଖରେ ଆଲୋକ ବ୍ୟବସ୍ଥା କରାଯାଇଛି। ଫଳରେ ତାଳଚେର ବାସୀ ଏହି ପୁନଃରୁଦ୍ଧାର କାର୍ଯ୍ୟକୁ ପ୍ରଶଂସା କରିବା ସହିତ ନଗରପାଳଙ୍କ କାର୍ଯ୍ୟକୁ ଧନ୍ୟବାଦ ଜଣାଇଛନ୍ତି। ବିଶେଷ କରି ଏହି ଅବସରରେ ତାଳଚେର ପୌରପରିଷଦର ବର୍ତ୍ତମାନ ଥିବା ୨୧ଜଣ କାଉନସିଲର, ନିର୍ବାହି ଅଧିକାରୀ ବଳୟ ଦେହୁରୀ, ଦୁଇଜଣ ପୂର୍ବତନ ନଗରପାଳ କେଶବ ଭୁତିଆ ଓ ଜ୍ୟୋସ୍ନା ଦଳେଇ ଓ ୩୦ରୁ ଅଧିକ ପୂର୍ବତନ କାଉନସିଲର, ହନୁମାନପଢ଼ା କମିଟି ସଭାପତି ବାପୁନି ପଟ୍ଟନାୟକ, ରାମଚନ୍ଦ୍ର ବଜାର ସଭାପତି ସୁଧୀରରିଲୁ ପଟ୍ଟନାୟକ, କାରିଗର ପଡ଼ା କମିଟି ସଭାପତି ସୁମିତି ସାହୁ, ଗେଟେ ନିର୍ମାଣ ବେଳେ ସହଯୋଗ କରିଥିବା କିଛି ଯୁବକଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ପରେ ପରେ ବିଶିଷ୍ଟ ସଙ୍ଗୀତ ଗାୟିକା ଦୀପ୍ତିରେଖା ଶତପଥୀଙ୍କ ଦଳ ପକ୍ଷରୁ ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାକୁ ଦେଖିବା ପାଇଁ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ନିମନ୍ତିତ ଅତିଥି ଓ ସାଧାରଣ ଲୋକଙ୍କ ସମାଗମ ହୋଇଥିଲା।

# 'ପ୍ରତିଶ୍ରୁତି'ର ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ ଓ ସାରସ୍ୱତ ସମାରୋହ



ବାରିପଦା, (ଭାସ୍କର ନ୍ୟୁଜ୍): ଦୀର୍ଘ ୪୩ବର୍ଷ ଧରି ମୟୂରଭଞ୍ଜର ବାରିପଦାରୁ ପ୍ରକାଶ ପାଉଥିବା ସାହିତ୍ୟ ସଂସ୍କୃତି ମୂଳକ ପତ୍ରିକା 'ପ୍ରତିଶ୍ରୁତି' ତରଫରୁ ଏକ ଜିଲ୍ଲାସ୍ତରୀୟ ବହୁଭାଷୀ କବି ସମ୍ମିଳନୀ ଓ ସାରସ୍ୱତ ସମାରୋହ ପ୍ରତିଷ୍ଠାନର ସଭାପତି ଡା. ପାର୍ଥସାରଥୀ ଜେନାଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ (ସଦ୍‌ଭାବନା ସଭାଗୃହଠାରେ) ଏକ ମନୋଜ୍ଞ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବାରିପଦା ଉପ-ଜିଲ୍ଲାପାଳ ଡ.ଦୟାସିନ୍ଧୁ ପରିଡା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସତ୍ୟବ୍ରତ ମିଶ୍ର ଓ ଶରତ କୁମାର ନାୟକ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସୁଗାୟିକା ସୁଶ୍ରୀ ଭାରତୀ ଦେବର୍ତ୍ତା ଜଗନ୍ନାଥଙ୍କ ଭଜନ ଅତି ସୁଲଳିତ କଣ୍ଠରେ ପରିବେଷଣ କରିଥିଲେ। 'ପ୍ରତିଶ୍ରୁତି'ର ସମ୍ପାଦକ ଭାଗବତ ପଣ୍ଡା ସ୍ୱାଗତ ଭାଷଣ ଦେଇ କବିତାର ଧର୍ମ ବାସ୍ତବିକ ଆନନ୍ଦ ଦାନ ବୋଲି କହିଥିଲେ। କବି ଜୀବନର ଅନୁଭୂତିକୁ ପ୍ରକାଶ କରିବାପାଇଁ ଯାଇ ଅପରୂପକୁ ରୂପ ଦିଏ ଓ ଅବ୍ୟକ୍ତକୁ ବ୍ୟକ୍ତ କରେ ବୋଲି କହିବା ସହିତ ଉପସ୍ଥିତ ସମସ୍ତ ସାରସ୍ୱତ ସାଧକ ଓ ସାଧିକାଙ୍କୁ ଅଭିନନ୍ଦନ ଜଣାଇଥିଲେ। ମୁଖ୍ୟ ଅତିଥି ଡ.ପରିଡା ତାଙ୍କ ଅଭିଭାଷଣରେ ସାହିତ୍ୟ ବାସ୍ତବିକ ସମସ୍ତଙ୍କୁ ଏକାଠି କରିବାର ବାର୍ତ୍ତା ପ୍ରଦାନ କରିଥାଏ ତଥା ସତ୍ୟ ଓ ବାସ୍ତବତା, କଳ୍ପନା ଓ ସୌନ୍ଦର୍ଯ୍ୟବୋଧର ସମନ୍ୱୟରେ କବିତା ସମସ୍ତଙ୍କ ଦ୍ୱାରା ଆଦୃତ ହୁଏ ବୋଲି ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଶ୍ରୀଯୁକ୍ତ ନାୟକ ଓ ଶ୍ରୀଯୁକ୍ତ ମିଶ୍ର 'ପ୍ରତିଶ୍ରୁତି' ପ୍ରତିଷ୍ଠାନର ବହୁଭାଷୀ କବି ସମ୍ମିଳନିର ଆୟୋଜନକୁ ପ୍ରଶଂସା କରିବା ସହିତ ବିଦ୍ୟାଳୟମାନଙ୍କରେ ଏ ପତ୍ରିକା ପିଲାମାନେ ପଢିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ପରେ କବୟିତ୍ରୀ ସୁଧାମୟୀ ଦାସ ଓ ପୁଷ୍ପଲତା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତାପାଠ ଉତ୍ସବରେ ଓଡିଆ ହିନ୍ଦୀ, ମୁଣ୍ଡାରି, ସାନ୍ତାଳୀ, ହୋ ଓ ଇଂରାଜୀ ପ୍ରଭୃତି ବିଭିନ୍ନ ଭାଷାରେ କବିମାନେ ସେମାନଙ୍କର ସ୍ୱରଚିତ କବିତା ଆବୃତି କରିଥିଲେ। ଉକ୍ତ କବିତା ପାଠ ଉତ୍ସବରେ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ, ପ୍ରତିମା ବାରିକ, ଦୀପକ କୁମାର ନାୟକ, କବି-ପ୍ରଦ୍ୟୁମ୍ନ କୁମାର ଦାସ, ଗୀତାରାଣୀ ସାହୁ, ସବିତାରାଣୀ ଶୀଟ୍, ଦେବଜାନୀ ବେହେରା, ପ୍ରବୀର କୁମାର ଘୋଷ, ବାସୁଦେବ ନାପିତ୍, ବିରଜା ଦେବୀ, ଭାରତୀ ବେବର୍ତ୍ତା, ଅଶୋକ କୁମାର ପଲେଇ, ଶଙ୍କର ଜେନା, ଅଜିତ କୁମାର ପାଣିଗ୍ରାହୀ, ଭାସ୍ୱତୀ ପଣ୍ଡା, ଯତୀନ୍ଦ୍ରନାଥ ସାହୁ, ଜ୍ୟୋତିଷଚନ୍ଦ୍ର ମହାପାତ୍ର, ମିନତୀ ଦାଶ, ପ୍ରମୁଖ ୮୦ରୁ ଉର୍ଦ୍ଧ୍ୱ କବିତା ପାଠ କରିଥିବାବେଳେ 'ପ୍ରତିଶ୍ରୁତି' ତରଫରୁ ସମସ୍ତ କବି ଓ କବୟିତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା। ଏହି ସମାରୋହରେ ସଭାପତି ଡା.ଜେନା ପଠିତ କବିତାଗୁଡିକ ସମୀକ୍ଷା କରି ଦେଶାତ୍ମବୋଧ ଓ ଆଧ୍ୟାତ୍ମିକ ଚେତନାର ଉତରଣ ହେଲେ ସମାଜରେ ଶୃଙ୍ଖଳା ସୃଷ୍ଟି ହେବା ସହିତ ଦେଶର ଅଖଣ୍ଡତା ବଜାୟ ରହିବ ବୋଲି ଉଲ୍ଲେଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଜିତ କୁମାର ପାଣିଗ୍ରାହୀ ପ୍ରଥମେ ମଞ୍ଚ ଆହ୍ୱାନ କରିଥିବା ବେଳେ ପରିଶେଷରେ ଗୋପାଳ ଚନ୍ଦ୍ର ସାଓ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧକ୍ଷତାରେ ଜନଶୁଣାଣି ଶିବିର

ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସୋମବାର ଚନ୍ଦାହାଣ୍ଡି ବ୍ଲକ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଡିଓ, ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ, ନବରଙ୍ଗପୁର ପ୍ରକାଶ ମିଶ୍ର, ବିଡିଓ ରାମକୃଷ୍ଣ ନାୟକଙ୍କ ସମେତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୬୭ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୪୮ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୯ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଏହି ଅବସରରେ ସାମାଜିକ ସୁରକ୍ଷା ବିଭାଗ ତରଫରୁ ୩ ଜଣଙ୍କୁ ହୁଇଲ୍ ଚେୟାର ଏବଂ ମଧୁବାବୁ ପେନସନ ଯୋଜନା ଅନ୍ତର୍ଗତ ୩୧ ଜଣଙ୍କୁ ସହାୟତା ପ୍ରଦାନ କରଯାଇଥିଲା।

# ରକ୍ତଦାନ ଶିବିର ଆୟୋଜିତ




ଟାଙ୍ଗୀ, (ଭାସ୍କର ନ୍ୟୁଜ୍): ଚାନ୍ଦପୁର ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା'ରାମଚଣ୍ଡୀ ମନ୍ଦିର ପ୍ରାଙ୍ଗଣରେ ସୁପର ସଣ୍ଡେ ସୋସିଆଲ୍ କ୍ଲବ୍ ଆନୁକୁଲ୍ୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ରଣପୁରର ଏକ୍ସ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜଟଣୀ ଏକ୍ସ ବିଧାୟକ ସୁରେଶ କୁମାର ରାଉତରାୟ, ଅଲମ୍ପିୟନ ଦୂତୀ ଚାନ୍ଦ ପ୍ରମୁଖ ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଚାନ୍ଦପୁର ଅଞ୍ଚଳର ଅଗ୍ରଣୀ ଯୁବଗୋଷ୍ଠୀମାନଙ୍କୁ ନେଇ ଗଠିତ ସୁପର ସଣ୍ଡେ ସୋସିଆଲ୍ କ୍ଲବ୍‌ର ଏଭଳି ସ୍ୱେଚ୍ଛାକୃତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଜିଲ୍ଲା ପରିଷଦ ଅଧକ୍ଷ ଦେବାଶିଷ ପଟ୍ଟନାୟକ, ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ଓ୍ୱାଂସ – ୨ ସଭାପତି ଭୀଷ୍ମ ନାରାୟଣ ମହାପାତ୍ର, ଯୁବନେତା ବିଜୟ କେତନ ସାହୁ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିବା ସହ ଆୟୋଜକ କ୍ଲବ୍‌ର ସଦସ୍ୟମାନଙ୍କୁ ସାଧୁବାଦ ଜଣାଇଥିଲେ। ଏହି ଅବସରରେ ଆୟୋଜକ କ୍ଲବ୍‌ର ଉପଦେଷ୍ଟା ତଥା ଅବସରପ୍ରାପ୍ତ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରବିନ୍ଦ୍ର କୁମାର ନାୟକଙ୍କୁ ଅତିଥିମାନେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସମସ୍ତ ରକ୍ତଦାତା ମାନଙ୍କୁ ଆୟୋଜକ କ୍ଲବ୍ ତରଫରୁ ସାର୍ଟିଫିକେଟ, ଟ୍ରଫି ପ୍ରଦାନ କରାଯାଇ ସମ୍ମାନିତ କରାଯାଇ ଥିଲା। ଏହି ଶିବିରରେ ୧୨୯ଜଣ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ପୋଲିସର ହାଟଡିହି କୋର୍ଟରେ କାର୍ଯ୍ୟରତ ଚିତ୍ତରଞ୍ଜନ ସାହୁ, ପୋଲିସ ବିଭାଗରେ କଠିନ ପରିଶ୍ରମ, ବୃତ୍ତିଗତ ଦକ୍ଷତା ଉତ୍ସର୍ଗୀକୃତ କାର୍ଯ୍ୟ ପାଇଁ ଗଣତନ୍ତ୍ର ଦିବସ ଉପଲକ୍ଷେ ମାନ୍ୟବର ରାଜ୍ୟପାଳଙ୍କ ଠାରୁ ରାଜ୍ୟପାଳ ପଦକ ପାଇଛନ୍ତି। ସେ ୧୯୭୭ ମସିହାରେ ପୋଲିସ ବିଭାଗରେ ନିଯୁକ୍ତ ହୋଇଥିଲେ। ତାଙ୍କର ୨୭ ବର୍ଷ କାର୍ଯ୍ୟକାଳ ମଧ୍ୟରେ ଜିଲ୍ଲାରେ ଅବସ୍ଥାପିତ ହୋଇ ବିଭିନ୍ନ ଦୁର୍ଦ୍ଦାନ୍ତ ମୂଳକ ଅପରାଧୀମାନଙ୍କୁ ଗିରଫ କରାଇବା, ସୂଚନା ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରିବା, ତଦନ୍ତ ପ୍ରକ୍ରିୟାରେ ସାହାଯ୍ୟ କରିବା ଇତ୍ୟାଦି ଦୃଷ୍ଟାନ୍ତ ମୂଳକ କାର୍ଯ୍ୟ କରିଛନ୍ତି। ସାହୁ ନିଜର ବୃତ୍ତିଗତ ଦକ୍ଷତା ଓ ଉତ୍ତମ କାର୍ଯ୍ୟ ସମ୍ପାଦନା ପାଇଁ ପୂର୍ବରୁ ଅନେକ ଥର ଅର୍ଥ ପୁରସ୍କାର, ପ୍ରଶଂସା ପତ୍ର ଓ ଭଲ ସେବା ପାଇଁ ଅନେକ ଥର ସମ୍ମାନିତ ହୋଇଛନ୍ତି। ସାହୁଙ୍କର ଉତ୍ତମ କାର୍ଯ୍ୟ ଦକ୍ଷତା ପାଇଁ ଓଡ଼ିଶା ସରକାରଙ୍କ ତରଫରୁ ତାଙ୍କ କର୍ତ୍ତବ୍ୟନିଷ୍ଠା ଏବଂ ସାଧୁତା ସ୍ୱୀକୃତି ସ୍ୱରୂପ ରାଜ୍ୟପାଳ ପଦକ ସହ ମାନପତ୍ରରେ ସମ୍ମାନିତ କରାଯାଇଅଛି।



# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ





ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡି ବ୍ଲକ୍‌ର ବିଭିନ୍ନ ସ୍ଥାନରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ୍ କଂଗ୍ରେସ ପକ୍ଷରୁ ବ୍ଲକ କଂଗ୍ରେସ ସମ୍ପାଦକ ସଚ୍ଚିକାନ୍ତ ନାୟକ ପତାକା ଉତ୍ତୋଳନ କରିଥିବାବେଳେ ବିଧାୟକ ପ୍ରତିନିଧି ସରୋଜ କୁମାର ଦାସ, ତ୍ରିଲୋଚନ ମହାଳିକ, କୈଳାସ ପାତ୍ର, ସୌମ୍ୟଗୋପାଳ ନାୟକ, ମାଧବାନନ୍ଦ ନାୟକ, ନାରାୟଣ ଜେନା ସୁଧାଂଶୁ ଶେଖର ମାହୁନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି କାର୍ଯ୍ୟାଳୟରେ ବିଜେଡି ଜିଲ୍ଲା ଉପ-ସଭାପତି ସୁରେନ୍ଦ୍ର କୁମାର ନାୟକ ପତାକା ଉତ୍ତୋଳନ କରିଥିବା ବେଳେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ବ୍ଲକ ଅଧକ୍ଷା ଅବନ୍ତୀ ଦାସ, ସଂଗ୍ରାମ ଦାସ, କମଳାକାନ୍ତ ଲେଙ୍କା, ଭରତ ମହାପାତ୍ର, ପୂର୍ବତନ ସରପଞ୍ଚ କିର୍ତ୍ତନ ରାଉତ, ଗଣେଶ ନାୟକ, ସୁରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଜେପି ପକ୍ଷରୁ ସମିତିସଭ୍ୟ ଶୁକଦେବ ମଳିକ ପତାକା ଉତ୍ତୋଳନ କରିଥିବାବେଳେ ରଘୁନାଥ ପାତ୍ର, ସୀତାକାନ୍ତ ନାୟକ, ପ୍ରତାପ ଜେନା, ମଣ୍ଡଳ ସଭାପତି କେଶବ ବେହେରା, ତପୁନୁ ପାଣି, ଅମୁଲ୍ୟ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଗତିଶୀଳ ସାହିତ୍ୟ, ସଙ୍ଗୀତ ଓ ସାଂସ୍କୃତିକ ସଙ୍ଗଠନ 'ସଖା' ପକ୍ଷରୁ ପାଳିତ ହୋଇଯାଇଛି। ସଭାପତି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ କାର୍ଯ୍ୟକାରୀ ସଭାପତି ବସନ୍ତ କୁମାର ଦାସ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୈତାରୀ ସାହୁ, କୁଳମଣି ସାବତ, ଅମର ସେଠୀ, ନୀଳାମ୍ବର ସେଠୀ, ମନମୋହନ ସାହୁ, ସୁଦାମ ପାତ୍ର, ବିକାଶ ରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇ ଜନରାଜ୍ୟ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସଭାପତି ଭଗବାନ ଚନ୍ଦ୍ର ନାୟକ ପତାକା ଉତ୍ତୋଳନ କରିଥିଲେ। ଅତିଥି ଭାବେ ସାମ୍ବାଦିକ ରାମନାରାୟଣ ନାୟକ, ସମ୍ପାଦକ କାଳିଚରଣ ମଲ୍ଲିକ, ସର୍ବେଶ୍ୱର ବଳ, ଭାଗିରଥି ଆଚାର୍ଯ୍ୟ, ବାବାଜୀ ମହାକୁଡ଼, ଜୟକୃଷ୍ଣ ସେଠୀ, ନିର୍ମଳ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ତିହିଡ଼ି ଯୁବମଞ୍ଚ ପକ୍ଷରୁ ଉପଦେଷ୍ଟା ସଚ୍ଚିକାନ୍ତ ନାୟକ ପତାକା ଉତ୍ତୋଳନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଭାତ ରାଉଳ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସଭାପତି କୈଳାସ ବେହେରା, ନିରଞ୍ଜନ ବାରିକ, ନୀଳମାଧବ ସେନାପତି, ପ୍ରିୟବ୍ରତ ପାଢ଼ୀ, ସାକିରୁଦ୍ଦିନ୍ ଖାଁ, ସୁରେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତିହିଡ଼ି ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ସଭାପତି ସନ୍ନ୍ୟାସୀ ଚରଣ ବ୍ରହ୍ମ ପତାକା ଉତ୍ତୋଳନ କରିଥିବାବେଳେ ପ୍ରତାପ ଚନ୍ଦ୍ର ଆଚାର୍ଯ୍ୟ, ବିଭୂତି ଭୂଷଣ ସେନାପତି, କୁଳମଣି ସାହୁ, ପୀତବାସ ମହାରାଜ, ନରହରି ନାୟକ, ଅକ୍ଷୟ ବାରିକ, ପ୍ରଫୁଲ୍ଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଭଦ୍ରକ-ବାଲେଶ୍ୱର ସମବାୟ ବ୍ୟାଙ୍କ ତିହିଡ଼ି ଶାଖା ପକ୍ଷରୁ ଶାଖା ପରିଚାଳକ ସୁଶାନ୍ତ କୁମାର ପୁହାଣ ପତାକା ଉତ୍ତୋଳନ କରିଥିଲେ। ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ନମିତା ଧଳ ପତାକା ଉତ୍ତୋଳନ କରିଥିବା ବେଳେ ପ୍ରଧାନ କିରାଣୀ ବୁଦ୍ଧିରାମ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ଅବନ୍ତୀ ଦାସ ପତାକା ଉତ୍ତୋଳନ କରିଥିବାବେଳେ ଏବିଡିଓ ମାନସ କୁମାର ଜେନା, ଡବ୍ଲ୍ୟୁଓ ରଶ୍ମିରଂଜନ ବେହେରା, ମନରେଗା ସହକାରୀ ସୁଧାଂଶୁ ନାୟକ, ବିଏସଓ ନିହାର ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ତିହିଡ଼ି ଥାନାରେ ଭାରପ୍ରାପ୍ତ ଅଧିକାରୀ ପ୍ରସନ୍ନ କୁମାର ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଏସ୍.ଆଇ. ଅରୁନ୍ଧତୀ ବେହେରା ଓ ପ୍ରବୀଣ ଗିରି, ଏ.ଏସ୍.ଆଇ. କମଳାକାନ୍ତ ଶତପଥୀ, ଚାନ୍ଦିନୀ ସ୍ୱାଇଁ, କୁମୁଦିନୀ ବେହେରା, ଚିତ୍ତରଞ୍ଜନ ବାରିକ, ହାବିଲଦାର ନକୁଳ ସେନାପତି, ବିଦ୍ୟାଧର ସୂତାର ପ୍ରମୁଖ ଉପସ୍ଥିତ ଥିଲେ। ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ଶୁଭକାନ୍ତ ଓଝା ପତାକା ଉତ୍ତୋଳନ କରିଥିଲେ। ଏଥିରେ ଡା. ସିଦ୍ଧାନ୍ତ ରାଉତ, ବିତ୍ତୀୟ ଅଧିକାରୀ ବିପ୍ଲବ ରଞ୍ଜନ ପତି, ଫାର୍ମାସିଷ୍ଟ୍ ସଞ୍ଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଡାକ୍ତର ନିରାକାର ଜେନା ପତାକା ଉତ୍ତୋଳନ କରିଥିଲେ। ବ୍ୟାଙ୍କ, ଉପ-ନିବନ୍ଧକ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହିତ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ, ବିଭିନ୍ନ ସଂଗଠନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।



ବାରଙ୍ଗ, (ଭାସ୍କର ନ୍ୟୁଜ୍): ସାରା ଦେଶ ପାଳିଛି ସାଧାରଣତନ୍ତ୍ର ଦିବସ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖରେ ଦେଶର ସମ୍ବିଧାନ ପ୍ରଣୟନ ହୋଇଥିଲା। ତେବେ ଏହି ଅବସରରେ ଦେଶ ସହ ରାଜ୍ୟ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି ସାଧାରଣତନ୍ତ୍ର ଦିବସ। ବାରଙ୍ଗର ବିଭିନ୍ନ ଶିକ୍ଷାନୁଷ୍ଠାନ ତଥା କ୍ଲବମାନଙ୍କରେ ୭୬ତମ ସାଧାରଣତନ୍ତ୍ର ପାଳନ ହୋଇଯାଇଛି। ଏହି ଅବସରରେ ନରଣପୁର ସ୍ଥିତ ଆଞ୍ଚଳିକ ପ୍ରେସକ୍ଲବ କାର୍ଯ୍ୟାଳୟରେ ସଭାପତି ମହେନ୍ଦ୍ର ବେହେରା ଓ ଉପଦେଷ୍ଟା ସନ୍ତୋଷ କୁମାର ପାଣି, ସମ୍ପାଦକ ରୁଦ୍ରନାରାୟଣ ଷଡଙ୍ଗୀ, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଭଞ୍ଜ, ସାମ୍ବାଦିକ ପ୍ରବୀଣ ପ୍ରଧାନ, ସନ୍ତୋଷ ମଲ୍ଲିକ ଓ ବିକାଶ ବେହେରା ଓ କିଛି ସଭ୍ୟଙ୍କ ଉପସ୍ଥିତିରେ ପତାକା ଉତ୍ତୋଳନ କରାଯାଇଥଲା। ସେହିପରି ମୁଣ୍ଡଳୀଠାରେ ଏନଡିଆରଏଫର ପ୍ୟାରେଡ଼ ପଡ଼ିଆଠାରେ କର୍ମଚାରୀଙ୍କ ଦ୍ୱାରା ଏକ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କର୍ମଚାରୀ ଓ ପ୍ରଶିକ୍ଷାର୍ଥିଙ୍କ ଦ୍ୱାର ପ୍ୟାରେଡ ପ୍ରଦର୍ଶନ କରାଯାଇଥିଲା। ସେହିପରି ବାରଙ୍ଗ ପତଞ୍ଜଳି ଯୋଗ ଶିବିରରେ ସାଧାରଣ ତନ୍ତ୍ର ଦିବସ ପାଳିତ ହୋଇଯାଇଛି, ତହସିଲ ପ୍ରଭାରୀ ସନ୍ତୋଷ ପାଣି ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶିବିର ସଞ୍ଚାଳିକା କବିତା ସାହୁ, ପୁର୍ଣ୍ଣମା ଦାସ, ଲକି ରାଉତ, ଚିତ୍ରା ମହାନ୍ତି, ରୁନିଆ ଭୋଳ ପ୍ରମୁଖ ପରିଚାଳନା କରିଥିଲେ, ବାରଙ୍ଗ ଥାନା ପରିସରରେ ଆଇଆଇସି ଦେବେନ୍ଦ୍ର କୁମାର ବିଶ୍ୱାଳ, ବାରଙ୍ଗ ବ୍ଲକରେ ବିଡିଓ ସ୍ୱାଗତ ଦାସ, ବାରଙ୍ଗ ତହସିଲ କାର୍ଯ୍ୟାଳୟରେ ତହସିଲଦାର ତୁଷାର ଜ୍ୟୋତିରଞ୍ଜନ, ଗୋଡିସାହି ଫାଣ୍ଡିରେ ବିଚିତ୍ର ନନ୍ଦ ପ୍ରଧାନ ବାରଙ୍ଗ ଅଗ୍ନିଶ୍ରମ ବିଭାଗ, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଓ ବାରଙ୍ଗ ସବରେଜିଷ୍ଟର ଅଫିସରେ ପତାକା ଉତ୍ତଳୋନ କରାଯାଇଥିଲା। ତ୍ରିଶୂଳିଆ ଛକରେ ପୂର୍ବତନ ଜିଲ୍ଲାପରିଷଦ ଅଳୟ କୁମାର ମୁଦୁଲି ପତାଜା ଉତ୍ତଳୋନ କରିଥିଲେ। ଏହିପରି ଭାବରେ ବାରଙ୍ଗ ମେଡିକାଲ, ମୁଣ୍ଡଳୀ ମେଡିକାଲ, ବିଭିନ୍ନ କ୍ଲବ, ଶିକ୍ଷାନୁଷ୍ଠାନ, ଶିଳ୍ପପ୍ରତିଷ୍ଠାନ ଆଦି ମାନଙ୍କରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା।

## ନିଆରା ଢଙ୍ଗରେ ସାଧାରଣତନ୍ତ୍ର ଦିବସ ପାଳିତ



କୋରୁକୋଣ୍ଡା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ବାଲିମେଳା ସହର ସ୍ଥିତ ଓର୍କେଲ ଥାନାଧିକାରୀ ଧିରେନ ପଟ୍ଟନାୟକ ଏକ ନିଆରା ଢଙ୍ଗରେ ପାଳିଲେ ସାଧାରଣ ତନ୍ତ୍ର ଦିବସ। ନିଜ ପରିବାର ସହ ବାଲିମେଳା ଠାରେ ଥିବା ମାଲ୍ୟବନ୍ତ ସ୍ୱେଚ୍ଛାସେବୀ ସମିତି ଦ୍ୱାରା ପରିଚାଳିତ ଏକ ଅନାଥାଶ୍ରମରେ ପହଞ୍ଚି ପାଳିଲେ ସାଧାରଣତନ୍ତ୍ର ଦିବସ। ସାଧାରଣତନ୍ତ୍ର ଦିବସର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଓର୍କେଲ ଥାନାଧିକାରୀଙ୍କ ଦ୍ୱାରା ଏମିତି ଏକ ସୁନ୍ଦର ପ୍ରୟାସ କରିବାର ଦେଖିବାକୁ ମିଳିଥିଲା। ନିଜ ସପରିବାର ସେହି ଅନାଥାଶ୍ରମରେ ପହଞ୍ଚି ପ୍ରଥମେ କୁନି କୁନି ପିଲାମାନଙ୍କ ସହ କିଛି ସମୟ ଅତିବାହିତ କରିଥିଲେ। ଅନାଥାଶ୍ରମର ପିଲାମାନେ ଗୀତା ପାଠ କରିବା ସହ ବିଭିନ୍ନ ଗୀତ ଗାଇଥିଲେ। ଥାନାଧିକାରୀ ମଧ୍ୟ ପିଲାମାନଙ୍କୁ ଅନେକ ଶିକ୍ଷଣୀୟ ପରାମର୍ଶ ଦେବା ସହ ସାଧାରଣ ତନ୍ତ୍ର ଦିବସର ବିଶେଷତ୍ୱ ସମ୍ପର୍କରେ ବୁଝାଇଥିଲେ। କିପରି ଆମ ଦେଶ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧିନତା ପାଇଲା ଏବଂ ଆଜିର ଦିନ ଜାନୁଆରୀ ୨୬ ତାରିଖ ୧୯୫୦ ମସିହାରେ କିପରି ସମ୍ବିଧାନ ଲାଗୁ ହେଲା। ଏହି ଦିନକୁ ମନେ ପକାଇବା ପାଇଁ ଭାରତରେ ପ୍ରତି ବର୍ଷ ଜାନୁୟାରୀ ୨୬ ତାରିଖରେ ଆମେ ଏହି ଗର୍ବ ଗୌରବର ଦିବସକୁ ଦେଶବାସୀ ସାଧାରଣ ତନ୍ତ୍ର ଦିବସ ଭାବେ ପାଳନ କରିଥାନ୍ତି ବୋଲି ପିଲାମାନଙ୍କୁ ବୁଝାଇଥିଲେ ଥାନାଧିକାରୀ।ଏହା ସହିତ ଅନାଥାଶ୍ରମର ପାଖାପାଖି ୧୫ରୁ ୨୦ ଅନ୍ତେବାସୀଙ୍କ ପାଇଁ ନିଜ ଘରୁ ପ୍ରସ୍ତୁତ କରି ନେଇଥିବା ସୁସମ ଖାଦ୍ୟକୁ ଅନାଥ ପିଲାମାନଙ୍କ ସହ ଥାନାଧିକାରୀ, ତାଙ୍କ ପତ୍ନୀ ଓ ଝିଅ ମିଶି ଖାଇଥିଲେ। ଅନାଥାଶ୍ରମର ଅନ୍ତେବାସୀ ମଧ୍ୟରେ ଅନେକ ପ୍ରତିଭା ଲୁକ୍କାୟିତ ଭାବେ ରହିଥିବା ଜାଣି ଥାନାଧିକାରୀ ପଟ୍ଟନାୟକ ଏବଂ ତାଙ୍କ ପରିବାର ଖୁସି ପ୍ରକଟ କରିଥିଲେ ଏବଂ ଆଗାମୀ ଦିନରେ ସେମାନଙ୍କ ପାଇଁ ସହଯୋଗର ହାତ ବଢାଇବେ ବୋଲି କହିଥିଲେ। ଏହି ଅବସରରେ ଇଂ.ବିଜୟ ପ୍ରଧାନ, ସାମ୍ବାଦିକ ଶିବଦତ୍ତ ସାହୁ ସମେତ ଚିତ୍ତରଞ୍ଜନ ନାୟକ, ସାଗର ନାୟକ, ରାମଚନ୍ଦ୍ର ପାଢୀ, ପ୍ରଦ୍ୟୁମ୍ନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

ଭଞ୍ଜନଗର, (ଭାସ୍କର ନ୍ୟୁଜ୍): ମା' କାଳୀ କୃଷକ ବିଦ୍ୟାପୀଠ, ପୋଚାଲୁଣ୍ଡି ବାର୍ଷିକୋତ୍ସବ ପାଳିତ ହୋଇଯାଇଅଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଭଞ୍ଜନଗରର ଅବସର ପ୍ରାପ୍ତ ବନ କର୍ମଚାରୀ ତଥା ବନ୍ୟପ୍ରାଣୀ ରକ୍ଷକ ଓ ସମାଜ ସେବି ଶୁଳପାଣି ଶତପଥୀ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥୀ ଭାବେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପୂର୍ବତନ ପିଟିଏମ୍ ସଭାପତି ଭାସ୍କର ଚନ୍ଦ୍ର ଜେନା, ବାଲିପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଇ.ନୀଳାଞ୍ଚଳ ପାତ୍ର, ବିଷ୍ଣୁଚକ୍ର କ୍ଲଷ୍ଟରର ସିଆରସିସି ସନ୍ତୋଷ କୁମାର ଡାକୁଆ, ଯୁବ ସ୍ୱେଚ୍ଛାସେବୀ ଶୁଭାଶିଷ ମହାପାତ୍ର ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ରମାରଞ୍ଜନ ମିଶ୍ର ପ୍ରମୁଖ ମଞ୍ଚାସୀନ ରହି ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହା ସହିତ ଶିକ୍ଷକ ବେଦବ୍ୟାସ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଜଗନ୍ନାଥ ଅଷ୍ଟକମ ଓ ଦୀପ ପ୍ରଜ୍ୱଳନ ମନ୍ତ୍ର ଗାନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାଗତ ନୃତ୍ୟ ଛାତ୍ରୀମାନେ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ମଞ୍ଚାସୀନ ଅତିଥିବୃନ୍ଦ ଛାତ୍ରଛାତ୍ରୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଗଠନରେ ଅଭିଭାବକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଶୂଳପାଣି ଶତପଥିଙ୍କ ତତ୍ତ୍ୱାବଧାନରେ ସଡକ ସୁରକ୍ଷା ବୃକ୍ଷ ରୋପଣ, ନିଶା ନିବାରଣ, ବନ୍ୟଜନ୍ତୁ ସୁରକ୍ଷା, ଜଙ୍ଗଲ ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ନିୟମ ବିଷୟରେ ସଚେତନତା କରାଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯିବା ସହ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବନପଲ୍ଲୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶ୍ରୀ ରଶ୍ମିରଞ୍ଜନ ଅଟୋ ଅତି ନିପୁଣ ମଞ୍ଚ ପରିଚାଳନା କରିଥିଲେ।

## ଟାଟା ଷ୍ଟିଲ କଳିଙ୍ଗନଗରରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ



ବ୍ୟାସନଗର, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା କଳିଙ୍ଗନଗର ସ୍ଥିତ ଟାଟା ଷ୍ଟିଲ୍ କଳିଙ୍ଗନଗର ସାଧାରଣ କାର୍ଯ୍ୟାଳୟ ପରିସରରେ ରବିବାର ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଟାଟା ଷ୍ଟିଲ କଳିଙ୍ଗନଗରର ମେକାନିକାଲ ରକ୍ଷଣାବେକ୍ଷଣ ମୁଖ୍ୟ ଶଙ୍କର ବିଶ୍ୱାସ ଜାତୀୟ ପତାକା ଉତ୍ତୋଳନ କରିବା ପରେ ଜାତୀୟ ସଙ୍ଗୀତ ଗାନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଟା ଷ୍ଟିଲ କଳିଙ୍ଗନଗରର ବରିଷ୍ଠ ଅଧିକାରୀ, ସଂଘର ଅଧିକାରୀ, କର୍ମଚାରୀ, କମ୍ୟୁନିଟି ସଦସ୍ୟ ଏବଂ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ଉତ୍ସବର ମୁଖ୍ୟ ଅତିଥି ବିଶ୍ୱାସ ଏହି ଅବସରରେ କହିଛନ୍ତି ଯେ, ଆମେ ଏହି ଐତିହାସିକ ଅବସରକୁ ପାଳନ କରୁଥିବା ବେଳେ ଆମ ଦେଶ ଯେଉଁ ନୀତି ଓ ମୂଲ୍ୟବୋଧ ପାଇଁ ନିଜର ସ୍ଥିତିକୁ ବଜାୟ ରଖିଛି ତାହା ଆମ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ। ସ୍ୱାଧୀନତା, ସମାନତା ଏବଂ ବିବିଧତା ମଧ୍ୟରେ ଏକତାର ଆଦର୍ଶକୁ ବଜାୟ ରଖିଥିବା ଏକ ଦେଶର ଅଂଶ ହୋଇଥିବାରୁ ଆମ୍ଭେମାନେ ନିଜକୁ ଭାଗ୍ୟବାନ ମନେ କରୁଛେ। ଆମର ବିବିଧତା ହେଉଛି ଆମର ଶକ୍ତି ଏବଂ ଏହା ହିଁ ଆମ ଦେଶକୁ ଅନନ୍ୟ ଏବଂ ଜୀବନ୍ତ କରି ରଖିଛି। ଏହି ସାଧାରଣତନ୍ତ୍ର ଦିବସରେ ଆସନ୍ତୁ ଆମେ ଦେଶ ନିର୍ମାଣରେ ଯୋଗଦାନ କରିବା ଓ ଭାରତକୁ ବିଶ୍ୱର ଅନ୍ୟତମ ଅଗ୍ରଣୀ ରାଷ୍ଟ୍ରରେ ପରିଣତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହେବା। ଏହି ଉତ୍ସବରେ ଉତ୍ସର୍ଗୀକୃତ ଓ ଅନୁକରଣୀୟ ସେବା ପ୍ରଦର୍ଶନ କରୁଥିବା ସୁରକ୍ଷା ଓ ଅଗ୍ନିଶମ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ୭୬ ତମ ସାଧାରଣତନ୍ତ୍ର ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ୍ ପରିସରରେ ବିଧାୟକ ସଞ୍ଜିବ କୁମାର ମଲ୍ଲିକ, ତହସିଲ ପରିସରରେ ତହସିଲଦାର ସରୋଜକାନ୍ତ ନାୟକ, ମେଡିକାଲ ପରିସରରେ ଅଧିକ୍ଷକ ଡାକ୍ତର କମଳାକାନ୍ତ ସ୍ୱାଇଁ, ବ୍ଲକ ଶିକ୍ଷା କାର୍ଯ୍ୟାଳୟରେ ବିଇଓ ଅଧିର କୁମାର ତରାଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଜେପି କାର୍ଯ୍ୟାଳୟରେ ଯୁବନେତା ସୁରେଶ ସାମଲ, କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ରଜନୀକାନ୍ତ ଚାନ୍ଦ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମାଳଦା ପଞ୍ଚାୟତରେ ସରପଞ୍ଚ ମିନତୀ ପରିଡ଼ା, ରହଣିଆ ପଞ୍ଚାୟତରେ ସରପଞ୍ଚ ରଞ୍ଜନ କୁମାର ପରିଡ଼ା, ଦକ୍ଷିଣବାଡ଼ ପଞ୍ଚାୟତରେ ସରପଞ୍ଚ ବର୍ଷାରାଣୀ ଜେନା, ବୟାବନାପୁର ପଞ୍ଚାୟତରେ ସରପଞ୍ଚ ମିନତୀ ସାହୁ, ନପଙ୍ଗ ପଞ୍ଚାୟତରେ ସରପଞ୍ଚ ସୁବାସିନୀ ନାୟକ, ବାଲିପୋଖରୀ ପଞ୍ଚାୟତରେ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ, ପାଟୁଳି ପଞ୍ଚାୟତରେ ସରପଞ୍ଚ ଅନିତାରାଣୀ ରାଉତ, ନଗୁଆଁ ପଞ୍ଚାୟତରେ ସରପଞ୍ଚ କାଞ୍ଚନବାଳା ପାତ୍ର, ବିଷ୍ଣୁପୁର ପଞ୍ଚାୟତରେ ସରପଞ୍ଚ ଅମୂଲ୍ୟ କୁମାର ନାୟକ, ଜଳମଣ୍ଡୁଆ ପଞ୍ଚାୟତରେ ସରପଞ୍ଚ ବାସନ୍ତିଲତା ଦାସ, ଷୋଳମପୁର ପଞ୍ଚାୟତରେ ସରପଞ୍ଚ ପରମାନନ୍ଦ ନାୟକ, ନାଆମୀ ପଞ୍ଚାୟତରେ ସରପଞ୍ଚ ସସ୍ମିତା ସେଠୀ, ତେସିଙ୍ଗାରେ ସଭାପତି ନାରାୟଣ ଚନ୍ଦ୍ର ଦାଶ, ନାଆମୀରେ ସଭାପତି ଦିପ୍ତିସୂର୍ଯ୍ୟ ବିଶ୍ୱାଳ, ବାଲିପୋଖରୀରେ ସଭାପତି ଅଧର କୁମାର ରାଉତ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ୧୬ନଂ ଜାତୀୟ ରାଜପଥ ଭାଗଡା-ନାରାୟଣପୁର ଟୋଲ ପ୍ଲାଜାରେ ପରିଚାଳକ ବିମମ ଶର୍ମାଙ୍କ ଉପସ୍ଥିତିରେ କର୍ମଚାରୀ ସଂଘ ସଭାପତି ଜୟନ୍ତ କୁମାର ସାହୁ, ଭଣ୍ଡାରିପୋଖରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନଶିକ୍ଷକ ରତିକାନ୍ତ ବେହେରା, ମହୁରା ହାଇସ୍କୁଲରେ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା, ମଣିନାଥପୁର ଏନ.କେ.ପି. ଉଚ୍ଚ ବିଦ୍ୟାପୀଠରେ ପ୍ରଧାନଶିକ୍ଷକ ସମୀର କୁମାର ଚୌଧୁରୀ, ଭଣ୍ଡାରିପୋଖରୀ କଲେଜରେ ଅଧକ୍ଷ ଭରତ କରଣଙ୍କ ଉପସ୍ଥିତିରେ ନାରାୟଣ ଚନ୍ଦ୍ର ମହାପାତ୍ର, ବାରିକପୁର ଡଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ରମେଶ ଚନ୍ଦ୍ର ବେଉରିଆ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଶାରଦା ବିଦ୍ୟାମନ୍ଦିରରେ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର, ଷୋଳମପୁର ଶିଶୁ ମନ୍ଦିରରେ ସମ୍ପାଦକ ବିଶ୍ୱମ୍ଭର ରାଉତ, ପର୍ବତୀ ଉପ୍ରା ଓ କନକମଞ୍ଜରୀ ମଇ ବିଦ୍ୟାଳୟରେ ପ୍ରାକ୍ତନ ସମିତି ସଭ୍ୟ ରାମଚନ୍ଦ୍ର ପରିଡା, ଭଣ୍ଡାରିପୋଖରୀ କଲଚରାଲ ଏକାଡେମୀରେ ସଭାପତି ଅନନ୍ତ ତ୍ରିପାଠୀ, ମଞ୍ଜୁରୀରୋଡ ଡାକ୍ତର ଶରତଚନ୍ଦ୍ର ଘୋଷ କଲଚୁରାଲ ଏକାଡେମୀରେ ଉପସଭାପତି ପଦ୍ମଲୋଚନ ଦାସ, ମଞ୍ଜୁରୀରୋଡ ଜିପିୟୁ ବିଦ୍ୟପୀଠରେ ପୁରାତନ ଛାତ୍ର ସଂସଦ ଉପସଭାପତି ବଶ୍ୱନାଥ ବାରିକ, ରହଣିଆ ସରସ୍ୱତୀ ଶିଶୁମନ୍ଦିରରେ ପ୍ରଭାତ କୁମାର ରାଉତ ଜାତୀୟପତାକା ଉତ୍ତୋଳନ କରି ଉଦବୋଧନ ଦେଇଥିଲେ।

## ଅସ୍ତରଙ୍ଗ ବ୍ଲକ୍‌ର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ୭୬ତମ ଗଣତନ୍ତ୍ର ଦିବସ ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ବିଭିନ୍ନ ସ୍ଥାନରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବ ଅବସରରେ ଅସ୍ତରଙ୍ଗ ଥାନା ସାମ୍ନାରେ ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ଆନୁକୂଲ୍ୟରେ ସଭାପତି ବିଜୟ ବେହେରା ଙ୍କ ପୌରୋହିତରେ ଅତିଥି ଭାବେ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି, ଅସ୍ତରଙ୍ଗ ଥାନାଅଧିକାରୀ ରାଜେଶ ବଳିୟାର ସିଂ, ମିଡ଼ିଆ ଫୋରମ୍ ଉପସଭାପତି ନରେନ୍ଦ୍ର ଛାଟୋଇ, ଅବସର ପ୍ରାପ୍ତ ସେନା କର୍ମଚାରୀ, ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବୀ ଓ ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ସଦସ୍ୟଙ୍କ ଉପସ୍ଥିତରେ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଭାରତର ସମ୍ବିଧାନ ପ୍ରଣେତା ଡକ୍ଟର ଭୀମ ରାଓ ଆମ୍ବେଦକରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ଅଭିଭାଷଣରେ କହିଥିଲେ। ଅନ୍ୟ ପଟେ ଅସ୍ତରଙ୍ଗ ତହସିଲ, ଅସ୍ତରଙ୍ଗ ବ୍ଲକ୍, ଅସ୍ତରଙ୍ଗ ଥାନା, ନୂଆଗଡ ସାମୁଦ୍ରିକ ଥାନା, ପ୍ରାଣୀଚିକିତ୍ସାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ବିଭିନ୍ନ ସ୍ଥାନରେ ଥିବା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ, ଉକୁଳେଇ ସ୍ଥିତ ଅବସରପ୍ରାପ୍ତ ସେନା କର୍ମଚାରୀ କାର୍ଯ୍ୟାଳୟ, କଂଗ୍ରେସ କାର୍ଯ୍ୟାଳୟ, ମା ଦୁର୍ଗା କ୍ଲବ, ଭଗବତୀ କ୍ଲବ, ଲକ୍ଷ୍ମୀ କ୍ଲବ, ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ସବୁଜ ଶାଖା ସମେତ ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ଅବସରରେ ତ୍ରିରଙ୍ଗା ଉଡ଼ିଥିଲା।

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ସଦର ମହକୁମାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍ ଠାରେ ୭୬ ତମ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାନ୍ୟବର ମନ୍ତ୍ରୀ,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ କାରିଗରୀ ବିଭାଗ, କୃଷ୍ଣଚନ୍ଦ୍ର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପ୍ୟାରେଡ଼ରେ ଅଭିବାଦନ ଗ୍ରହଣ କରିଥିଲେ। ସାଧାରଣତନ୍ତ୍ର ଦିବସରେ ସମସ୍ତ ଜିଲ୍ଲାବାସୀଙ୍କୁ ଅଭିନନ୍ଦନ ଜଣାଇ ମନ୍ତ୍ରୀ କହିଲେ ଯେ, ଆଜି ସବୁ ଭାରତୀୟଙ୍କ ପାଇଁ ଏକ ଗୌରବର ଦିବସ। ଦେଶର ସ୍ୱାଧୀନତାପ୍ରାପ୍ତି ପରେ ଯେଉଁ ମହାନ ଉପଲବ୍ଧି ଆମେ ହାସଲ କରିଥିଲୁ ତାହା ହେଲା ଦେଶକୁ ଗଣତନ୍ତ୍ର ରାଷ୍ଟ୍ର ଭାବେ ଗଢ଼ିତୋଳିବା ଓ ଆଜି ଆମେ ବିଶ୍ୱର ସର୍ବବୃହତ ଗଣତନ୍ତ୍ରର ଗୌରବ ଅର୍ଜନ କରିପାରିଛୁ। ସେଥିପାଇଁ ୨୬ ଜାନୁୟାରୀ ୧୯୫୦ ମସିହା ଆମପାଇଁ ସ୍ମରଣୀୟ ଦିବସ। ଗଣତନ୍ତ୍ରର ଆତ୍ମା ହେଉଛି ସମ୍ବିଧାନ ଏବଂ ସମ୍ବିଧାନରେ ପ୍ରତିଟି ନାଗରିକ ହେଉଛି ସର୍ବୋପରି। ଏପରି ଏକ ଧର୍ମ ନିରପେକ୍ଷ, ସାର୍ବଭୌମ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରାଷ୍ଟ୍ର ଗଠନ ନିମନ୍ତେ ମାନ୍ୟବର ମନ୍ତ୍ରୀ ଜାତିର ପିତା ମହାତ୍ମାଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ,




ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ସୁଭାଷ ଚନ୍ଦ୍ର ବୋଷ, ଡ. ଭୀମରାଓ ଆମ୍ବେଦକର, ଗୋପବନ୍ଧୁ ଦାସ, ବୀର ସୁରେନ୍ଦ୍ର ସାଏ, ବିଜୁ ପଟ୍ଟନାୟକ ଙ୍କ ଠାରୁ ଆରମ୍ଭ କରି ଜଗତସିଂହପୁରର ବରପୁତ୍ର ଗୋପବନ୍ଧୁ ଚୌଧୁରୀ, ମା' ରମାଦେବୀ, ସରଳାଦେବୀ, ମାଳତୀ ଚୌଧୁରୀ, ପ୍ରାଣକୃଷ୍ଣ ପଡ଼ିହାରୀ, ଜାତୀୟ କବି ବୀରକିଶୋର ଦାସ ପ୍ରଭୃତି ସଂଗ୍ରାମୀଗଣଙ୍କ ଉଦ୍ଦେଶ୍ୟରେ ନିଜର ସମ୍ମାନ ଜଣାଇଥିଲେ।

ବ୍ୟାସନଗର, (ଭାସ୍କର ନ୍ୟୁଜ୍): କୋରାଇ ବ୍ଲକ କଂଗ୍ରେସ ତରଫରୁ କୋରାଇ କିଲ୍ଲା ପଡିଆ ଠାରେ ସାଧାରଣତନ୍ତ୍ର ଦିବସ ପାଳନ ହୋଇଯାଇଛି। ବ୍ଲକ୍ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନାଙ୍କ ପରିଚାଳନାରେ ବ୍ଲକ୍‌ର ବରିଷ୍ଠ କଂଗ୍ରେସ ନେତା ହରେକୃଷ୍ଣ ସାହୁ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତ ର ନେତୃମଣ୍ଡଳୀ ସହ ବ୍ଲକ୍‌ର କର୍ମକର୍ତ୍ତା ଗଣ ଜାତୀୟ ପତାକା ତଳେ ଛିଡ଼ା ହୋଇ ଦେଶର ଏହି ଘଡି ସନ୍ଧି ମୂହୁର୍ତ୍ତରେ ଏକାଠି ହୋଇ ଅଖଣ୍ଡ ଭାରତର ସେବା ସୂରୂପ୍ ବିଶ୍ୱର ସର୍ବଶ୍ରେଷ୍ଠ ଗଣତନ୍ତ୍ର ଦେଶର ମାନ୍ୟତାକୁ ବଞ୍ଚେଇ ରଖିବାର ଗାରିମାକୁ ଶପଥ ନେବାର ବେଳ ଆସିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ଯେନା, ଶରତ ଚନ୍ଦ୍ର ପଣ୍ଡା,ବିନ୍ଦୁ ଭୂଷଣ ମଳିକ, ଉମାକାନ୍ତ ବେହେରା, ନାରାୟଣ ଚନ୍ଦ୍ର ବେହେରା,ଅମିତ୍ କୁମାର ଜେନା, ଗଜେନ୍ଦ୍ର କର, ଅନାଦି ଚରଣ ବେହେରା, ସେକ୍ ମୁନୁ, କଷ୍ଟି ମଳିକ, ଦେବେନ୍ଦ୍ର ନାଥଶର୍ମା, ସେକ୍ ସିରାଜ, ସୂର୍ଯ୍ୟମଣି ମଳିକ, ସେକ୍ ସାଜୁ,ବାବୁଲି ପେରେଇ, ମନୋଜ ଯେନା, ସେକ୍ ଆୟା ରୁଦ୍ଦିନ୍ ସହ ଅନ୍ୟମାନେ ଯୋଗଦେଇଥିଲେ। ଶେଷରେ ବ୍ଲକ୍ କଂଗ୍ରେସ କମିଟି ଉପସଭାପତି ନିରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

## ଶ୍ରୀମେଟାଲିକ କାରଖାନାରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ବାଂଶପାଳ ବ୍ଲକ୍‌ର ଆଁରାରେ ସ୍ଥାପିତ ଅଗ୍ରଣୀ ଶିଳ୍ପାନୁଷ୍ଠାନ ଶ୍ରୀମେଟାଲିକ କାରଖାନା ପରିସରରେ ୭୬ତମ ସାଧାରଣତନ୍ତ୍ର ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ଲାଣ୍ଟର ସଭାପତି ତଥା ସମାଜସେବୀ ସରୋଜ କୁମାର ବିଶ୍ୱାଳ ସାଧାରଣତନ୍ତ୍ର ଦିବସରେ ଆମ ସମ୍ବିଧାନକୁ ସୁରକ୍ଷିତ ରଖିବା ସହ ଦେଶମାତୃକାକୁ ଆମେ ଶତ୍ରୁ କବଳରୁ ସୁରକ୍ଷା କରିବା ଆମର ପରମ କର୍ତ୍ତବ୍ୟ ବୋଲି ସମବେତ କର୍ମଚାରୀଙ୍କୁ ଉଦବୋଧନ ଦେଇ କହିଥିଲେ। ପ୍ଲାଣ୍ଟର ସମସ୍ତ ସୁରକ୍ଷା କର୍ମଚାରୀଙ୍କ ଦ୍ୱାରା ଅନୁଷ୍ଠିତ ପ୍ୟାରେଡ଼ର ସେ ଅଭିବାଦନ ଗ୍ରହଣ କରିଥିଲେ। ବିଶ୍ୱାଳ ସମସ୍ତ କର୍ମଚାରୀଙ୍କୁ ଅଭିନନ୍ଦନ ଜ୍ଞାପନ କରିବା ସହ ବାଂଶପାବାସୀ ଏବଂ ପ୍ଲାଣ୍ଟର ପାର୍ଶ୍ୱବର୍ତ୍ତୀ ସମସ୍ତ ଅଧିବାସୀଙ୍କୁ ଏହି ଶୁଭ ଅବସରରେ ଶୁଭକାମନା ଜଣେଇବା ସହ ପ୍ଲାଣ୍ଟଟି ଆହୁରି କିପରି ବିକଶିତ ଏବଂ ସମୃଦ୍ଧ ହୋଇ ଆଗକୁ ବଢ଼ିପାରିବ ସେଥିନିମନ୍ତେ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏହି ସାଧାରଣତନ୍ତ୍ର ଦିବସରେ ପ୍ଲାଣ୍ଟର ସମସ୍ତ ସୁରକ୍ଷା କର୍ମଚାରୀ ଏବଂ କାର୍ଯ୍ୟରତ ସମସ୍ତ ଅଧିକାରୀ ଉପସ୍ଥିତଥିଲେ।




ଭାପୁର (ଭାସ୍କର ନ୍ୟୁଜ୍) : ଭାପୁର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣୀ ଶିବିର ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୭୫ ଗୋଟି ସମସ୍ୟାର ଅଭିଯୋଗ ଆସିଥିଲା ଏବଂ ଜିଲ୍ଲାପାଳ ଉପସ୍ଥିତ ରହି ଅଭିଯୋଗକାରୀଙ୍କ ସମସ୍ୟା ବୁଝିଥିଲେ । ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ୬୦ ଗୋଟି, ଗ୍ରାମ୍ୟ ସମସ୍ୟା ୭, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡ ୮ ଗୋଟି ଓ ତତ୍କାଳ ସମାଧାନ ୩୫ ଗୋଟି ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଏସ୍.ସୁଶ୍ରୀ, ଭାରପ୍ରାପ୍ତ ଉପ-ଜିଲ୍ଲାପାଳ ପ୍ରଭାତୀ ପରିଡ଼ା, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ସିଡିଓ କମ୍ ଇଓ-ଜିଲ୍ଲାପରିଷଦ ଲଗ୍ନଜିତ୍ ରାଉତ, ଅଭିଯୋଗ ଶୁଣାଣୀ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ କୁମାର ବେହେରା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସୁଶାନ୍ତ କୁମାର ଦାସ, ଆରକ୍ଷୀ ଉପଖଣ୍ଡ ଅଧିକାରୀ ବିମଳ କୁମାର ବାରିକଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଯୋଗ ଦେଇଥିବାବେଳେ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବ୍ଲକ ଉନ୍ନୟନ ଅଧିକାରୀ ସାରଦା ପ୍ରସାଦ ପଣ୍ଡା, ତହସିଲ କାର୍ଯ୍ୟାଳୟରୁ ଅତିରିକ୍ତ ତହସିଲଦାର, ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡ଼ାଙ୍କ ସମେତ ବ୍ଲକର ସମସ୍ତ କାର୍ଯ୍ୟାଳୟରୁ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଜନସାଧାରଣଙ୍କ ସମସ୍ୟାର ସମାଧାନ କରିଥିଲେ।

# ବିନା ଅଧିକାରୀରେ ଚାଲିଛି ଉମରକୋଟ ବ୍ଲକ୍ ଥାନା




ଉମରକୋଟ (ଭାସ୍କର ନ୍ୟୁଜ୍) : ନବରଙ୍ଗପୁର ଜିଲ୍ଲାର ବାଣିଜ୍ୟିକ ପେଣ୍ଠସ୍ଥଳୀ ଓ ଦ୍ୱିତୀୟ ବୃହତ୍ତମ ସହର ଭାବେ ଉମରକୋଟ ସହର ପରିଚିତ। ଜିଲ୍ଲାର ଦ୍ୱିତୀୟ ବଡ଼ ସହର ଉମରକୋଟ ଏବଂ ଏହି ସହରକୁ ସବଡ଼ିଭିଜନ ମାନ୍ୟତା ମିଳିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ସେପଟେ ଏହି ସହରରେ ସମସ୍ତ ବିଭାଗର କାର୍ଯ୍ୟାଳୟ ରହିଛି। କିନ୍ତୁ ଏଠାରେ ଏସଡିପିଓ ନାହାନ୍ତି, ଥାନା ଅଧିକାରୀ ନାହାନ୍ତି, ବ୍ଲକ୍‌ରେ ବିଡ଼ିଓ ନାହାନ୍ତି। ରାଇଘର ବିଡ଼ିଓ ଦୁଇଟି ବ୍ଲକ ସମ୍ଭାଳୁଛନ୍ତି। ପୌର ପରିଷଦରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ନାହାନ୍ତି ଅତିରିକ୍ତ ତହସିଲଦାର କାର୍ଯ୍ୟଭାର ସମ୍ଭାଳୁଥିବା ଦେଖିବାକୁ ମିଳିଛି। ଗତ ଏକ ମାସ ତଳେ ଏଠାରେ କାର୍ଯ୍ୟ ରତ ଥିବା ବିଡ଼ିଓଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା। କିନ୍ତୁ ତାଙ୍କ ବିପକ୍ଷରେ ଆଜି ପର୍ଯ୍ୟନ୍ତ ଏଠାରେ କୌଣସି ବିଡ଼ିଓଙ୍କୁ ନିଯୁକ୍ତି ଦିଆଯାଇନାହିଁ। ଏନେଇ ବିଗତ କିଛି ଦିନ ତଳେ ବ୍ଲକ ଅଧକ୍ଷା ଓ ସମିତି ସଭ୍ୟଙ୍କ ତରଫରୁ ବ୍ଲକ କାର୍ଯ୍ୟାଳୟକୁ ତାଲା ପକାଇ ଧାରଣାରେ ବସିଥିବା ଦେଖିବାକୁ ମିଳିଥିଲା । ପରେ ଉପ ଜିଲ୍ଲାପାଳ ଆସି ଧାରଣାରେ ବସିଥିବା ଅଧକ୍ଷା ଓ ସମିତିଙ୍କ ସହ ଆଲୋଚନା କରି ଆଠ ଦିନ ମଧ୍ୟରେ ନୂତନ ବିଡ଼ିଓ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଆଠ ଦିନରୁ ଉର୍ଦ୍ଧ୍ୱ ହୋଇଗଲେ ମଧ କୌଣସି ବିଡ଼ିଓଙ୍କ ଦେଖା ଦର୍ଶନ ନାହିଁ। ଠିକ ସେହିପରି ଉପଖଣ୍ଡ ଥାନା ଅଧିକାରୀଙ୍କୁ ପଦୋନ୍ନତି କରି, ଥାନା ଅଧିକାରୀଙ୍କୁ ଓ କାର୍ଯ୍ୟ ନିର୍ବାହି ଅଧିକାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଏହି କାର୍ଯ୍ୟାଳୟ ଗୁଡିକରେ ଅଧିକାରୀ ନଥିବାରୁ ଦୂର ଦୂରାନ୍ତରୁ କାମ ପାଇଁ ଆସୁଥିବା ବୃଦ୍ଧ, ବୃଦ୍ଧା ଓ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି।ଏଭଳି କାର୍ଯ୍ୟାଳୟ ଗୁଡିକ ବିନା ସରକାରୀ ଅଧିକାରୀ ରେ କେତେ ଦିନ ଚାଲିବ ତାହା ଆଲୋଚନାର ପାତ୍ର ପାଲଟିଛି। ଜିଲ୍ଲାପାଳ ଓ ଜିଲ୍ଲା ଅଧିକ୍ଷକ ଏବିଷୟରେ ଦୃଷ୍ଟି ଦେବା ଆବଶ୍ୟକ ରହିଛି।

# ଭାପୁରରେ ସାଧାରଣତନ୍ତ୍ର ଦିବସ ପାଳିତ

ଭାପୁର (ଭାସ୍କର ନ୍ୟୁଜ୍) : ନୟାଗଡ ଜିଲ୍ଲା ଭାପୁର ବ୍ଲକର କୋଣଅନୁକୋଣରେ ଉତ୍ସାହ ସହିତ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଭାପୁର ବ୍ଲକର ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ଦ୍ୱାରା ବ୍ଲକରେ ପତାକା ଉତ୍ତୋଳନ, ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡାକ୍ତର ବିଶ୍ୱନାଥ ସାହୁ, ଅଗ୍ନିଶମ ଅଧିକାରୀ ନୀଳକଣ୍ଠ ମହାନ୍ତି ନିଜ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରିଥିବାବେଳେ ସମସ୍ତ ସରକାରୀ ତଥା ବେସରକାରୀ କାର୍ଯ୍ୟାଳୟ ର ନିଜ ପଦାଧିକାରୀଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ, ଭାପୁର ପ୍ରେସ କ୍ଲବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଖଣ୍ଡପଡ଼ା ବିଧାୟକ ଇଞ୍ଜିନିୟର ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କ ଦ୍ୱାରା ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରେସ କ୍ଲବର ୭୬ତମ ସାଧାରଣତନ୍ତ୍ର ଦିବସ ପାଳନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଟକ ଲୋକସଭା ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ବିଡିଓ ସାରଦା ପ୍ରସନ୍ନ ପଣ୍ଡା, ଫତେଗଡ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା, ଅଗ୍ନିଶମ ଅଧିକାରୀ ନୀଳକଣ୍ଠ ମହାନ୍ତି, ଭାପୁର ବିଟ୍ ହାଉସ୍ ଅଧିକାରୀ ସଞ୍ଜୟ କୁମାର ପରିଡ଼ା, ବରିଷ୍ଠ ନାଗରିକ ସଂଘ ର ସଭାପତି ପ୍ରଭାକର ସାହୁ ତଥା ବ୍ଲକର ୫୦ ର ଉର୍ଦ୍ଧ୍ୱ ବୁଦ୍ଧିଜୀବି ଯୋଗଦାନ କରି ମାଆ ମାଟିର ଶୁଭ କାମନା ସହିତ ସମ୍ବିଧାନ ପ୍ରଣେତା ତଥା ସ୍ୱାଧୀନତା ସଂଗ୍ରାମୀ ମାନଙ୍କର ଗୁଣଗାନ କରିବା ସହିତ ନମନ୍ କରିଥିଲେ।

# ସିଏମ୍ କପ୍ ଆନ୍ତଃ କ୍ଲବ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ୍: ଯୋଡ଼ା ଓ ମୁର୍ଗା ବିଜୟୀ



କେନ୍ଦୁଝର (ଭାସ୍କର ନ୍ୟୁଜ୍): ଫୁଟବଲ ଆସୋସିଏସନ ଅଫ ଓଡିଶା, ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ ଓ ଜିଲ୍ଲା କ୍ରୀଡା ସଂସ୍ଥା ମିଳିତ ସହଯୋଗରେ କେନ୍ଦୁଝର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସିଏମ କପ ଆନ୍ତଃ କ୍ଲବ ଫୁଟବଲ ଟୁର୍ନାମେଣ୍ଟର ଅନ୍ତିମ ଦିବସ ଲିଗ ମ୍ୟାଚର ଖେଳ ଆଜି ଅନୁଷ୍ଠିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ପ୍ରଥମ ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନ, ମୁର୍ଗା ଜିନ୍ଦଲ ଫାଉଣ୍ଡେସନ ବଡ଼ବିଲ 'ଏ' ବିପକ୍ଷରେ ୭-୧ ଗୋଲରେ ଏକ ବିପୁଳ ବିଜୟ ହାସଲ କରି ପୁରା ପଏଣ୍ଟ ହାସଲ କରିଛି। ଟାଟା ଷ୍ଟିଲ ପକ୍ଷରୁ ୭ ନମ୍ବର ଖେଳାଳି ଲିଙ୍କମ୍ୟାନ ରୋହିତ କୁମାର ଗାଗରାଇ ଏକାକୀ ୪ଟି ଗୋଲ ସ୍କୋର କରିଥିବାବେଳେ ଶ୍ୟାମ ମୁଣ୍ଡା, ରୋହନ ମୁଣ୍ଡା ଏବଂ କ୍ରିଷ୍ଣା ମୁଣ୍ଡା ଦଳ ପକ୍ଷରୁ ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିବାବେଳେ ଖେଳ ଶେଷ ହେବାର ୧୧ ମିନିଟ ପୂର୍ବରୁ ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ଯଶୋବନ୍ତ ବେହେରା ଗୋଟିଏ ଗୋଲ ପରିଶୋଧ କରିଦେଇଥିଲେ। ସେହିପରି ସୋମବାର ଅନୁଷ୍ଠିତ ଦ୍ୱିତୀୟ ଖେଳରେ ଟାଟା ଷ୍ଟିଲ ଫାଉଣ୍ଡେସନ, ଯୋଡ଼ା ବଡ଼ବିଲ ଏଫସି ବିପକ୍ଷରେ ୩-୨ ଗୋଲରେ ବିଜୟ ହାସଲ କରିବା ସହ ପୁରା ପଏଣ୍ଟ ପାଇଛି କ୍ଷ ବଡ଼ବିଲ ଏଫସି ପକ୍ଷରୁ ୮ ନମ୍ବର ଖେଳାଳି ଓମ କରୁଆ ୨ଟି ଏବଂ ଗୌତମ ଭଟ୍ଟ ଗୋଟିଏ ଗୋଲ ସ୍କୋର କରିଥିବାବେଳେ ବଡ଼ବିଲ ଏଫସି ପକ୍ଷରୁ ରଞ୍ଜିତ ହାଁସଦା ଏବଂ କ୍ରିଷ୍ଣା ନାଏକ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଆଜିର ଖେଳରେ ଜିଲ୍ଲା କ୍ରୀଡା ସଂସ୍ଥା ପକ୍ଷରୁ ସାଧାରଣ ସମ୍ପାଦକ ଡ଼. ଜନାର୍ଦ୍ଦନ ଦାଶ ଯୁଗ୍ମ ସମ୍ପାଦକ ରବୀନ୍ଦ୍ର ପାଢ଼ୀ ଏବଂ କୋଷାଧକ୍ଷ ସରୋଜ କୁମାର ରଣା ପ୍ରମୁଖ ପଡିଆରେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ପ୍ରଥମ ଖେଳରେ ବେଣୁଧର ମୁଣ୍ଡା ରେଫରୀ ଦାୟିତ୍ୱ ତୁଲାଇଥିବା ବେଳେ ଶଙ୍କର୍ଷଣ ନାଏକ ଏବଂ ବୃନ୍ଦାବନ ମୁଣ୍ଡା ତାଙ୍କୁ ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଯତୀନ ମହାନ୍ତ। ସେହିପରି ଦ୍ୱିତୀୟ ଖେଳରେ ଯତୀନ ମହାନ୍ତ ରେଫରୀ ଥିବାବେଳେ ତାଙ୍କୁ ବୃନ୍ଦାବନ ମୁଣ୍ଡା ଏବଂ ବେଣୁଧର ମୁଣ୍ଡା ଲାଇନରେ ସହାୟତା କରିଥିଲେ। ଚତୁର୍ଥ ରେଫରୀ ଥିଲେ ଶଙ୍କର୍ଷଣ ନାଏକ। ଫୁଟବଲ ଆସୋସିଏସନ ଅଫ ଓଡିଶା ପକ୍ଷରୁ ବୀରେନ୍ଦ୍ର ମହାନ୍ତ ମ୍ୟାଚ କମିଶନର ଭାବେ ନିଯୁକ୍ତି ପାଇଥିବାବେଳେ କ୍ରୀଡା ନିର୍ଦ୍ଦେଶାଳୟର ଯଶପକ୍ଷଲ ଉର୍ମା, ବୀରେନ୍ଦ୍ର ମହାନ୍ତ, କୃଷ୍ଣ ଚନ୍ଦ୍ର ମହାନ୍ତ ଇ ବାଦଲ ମହାକୁଡ଼ ସିଲେକ୍ଟର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

# ପ୍ରଦର୍ଶନୀ କ୍ରିକେଟ୍ ମ୍ୟାଚରେ ଗଣମାଧ୍ୟମ ଏକାଦଶ ବିଜୟୀ




ପୁରୀ (ଭାସ୍କର ନ୍ୟୁଜ) : ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ ଠାରେ ଜିଲ୍ଲା ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଜିଲ୍ଲା ପ୍ରଶାସନ ଏକାଦଶକୁ ହରାଇ ଗଣମାଧ୍ୟମ ଏକାଦଶ ବିଜୟୀ ହୋଇଥିଲା। ବିଜୟୀ ଓ ରନରସ୍ ଅପ ଦଳକୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ପୌର ପରିଷଦର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ ଓ ପୂର୍ବତନ କ୍ରିଡା ସଂସଦ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ସମ୍ବର୍ଦ୍ଧିତ କରିଥିଲେ। ମ୍ୟାଚରେ ସହଯୋଗ ଓ ଧାରା ବିବରଣୀ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ରଞ୍ଜିତ ମିଶ୍ର ପ୍ରଦାନ କରିଥିଲେ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

ଭଞ୍ଜନଗର (ଭାସ୍କର ନ୍ୟୁଜ୍) : ପିକଅପ୍ ଭ୍ୟାନ୍ ଧକ୍କାରେ ଜଣକର ମୃତ୍ୟୁ ହୋଇଛି। ଗଂଜାମ ଜିଲ୍ଲା ଗାଙ୍ଗପୁର ଥାନା ଅନ୍ତର୍ଗତ କେଶରାପଲ୍ଲୀ ଗାଁ ନିକଟରେ, ଭୋର ସମୟରେ ଘଟିଛି ଏଭଳି ଦୁର୍ଘଟଣା । ମୃତକ ଜଣକ କେଶରାପଲ୍ଲୀ ଗ୍ରାମର ସିମାଞ୍ଚଳ ସ୍ୱାଇଁ । ଏହାକୁ ନେଇ ସ୍ଥାନୀୟ ଲୋକେ, ଆସିକା - ଭଂଜନଗର ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଘଟଣା ସ୍ଥଳରେ ଗାଙ୍ଗପୁର ଥାନା ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ, କିଛି ସମୟ ଧରି ଚାଲିଥିବା ରାସ୍ତା ଅବରୋଧ, ହଟିଛି । ଘଟଣା ପ୍ରକାରେ, ଭଂଜନଗର ରୁ ଆସିକା ଅଭିମୁଖେ ଯାଉଥିବା ଏକ ପରିବା ବୋଝେଇ ପିକଅପ୍ ଭ୍ୟାନ୍‌ଟି, କେଶରାପଲ୍ଲୀ ଗାଁ ରାସ୍ତା କଡ଼ରେ ଥିବା ଏକ ନଳକୂଅ କୁ ଧକ୍କା ଦେଇ ଓଲଟି ପଡ଼ିଥିଲା । ସେତେବେଳେ ନଳକୂଅରୁ ସିମାଞ୍ଚଳ ସ୍ୱାଇଁ ପାଣି ନେଉଥିଲେ । ଏବଂ ପିକଅପ୍ ଭ୍ୟାନ୍ ଧକ୍କାରେ, ଘଟଣା ସ୍ଥଳରେ ହିଁ ସିମାଞ୍ଚଳଙ୍କ ମୃତ୍ୟୁ ହୋଇଥିଲା। । ଭୋର୍ ସମୟରେ ଘନ କୁହୁଡି ସହ, ବେପରୁଆ ଏବଂ ଦ୍ରୁତ ଗାଡି ଚାଳନା ଯୋଗୁଁ ଏଭଳି ଦୁର୍ଘଟଣା ଘଟିଥିବା କୁହାଯାଉଛି ।

# ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ




ପୁରୀ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଆଜି କାକଟପୁର ବ୍ଲକ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୨ ଗୋଟି ଅଭିଯୋଗ ମିଳିଥିଲା।ଏଥିରେ ବ୍ୟକ୍ତିଗତ ଅଭିଯୋଗ ୭୨ ଗୋଟି, ଗ୍ରାମ ଅଭିଯୋଗ ୧୨ ଗୋଟି ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୮ ଗୋଟି ସହାୟତା ସମ୍ପର୍କରେ ରହିଥିଲା। ତନ୍ମଧ୍ୟରୁ ୮ ଗୋଟିର ତୁରନ୍ତ ସମାଧାନ କରାଯାଇଥିଲା। ଅଭିଯୋଗ ଗୁଡିକ ଆଇନ ଅନୁସାରେ ଅନୁଧ୍ୟାନ କରି ଯଥାଶୀଘ୍ର ସମାଧାନ ପାଇଁ ବିଭିନ୍ନ ବିଭାଗକୁ ପ୍ରେରଣ କରାଯାଇଥିଲା ବୋଲି ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି।ଅନ୍ୟ ମାନଙ୍କ ମଧ୍ୟରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା,ଅତିରିକ୍ତ ଏସ ପି ବିଷ୍ଣୁ ପ୍ରସାଦ ପତି, ସିଡିଏମଓ ଡା ରୂପ ଭାନୁ ମିଶ୍ର,ନିମାପଡା ଡିଏସପି ପ୍ରଭାତ କୁମାର ମଲ୍ଲିକ ,ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜୀବ ବେହେରା,କାକଟପୁର ବିଡ଼ିଓ ବିଷ୍ଣୁ ଗୋବିନ୍ଦ, ତହସିଲଦାର ଅଙ୍କିତା ଅନନ୍ଦିତା ଅଭିଯୋଗ ଶୁଣାଣି ଅଧିକାରୀ ଆଶୁତୋଷ ଦେ ଓ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଏହି ଶୁଣାଣିରେ ଯୋଗ ଦେଇଥିଲେ।

# ପଦ୍ମ ପାଇଁ ଯୋଗ୍ୟ ବିବେଚିତଙ୍କୁ ଶୁଭେଚ୍ଛା ଜଣାଇଲେ ଧର୍ମେନ୍ଦ୍ର

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ପଦ୍ମ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଡ. ପ୍ରତିଭା ଶତପଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାର ବିଶିଷ୍ଟ କବି ତଥା ଲେଖିକା ଡ. ପ୍ରତିଭା ଶତପଥୀ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ରଖିଛନ୍ତି। ତାଙ୍କର ଅସାଧାରଣ କୃତି ପାଇଁ ସେ ପଦ୍ମ ପୁରସ୍କାର ପାଇବାକୁ ମନୋନୀତ ହୋଇଥିବାରୁ ଅଭିନନ୍ଦନ । ସେହିପରି ପଦ୍ମ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଅଶୋକ ମହାପାତ୍ରଙ୍କୁ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ଅଶୋକ ମହାପାତ୍ର ପଦ୍ମ ପୁରସ୍କାର ପାଇଁ ମନୋନୀତ ହୋଇଥିବାରୁ ଶୁଭେଚ୍ଛା । ଦେଶରେ ଜଣେ ଶିଶୁ ସ୍ନାୟୁଶଲ୍ୟ ବିଶେଷଜ୍ଞ ଭାବେ ସେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି । ଶ୍ରୀ ମହାପାତ୍ର ପଦ୍ମ ପୁରସ୍କାରରେ ସମ୍ମାନିତ ହେବା ଆମ ପାଇଁ ଗର୍ବ ଓ ଗୌରବର ବିଷୟ । ସେହିପରି ପଦ୍ମଶ୍ରୀ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ନତ୍ୟଶିଳ୍ପୀ ଦୁର୍ଗା ଚରଣ ରଣବୀରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ । ଏକ୍ସ ହ୍ୟାଣ୍ଡେଲରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶୀ ନତ୍ୟଶିଳ୍ପୀ ଦୁର୍ଗା ଚରଣ ରଣବୀର ଓଡ଼ିଶୀ ନୃତ୍ୟରେ ଉତ୍କର୍ଷତା ପାଇଁ ପଦ୍ମଶ୍ରୀ ସମ୍ମାନ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ଅଭିନନ୍ଦନ ।

# ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ୭୬ ତମ ସାଧାରଣତନ୍ତ୍ର ଦିବସ ଅବସରରେ ଲୋକସେବା ଭବନ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ପଦକପ୍ରଦାନ ଉତ୍ସବରେ ମାନ୍ୟବର ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ ପାଟିଙ୍କ ସହ ଯୋଗଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ନିଜର ଅଦମ୍ୟ ସାହସ, ନିଷ୍ଠା ଏବଂ ଜନସେବା ଦ୍ୱାରା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଅଧିକାରୀଙ୍କୁ ପୁରସ୍କୃତ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସମସ୍ତଙ୍କ ଏହି ଉଦ୍ୟମ ଏବଂ ପ୍ରୟାସ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ବିଶେଷ ସହାୟକ ହୋଇଛି। ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

# ଧାନ ସଂଗ୍ରହ ତ୍ୱରାନ୍ୱିତ: ୧୬୬ ମଣ୍ଡି ମାଧ୍ୟମରେ ଧାନ କ୍ରୟ

ପୁରୀ (ଭାସ୍କର ନ୍ୟୁଜ) : ପୁରୀ ଜିଲ୍ଲାର ସମସ୍ତ ୧୧ ଗୋଟି ବ୍ଲକରେ ଧାନ ସଂଗ୍ରହ କୁ ତ୍ୱରାନ୍ୱିତ କରାଯାଇଛି ।ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶ ରେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହ କୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି ।ଜିଲ୍ଲାର କୃଷକ ମାନେ ଧାନ ବିକ୍ରି ରେ ଯେପରି କୌଣସି ସମସ୍ୟା ର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଯୋଗାଣ ବିଭାଗ କୁ ନିର୍ଦ୍ଦେଶ ଦେଇଛନ୍ତି ।ଚଳିତ ଖରିଫ ଋତୁରେ ପଞ୍ଜିକୃତ ୪୮୯୬୪ କୃଷକ ଙ୍କ ଠାରୁ ୧୧୬୮୬୦୨ କ୍ୟୁଣ୍ଟାଲ ୯୪ କି.ଗ୍ରା ଧାନ ସଂଗ୍ରହ ର ଲକ୍ଷ୍ୟ ଧାର୍ଯ୍ୟ ଥିବା ବେଳେ ଚଳିତ ମାସ ୨୭ ତାରିଖ ସୁଦ୍ଧା ୧୮୭ ଟି ମଣ୍ଡି ମଧ୍ୟରୁ ଖୋଲାଯାଇଥିବା ୧୬୬ ଟି ମଣ୍ଡିରେ ୫୯୯୦ କୃଷକ ଙ୍କ ଠାରୁ ୨୬୪୧୪ କ୍ୟୁଣ୍ଟାଲ ୧୩ କି.ଗ୍ରା ଧାନ ସଂଗ୍ରହ ହୋଇଛି ।୪୮୭୨ କୃଷକ ଙ୍କୁ ୫୦୦୬୨୧୧୨୮ ଟଙ୍କା ବ୍ୟାଙ୍କ ତରଫରୁ ପ୍ରେରଣ କରାଯାଇଥିବା ବେଳେ ୨୪୬୫ ଜଣ କୃଷକ ୨୫୫୩୪୫୭୭୦ ଟଙ୍କା ପ୍ରାପ୍ତ ହୋଇଛନ୍ତି ।ପର୍ଯ୍ୟାୟ କ୍ରମେ ପ୍ରତ୍ୟେକ କୃଷକ ମାନେ ସେମାନଙ୍କ ପ୍ରାପ୍ୟ ପାଇବେ ବୋଲି ଯୋଗାଣ ଅଧିକାରୀ ସୂଚନା ଦେଇଛନ୍ତି।

## ବିଜେପି ରାଜ୍ୟ କାର୍ଯ୍ୟାଳୟରେ ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ

# ଅପାରଗତା ଓ ସ୍ଥାଣୁତା ଅଭିଶାପରୁ ମିଳିଛି ମୁକ୍ତି : ମନମୋହନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଜ୍ୟ କାର୍ଯ୍ୟାଳୟରେ ବହୁ ଆଡମ୍ବର ଭାବେ ଦେଶର ୭୬ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଜାତୀୟ ପତାକା ଉତ୍ତୋଳନ କରିବା ସହ ଓଡ଼ିଶାର ସାଢ଼େ ୪କୋଟି ଜନତାଙ୍କୁ ସାଧାରଣତନ୍ତ୍ର ଦିବସର ଅଭିନନ୍ଦନ ଓ ଶୁଭେଚ୍ଛା ଏବଂ କୃତଜ୍ଞତା ଜଣାଇଥିଲେ । ଏହାପରେ ସାମୂହିକ ଭାବେ ଜାତୀୟ ସଂଗୀତ ଗାନ କରାଯାଇଥିଲା । ଏହି ଅବସରରେ ଶ୍ରୀ ସାମଲ କହିଛନ୍ତି ଯେ, ତିରଙ୍ଗା ହେଉଛି ଆମ ସମସ୍ତଙ୍କର ସମ୍ମାନର ପ୍ରତୀକ। ଭାରତବର୍ଷର ସମ୍ବିଧାନ ସମସ୍ତ ଦେଶବାସୀଙ୍କୁ ଗୋଟିଏ ସୂତାରେ ବାନ୍ଧି ରଖିଛି । ଆମ ସମ୍ବିଧାନର ପ୍ରଣେତା ଡ. ଭୀମରାଓ ବାବା ସାହେବ ଆମେଦକରଙ୍କୁ ବିଜେପି ସବୁବେଳେ ସମ୍ମାନ ଦେଇଆସିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ବାବା ସାହେବ ଆମ୍ବେଦକରଙ୍କ ପଂଚତୀର୍ଥ କରିବା ପାଇଁ ସଂକଳ୍ପ ନେଇଛନ୍ତି। ଏନେଇ କାର୍ଯ୍ୟ ଜାରି ରଖିଛନ୍ତି। ଡ. ବାବାସାହେବଙ୍କ ସଂଘର୍ଷମୟୀ ଜୀବନ ଏବଂ ସମ୍ବିଧାନ ରଚିବା ସମୟରେ ସମସ୍ତଙ୍କୁ ସାଙ୍ଗରେ ନେଇ ଚାଲିବାର ଯେଉଁ ଦୂରଦୃଷ୍ଟି ଥିଲା, ତାହା ଆଗାମୀ ୧୦୦ ବର୍ଷ ପର୍ଯ୍ୟନ୍ତ ଆମକୁ ସଠିକ ମାର୍ଗରେ ପରିଚାଳନା କରିବ। ଏନେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀ ୨୦୨୪ନଭେମ୍ବର ୨୬ରୁ ୨୦୨୫ ଜାନୁୟାରୀ ୨୬ ପର୍ଯ୍ୟନ୍ତ ୨ ମାସ ଧରି ସମ୍ବିଧାନ ଗୌରବ ଅଭିଯାନ ଚଳାଇଥିଲେ। ଯେଉଁମାନେ ସମ୍ବିଧାନକୁ ଅବମାନନା କରିଥିଲେ, ଏହାର ନିତିନିୟମକୁ ଉଲ୍ଲଂଘନ କରିଥିଲେ ସେ ବିଷୟରେ ଏହି ଅଭିଯାନରେ ଆଲୋଚନା ହୋଇଥିଲା। ଏହାଦ୍ୱାରା ଆମେ ସମ୍ବିଧାନର ବ୍ୟବସ୍ଥା, ଦାୟିତ୍ୱ ଓ ଅଧିକାର ବିଷୟରେ ଅବଗତ ହୋଇପାରିଥିଲୁ। ଭାରତ ସହ ସବୁଠାରୁ ଅଧିକ ତାଳ ମିଳେଇ ଚାଲିବ ଓଡ଼ିଶା। ଏହି ବିଶ୍ୱାସ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ପାଖରେ ରହିଛି। ଏନେଇ ସେ ନିର୍ବାଚନ ଘୋଷଣା ପୂର୍ବରୁ ୨ ଥର ଓ ନିର୍ବାଚନ ସମୟରେ ୪ ଥର ଓଡ଼ିଶା ଆସିଥିଲେ। ମୋଦିଜୀଙ୍କ ଫୋକସରେ ଓଡ଼ିଶା ଥିବାରୁ ସାରା ଭାରତବର୍ଷର ନଜର ଏବେ ଆମ ଉପରେ ରହିଛି। ବିକଶିତ ଓଡ଼ିଶା, ସମୃଦ୍ଧ ଓଡ଼ିଶା ଗଢ଼ିବାକୁ ସେ ଯେଉଁ ଆଶା ରଖିଛନ୍ତି ଏହାକୁ ପୂରଣ କରିବା ପାଇଁ ଯୁବକମାନେ ଆଗେଇ ଆସିବା ଦରକାର। ସମସ୍ତେ ଏକ ମନ ଓ ଏକପ୍ରାଣ ହୋଇ କାର୍ଯ୍ୟ କରିଲେ ବିକଶିତ ଓଡ଼ିଶା ଗଠନ ସମ୍ଭବ ହୋଇପାରିବ ବୋଲି ଶ୍ରୀ ସାମଲ କହିଥିଲେ। ଶ୍ରୀ ସାମଲ ମହାତ୍ମାଗାନ୍ଧୀଙ୍କଠାରୁ ଆରମ୍ଭ କରି ଜୟରାଜଗୁରୁ, ବୀର ସୁରେନ୍ଦ୍ର ସାଏ, ନେତାଜୀ ସୁବାସଚନ୍ଦ୍ର ବୋଷ, ଭଗତ୍ ସିଂ, ଖୁଦିରାମ ବୋଷ, ଚନ୍ଦ୍ରଶେଖର ଆଜାଦ, ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକଙ୍କୁ ମନେପକାଇବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ସାଧାରଣତନ୍ତ୍ର ଦିବସ ପାଇଁ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ରାଜ୍ୟ ସାଧାରଣ ସମ୍ପାଦକ ଯତିନ ମହାନ୍ତି, ଶାରଦା ଶତପଥୀ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ଉପସଭାନେତ୍ରୀ ସୁକେଶି ଓରାମ, କୁସୁମ୍ ଟେଟେ, ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ସ୍ୱଚ୍ଛ ଭାରତ ପ୍ରକୋଷ୍ଠ ସଂଯୋଜକ ମହେଶ୍ୱର ମହାନ୍ତି, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ଠାକୁର ରଞ୍ଜିତ ଦାସ, ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, ବିଧାୟକ ପାର୍ଥୀ ପ୍ରିୟଦର୍ଶୀ ମିଶ୍ରଙ୍କ ସମେତ ଦଳର ବହୁ ବରିଷ୍ଠ ନେତୃମଣ୍ଡଳୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର

ଆଳି (ଭାସ୍କର ନ୍ୟୁଜ୍) : କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ଅଟାଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଏଡିଏମ ନିଲୁ ମହାପାତ୍ର, ଅତିତିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, ଆଳି ବିଡ଼ିଓ ମିନତୀ ଜଗଦେବ ପ୍ରମୁଖ ଉପସ୍ଥିତ ରହି ସାଧାରଣ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହି ଜନଶୁଣାଣୀ ଶିବିରରେ ୧୦୭ ଟି ଅଭିଯୋଗ ହୋଇଥିବା ବେଳେ ୧୩ ଟି ସାମୁହିକ ଅଭିଯୋଗ ରହିଥିବା ବେଳେ ଅନ୍ୟ ଅଭିଯୋଗ ଗୁଡିକ ବ୍ୟକ୍ତିଗତ ଅଭିଯୋଗ ରହିଛି। ସାମୁହିକ ଅଭିଯୋଗ ମଧ୍ୟରେ ଧାନମଣ୍ଡିରୁ ଧାନ ଉଠୁନଥିବାରୁ ଚାଷୀମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ମନରେଗା କାର୍ଯ୍ୟ ଚାଲୁକରିବା ନେଇ ଆଳି ସରପଞ୍ଚ ସଙ୍ଘ ପକ୍ଷରୁ ଦାବି କରା ଯାଇଥିବା ବେଳେ ପାନୀୟ ଜଳ ସମସ୍ୟା ସହିତ ଜଳ ନିଷ୍କାସନର ବ୍ୟବସ୍ଥା କରିବା ନିମନ୍ତେ ଦାବି ହୋଇଥିଲାକ୍ଷ ଏହି ଜନଶୁଣାଣି ଶିବିର ନିମନ୍ତେ ପ୍ରଚାର ପ୍ରସାର କରା ଯାଇନଥିବା ନେଇ ଲିଖିତ ଅଭଯୋଗ କଲା ବିଜେପି କ୍ଷ ଏହି ଶିବିରରେ ଚିକିତ୍ସା ନିମନ୍ତେ ଜଣକୁ ରେଡକ୍ରସ ଓ ଅନ୍ୟ ୪ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ସହାୟତା ଯୋଗାଇ ଦିଆଯାଇଛି।

## ଜିଲ୍ଲାସ୍ତରୀୟ ଅଣ୍ଡାଳଦର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ପ୍ରଥମ ଦିନରେ ହଟକଟ ଓ ସରଗୁଲ ବିଜୟୀ



ମୁରିବାହାଲ(ଭାସ୍କର ନ୍ୟୁଜ): ବଲାଙ୍ଗୀର ଜ଼ିଲ୍ଲା ମୁରିବାହାଲ ବ୍ଲକ ବଡ଼ସାଇମରା ଗ୍ରାମ ପଞ୍ଚାୟତର ଅଣ୍ଡାଳଦର ପଥରଖୋଦାନ ଖେଳ ପଡିଆ ଠାରେ ୨୨ତମ ଜ଼ିଲ୍ଲା ସ୍ତରୀୟ ଅଣ୍ଡଳଦର ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ପ୍ରଥମ ଦିବସରେ ୨ ଗୋଟି ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ହଟକଟ ଓ ସରଗୁଲ ଦଳ ବିଜୟୀ ହୋଇଛି। ଜଗନ୍ନାଥ ୟୁଥ ଆସୋସେସନ ତରଫରୁ ଆୟୋଜିତ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ୧୬ ଦଳ ଅଂଶ ଗ୍ରହଣ କରି ଥିବା ବେଳେ ଉଦ୍‌ଘାଟନ ଦିବସରେ ସାନଝରବାହାଲୀ ସହ ହଟକଟ ମଧ୍ୟରେ ମ୍ୟାଚ୍‌ରେ ହଟକଟ ଦଳ ଟାଇବେକର ଜରିଆରେ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ ଖଏରମାଲ ସହ ସୂରଗୁଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସୁରଗୁଲ ଦଳ ୧/୦ ଗୋଲରେ ବିଜୟୀ ହୋଇଥିଲେ। ଉଦ୍‌ଘାଟନ ଦିବସରେ ଭାଜପା ବଲାଙ୍ଗୀର ଜିଲ୍ଲା ସଭାପତି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଅନୁଷ୍ଠାନିକ ଉଦ୍‌ଘାଟନ କରିବା ସହ ଉତ୍ସାହିତ କରି ଥିଲେ। ସମ୍ମାନନିୟ ଅତିଥି ଆମ୍ବା ଅଧକ୍ଷ ସୁରେଶ କୁମାର ଭୋଇ, ବଡ଼ସାଇମରା ପୂର୍ବତନ ସରପଞ୍ଚ ଅମିତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଥିଲେ। ଉକ୍ତ ମ୍ୟାଚକୁ ଗଣେଶ ଭୋଇ, ଯୁବରାଜ ଭୋଇ, ଭୁଲା ଭୋଇ ଓ ବଡ଼ ଭୋଇ ପରିଚାଳନା କରି ଥିଲେ। ଟୁର୍ନାମେଣ୍ଟକୁ ସଫଳ କରିବା ପାଇଁ ସଭାପତି ପରମାନନ୍ଦ ଭୋଇ, ସମ୍ପାଦକ ଧନଞ୍ଜୟ ଭୋଇ ଓ କୋଷାଧକ୍ଷ ସୁଶାନ୍ତ ପାତ୍ରଙ୍କ ନେତୃତ୍ୱରେ ଚିତ୍ରସେନ ମାଝୀ, ନିଳମ୍ବର ତାଣ୍ଡି ଓ ରହିମ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ପମ୍ପ ଚାଳକ କର୍ମଚାରୀଙ୍କ କଣିହାଁ ବ୍ଲକ୍ ସମ୍ମୁଖରେ ଧାରଣା




କଣିହାଁ (ଭାସ୍କର ନ୍ୟୁଜ): ଅନୁଗୋଳ ଜିଲା କଣିହାଁ ବ୍ଲକ ସମ୍ମୁଖରେ ବ୍ଲକର ପମ୍ପ ଚାଳକ କର୍ମଚାରୀ ବର୍ଦ୍ଧିତ ସହାୟତା ରାଶି ପ୍ରଦାନ ଦାବିରେ ଧାରଣା ଦେଇଥିଲେ। ଏହି ଅବସରରେ ସୋମବାର ଦିନ ସକାଳେ ଗ୍ରାମ୍ୟ ପାଇପ ଜଳ କର୍ମଚାରୀ ସଂଘ, କଣିହାଁର ସଭାପତି କାର୍ତ୍ତିକେଶ୍ୱର ଦେହୁରୀ, ସଂପାଦକ ଦିଗାମ୍ବର ପ୍ରଧାନ, କୋଷାଧକ୍ଷ ବିଶ୍ୱଜିତ ଧୀରଙ୍କ ନେତୃତ୍ୱରେ ବ୍ଲକର ବିଭିନ୍ନ ଗ୍ରାମରେ ନିୟୋଜିତ ପମ୍ପ ଚାଳକ କର୍ମଚାରୀ ମାନେ ବ୍ଲକ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ସେମାନଙ୍କ ଅଭିଯୋଗ ଯେ, ରାଜ୍ୟ ସରକାର ପତ୍ର ସଂଖ୍ୟା ୪୧୭୨ ଅନୁଯାୟୀ ଗତ ୧/୧/୨୦୨୪ ଠାରୁ ସେମାନେ ପ୍ରତି ମାସରେ ବର୍ଦ୍ଧିତ ୧୨୫୦ ଟଙ୍କା ପାଇବା କଥା ମାତ୍ର ତାହା ଆଜି ପର୍ଯ୍ୟନ୍ତ ପାଇ ନାହାଁନ୍ତି। ଅନୁଗୋଳ ଜିଲା ର ୮ଟି ବ୍ଲକ ମଧ୍ୟରୁ ଆମ ବ୍ଲକକୁ ଛାଡି ଅନ୍ୟ ୭ବ୍ଲକର ଚାଳକ ମାନେ ପାଇ ସାରିଲେଣି। ସେଥିନେଇ ଧାରଣା ଦେଇଛନ୍ତି। ପରେ କଣିହାଁ ପଂଚାୟତ ସମିତି ସଭାଗୃହ ଠାରେ ପଂଚାୟତ ସମିତି ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, କଣିହାଁ ବିଡିଓ ଦେବଦତ୍ତ ପ୍ରଧାନ, ଜିପିଓ, ବିଭାଗୀୟ ଅଧିକାରୀ ଓ ପମ୍ପ ଚାଳକ କର୍ମଚାରୀଙ୍କୁ ନେଇ ଏକ ବୈଠକ ବସିଥିଲା। ବୈଠକରେ ଆସନ୍ତା ଫେବୃୟାରୀ ୧୦ ତାରିଖ ସୁଦ୍ଧା ବର୍ଦ୍ଧିତ ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଅପରାହ୍ନ ୨ ଘଟିକା ସମୟରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାଯାଇଛି।

# ମା' ରାମଚଣ୍ଡୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଉଦ୍‌ଯାପିତ: ପାଟପୁର ଶାସନ କ୍ରିକେଟ କ୍ଲବ୍ ବିଜୟୀ



ବୋଲଗଡ଼ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ ଗ୍ରାମ ସ୍ଥିତ ବଡ଼ତୋଟା ଖେଳପଡିଆଠାରେ ଅନୁଷ୍ଠିତ ହେଉଥିବା ୧୦ତମ ମା' ରାମଚଣ୍ଡୀ କ୍ରିକେଟ ଫାଇନାଲ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି ।ଏହି ଫାଇନାଲ କ୍ରିକେଟ ମ୍ୟାଚରେ ରମ୍ଭାବିଲ କ୍ରିକେଟ କ୍ଲବ ସହିତ ପାଟପୁର ଶାସନ କ୍ରିକେଟ କ୍ଲବ ମଧ୍ୟରେ କଡା ମୁକାବିଲା ହୋଇଥିଲା। ପ୍ରଥମେ ରମ୍ଭାବିଲ କ୍ରିକେଟ କ୍ଲବ ଟସ ଜିତି ବ୍ୟାଟିଙ୍ଗ କରିବାକୁ ନିଷ୍ପତି ନେଇଥିଲା। ୨୦ ଓଭର ମ୍ୟାଚ ବିଶିଷ୍ଟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରମ୍ଭାବିଲ କ୍ରିକେଟ କ୍ଲବ ୯ ଉଇକେଟ ହରାଇ ୧୨୬ରନ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ତାର ପ୍ରତିଦ୍ୱନ୍ଦ୍ୱଳରେ ପାଟପୁର ଶାସନ କ୍ରିକେଟ କ୍ଲବ ୧୭ ଓଭର ୩ଟି ତାର ମୂଲ୍ୟବାନ ୭ଟି ଉଇକେଟ ହରାଇ ୧୩୦ରନ ସଂଗ୍ରହ କରି ଫାଇନାଲ କ୍ରିକେଟ ମ୍ୟାଚରେ ବିଜୟୀ ହୋଇପାରିଥିଲା। ଏହି ଫାଇନାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଅମ୍ପାୟାରଭାବେ ବବୁଲ କୁମାର ମହାନ୍ତି ଓ ବିକାଶ କୁମାର ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଏହି ଫାଇନାଲ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ମା' ରାମଚଣ୍ଡୀ କ୍ରିକେଟ କ୍ଲବର ସଦସ୍ୟ ମାନସ, ସୁବାଷ, ଚନ୍ଦନ, ରାଜୁ, ଅନିଲ ଓ ପ୍ରଭୁଞ୍ଜନ ପ୍ରମୁଖ ସହଯୋଗ କରିଥିଲେ। ଏହି ଫାଇନାଲ କ୍ରିକେଟ ମ୍ୟାଚର ଉଦ୍‌ଯାପନ ଦିବସରେ କ୍ୟାପଟେନ ରଶ୍ମି ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ଉତ୍ସବ ଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟବକ୍ତାଭାବେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଷେକ ସିଂ ସାମନ୍ତ (ଟିଣ୍ଟୁଆ) ଓ ସମ୍ମାନିତ ଅତିଥିଭାବେ ସରପଞ୍ଚ ଜଳଧର ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା। ସୁନନ୍ଦିତା ସାହୁଙ୍କ ପ୍ରତିନିଧି ଶୁଭେନ୍ଦୁ କୁମାର ସାହୁ, ଶ୍ରୀଧର ଦତ୍ତ ପ୍ରମୁଖ ଯୋଗଦେଇଥିଲେ କ୍ଷ ପ୍ରତ୍ୟେକ ଖେଳରେ ହାର ଜିତ ଥାଏ କିନ୍ତୁ ଦୃଢ଼ ଖେଳୁଆଡ଼ ମନୋବୃତିନେଇ ସାହସର ସହିତ ପ୍ରତ୍ୟେକ ଖେଳାଳି ମାନେ କ୍ରିକେଟ ଖେଳ ଖେଳିବାକୁ ମୁଖ୍ୟ ଅତିଥି ବିଧାୟକ ପ୍ରଦୀପ କୁମାର ସାହୁ ପରାମର୍ଶ ଦେଇଥିଲେ। ବିଜୟୀ କ୍ରିକେଟ ଦଳକୁ ଟ୍ରଫି ସହିତ ଆର୍ଥୀକ ପୁରସ୍କାର ଓ ରନର୍ସ କ୍ରିକେଟ ଦଳକୁ ସିଲ କପ ସହିତ ଆର୍ଥିକ ପୁରସ୍କାର ସମସ୍ତ ନିମନ୍ତିତ ଅତିଥିମାନେ ପ୍ରଦାନ କରିଥିଲେ। କ୍ୟାପଟେନ ରଶ୍ମି ରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ଦେଇ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂଜୀବ କୁମାର ରାୟ ମହାପାତ୍ର (ବାପି )ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଖେଳ ପଡିଆର ବିକାଶ ପାଇଁ ଆର୍ଥିକ ସହାୟତା ଯୋଗାଇଦିଆଯିବ ବୋଲି ବିଧାୟକ ପ୍ରଦୀପ କୁମାର ସାହୁ ଘୋଷଣା କରିଥିଲେ।



ଉମରକୋଟ (ଭାସ୍କର ନ୍ୟୁଜ୍): ଉମରକୋଟ ପେଣ୍ଡ୍ରାଣି ମହାବିଦ୍ୟାଳୟ ଠାରେ ଓଡିଶା ସରକାରଙ୍କ ବିଶ୍ୱ ବ୍ୟାଙ୍କ ଅନୁଦାନରେ ନିର୍ମିତ ହେଇଥିବା ନୂତନ ଏକାଡେମିକ ବ୍ଲକ ଉଦ୍‌ଘାଟିତ ହେଇଛି। ମୁଖ୍ୟ ଅତିଥି ଭାବରେ ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହି ବ୍ଲକର ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝି, ଝରିଗାଁ ବିଧାୟକ ନରସିଂହ ଭତ୍ରା, ରାଜ୍ୟ ବିଜେପି ସମ୍ପାଦକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ଶିକ୍ଷା ଦ୍ୱାରା ସମାଜରେ କୁସଂସ୍କାର ଦୂର ହେବ। ସଙ୍ଗେ ସଙ୍ଗେ କଠିନ ପରିଶ୍ରମ ଦ୍ୱାରା ହିଁ ଦେଶ ଓ ରାଜ୍ୟର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ରବୀନ୍ଦ୍ର ମିଶ୍ର ଅଧକ୍ଷତା କରିଥିବାବେଳେ ଗଣିତ ବିଭାଗ ଅଧ୍ୟାପକ ପ୍ରଦୋଷ କୁମାର ପଟ୍ଟନାୟକ ମଂଚ ପରିଚାଳନା କରିଥିଲେ। ବାଣିଜ୍ୟ ବିଭାଗର ଅଧାପକ ରାମଶଙ୍କର ପଟ୍ଟନାୟକ ଧନ୍ୟବାଦ୍ ପ୍ରସ୍ତାବ ଆଗତ କରିଥିଲେ। ଏଥିରେ ଅଧାପକ ଧର୍ମେନ୍ଦ୍ର ପଟ୍ଟନାୟକ, ଚିନ୍ମୟ ରାଉତ,ସମୀର ମହାନ୍ତି, ସୁରଭୀ ଦାସ, ଅଶୋକ କୁଜୁର, ଅଦୁ କ୍ରିଷ୍ଣାନୀ ସହ ସମସ୍ତ ଅଧାପକ ଓ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ମହାବିଦ୍ୟାଳୟର ଅନ୍ୟାନ୍ୟ ସମସ୍ୟା ଓ ଉନ୍ନତି ମୂଳକ କାର୍ଯ୍ୟ ଉପରେ ଅଧକ୍ଷ ଡକ୍ଟର ରବୀନ୍ଦ୍ର ମିଶ୍ର ଉପସ୍ଥିତ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଜିର କାର୍ଯ୍ୟକ୍ରମକୁ ନେଇ କର୍ମଚାରୀ ଓ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହେଇ ଥିଲା। ଉମରକୋଟ ମହାବିଦ୍ୟାଳୟକୁ ନବରଙ୍ଗପୁର ଜିଲ୍ଲାରେ ଏକ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ରୂପେ ଗଢିବ। ପାଇଁ ଉପସ୍ଥିତ ଅତିଥିମାନେ ମତ ଦେଇଥିଲେ।

# ସ୍ତ୍ରୀ ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ



ମାଲକାନଗିରି(ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓରକେଲ ଥାନା ଅନ୍ତର୍ଗତ ସୋମନାଥପୁର ପଞ୍ଚାୟତର ଜବାଗଡ଼ ଗ୍ରାମରେ ସ୍ତ୍ରୀକୁ ମରଣାନ୍ତକ ଆକ୍ରମଣ କରି ଗିରଫ ହେଲେ ସ୍ୱାମୀ। ମିଳିଥିବା ସୂଚନାନୁଯାୟୀ ଗତଦୁଇଦିନ ପୂର୍ବେ ବଡି ଭୋର ସମୟରେ ସ୍ୱାମୀ ବଳରାମ ବିଷୋୟୀ ଏବଂ ସ୍ତ୍ରୀ ଲକ୍ଷ୍ମୀ ବିଷୋୟୀ ଉଭୟ ଶୋଇଥିବା ସମୟରେ ହଠାତ ସ୍ୱାମୀ ଜଣଙ୍କ ଉଠି ଏକ ଧାରୁଆ ଅସ୍ତ୍ର ଯୋଗେ ସ୍ତ୍ରୀର ପିଠି ପଟକୁ ଚୋଟ ଉପରେ ଚୋଟ ମାରି ଚାଲିଥିଲା। ସ୍ତ୍ରୀ ଜଣକ ହଠାତ ପାଟି କରି ଚିଲାଇବାରୁ ପାଖ ପଡ଼ୋଶୀ ଲୋକ ଏବଂ ନିଜ ଘର ଲୋକ ଧାଇଁ ଆସିଥିଲେ। ତେବେ ଧାଇଁ ଆସି ଦେଖିଲା ବେଳକୁ ରକ୍ତ ଜୁଡୁବୁଡୁ ଶାଢୀରେ ମହିଳା ଜଣକ ପଡି ରହିଥିଲେ। ସଙ୍ଗେ ସଙ୍ଗେ ଓରକେଲ ଥାନାକୁ ଖବର ଦେବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ସ୍ତ୍ରୀକୁ ଚିକିତ୍ସା ନିମନ୍ତେ ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିବା ସମେତ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି ଥାନାକୁ ଆଣିଥିଲେ। ତେବେ ସ୍ୱାମୀ ବଳରାମ ନିଜ ପରିବାର ପ୍ରତିପୋଷଣ ପାଇଁ ହାଇଦ୍ରାବାଦରେ ଦାଦନ ଖଟୁଥିଲେ। ଏବେ ୨ମାସ ହେବ ସେ ଘରକୁ ଫେରିବା ପରେ ବାରମ୍ବାର ସ୍ତ୍ରୀକୁ ଜୀବନରୁ ମାରିଦେବାକୁ ଧମକ ଦେଇ ଆସୁଥିଲେ। ଫଳ ସ୍ୱରୂପ ଗତକାଲି ଏପରି କାଣ୍ଡ ଭିଆଇଥିବା ଜଣାପଡିଛି। ତେବେ ସ୍ତ୍ରୀ ର ଚରିତ୍ରକୁ ସନ୍ଦେହ କରି ଏପରି ମରଣାନ୍ତକ ଆକ୍ରମଣ କରିଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଆଜି ପୋଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ବାଲିତୁଠ ଓ ଚଟୁଆ ଧାନମଣ୍ଡି ଉଦ୍‌ଘାଟିତ



ଏରସମା (ଭାସ୍କର ନ୍ୟୁଜ୍): ଏରସମା ବ୍ଲକ୍ ବାଲିତୁଠ ସମବାୟ ସମିତି ଓ ଚଟୁଆ ସମବାୟ ସମିତିର ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ମୁଣ୍ଡିକୁ ଉଦ୍‌ଘାଟନ କରିବା ସହିତ ଚାଷୀ ମାନଙ୍କ ଧାନ କିପରି ସୁବିଧାରେ ଯାଇପାରିବ ଏବଂ କିପରି ଉଚିତ୍ ମୂଲ୍ୟ ପାଇବେ ପରାମର୍ଶ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ, ଏରସମା ବ୍ଲକ ବିଜୁଜନତା ଦଳର ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପୀତବାସ ଗଛାୟତ, ରାଜ୍ୟ ବିଜେଡ଼ି ସାଧାରଣ ସମ୍ପାଦକ ଦିପ୍ତିରଞ୍ଜନ କୁଅଁର, ବ୍ଲକ ଉପାଧକ୍ଷ ବିକାଶ ପରିଡା, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ବାମଦେଇପୁର ସରପଞ୍ଚ ବୈଜୟନ୍ତି ମହାନ୍ତି, ସମିତି ସଭ୍ୟ ବିକ୍ରମ ମହାପାତ୍ର,ଚଟୁଆ ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରାୟ, ପୂର୍ବତନ ସମିତି ସଭ୍ୟ ପ୍ରକାଶ ପରିଡ଼ା, ଚଟୁଆ ସମିତିର ସଭାପତି ସଞ୍ଜୟ କୁମାର ମହାନ୍ତି, ବାଲିତୁଠ ସମବାୟ ସମିତିର ସଭାପତି ହରିହର ଲିଙ୍ଗରାଜ ମହାନ୍ତି, ପୂର୍ବତନ ସଭାପତି ବିଭୁରଞ୍ଜନ ସାମନ୍ତରାୟ, ରମେଶ ଚନ୍ଦ୍ର ପରିଜା, କୈଳାସ ଚନ୍ଦ୍ର ଦାସ, ଉପସଭାନେତ୍ରୀ ଅନୁଛାୟା ଦାସ, କନକଲତା ପରିଡ଼ା, ଯୁବ ସମାଜସେବୀ ଗଣେଶ ରାଉତ, ସୁରେଶ ଦାସ, ରଶ୍ମିତା ନାୟକ, ମାନଗୋବିନ୍ଦ ଦାସ, ଅନୁଜ ରାୟ, ଓମ୍ ପ୍ରକାଶ ଦାସ, ନାରାୟଣ ପାତ୍ର, ସଲିଲ୍ ରାଉତ, ଶିଶିର ମହାନ୍ତି, ଶରତ ସ୍ୱାଇଁ, ଲୋକନାଥ ରାଉତ, ଚାଷୀ ବଂଶୀଧର ଦାସ, ଶରତ ପାତ୍ର, ବସନ୍ତ ସ୍ୱାଇଁ, ରବିନ୍ଦ୍ର ପ୍ରଧାନ, ନିବାରଣ ପରିଡା, ବାସୁଦେବ ପରିଡା, ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବାଲିତୁଠ ସମିତିର ସଂପାଦକ ଉମେଶ ଚନ୍ଦ୍ର ସ୍ୱାଇଁ, ସହ ସମ୍ପାଦକ ନବଘନ ମଲ୍ଲ, ଡିଓ ଚିନ୍ମୟ ସ୍ୱାଇଁ, ବାଦଲ ମହାପାତ୍ର ଓ ଚଟୁଆ ସମିତି ସମ୍ପାଦକ ରମାକାନ୍ତ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ତ୍ରିରଙ୍ଗା ଶୋଭାଯାତ୍ରା

ବ୍ୟାସନଗର (ଭାସ୍କର ନ୍ୟୁଜ୍): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଯାଜପୁର୍ ଜିଲ୍ଲା ତରଫରୁ ପବିତ୍ର ସାଧାରଣତନ୍ତ୍ର ଦିବସ ଅବସରରେ ଏକ ବିଶାଳ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ତ୍ରିରଙ୍ଗା ଯାତ୍ରା ନାମରେ କୋରେଇ ଓ ସୁକିନ୍ଦା ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ କଲେଜରୁ ବିଦ୍ୟାର୍ଥୀମାନେ ଯୋଗଦାନ କରି ୨୦୦ ମିଟର ଲମ୍ବା ପତାକାକୁ ସମ୍ମାନର ସହ ବ୍ୟାସନଗର କଲେଜ ଠାରୁ ଏକ ପଟୁଆରରେ ନାଚ ଗୀତ ସହ




ବ୍ୟାସନଗର ସହରର ମୁଖ୍ୟ ରାସ୍ତା ଦେଇ ବସଷ୍ଟାଣ୍ଡରେ ଶେଷ କରା ଯାଇଥିଲା। ଜୟ ଶ୍ରୀ ରାମ, ଓ ଭାରତ୍ ମାତା କି ଜୟ ଧ୍ୱନି ରେ ସହର ପ୍ରକମ୍ପିତ ହେଉଥିଲା। ସହରର ସ୍ଥାନେ ସ୍ଥାନେ ହୁଳ ହୁଳି ଓ ହରିବୋଲ ଆନନ୍ଦ ଉତ୍ସବ୍ ମୁଖର ହେଉଥିଲା। ଏବିଭିପିର ରାଜ୍ୟ ଓ ଜିଲ୍ଲାର କାର୍ଯ୍ୟକର୍ତ୍ତାମାନେ ଯୋଗ ଦାନ କରି ଯାତ୍ରା କୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ନନ୍ଦ ଓ ବରିଷ୍ଠ ସାମ୍ବାଦିକ ଓ ପୂର୍ବତନ ବ୍ୟାସନଗର କଲେଜ ସଭାପତି ଓ ବର୍ତ୍ତମାନର ପୁରାତନ ଛାତ୍ର ଆଲୁମିନା ସାଧାରଣ ସମ୍ପାଦକ ଓ ପୂର୍ବତନ ମଣ୍ଡଳ ସଭାପତି ନିତ୍ୟାନନ୍ଦ ମହାଳିକ ଯୋଗଦାନ କରି ଉତ୍ସାହିତ କରିଥିଲେ। ଏଥିରେ ପ୍ରାୟ ୪୦୦ ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ସହଯୋଗ କରି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା ସଂଯୋଜକ ସୋମନାଥ ଦାସ ,ରାଜ୍ୟ ସହ ସଂଯୋଜକ ଉଜଳ ସାମଲ, ବିଭାଗ ସଙ୍ଗଠନ ସମ୍ପାଦକ ଚନ୍ଦନ ମାଇତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଆଶୁତୋଷ ସାହୁ, ରାଷ୍ଟ୍ରୀୟ କାର୍ଯ୍ୟ କାରିଣୀ ସଦସ୍ୟ ସୁବ୍ରତ୍ କୁମାର ବେହେରା। ବ୍ୟାସନଗର କଲେଜର ୟୁନିଟ ସଭାପତି ଦୀପକ ନାୟକ ଛାତ୍ରୀ ରୁବି କୁମାରୀ ଉପସ୍ଥିତ ଥିଲେ ଓ ପୋଲିସ ପ୍ରଶାସନ ସାଙ୍ଗରେ ରହି ସହ ଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ଘନକୁହୁଡ଼ି, ଜନଜୀବନ ପ୍ରଭାବିତ



କେନ୍ଦୁଝର(ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲାରେ ଶୀତର ପ୍ରକୋପ କମି ଥିବାବେଳେ ଗତ ଦୁଇଦିନ ହେବ ଭୋର୍ ସକାଳର ଘନକୁହୁଡି ଯୋଗୁଁ ବିଭିନ୍ନ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଥିବା ସୂଚନା ମିଳିଛି। ଘନ କୁହୁଡି ଯୋଗୁଁ ସକାଳ ୯ଟା ପର୍ଯ୍ୟନ୍ତ ରାସ୍ତାରେ ଗାଡି ଚଳାଚଳରେ ଘୋର ଅସୁବିଧା ଦେଖା ଯାଇଥିଲା। ଅପରପକ୍ଷରେ ଜାତୀୟ ରାଜପଥ ୨୦ ଓ ୪୯ରେ ସକାଳବେଳା ଗାଡିମୋଟରର ଚଳାଚଳ ଏକ ପ୍ରକାର ବନ୍ଦ ହୋଇଯାଇଥିବା ଦେଖିବାକୁ ମିଳିଥିଲା। ସକାଳ ୯ଟା ପର୍ଯ୍ୟନ୍ତ ଏହି ଘନକୁହୁଡି ସମସ୍ତ ଅଞ୍ଚଳକୁ ଘେରି ରଖିଥିବା ଦୃଶ୍ୟମାନ ହୋଇଥିଲା। ଘନକୁହୁଡି ଲୋକଙ୍କୁ ଅସ୍ତବ୍ୟସ୍ତ କରି ପକାଇଥିବାବେଳେ ଜଙ୍ଗଲିଆ ଅଞ୍ଚଳ,କାଞ୍ଜିପାଣି ଘାଟି,କିରିବୁରୁ ଆଦି ଅଞ୍ଚଳରେ ପରିସ୍ଥିତି ଆହୁରି ଜଟିଳ ହୋଇ ପଡିଥିବା ଜଣାପଡିଛି। ସକାଳବେଳା ଜରୁରୀ କାମରେ ଯାତାୟତ କରୁଥିବା ଲୋକମାନେ ଦେହସାରା ଶୀତବସ୍ତ୍ର ଘୋଡାଇ ହୋଇ ବିଭିନ୍ନ ସ୍ଥାନରେ ଚଳପ୍ରଚଳ କରୁଥିବା ପରିଲକ୍ଷିତ ହେଉଛି। ଏପଟେ ବିଭିନ୍ନ ରାସ୍ତାଘାଟରେ ଚଳପ୍ରଚଳ କରୁଥିବା ଗାଡିମୋଟରଗୁଡିକ ଲାଇଟ୍ ଜଳାଇ ନିଜ ଗନ୍ତବ୍ୟପଥରେ ଯାଉଥିବା ଦୃଷ୍ଟିଗୋଚର ହୋଇଥିଲା। ପାଣିପାଗ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏହି ଘନକୁହୁଡି ଅବସ୍ଥା ଆଉ କିଛିଦିନ ଲାଗି ରହିବାର ସମ୍ଭାବନା ରହିଛି। ପ୍ରତ୍ୟେକ ଦିନ ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳସ୍ଥଳକୁ ଜିଲ୍ଲା ତଥା ଜିଲ୍ଲା ବାହାରର ପର୍ଯ୍ୟଟକ ଆସୁଥିବାବେଳେ ଏଭଳି କୁହୁଡିଆ ପାଗ ପର୍ଯ୍ୟଟକଙ୍କୁ ଅସୁବିଧାରେ ପକାଇଥିଲା।

# କବିତା ଆସର

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ପ୍ରଶାସନ ଓ ସାହିତ୍ୟ ପରିବାରର ମିଳିତ ଆନୁକୂଲ୍ୟରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ପରିସରରେ ଏକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ ପ୍ରାଧ୍ୟପକ ଡ. ଜଗବନ୍ଧୁ ସାମଲଙ୍କ ଅଧ୍ୟକ୍ଷତାରେ ସାହିତ୍ୟ ପରିବାରର ସଭାପତି ଡ. ପ୍ରୀତିଧାର ସାମଲ, କବି ଜଳଧର ସ୍ୱାଇଁ, କବି ନାରାୟଣ ପଣ୍ଡା, ପ୍ରାଧ୍ୟପକ ଡ. ଅମୂଲ୍ୟ କୁମାର ମହାପାତ୍ର, କବି ପ୍ରାବନ୍ଧିକ ଓ ସାହିତ୍ୟିକ ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟ ଓ ବିଭିନ୍ନ କବିତା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ୪୦ କବିୟିତ୍ରୀ କବି କବିତା ପାଠ କରିଥିଲେ। ଅଧ୍ୟାପକ ରବି ଶତପଥି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପଞ୍ଚାୟତ ପ୍ରତିଭା ସମ୍ମାନ -୨୦୨୫ ପ୍ରଦାନ



କୁଜଙ୍ଗ(ଭାସ୍କର ନ୍ୟୁଜ୍): ୭୬ ତମ ସାଧାରଣତନ୍ତ୍ର ଦିବସ ଅବସରରେ କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ଗ୍ରାମ ପଞ୍ଚାୟତ ତରଫରୁ ପଞ୍ଚାୟତ ପ୍ରତିଭା ସମ୍ମାନ - ୨୦୨୫ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ଯୁବକ ହାତରେ ଜାତୀୟ ପତାକା ଉଡ଼ାଇ ଗ୍ରାମ ପରିକ୍ରମା କରିବା ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସସ୍ମିତା ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବରେ କୁଜଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରୀ ଦୀପକ ପ୍ରସାଦ ସ୍ୱାଇଁ ଯୋଗଦେଇ ପାରାଦ୍ୱୀପ ଗଡ ପଞ୍ଚାୟତରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟକୁ ଭୂରି ଭୂରି ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବରେ ସରପଞ୍ଚ ସସ୍ମିତା ବେହେରା, ଏମ.ବି.କେ. କଳ୍ପନା ମହାପାତ୍ର, ପୂର୍ବତନ ସରପଞ୍ଚ ବିଷ୍ଣୁ ଚରଣ ସାହୁ ପ୍ରମୁଖ ଯୋଗଦେଇ ଏପରି ଜନହିତକର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବି ସଞ୍ଜୟ କୁମାର ବେହେରା ସଭାପତିତ୍ୱ କରିଥିଲେ। ଚଳିତ ବର୍ଷ ପଞ୍ଚାୟତ ପାଇଁ ସୁନାମ ଆଣିଥିବା ନିମିଢ଼ୀ ଗ୍ରାମର ମା 'ନାରାୟଣୀ ପିଜି' ଗ୍ରୁପ୍, ରଙ୍ଗିଆଗଡ ଗ୍ରାମର 'ତ୍ରିନାଥ ସ୍ୱୟଂ ସହାୟିକା ଗୋଷ୍ଠୀ'କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବୋଇତ ଭସାଣ ଉତ୍ସବରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ନବଜ୍ୟୋତି ଯୁଥ୍ କ୍ଲବ୍, ବ୍ୟାସଦେବ ଜୀଉ ବୋଇତ ଭସାଣ କମିଟି, ଶିବ ଶକ୍ତି ଯୁଥ୍ କ୍ଲବ୍ ଓ ତ୍ରିନାଥ ଯୁଥ୍ କ୍ଲବ୍‌କୁ ପୁରସ୍କୃତ କରାଯାଇଥିଲା ଏବଂ ତୈଳ ବିଶୋଧନାଗାର ସହାୟତାରେ ଦୁଇ ଜଣ ଗରିବ ଯୁବକ ଯଥା ସୁବାଷ ସ୍ୱାଇଁ ଓ ବିଜୟ କୁମାର ସାହୁଙ୍କୁ ଇଲେକ୍ଟ୍ରି ଅଟୋ ପ୍ରଦାନ କରାଯାଇଥିଲା। ଏହି ଅବସରରେ ତୈଳ ବିଶୋଧନାଗାର ସହାୟତାରେ ଚୂନ ବେଲାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ମାଗଣା ସ୍ୱାସ୍ଥ୍ୟ ସେବା ଶିବିର' ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ୩୦୯ ଜଣ ରୋଗୀଙ୍କୁ ପରୀକ୍ଷା କରାଯାଇ ମାଗଣାରେ ଔଷଧ ପ୍ରଦାନ କରଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଚନ୍ଦ୍ରଶେଖର ଚୌଧୁରୀ, ଅଲେଖ ମହାରଥା, ରମେଶ ବେହେରା, ସନ୍ତୋଷ ଦୋରା, ପ୍ରଭାତ କୁମାର ସାହୁ, ସତ୍ୟାନନ୍ଦ ରାଉତ, ଦେବ ଦୁର୍ଲ୍ଲଭ କର, ନିହାର ରଞ୍ଜନ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ପାଇକ ଆଖଡ଼ା ସଂଘର ସାଧାରଣତନ୍ତ୍ର ଦିବସ ପାଳିତ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପାଇକ ଆଖଡ଼ା ସଂଘର ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ସାଧାରଣତନ୍ତ୍ର ଦିବସ ଦିଲ୍ଲୀ ଠାରୁ ପଲ୍ଲୀ ଯାଏ ସବୁଠି ପାଳନ କରାଯାଉଥିବା ବେଳେ ମାଲୁଦ ଚବିଶ ମୌଜା ପଞ୍ଚୁଦଳ ମେଳଣ ପଡିଆ ଠାରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସକୁ ବ୍ଲକ ପାଇକ ଆଖଡ଼ା ସଂଘ ମହା ଆଡମ୍ବରରେ ପାଳନ କରିଛି। ଏହି ଅବସରରେ ଶିକ୍ଷାବିତ ଗୋଲଖ ବିହାରି ଦଳବେହେରା ପତାକା ଉତ୍ତୋଳନ କରିଥିବା ବେଳେ ଅବସର ପ୍ରାପ୍ତ ସେନାହାବିଲଦାର ବିଶିଷ୍ଟ ସମାଜ ସେବୀ ଦିପକ କୁମାର ଜେନା ଅଭିବାଦନ ଜଣାଇଥିଲେ। ଏହି ଉତ୍ସବରେ ପାରିକୁଦ ମାଲୁଦ ଅଂଚଳର ବହୁ ଜ୍ଞାନୀ ଗୁଣି ଶିକ୍ଷାବିତ ଯୋଗ ଦେଇ ମହାପୁରୁଷ ଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଦେଇ ମହାପୁରୁଷଙ୍କ ଜୀବନୀ ଓ ପରାଧୀନ ଭାରତ ଦେଶର ଗାଥା ବର୍ଣ୍ଣନା କରି ଥିଲେ। ଏଥିରେ ଶିକ୍ଷାବିତ ବିନୋଦ କୁମାର ମହାପାତ୍ର ବ୍ରଜ କିଶୋର ଗୌଡ଼ ରବୀନ୍ଦ୍ର ନାଥ ଦାସ ତ୍ରିନାଥ ପ୍ରଧାନ ସୁକାନ୍ତ ବିଶ୍ୱାଳ ସୁବାଷ ପଲେଇ ପ୍ରଫୁଲ୍ଲ ଜେନା କେଦାର ନାଥ ଦାସ ଅଖିଳ ଜେନା ଶୁକଦେବ ବାରିକ ଶରତ ବାରିକ ପ୍ରତାପ ହରିଚନ୍ଦନ ପ୍ରମୁଖ ବହୁ ଶିକ୍ଷାବିତ ପାଇକ ଗୁରୁ ଯୋଗ ଦେଇଥିଲେ। ସେହିପରି ମାଲୁଦ ଅଗ୍ନିଶମ




ବିଭାଗ ମାଲୁଦ ଗ୍ରାମ ପଂଚାୟତ ସମସ୍ତ ବିଦ୍ୟାଳୟ ଓ ସରକାରୀ ବେସରକାରୀ ଅନୁଷ୍ଠାନ ରେ ୭୬ତମ ଦିବସ ପାଳିତ ହୋଇଛି। ମାଲୁଦ ଗ୍ରାମ ପଂଚାୟତ ପରିସରରେ ଜାତୀୟ ପତାକାକୁ ସରପଞ୍ଚ ଗୀତାଞ୍ଜଳି ଜେନା ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରି। ଗାନ୍ଧୀ ଗୋପବନ୍ଧୁ ସୁବାସ ବୋଷ ଙ୍କ ପରି ମହାପୁରୁଷଙ୍କ ପରି ଦେଶ ଭକ୍ତ ହେବାକୁ ଆହ୍ୱାନ କରିଥିଲେ।

# ୧୯୮୮ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



ବ୍ୟାସନଗର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ଏନସି ହାଇସ୍କୁଲରୁ ୧୯୮୮ ମସିହାରେ ପାଶ୍ କରିଥିବା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ସ୍ଥାନୀୟ ବ୍ୟାସସରୋବର କାଜୁ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ଆମେରିକା, ଅଷ୍ଟ୍ରେଲିଆ, ହାଇଦ୍ରାବାଦ, ମୁମ୍ବଇ ଏବଂ ଓଡିଶାର ବିଭିନ୍ନ ପ୍ରାନ୍ତରେ ରହିଥିବା ଏହି ବ୍ୟାଚର ଚାଳିଶିରୁ ଅଧିକ ଛାତ୍ର ଯୋଗଦେଇଥିଲେ। ପ୍ରାରମ୍ଭରେ ଦିବଙ୍ଗତ ସାଙ୍ଗମାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ସମସ୍ତ ସାଙ୍ଗମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ହୋଇଥିଲା। ଶେଷରେ ସମସ୍ତେ ବଣଭୋଜିର ସ୍ୱାଦିଷ୍ଟ ଖାଦ୍ୟ ଖାଇଥିଲେ।ଏହି ବନ୍ଧୁମିଳନରେ ସର୍ବଶ୍ରୀ ଅଭୟ ପତି, ପ୍ରବୋଧ ଜେନା, ବିଷ୍ଣୁପ୍ରସାଦ ଦାଶ, ପ୍ରବୀର ଜେନା, ହିରାଲାଲ୍ ରାମ୍, ବାଦଲ ପରିଡା, ସଞ୍ଜିବ ରାୟ, ଗୋପୀ ମହାନ୍ତି, ଅମରେଶ ମହାନ୍ତି, ପରମେଶ୍ୱର ବିଶ୍ୱାଳ, ବିଜୟ ଜେନା, ସୁକାନ୍ତ ରାଉତ, ଦୀପାଂଶୁ ତ୍ରିପାଠୀ, ଚିତ୍ତରଞ୍ଜନ ବୋଇତାଇ, ମନୋଜ ଭୋଇ, ନିରଞ୍ଜନ ପରିଡାଙ୍କ ସମେତ ଅନେକ ଯୋଗ ଦେଇଥିଲେ।

# 'ସାଙ୍ଗ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

ବ୍ୟାସନଗର(ଭାସ୍କର ନ୍ୟୁଜ୍): ସ୍ଥାନୀୟ ବ୍ୟାସ ସରୋବର ଠାରେ ଏନସି ହାଇସ୍କୁଲ ୧୯୯୨ ବ୍ୟାଚର 'ସାଙ୍ଗ ପାଇଁ ଦିନ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟ ଅତିଥିଭାବେ ଓଲିଉଡ କଳାକାର ଅନନ୍ତ ନାରାୟଣ ମିଶ୍ର ଯୋଗଦେଇ ବନ୍ଧୁର ମହତ୍ତ୍ୱ ଏବଂ ଜୀବନରେ ଏହାର ଜରୁରୀ ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜ୍ଞାନରଞ୍ଜନ ରାଉତ ଅତିଥି ପରିଚୟ ପ୍ରଦାନ କରିବା ପରେ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପତାକା ଉତ୍ତୋଳନ ଏବଂ ଦିବଙ୍ଗତ ସାଙ୍ଗ ରାମଚନ୍ଦ୍ର ନାୟକ (ଧୁଳିଆ) ଓ ରମେଶ ଚନ୍ଦ୍ର ଦାସଙ୍କ ଆତ୍ମାର ସଦଗତି କାମନା କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଳ୍ପତରୁ ସାହୁ, ଜ୍ଞାନରଞ୍ଜନ ପ୍ରିୟଦର୍ଶନ, ପ୍ରିୟବ୍ରତ ମହାପାତ୍ର, ସୁଶାନ୍ତ କୁମାର ନାୟକ, ବିବେକାନନ୍ଦ ରାଉତ, ପ୍ରଭାକର ଦାସ, ଜିତେନ୍ଦ୍ର ରାଉତ, ମିହିର ରଂଜନ ବିଶ୍ୱାଳ,ପ୍ରତାପ ନାୟକ, ଛତ୍ରପତି ବିଶ୍ୱାଳ, ଉମାକାନ୍ତ ସ୍ୱାଇଁ,ପ୍ରଭାତ କୁମାର ବଳ,ଦୀପକ ଦାସ, ପ୍ରଶାନ୍ତ ନାୟକ, କୈଳାସ ଚନ୍ଦ୍ର ସାହୁ,ଉଦୟ ରାଉତ,ଶରତ ମଲ୍ଲ,ଶୈଳେନ୍ଦ୍ର ସ୍ୱାଇଁ, ବିଭୁପ୍ରସାଦ ସାମଲ ପ୍ରମୁଖ ଯୋଗଦେଇଥିଲେ। ଶେଷରେ ଅଶୋକ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।

# ସରକାରୀ ହୋମିଓପାଥିକ ଚିକିତ୍ସାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ

ଚମ୍ପତିପୁର(ଭାସ୍କର ନ୍ୟୁଜ୍): ଦେଶ ପାଳୁଛି ୭୬ତମ ସାଧାରଣତନ୍ତ୍ର ଦିବସ।ପଲ୍ଲୀ ଠାରୁ ଦିଲ୍ଲୀ ସବୁଠି ଭରିଯାଇଛି ଦେଶପ୍ରେମ ର ଅପୂର୍ବ ଉନ୍ମାଦନା। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀ ର ଚମ୍ପତିପୁର ହୋମିଓପାଥି ଚିକିତ୍ସାଳୟରେ କୁନି କୁନି ଶିଶୁ ଙ୍କ ଗହଣରେ ପାଳିତ ହୋଇଛି ସାଧାରଣତନ୍ତ୍ର ଦିବସ। ହୋମିଓପାଥିକ ଚିକିତ୍ସା ଅଧିକାରୀ ଡ଼ାଃ ଲୀନାଶ୍ରୀ ଗୌଡଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ହେବା ସହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ନିଜ ବକ୍ତବ୍ୟରେ ଡାକ୍ତର ଲୀନାଶ୍ରୀ ଛାତ୍ରଛାତ୍ରୀ ମାନଙ୍କ ପାଖରେ ସାଧାରଣତନ୍ତ୍ର ଦିବସର ମହତ୍ତ୍ୱ ପ୍ରତିପାଦିତ କରିବାକୁ ଯାଇ କିଛି ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। କିପରି ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଦେଶ ବ୍ରିଟିଶ ସରକାର କବଳରୁ ସ୍ୱାଧୀନ ହୋଇଥିଲା, କିନ୍ତୁ ଦେଶ ପରିଚାଳନା ପାଇଁ କୌଣସି ସାମ୍ବାଧାନିକ ବ୍ୟବସ୍ଥା ନଥିଲା। ଏହାପରେ ବାବା ସାହେବ ଆମ୍ବେଦକରଙ୍କ ନେତୃତ୍ୱରେ ଏକ ସମ୍ବିଧାନ ଡ୍ରାଫଟିଂ କମିଟି ଗଠନ କରାଯାଇ ୧୯୪୯ ମସିହା ନଭେମ୍ବର ୨୬ ତାରିଖରେ ବିଶ୍ୱର ଦୀର୍ଘତମ ଲିଖିତ ସମ୍ବିଧାନ ଆଗତ କରାଯାଇଥିଲା। ଏହାର ଠିକ୍ ଦୁଇ ବର୍ଷ ପରେ ୧୯୫୦ ମସିହା ଜାନୁୟାରୀ ୨୬ରେ ଭାରତ ଏକ ସାର୍ବଭୌମତ୍ୱ ଗଣତାନ୍ତ୍ରିକ ରାଷ୍ଟ୍ର ରୂପେ ପରିଗଣିତ ହେବା ସହ ଲିଖିତ ସାମ୍ବିଧାନକ ବ୍ୟବସ୍ଥାର କାର୍ଯ୍ୟକାରୀ ହୋଇଥିଲା। ଏହି ଦିନକୁ ସମ୍ମାନ ଜଣାଇ ସାଧାରଣତନ୍ତ୍ର ଦିବସ ପାଳନ କରାଯାଏ ତା ସହ ଦେଶପ୍ରେମରେ ଉଦ୍‌ବୁଦ୍ଧ ହେବାକୁ ଆହ୍ୱାନ କରିଥିଲେ।




# ରାୟଗଡ଼ରେ ଇ -ଅଫିସ ଶୁଭାରମ୍ଭ କଲେ ସୂଚନା ଓ ପ୍ରଯୁକ୍ତି ବିଭାଗ ମନ୍ତ୍ରୀ

ରାୟଗଡ(ଭାସ୍କର ନ୍ୟୁଜ୍): ଇ-ଅଫିସ୍ ପ୍ରକଳ୍ପ ରାୟଗଡାରେ ଶୁଭାରମ୍ଭ କରିଛନ୍ତି ଡ଼. ମୁକେଶ ମହାଲିଙ୍ଗ, ମାନ୍ୟବର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ଇଲେକ୍ଟ୍ରୋନିକସ ଏବଂ ସୂଚନା ଓ ପ୍ରଯୁକ୍ତି ମନ୍ତ୍ରୀ ଓଡିଶା। ଏହା ଇ-ଅଫିସ୍ ରାଜ୍ୟବ୍ୟାପୀ କାର୍ଯ୍ୟକାରିତାକୁ ଘୋଷଣା କରିଛନ୍ତି। ରାୟଗଡ ଜିଲ୍ଲାରେ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ଭାବରେ ଯୋଗଦେବା ଅବସରରେ ମନ୍ତ୍ରୀ ଏହିକାର୍ଯ୍ୟକ୍ରମକୁ ଶୁବାରମ୍ଭ କରିଥିଲେ। ଏଥିରେ ବିଷମ କଟକ ବିଧାୟକ ଶ୍ରୀଯୁକ୍ତ ନୀଳମାଧବ ହିକକା ଓ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଜିଲ୍ଲାପାଳ ପାରୁଲ ପାଟାୱରୀଙ୍କ, ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କହଁର, ଜିଲ୍ଲା ସୂଚନା ଅଧିକାରୀ ଗୁଣ ଶେଖର ତଥା ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଉଦଘାଟନ




କରିଥିଲେ। ଏହାଦ୍ୱାରା ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ଦକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଓଡିଶା ସରକାରଙ୍କ ପ୍ରତିବଦ୍ଧତାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ପ୍ରତିପାଦିତ କରିଛି। ଶାସନରେ, ଡିଜିଟାଲ୍ ଇଣ୍ଡିଆର ଦୃଷ୍ଟିକୋଣ ସହିତ ସମାନ ବୋଲି କହିଥିଲେ। ମାନୁଆଲ ଫାଇଲ ହ୍ୟାଣ୍ଡଲିଂକୁ ଏକ ଶୃଙ୍ଖଳିତ ଇଲେକ୍ଟ୍ରୋନିକ୍ ୱାର୍କଫ୍ଲୋ ସହିତ ବଦଳାଇ ସରକାରୀ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ଫାଷ୍ଟ-ଟ୍ରାକ୍ କରିବା ପାଇଁ ଇ-ଅଫିସ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ନ୍ୟାସନାଲ ଇନଫରମେଟିକ୍ସ ସେଣ୍ଟର (ଏନଆଇସି) ଦ୍ୱାରା ବିକଶିତ ଏବଂ ପରିଚାଳିତ ଏହି ମିଶନ ମୋଡ୍ ପ୍ରୋଜେକ୍ଟ, ଏନ୍‌ଆଇସି ସହଯୋଗରେ କେନ୍ଦ୍ର ଆଧୁନିକୀକରଣ ସରକାରୀ ଉଦ୍ୟମ ଦ୍ୱାରା ଓଡ଼ିଶାରେ କାର୍ଯ୍ୟକାରୀ ହେଉଛି। ଇ ଅଫିସ କାର୍ଯ୍ୟକାରୀ କରିବାରେ ଓଡିଶାରେ ରାୟଗଡା ହେଉଛି ଦ୍ୱିତୀୟ ଜିଲ୍ଲା। ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଓଡିଶାରେ ଏକ କାରବାର ସୃଷ୍ଟି କରନ୍ତୁ, ଡକ୍ୟୁମେଣ୍ଟ୍ ହ୍ୟାଣ୍ଡଲିଂ, ଏବଂ ଚିଠିଗୁଡ଼ିକ ବୈଦ୍ୟୁତିକ ଭାବରେ କରାଯାଏ। ଏହି ପରିବର୍ତ୍ତନ ଫାଇଲଗୁଡିକର ଶୀଘ୍ର ପ୍ରକ୍ରିୟାକରଣ, ଡକ୍ୟୁମେଣ୍ଟଗୁଡିକର ବର୍ଦ୍ଧିତ ଉପଲବ୍ଧତା ଏବଂ ବିଳମ୍ବରେ ଏକ ମହତ୍ତ୍ୱପୂର୍ଣ୍ଣ ହ୍ରାସ ସୁନିଶ୍ଚିତ କରେ, ଯାହା ଦ୍ୱାରା ସରକାରୀ କାର୍ଯ୍ୟର ଦକ୍ଷତା ବୃଦ୍ଧି ହୁଏ। ଇ-ଅଫିସ୍ ପ୍ରକଳ୍ପର ପ୍ରାଥମିକ ଦୃଷ୍ଟିକୋଣ ହେଉଛି ସରକାରୀ କାର୍ଯ୍ୟାଳୟରେ ଶାସନର ପ୍ରତିକ୍ରିୟାଶୀଳତା, କାର୍ଯ୍ୟକାରିତା ଏବଂ ସ୍ୱଚ୍ଛତାକୁ ସରଳ ଏବଂ ବର୍ଦ୍ଧିତ। ଏକ ଟେକ୍ନୋଲୋଜି ଦ୍ୱାରା ପରିଚାଳିତ ପ୍ରଶାସନିକ ଢାଞ୍ଚାକୁ ପ୍ରୋତ୍ସାହନ ଦେବାକୁ ଓଡ଼ିଶା ସରକାର ଲକ୍ଷ୍ୟ ରଖିଛନ୍ତି ଯେ ଜନସେବା ବିତରଣରେ ପରିବର୍ତ୍ତନ ଆଣିବା ଏବଂ ଡିଜିଟାଲ ଶାସନରେ ନୂତନ ମାନଦଣ୍ଡ ସ୍ଥିର କରିବା। ଏହି ପଦକ୍ଷେପ ଏକ ଆଧୁନିକ ତଥା ସ୍ୱଚ୍ଛ ସରକାରୀ ଇକୋସିଷ୍ଟମ ସୃଷ୍ଟି ପାଇଁ ଓଡିଶାର ଉତ୍ସର୍ଗୀକୃତତାର ଉଦାହରଣ ଦେଇଛି ଯାହା ଡିଜିଟାଲ ଇଣ୍ଡିଆର ନୀତି ସହ ସମାନ୍ତରାଳ ଭାବରେ ନାଗରିକ-କେନ୍ଦ୍ରିକ ସେବାକୁ ପ୍ରାଧାନ୍ୟ ଦେଇଥାଏ। ରାୟଗଡାରେ ଇ-ଅଫିସ୍ ବ୍ୟବସ୍ଥାର ସଫଳ ରୂପାୟନ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳ ପାଇଁ ଶାସନ ପାଇଁ ପରିବର୍ତ୍ତନଶୀଳ ଡିଜିଟାଲ୍ ସମାଧାନ ଗ୍ରହଣ କରିବା ପାଇଁ ପ୍ରେରଣା ଯୋଗାଇଥାଏ।

# ଉତ୍ତମ ସେବା ପାଇଁ ହୋମଗାର୍ଡ ପଞ୍ଚାନନ ବିଷୋୟୀଙ୍କୁ ସମ୍ମାନଜନକ ବ୍ରୋଞ୍ଜ ଡିସ୍କ



ଆସିକା(ଭାସ୍କର ନ୍ୟୁଜ୍): ଆସିକା ଥାନାରେ କାର୍ଯ୍ୟରତ ହୋମଗାର୍ଡ ପଞ୍ଚାନନ ବିଷୋୟୀଙ୍କୁ ସମ୍ମାନିତ କଲା ଗୃହମନ୍ତ୍ରାଳୟ। ଅଗ୍ନିଶମ ପୋଲିସ ମହା ନିର୍ଦ୍ଦେଶକଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି ଅଭିଜ୍ଞ ହୋମଗାର୍ଡ ପଞ୍ଚାନନ ବିଷୋୟୀ। ପୋଲିସ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗତ ସାଧାରଣତନ୍ତ୍ର ଦିବସ ଦିନ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଜଣେ ଦକ୍ଷ ଓ ସଚ୍ଚୋଟ ହୋମଗାର୍ଡ ଭାବରେ ଆସିକା ଅଞ୍ଚଳରେ ବେଶ ଜଣାଶୁଣା ଥିବା ପଞ୍ଚାନନଙ୍କୁ ଏହି ସମ୍ମାନ ଜନକ ବ୍ରୋଞ୍ଜ ଡିସ୍କ ମିଳିଥିବାରୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।୨୦୨୩ବର୍ଷ ପାଇଁ ନିଜର କର୍ତ୍ତବ୍ୟ ନିଷ୍ଠ ଓ ଅକ୍ଲାନ୍ତ ପରିଶ୍ରମ ଦ୍ୱାରା ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇଦେବା ନିମନ୍ତେ ଏହି ବ୍ରୋଞ୍ଜ ଡିସ୍କ ପଞ୍ଚାନନଙ୍କୁ ପ୍ରଦାନ କରାଯାଇଥିବା ଜଣାପଡିଛି।ଜଣେ ମେଳାପୀ ମିଷ୍ଟଭାଷୀ ସାଙ୍ଗଙ୍କୁ କର୍ତ୍ତବ୍ୟ ପରାୟଣ ମଣିଷ ଭାବେ ସେ ଆସିକା ଅଞ୍ଚଳରେ ଜଣାଶୁଣା ହୋମଗାର୍ଡ ଅଟନ୍ତି। ଏହି ସମ୍ମାନ ପାଇବା ପରେ ଆସିକା ଥାନା ଓ ଉପଖଣ୍ଡ ଥାନା ଅଞ୍ଚଳରୁ ମଧ୍ୟ ପୋଲିସ ଅଧିକାରୀ ଓ ହୋମଗାର୍ଡ କର୍ମଚାରୀ ମାନେ ପଞ୍ଚାନନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମ୍ ଠାରେ କଳାହାଣ୍ଡି ଜିଲ୍ଲାସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଅଛି। ଏହି ପବିତ୍ର ଦିବସର ମୁଖ୍ୟଅତିଥି ଭାବେ ପାୱାର ସଚିନ ପ୍ରକାଶ ଜିଲ୍ଲାପାଳ କଳାହାଣ୍ଡି ଯୋଗଦେଇ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପ୍ୟାରେଡ ପରିଦର୍ଶନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ। ସମବେତ ଜନତାଙ୍କୁ ଉଦବୋଧନ ଦେଇ ମୁଖ୍ୟଅତିଥି ତାଙ୍କ ବକ୍ତବ୍ୟରେ ପ୍ରଥମେ ଆଜିର ଦିବସରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଥିଲେ । ସାଧାରଣତନ୍ତ୍ର ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଭାରତର ସ୍ୱାଧୀନତା ଓ ସମ୍ବିଧାନ ପ୍ରଣୟନରେ ଯେଉଁ ଯେଉଁ ମହାପୁରୁଷଙ୍କ ଅକ୍ଳାନ୍ତ ପରିଶ୍ରମ ତ୍ୟାଗ ଓ ବଳିଦାନ ରହିଥିଲା ତାଙ୍କର ସ୍ମୃତି ଚାରଣ କରି ଭକ୍ତିପୂତ ସେମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସର ଜିଲ୍ଲାପାଳ ଭାରତର ସ୍ୱାଧୀନତା ସଂଗ୍ରାମରେ କଳାହାଣ୍ଡି ଜିଲ୍ଲାର ବୀର ସ୍ୱାଧୀନତା





ସଂଗ୍ରାମୀ ସହିଦ୍ ରେଣ୍ଡୋ ମାଝୀଙ୍କ ବଳିଷ୍ଠ ନେତୃତ୍ୱ ଓ ନିଜ ମାଟି ଦେଶ ମାତୃକାର ସେବା ପାଇଁ ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢ଼େଇ କରି ସହିଦ୍ ହୋଇଥିବା କଥା ମନେପକାଇଥିଲେ । ସେ ତାଙ୍କ ବକ୍ତବ୍ୟରେ ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ କୃଷି, ଗମନାଗମନ, ଇତ୍ୟାଦି କ୍ଷେତ୍ରରେ ହୋଇଥିବା ଉନ୍ନତି ଓ ବିକାଶ ଧାରାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ ଦିଗରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା ରହିଥିବା କଥା ମୁଖ୍ୟ ଅତିଥି ଦର୍ଶାଇଥିଲେ। ମିଳିତ ପ୍ୟାରେଡରେ ପୋଲିସବାହିନୀଙ୍କ ସହିତ ବିଭିନ୍ନ ବିଦ୍ୟାଳୟ ମହାବିଦ୍ୟାଳୟର ୪୪ ଗୋଟି ପ୍ଲାଟୁନ୍ ଅଂଶଗ୍ରହଣ କରି ଆକର୍ଷଣୀୟ ପ୍ୟାରେଡ ପ୍ରଦର୍ଶନ କରିଥିଲେ। ବେଟୀ ପଢ଼ାଓ ବେଟୀ ବଚାଓ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ବିବେଚିତ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ମଧ୍ୟ ମୁଖ୍ୟ ଅତିଥି ଜିଲ୍ଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା ଜେଲ, ରେଡ଼କ୍ରସ ଦୃଷ୍ଟିହୀନ, ମୂକ ବଧିର ବିଦ୍ୟାଳୟ, ନେହେରୁ ସେବା କେନ୍ଦ୍ର, ଜୁବିନାଲ୍ ହୋମ ପରିଦର୍ଶନରେ ଯାଇ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ଅନ୍ତେବାସୀମାନଙ୍କୁ ଫଳ ଓ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏଥିରେ ଆରକ୍ଷୀ ଅଧିକ୍ଷକ ଅଭିଳାଷ ଜି, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ,ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବଇତୁରା ଦୀପ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ଡେପୁଟି କଲେକ୍ଟର ସତ୍ୟନାରାୟଣ ମେହେର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଡି ଡି ପ୍ଲାନିଂ ଶ୍ରୀକାନ୍ତ ଦଲେଇ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ମହାପାତ୍ର ଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ,ବରିଷ୍ଠ ନାଗରିକ,ଜନପ୍ରତିନିଧି, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା ଓ ଗଣ ମାଧ୍ୟମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଟାଉନହଲ ଠାରେ ପୁରସ୍କାର ବିତରଣ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କେସିଙ୍ଗା, (ଭାସ୍କର ନ୍ୟୁଜ୍): କେସିଙ୍ଗା ନାଗରିକ କମିଟି ତରଫରୁ ୭୬ ତମ ସାଧାରଣତନ୍ତ୍ର ଦିବସ ମହାଆଡମ୍ବରରେ ପାଳିତ ହୋଇଛି। ଏହି ଉପଲକ୍ଷେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି, ସମ୍ମାନିତ ଅତିଥି ଭାବେ ନଗରପାଳ ନୃପରାଜ ଯାଦବ ପ୍ରମୁଖ ଯୋଗଦେଇ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିବା ସହ ମୁଖ୍ୟ ଅତିଥି ଶ୍ରୀମତୀ ମହାନ୍ତି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ ଉପାଧ୍ୟକ୍ଷା ସରସ୍ୱତୀ ସାହା, ଏନ୍‌ଏସିର ସମସ୍ତ କାଉନସିଲର ବୃନ୍ଦ, ନିର୍ବାହୀ ଅଧିକାରୀ ପ୍ରଣବ କୁମାର ଚାନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ମହାନ୍ତି ତାଙ୍କ ଅଭିଭାଷଣରେ ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ସେମାନଙ୍କ ପ୍ରତି ସମସ୍ତେ ଯତ୍ନବାନ ହେବା ଉଚିତ। ଏଥିସହିତ କେସିଙ୍ଗା ଏନ୍‌ଏସି ଯେତେବେଳେ ମୋର ସହଯୋଗ ଲୋଡିବେ, ମୁଁ ନିଶ୍ଚିତ ଭାବରେ ସହଯୋଗ କରିବି ବୋଲି ପ୍ରତିଶୃତି ଦେଇଥିଲେ। ଏହାପରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ଶ୍ରୀମତୀ ମହାନ୍ତି




ପୁରସ୍କାର ବିତରଣ କରିଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନା ରେ ଏନ୍‌ଏସିର ସମସ୍ତ କର୍ମଚାରୀ ଓ ନାଗରିକ କମିଟୀର ରମେଶ ପଟ୍ଟନାୟକ, ମଗନ ସିନ୍ଦୁର ପ୍ରମୁଖ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ଅବସରପ୍ରାପ୍ତ ଅଧ୍ୟାପକ ବି ସି ଆଚାରୀ ଓ ଜ୍ଞାନେନ୍ଦ୍ର ଭୋଇ। ଶେଷରେ ଶ୍ରୀ ଭୋଇ ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ ହୋଇଥିଲା। ପୋଲିସ ବାହିନୀ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

ନର୍ଲା। (ଭାସ୍କର ନ୍ୟୁଜ): ସାରା ଦେଶରେ ଆନନ୍ଦ ଉଲ୍ଲାସର ସହିତ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ ହୋଇ ଥିବା ବେଳେ କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ୍ ପରିସର ସହିତ , ପୋଲିସ୍ ଷ୍ଟେସନ, ଡାକ୍ତର ଖାନା, ତହସିଲ୍ ଅଫିସ୍ ବ୍ୟାଙ୍କ୍,ପଶୁ ଚିକିତ୍ସାଳୟ ରେଳଷ୍ଟେସନ, ପଞ୍ଚାୟତ ଅଫିସ୍, ବିଭିନ୍ନ ବେସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ଶିକ୍ଷାନୁଷ୍ଠାନ ରେ ପାଳିତ ହୋଇ ଯାଇଛି । ପରେ ସର୍ବସାଧାରଣ ଙ୍କ ପାଇଁ ହାଇସ୍କୁଲ ପଡ଼ିଆରେ ମଧ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ



ଯାଇଛି। ନର୍ଲା ବିଡ଼ିଓ ବିପିନ୍ ବିହାରୀ ଦୀପ୍ ଉକ୍ତ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରି ଥିବା ବେଳେ, ବ୍ଲକ୍ ଅଧକ୍ଷ ଦୁର୍ଗା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ନର୍ଲା ସହର ର ୧୨ ଗୋଟି ଶିକ୍ଷ୍ୟା ଅନୁଷ୍ଠାନ ର ଛାତ୍ର ଛାତ୍ରୀ ଯୋଗ ଦେଇ ପ୍ୟାରେଡ୍ ସହ ଅଭିବାଦନ ଜଣେଇ ଥିବା ଦେଖିବାକୁ ମିଳିଥିଲା ।ସାଧାରଣ ତନ୍ତ୍ର ଦିବସ ଅବସରରେ ଶିକ୍ଷାନୁଷ୍ଠାନ ଗୁଡିକରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତା ରେ ଉତ୍ତୀର୍ଣ୍ଣ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇ ଥିଲା । ପଡ଼ିଆ ରେ ପ୍ୟାରେଡ୍ ଦେଖିବାକୁ ନର୍ଲା ଅଞ୍ଚଳ ଶହ ଶହ ଲୋକ ଙ୍କ ସମାଗମ ହୋଇ ଥିବା ବେଳେ ନର୍ଲା ବ୍ଲକ୍ ର ବିଭିନ୍ନ ବିଭାଗ ର ଅଧିକାରୀ, ସ୍ଥାନୀୟ ପୋଲିସ୍,ସ୍କୁଲ୍ କଲେଜ୍ ର ଶିକ୍ଷକ, ଅଧ୍ୟାପକ, ବୁଦ୍ଧିଜୀବୀ ,ସାମ୍ବାଦିକ ବୃନ୍ଦ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀ ବିଭିନ୍ନ ଦେଶାତ୍ମ ବୋଧକ ନୃତ୍ୟ ପରିବେଷଣ କରି ଦେଖଣାହାରୀଙ୍କ ମନମୋହି ଥିଲେ।

# ୬୪ ବାଟାଲିୟନ୍ ସିଆରପିଏଫ୍ କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀଙ୍କୁ ସମ୍ମାନଜନକ ରାଷ୍ଟ୍ରପତି ପୋଲିସ ପଦକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍): ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦେଶର ବିଭିନ୍ନ ସ୍ଥାନରେ ସଫଳତାର ସହ କାର୍ଯ୍ୟ କରି ଆସୁଥିବା ଓ ସଂପ୍ରତି ଦୁଇ ବର୍ଷ ହେଲା ମାଓପ୍ରବଣ ଜିଲ୍ଲା କଳାହାଣ୍ଡିର ଭବାନୀପାଟଣା ଠାରେ ଅବସ୍ଥାପିତ ୬୪ ବାଟାଲିୟନ୍ ସିଆରପିଏଫ୍‌ଙ୍କ ନେତୃତ୍ୱ ଗ୍ରହଣ କରିଥିବା କମାଣ୍ଡାଣ୍ଟ ପଙ୍କଜ ଚୌଧୁରୀଙ୍କୁ ଦେଶର ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ସମ୍ମାନଜନକ ରାଷ୍ଟ୍ରପତି ପୋଲିସ ପଦକ ପ୍ରଦାନ କରାଯାଇ ଥିବା ଜଣାପଡିଛି । କମାଣ୍ଡାଣ୍ଟ ଶ୍ରୀ ଚୌଧୁରୀ ୧୯୯୯ମସିହାରେ ସିଆରପିଏଫ୍‌ରେ ଯୋଗ ଦେଇଥିଲେ। ତାଙ୍କର କର୍ତ୍ତବ୍ୟ ନିଷ୍ଠା, ସାହସିକତା, ନେତୃତ୍ୱ ଗ୍ରହଣର କ୍ଷମତା ତଥା ଦେଶ ସେବା କରିବାର ପ୍ରତିବଦ୍ଧତା ହିଁ ତାଙ୍କୁ ଏଭଳି ସମ୍ମାନର ଅଧିକାରୀ କରିପାରିଛି। ଗତ ଦୁଇ ବର୍ଷ ହେଲା ଶ୍ରୀ ଚୌଧୁରୀ ଓଡ଼ିଶାର ନକସଲ୍ ପ୍ରଭାବିତ ଅଞ୍ଚଳରେ ୬୪ ବାଟାଲିୟନ୍ ସିଆରପିଏଫର ନେତୃତ୍ୱ ନେଇ ଆସୁଛନ୍ତି। ଏହି ପୁରସ୍କାର ଲାଭ ନିମନ୍ତେ ନିଜ ଚାକିରୀର ଅବଧି ସର୍ବନିମ୍ନ ୨୦ରେ ବର୍ଷ ହୋଇଥିବା ଆବଶ୍ୟକ ବୋଲି ଜଣାପଡିଛି। ଯେଉଁ ପୋଲିସ କର୍ମୀମାନେ ସବୁବେଳେ ନିଜ କର୍ତ୍ତବ୍ୟକୁ ମାନ୍ୟତା ଦିଅନ୍ତି ତାହା ପ୍ରଶାସନିକ ହେଉ



ଅବା ଉତ୍କର୍ଷ କାର୍ଯ୍ୟସଂଚାଳନ ହେଉ ସେହିମାନଙ୍କୁ ହିଁ ଏହି ରାଷ୍ଟ୍ରପତି ପୋଲିସ ପଦକ ପ୍ରଦାନ କରାଯାଇଥାଏ। ସଂପ୍ରତି ସେ କଳାହାଣ୍ଡି ଜିଲ୍ଲା ଭବାନୀପାଟଣାର ୬୪ ବାଟାଲିୟନ୍ ସିଆରପିଏଫ କମାଣ୍ଡାଣ୍ଟ ରୂପେ କାର୍ଯ୍ୟ କରୁଛନ୍ତି ।ଏହି ସମ୍ମାନଜନକ ପୁରସ୍କାର ଲାଭ କରିଥିବାରୁ କମାଣ୍ଡାଣ୍ଟ ଚୌଧୁରୀଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତମାନ ପହଞ୍ଚିବାରେ ଲାଗିଛି।

# ପାଚିକା ସହାୟିକାଙ୍କ ପାରିଶ୍ରମିକ ବୃଦ୍ଧି ଦାବି

ଜୁନାଗଡ଼,(ଭାସ୍କର ନ୍ୟୁଜ୍): ସରକାର ପାଚିକା ସହାୟିକାଙ୍କ ପାରିଶ୍ରମିକ ବୃଦ୍ଧିକୁ ନେଇ ଏ.ଆଇ. ଟି.ୟୁ.ସି ଅନୁବନ୍ଧିତ ନିଖିଳ ଓଡିଶା ଏମଡ଼ିଏମ ପାଚିକା ସହାୟିକା ସଂଘର ପାରିଶ୍ରମିକ ବୃଦ୍ଧି ଦାବି କରିଛନ୍ତି। ବିଦ୍ୟାଳୟଗୁଡିକରେ କାର୍ଯ୍ୟରତ ମଧ୍ୟାହ୍ନଭୋଜନ ପାଚିକା ସହାୟିକାଙ୍କୁ ସରକାର ପାରିଶ୍ରମିକ ମାସକୁ ୨ ହଜାରରୁ ୪ ହଜାରକୁ ବୃଦ୍ଧି କରିଛନ୍ତି ତାହା ଉପହାସ ବୋଲି ସଂଘ ପକ୍ଷରୁ ପ୍ରକାଶ କରାଯାଇଛି । ସରକାରଙ୍କ ଘୋଷିତ ଦୈନିକ ମଜୁରି ଠାରୁ କମ ପାରିଶ୍ରମିକ ଘୋଷଣା ପାଚିକା ସହାୟିକାଙ୍କ ପ୍ରତି ଅଣଦେଖା କରୁଥିବା ସ୍ପଷ୍ଟ ଜଣାପଡୁଛି। ଆଜି ଦିନରେ ବଜାରର ଯେଉଁ ଦରଦାମ ସରକାରଙ୍କ ଘୋଷିତ ପାରିଶ୍ରମିକ କେତେ ଯୁକ୍ତିଯୁକ୍ତ ଏହାର ପୁନଃ ବିଚାର କରିବେ ବୋଲି ପାଚିକା ସହାୟିକା ସଂଘ ପକ୍ଷରୁ ପ୍ରକାଶ ପାଇଛି। ଏହା ସହ ବର୍ଷକୁ ୧୨ ମାସର ପାରିଶ୍ରମିକ ପ୍ରଦାନ, ସ୍କିମଓ୍ୱାର୍କର ମାନ୍ୟତା, ଅବସର



ବୟସ ୬୨ ବର୍ଷ, ପେନସନ, ବର୍ଷକୁ ୨ ଖଣ୍ଡ ଶାଢ଼ୀ, ବୀମା ୫ ଲକ୍ଷ, ନିଯୁକ୍ତି ବିଇଓଙ୍କ ଦ୍ୱାରା ପ୍ରଭୃତି ନ୍ୟାୟୋଚିତ ଦାବିଗୁଡିକ ଉପରେ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି । ଆଗାମୀ ଦିନରେ ବିଭିନ୍ନ ଦାବି ପୂରଣ ପାଇଁ ମିଳିତ ଭାବେ ଆନ୍ଦୋଳନ ପାଇଁ ଏଆଇଟିୟୁସି ଅନୁବନ୍ଧିତ ନିଖିଳ ଓଡିଶା ଏମ ଡ଼ି ଏମ ପାଚିକା ସହାୟିକା ସଂଘ ରାଜ୍ୟ ସଭାପତି ଅକ୍ଷୟ କୁମାର ମେହେର, କାର୍ଯ୍ୟକାରୀ ସଭାପତି କାଞ୍ଚନବାଳା ରାଉତ, ଉପ ସଭାପତି ରାଜେନ୍ଦ୍ର ଦାସ, ପାଣ୍ଡବ ଭୋଇ, ସୁବାଷ ମହାପାତ୍ର, ବଉଳ ରାଉତ, ସାଧାରଣ ସମ୍ପାଦିକା ମାଧବୀ କଳତା, ସହ ସମ୍ପାଦିକା ସୁନିତା ବାରିକ, ସୁହାନା ବେଗମ, ତିଳକ ପୁଝାରୀ, ରଶ୍ମିତା ବେଉରୀ, ମିତା ପାଇକ, କୋଷାଧକ୍ଷ ବାସନ୍ତୀ ପଣ୍ଡା ପ୍ରମୁଖଏକ ପ୍ରେସ ଇସ୍ତାହାରରେ ନିବେଦନ କରିଛନ୍ତି ।

## ପୁତୁରାର ଟାଙ୍ଗିଆ ଚୋଟରେ କାକା-ଖୁଡ଼ୀଙ୍କ ମୃତ୍ୟୁ

ଧର୍ମଗଡ, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅନ୍ତର୍ଗତ କାର୍ଲି ଗ୍ରାମରେ ଏକ ଅଘଟଣ । ପୁତୁରାଙ୍କ ଟାଙ୍ଗିଆ ଚୋଟରେ କାକା ଖୁଡୀଙ୍କ ମୃତ୍ୟୁ ହୋଇଛି। ଗ୍ରାମର ବସନ୍ତ ବାଗ ବୀଭତ୍ସ ଭାବେ ନିଜ କକା ବୁଡୁ ବାଗ ଓ ଖୁଡି ସଜନେ ବାଗଙ୍କୁ ଟାଙ୍ଗିଆ ରେ ହତ୍ୟା କରିଥିବା ଅଭିଯୋଗ ହୋଇଛି । ହତ୍ୟା କାରଣ ସ୍ପଷ୍ଟ ହୋଇନଥିଲେ ବି ଉଭୟଙ୍କ ମଧ୍ୟରେ ବହୁଦିନ ଧରି ଜମିଜମା ବିବାଦ ଲାଗି ରହିଥିବା ଆଲୋଚନା ହେଉଛି। ଏହି ବିବାଦ ତିକ୍ତତା ଦିନ କୁ ଦିନ ବଢ଼ିବାରେ ଲାଗି ରହିଥିଲା ।ଶେଷରେ ପୁତୁରା ବସନ୍ତ ହତ୍ୟା ଭଳି ପଦକ୍ଷେପ ନେଇଥିବା ସନ୍ଦେହ କରାଯାଉଛି। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।

# ଜୟନ୍ତପୁର ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଧର୍ମଗଡ଼ (ଭାସ୍କର ନ୍ୟୁଜ)ଧର୍ମଗଡ଼ ବ୍ଲକ ଜୟନ୍ତପୁର ସ୍ଥିତ ସରକାରୀ ଏସଏସଡି ବାଳିକା ଉଚ୍ଚ ମାଧ୍ୟମିକ ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅସୀମା ଦୋରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସହଜରେ ପହଞ୍ଚି ହେବ ବୋଲି ଅତିଥି ବୃନ୍ଦ ଅଭିଭାଷାଣ ରଖିଥିଲେ ।ଛାତ୍ରୀ ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିବା ବେଳେ ଉର୍ତ୍ତୀର୍ଣ୍ଣ ଛାତ୍ରୀ ଙ୍କୁ ଅତିଥି ମାନେ ମାନ ପତ୍ର ସହ ପୁରସ୍କାର ବିତରଣ କରିଥିଲେ ।ପରିଶେଷରେରେ




ଭାବେ କଳାହାଣ୍ଡି ଜିଲ୍ଲା ଏସଏସଡି ପରିଦର୍ଶକ ଅଧିକାରୀ କୈଳାସ ଚନ୍ଦ୍ର ମହାରଣା, ମୁଖ୍ୟବକ୍ତା ଧର୍ମଗଡ଼ ତହସିଲଦାର ସଞ୍ଜୟ କୁମାର ସାମନ୍ତ ରାଏ, ସମ୍ମାନିତ ଅତିଥି କଳାହାଣ୍ଡି ଜିଲ୍ଲା ନୁକ୍ସନ ସଭାପତି ଦେବବ୍ୟାସ ପ୍ରଧାନ, ଅଧୋ ମୁଣ୍ଡ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶତ୍ରୁଜିତ ପତି, ଦୁଲକୀବନ୍ଧ ପ୍ରଧାନ ଶିକ୍ଷୟିତ୍ରୀ ରେଖା ସମାସି,ଧନସରା ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁଶ୍ରୀ ସୁପ୍ରଭା ନାଏକ, ଜୟନ୍ତପୁର ସରପଞ୍ଚ ଜୟନ୍ତୀ ବାଗ, ସମିତି ସଭ୍ୟ-ଥବିର ନାଗ ପ୍ରମୁଖ ଯୋଗ ଦେଇ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ ଭବିଷ୍ୟତ ଗଠନ ଉପରେ ପ୍ରେରଣା ଦେଇଥିଲେ। ଜଣେ ଭଲ ଛାତ୍ରୀ ଭାବେ ନିଜକୁ ଗଢି ତୋଳିବା ଓ କଠିନ ପରିଶ୍ରମ ଦ୍ୱାରା ଲକ୍ଷ ସ୍ଥଳକୁ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମ ର ମଞ୍ଚ ପରିଚାଳନା ଶିକ୍ଷକ ଦୀପକ ରଞ୍ଜନ ପଣ୍ଡା ଓ ତୋଫାନ ପଣ୍ଡା କରିଥିବାବେଳେ ଧନ୍ୟବାଦ ଅର୍ପଣ ଶିକ୍ଷକ ହିମାଂଶୁ ଶେଖର ମାଝୀ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଟ୍ୱିଙ୍କଲ ଶତପଥୀ, ପରିମିତା ପାଢ଼ୀ, ପୁଷ୍ପା ମଞ୍ଜରୀ ଦଳପତି, ଶର୍ମିଷ୍ଠା ଗୋପାଳ,ଆରତୀ ନାଏକ,ମିନା ସାହୁ,ଶିକ୍ଷକ ଲକ୍ଷ୍ମୀଧର ବାଗ,ତରୁଣ ଦଳାଇ,ବିକାଶ ପ୍ରଧାନ,ପ୍ରବୀଣ ସାହୁ,ମିଷ୍ଟ ହରିଜନ, ବେଣୁଧର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଛାତ୍ରୀ, ଅଭିଭାବକ ଓ ଗ୍ରାମବାସୀ ସାମିଲ ହୋଇଥିଲେ।

## ଜିଲ୍ଲାପାଳଙ୍କ ଜନଶୁଣାଣି

କେସିଙ୍ଗା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ସୋମବାର ଦିନ ହୋଇଥିବା ଜିଲ୍ଲାପାଳ ଜନଶୁଣାଣି ମାତ୍ର ୧ ଘଣ୍ଟା ମଧ୍ୟରେ ଶେଷ ହୋଇଥିଲା। ଜନଶୁଣାଣୀ ରେ ମାତ୍ର ୩୬ ଗୋଟି ଅଭିଯୋଗ ଆସିଥିବା ଜଣାପଡ଼ିଛି। ପ୍ରଚାର ପ୍ରସାର ଅଭାବ ଯୋଗୁଁଜନସାଧାରଣ ଜାଣି ପାରୁନାହାନ୍ତି ଜନଶୁଣାଣିର ତାରିଖ ଓ ସ୍ଥାନ ପୁଣି ଅଭିଯୋଗ ଶୁଣାଣୀରେ ବ୍ଲକ ପ୍ରଶାସନ ପକ୍ଷରୁ ଅଞ୍ଚଳର କୌଣସି ସାମ୍ବାଦିକ ମାନଙ୍କୁ ଡକାଯାଉନଥିବା ସାମ୍ବାଦିକ ମାନେ ଅଭିଯୋଗ କରିଛନ୍ତି। ସାମ୍ବାଦିକଙ୍କୁ ଅଣଦେଖା ବିଷୟ ଉପରେ କେସିଙ୍ଗା ବିଡ଼ିଓଙ୍କୁ ପଚାରିବାରୁ ମୁ ଅନ୍ୟ ଜଣେ ଅଧିକାରୀଙ୍କୁ ସାମ୍ବାଦିକମାନଙ୍କୁ ଡାକିବା ପାଇଁ କହିଥିଲି ସେ କାହିଁକି ସାମ୍ବାଦିକମାନଙ୍କୁ ସୂଚନା ଦେଇନାହାନ୍ତି ପଚାରି ବୁଝିବି ବୋଲି କହିଥିଲେ। ପ୍ରଚାର ପ୍ରସାର ବିଷୟରେ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆସନ୍ତା ଅଭିଯୋଗ ଶୁଣାଣି ସମୟରେ ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର ପ୍ରସାର କରିବାକୁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# କର୍ଲାମୁଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪ର୍ଥ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବିଧାୟକ ତଥା ବିଦ୍ୟାଳୟ ସଭାପତି ଭୂପିନ୍ଦ୍ର ସିଂ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, କଣ୍ଟପଡା ମହା ବିଦ୍ୟାଳୟ ଓଡ଼ିଆ ଅଧ୍ୟାପକ ଡ଼. ଅଜିତ କୁମାର ବେହେରା ମୁଖ୍ୟବକ୍ତା,କର୍ଲାମୁଣ୍ଡା ବ୍ଲକ ଅଧକ୍ଷା କୁନି ସାହୁ, ଜିଲ୍ଲାପରିଷଦ ସଭ୍ୟ, ମହେନ୍ଦ୍ର ରଣା ଓ ସୁରେଶ ଚୌଧୁରୀ, ଅବସର ପ୍ରାପ୍ତ ଶିକ୍ଷକ ରୂପାଧର କୁମାର ସମ୍ପାଦକ,




ବିଦ୍ୟାଳୟ ଅଧକ୍ଷ ଗୁପ୍ତେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇ ଛାତ୍ରଛାତ୍ରୀମାନେ କିଭଳି ଭବିଷ୍ୟତରେ ଉନ୍ନତ ମାନର ଶିକ୍ଷା ଲାଭ କରି ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବେ ଏବଂ ଅଧ୍ୟୟନ ରତ ଛାତ୍ର ଛାତ୍ରୀମାନେ ନିଜ ନିଜ ମଧ୍ୟରେ ଭାଇଚାରା ସୃଷ୍ଟି କରି ଶିକ୍ଷା ଲାଭ କରିବେ ସେ ଦିଗରେ ଅବଗତ କରାଇଥିଲେ । ଏଥିରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରି ଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଲମ୍ବୋଦର ସାହୁ ସଂଯୋଜନା କରିଥିଲେ ଓ ଶେଷରେ ଅଧ୍ୟାପକ ଗୁର ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ, ଟିକେମଣି ରଣା, ରୀନା ସିଂ, ସଂଗୀତ ସାହୁ,ପଲିଷ୍ଟର ସାହୁ,ଉଦ୍ଧବ ସାହୁ,ପ୍ରଶାନ୍ତ ରଣା, ଜିତେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ ଓ ଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ ଆକର୍ଷଣୀୟ ହୋଇଥିଲା।

# ଗୋବର୍ଦ୍ଧନପୁର ପଞ୍ଚାୟତରେ ଅଭିଯୋଗ ଶୁଣାଣି

ଲାଞ୍ଜିଗଡ଼, (ଭାସ୍କର ନ୍ୟୁଜ): ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଗୋବର୍ଦ୍ଧନପୁର ଗ୍ରାମପଞ୍ଚାୟତ ମୁଖ୍ୟାଳୟ ମଧୁପୁରଠାରେ ସାପ୍ତାହିକ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ଶଶାଙ୍କ ପାତ୍ର ଶିବିରରେ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଦାବିପତ୍ର ଗ୍ରହଣ କରିଥିଲେ। ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଅରବିନ୍ଦ ମହାପାତ୍ର, ବ୍ଲକ ଯୋଗାଣ ଅଧିକାରୀ ଦିଲୀପ



କୁମାର ନାୟକ, ବ୍ଲକ ମଙ୍ଗଳ ଅଧିକାରୀ ପଙ୍କଜ ବଳିୟାର ସିଂହ ପ୍ରମୁଖ ଯୋଗଦେଇ ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ। ଏଥିରେ ଶିକ୍ଷା ବିଭାଗ ତରଫରୁ କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା, ସ୍ୱାସ୍ଥ୍ୟ ବିଭାଗ ତରଫରୁ ମହିଳା ସ୍ୱାସ୍ଥ୍ୟକର୍ମୀ ରସବତୀ ସୁନାନୀ, ବ୍ଲକ ସାମାଜିକ ସୁରକ୍ଷା ବିଭାଗର ପିତବାସ ସାହୁ, ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ। ଗୋବର୍ଦ୍ଧନପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମରସିଂ ପୁଝାରୀ, ନାଏବ ସରପଞ୍ଚ ସଞ୍ଜୀବ ପଣ୍ଡା, କନିଷ୍ଠ ଯନ୍ତ୍ରୀ ଅମିତ କୁମାର ସିଂହ, ଏଡିଇଓ ମେଘାଳୟ ନାୟକ, ବିଏଫଟି ରାମସାଗର ମାଝୀ, ଯୋଗାଣ ସହାୟକ କମଳ ମାଝୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଶିଫଳ

**ମଙ୍ଗଳବାର, ୨୮ ଜାନୁଆରୀ ୨୦୨୫**



**ମେଷ:** ଆପଣ ଉତ୍ସାହଜନକ ସୂଚନା ପାଇବେ। ଭୁଲିଯାଇଥିବା ସାଙ୍ଗମାନଙ୍କୁ ଭେଟିବେ। ଅପଚୟ ଖର୍ଚ୍ଚ ହେବ। ବ୍ୟବସାୟରେ ଲାଭ ହେବ। ସେୟାର ବଜାର ଏବଂ ମ୍ୟୁଚୁଆଲ୍ ଫଣ୍ଡ ଇତ୍ୟାଦି ଅନୁକୂଳ ଲାଭ ଦେବ। ଭାଇମାନଙ୍କର ସମର୍ଥନ ପାଇବେ। ଆତ୍ମ ସମ୍ମାନ ରହିବ। ଆତ୍ମ ସମ୍ମାନ ସହକାରେ ରୁହ। ଉପକୃତ ହେବେ।



**ବୃଷ :** ଆଘାତ ଏବଂ ରୋଗ ହେତୁ ବାଧା ସମ୍ଭବ । ଅସୁବିଧାରେ ପଡ଼ନ୍ତୁ ନାହିଁ । ଦୁଷ୍ଟ ଲୋକମାନେ କ୍ଷତି ଘଟାଇପାରନ୍ତି। ଭ୍ରମଣ ଲାଭଦାୟକ ହେବ । ଉପହାର ଏବଂ ଉପହାର ଗ୍ରହଣ କରାଯିବ । ବ୍ୟବସାୟ ବୃଦ୍ଧି ପାଇବ । ରୋଜଗାର ପ୍ରୟାସ ସଫଳ ହେବ ।



**ମିଥୁନ :** ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଅପଚୟ ଖର୍ଚ୍ଚ ନିୟନ୍ତ୍ରଣ କରନ୍ତୁ । ଏକାଠି ଖାଇବା ଠାରୁ ଦୂରେଇ ରୁହନ୍ତୁ । ପରିବାର ପାଇଁ ଚିନ୍ତା ହେବ । ଆତ୍ମ ସମ୍ମାନର ସହ ରୁହ। କୌଣସି ବ୍ୟକ୍ତିର ଉତ୍ତେଜନାରେ ଶିକାର ହୁଅନ୍ତୁ ନାହିଁ ।



**କର୍କଟ :** ବୁଡି ଯାଇଥିବା ଟଙ୍କା ଫେରିପାଇବେ। ବ୍ୟବସାୟ ଯାତ୍ରା ସଫଳ ହେବ । ବିନିଯୋଗ ଅନୁକୂଳ ଲାଭ ଦେବ । ଏହାର ପ୍ରଭାବ ଚାକିରିରେ ବୃଦ୍ଧି ପାଇବ। ବ୍ୟବସାୟରେ ଲାଭ ବୃଦ୍ଧି ପାଇବ । କିଛି ଶୁଭ କାର୍ଯ୍ୟରେ ଅଂଶଗ୍ରହଣ କରିବାର ଏକ ସୁଯୋଗ ଆସିପାରେ ।



**ସିଂହ :** ଯୋଜନା ଫଳପ୍ରଦ ହେବ । କର୍ମକ୍ଷେତ୍ରରେ ପରିବର୍ତ୍ତନ ସମ୍ଭବ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ବିନିଯୋଗ ଭଲ ହେବ । ଚାକିରିରେ ଉଭୟ କାର୍ଯ୍ୟଭାର ଏବଂ ପ୍ରାଧିକରଣ ବୃଦ୍ଧି ପାଇପାରେ । ବାହାରକୁ ଯିବାକୁ ଏକ ଯୋଜନା ପ୍ରସ୍ତୁତ କରିବେ । ଘର ବାହାରେ ସୁଖ ମିଳିବ ।



**କନ୍ୟା :** ଆଇନଗତ ପ୍ରତିବନ୍ଧକ ହଟାଇବା ପରେ ପରିସ୍ଥିତି ଅନୁକୂଳ ରହିବ । ବ୍ୟବସାୟରେ ଅଭିବୃଦ୍ଧି ହେବାର ସମ୍ଭାବନା ଅଛି । ଟଙ୍କା ପାଇବା ସହଜ ହେବ । ଦୀର୍ଘ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ସଫଳ ହେବ । ଧାର୍ମିକ ରୀତିନୀତିରେ ଅଂଶଗ୍ରହଣ କରିବାର ଏକ ସୁଯୋଗ ଥାଇପାରେ । ଆପଣ ସତସଙ୍ଗର ଲାଭ ପାଇବେ



**ତୁଳା :** ଖରାପ ଖବର ଗ୍ରହଣ କରାଯାଇପାରେ, ଧର୍ଯ୍ୟବାନ ହୁଅ । ସ୍ୱାସ୍ଥ୍ୟ ଦୁର୍ବଳ ହେବ। କାମ କରିବାକୁ ଇଚ୍ଛା ହେବ ନାହିଁ। ବିବାଦ କାରଣରୁ ଦ୍ୱନ୍ଦ୍ୱ ସମ୍ଭବ । କରାଯାଉଥିବା କାର୍ଯ୍ୟରେ ବାଧା ଉପୁଜିବ ।



**ବିଛା:** ସ୍ୱାସ୍ଥ୍ୟର ଯତ୍ନ ନିଅ । ଅତ୍ୟଧିକ ଉତ୍ସାହ ଏବଂ ବ୍ୟସ୍ତତା ରହିବ । ରାଜନୈତିକ ପ୍ରତିବନ୍ଧକ ଦୂର ହେବ। ବ୍ୟବସାୟ ଭଲ ହେବ । ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ତତ୍ପର ହୁଅନ୍ତୁ ନାହିଁ । ଲାଭ ସୁଯୋଗ ଆସିବ । ଭାଗ୍ୟ ଅନୁକୂଳ, ଏହାର ଲାଭ ନିଅ । ଘର ବାହାରେ ସବୁ ଦିଗରୁ ସହଯୋଗ ଗ୍ରହଣ କରାଯିବ । ସୁଖ ମିଳିବ ।



**ଧନୁ:** ସ୍ଥିର ସମ୍ପତ୍ତି ବୃଦ୍ଧି ହୋଇପାରେ । ସମ୍ପତ୍ତି ଅପରେସନ୍ ବହୁତ ଲାଭ ଦେଇପାରେ। ବିନିଯୋଗ ଭଲ ହେବ । ଚାକିରିରେ ତୁମେ ପ୍ରଶଂସା ପାଇବ । ପ୍ରଗତିର ରାସ୍ତା ଖୋଲିଯିବ। ସହଭାଗୀମାନଙ୍କ ସହିତ ମତଭେଦ ସମାଧାନ ହେବ । ଶୀଘ୍ର କୈଣସି ନିଷ୍ପତ୍ତି ନିଅ ନାହିଁ । ସ୍ୱାସ୍ଥ୍ୟ ଦୁର୍ବଳ ହୋଇପାରେ । ବେପରୁଆ ହୁଅ ନାହିଁ।



**ମକର :** ସୃଜନଶୀଳ କାର୍ଯ୍ୟ ସମ୍ପୂର୍ଣ୍ଣ ଏବଂ ସଫଳ ହେବ । ପାର୍ଟି ଏବଂ ପିକନିକ୍ ଆୟୋଜନ କରାଯିବ । ଆୟ ବୃଦ୍ଧି ପାଇବ। ଆପଣ ପରୀକ୍ଷା ଏବଂ ସାକ୍ଷାତକାରରେ ସଫଳତା ପାଇବେ । ବ୍ୟସ୍ତ ରହିବେ । ସୁସ୍ୱାଦୁ ଖାଦ୍ୟ ଉପଭୋଗ କରନ୍ତୁ। ବ୍ୟବସାୟ ଲାଭଦାୟକ ହେବ । ଘରେ ଏବଂ ବାହାରେ ସବୁ ଦିଗରୁ ସଫଳତା ଏବଂ ସୁଖ ମିଳିବ ।



**କୁମ୍ଭ:** ବିବାଦକୁ ଉତ୍ସାହିତ କରନ୍ତୁ ନାହିଁ । ଜଣେ ବ୍ୟକ୍ତିଙ୍କ ଆଚରଣ ଦ୍ୱାରା ଆତ୍ମ ସମ୍ମାନ କ୍ଷତିଗ୍ରସ୍ତ ହୋଇପାରେ । ଆପଣ ଦୁଃଖଦ ଖବର ପାଇବେ। ଅଦରକାରୀ ଜିନିଷ ପ୍ରତି ଧ୍ୟାନ ଦିଅ ନାହିଁ । ଅଧିକ ତ୍ୱରାନ୍ୱିତ ହେବ । ଚାକିରିରେ ଅଧସ୍ତନମାନଙ୍କ କମ୍ ସହଯୋଗ ହେବ । ବହୁତ କାମ ହେବ । ତତ୍ପରତା ନାହିଁ ।



**ମୀନ :** ପରିଶ୍ରମର ଫଳ ସମ୍ପୂର୍ଣ୍ଣ ରୂପେ ଗ୍ରହଣ କରାଯିବ । ଭ୍ରମଣ ଲାଭଦାୟକ ହେବ । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆପଣ ସାଙ୍ଗମାନଙ୍କୁ ସାହାଯ୍ୟ କରିପାରିବେ । ବହୁତ ଭଲ କାମ କରିବାକୁ ଇଚ୍ଛୁକ ହେବେ । ପରିବାର ସହାୟତା ଉପଲବ୍ଧ ହେବ । ଆୟ ବୃଦ୍ଧି ପାଇବ । ଭାଗ୍ୟ ଅନୁକୂଳ ହେବ । ବନ୍ଦ ହୋଇଥିବା କାର୍ଯ୍ୟ ସମାପ୍ତ ହେବ । ସୁଖ ମିଳିବ ।



ଜ୍ୟୋତିଷ ଗୁରୁ

ଜ୍ୟୋର୍ତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଆମ ରୋଷେଇ ଘରର ସାମଗ୍ରୀରୁ ଆମେ ଅନେକ ରୋଗରୁ ନିସ୍ତାର ପାଇ ପାରିବା। ଯେମିତି କଳା ଲୁଣ ଓ ହେଙ୍ଗୁ । ଏକାଠି ଖାଇବା ଦ୍ୱାରା ପେଟ ସମ୍ବନ୍ଧୀୟ ସମସ୍ୟା ଦୂର ହୁଏ । ସକାଳେ ଖାଲି ପେଟରେ କଳା ଲୁଣ ଏବଂ ହେଙ୍ଗୁ ପାଣି ପିଇବା ଦ୍ୱାରା ଅତ୍ୟନ୍ତ ଲାଭ ମିଳିଥାଏ । କଳା ଲୁଣ ଏବଂ ହେଙ୍ଗୁକୁ ଉଷୁମ ପାଣିରେ ଗୋଟିଏ ଚାମଚ ଲୋଖାଏଁ ପକାଇ ପିଇବା ଦ୍ୱାରା ଶରୀର ଡିଟକ୍ସାଇଫ ହୋଇଥାଏ । ଉଭୟ କଳା ଲୁଣ ଏବଂ ହେଙ୍ଗୁ ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ଦେଇଥାଏ । ଯେପରିକି ଏକାଠି ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଭଲ ହୁଏ । କଳା ଲୁଣ ଏବଂ ହେଙ୍ଗୁକୁ ଉଷୁମପାଣିରେ ପକାଇ ପିଇଲେ ସଙ୍ଗେସଙ୍ଗେ ବାନ୍ତି ବନ୍ଦ ହୋଇଯାଇଥାଏ ।ଏହି କଳା ଲୁଣ ଓ ହେଙ୍ଗୁ ମେଟୋବୋଲିଜିମ୍ ବୃଦ୍ଧି କରି ଓଜନ ନିୟନ୍ତ୍ରଣରେ ସାହାଯ୍ୟ କରେ । ଓଜନ କମ୍ କରିବା ପାଇଁ ଚାହୁଁଛନ୍ତି ତେବେ କଳା ଲୁଣ ଏବଂ ହେଙ୍ଗୁର ପାଣି ପିଇବା ଅଭ୍ୟାସ କରନ୍ତୁ । ସେହିପରି ଏହି ଉଭୟ ସାମଗ୍ରୀ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନଫ୍ଲାମେଟୋରୀ ଭରପୂର ଅଟେ । ଏହା ଏସିଡିଟି ସମସ୍ୟା ଦୂର କରିଥାଏ ।

## ମେଦ ସମସ୍ୟା ଦୂର କରେ ଗ୍ରୀନ୍ ମଟର



ଶୀତଦିନେ ବେଶି ମିଳୁଥିବା ପରିବା ମଧ୍ୟରେ ଗ୍ରୀନ୍ ମଟର ଅନ୍ୟତମ। ଏଥିରେ ଭିଟାମିନ୍ସ ଓ ମିନେରାଲ୍ସ ଭରି ରହିଛି। ଏଥିରେ ଅନେକ ଉପକାରୀ ତତ୍ତ୍ୱ ରହିଛି। ତେବେ ଏହି ତାଲିକାରେ ନିକଟରେ ଆଉ ଏକ କଥାକୁ ସାମିଲ କରାଯାଇଛି। ଯଦି ଜଣେ ବ୍ୟକ୍ତି ପ୍ରାୟ ନିୟମିତ ଗ୍ରୀନ୍ ମଟରରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତି ତେବେ ସେ ନିଜର ଓଜନକୁ କେତେକାଂଶରେ ନିୟନ୍ତ୍ରଣରେ ରଖିପାରିବେ। ଏଭଳି ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ପ୍ରତିଦିନ ଏପରି ଖାଦ୍ୟ ଖାଇବାକୁ ୟୁନିଭର୍ସିଟି ଅଫ କାଲିଫର୍ନିଆର ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ସେମାନଙ୍କର ଓଜନ କେତେ ରହୁଛି ତାହାକୁ ତର୍ଜମା କରାଯାଇଥିଲା। ଏହାଦ୍ୱାରା ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ଓଜନ କେତେକାଂଶରେ କମୁଥିବାର ଜଣାପଡ଼ିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଗ୍ରୀନ୍ ମଟର ଶରୀରରେ ବ୍ଲଡ ସୁଗାର ଲେଭଲ୍‌କୁ ମଧ୍ୟ ଏହା ସନ୍ତୁଳିତ ରଖେ। ଏଥିରେ ଆଇରନ୍ ଓ ଫାଇବର ଅଧିକ ପରିମାଣରେ ଥିବାରୁ ଖାଦ୍ୟ ଠିକ୍ ଭାବେ ହଜମ ହୋଇଥାଏ।

## ମହାକୁମ୍ଭ ଭାଇରଲ ସୁନ୍ଦରୀ ମୋନାଲିସାଙ୍କୁ ଫିଲ୍ମ ଅଫର



ସୁନ୍ଦର ଆଖି, ଶ୍ୟାମଳ ରଙ୍ଗ ଓ ହସ ପାଇଁ ଭାଇରାଲ ହୋଇଥିଲେ । ପ୍ରୟାଗରାଜ କୁମ୍ଭମେଳାର ସେନସେସନ୍ ପାଲିଟି ଯାଇଥିଲେ । ଏବେ ବଲିଉଡ ଯାତ୍ରା ଆରମ୍ଭ କରିବାକୁ ଯାଉଛନ୍ତି । ପ୍ରୟାଗରାଜ କୁମ୍ଭମେଳାରେ ଭାଇରାଲ ହୋଇଥିବା ମୋନାଲିସା ଭୋସଲେଙ୍କୁ ବଲିଉଡ ଫିଲ୍ମ ଅଫର ମିଳିଛି । ମହାକୁମ୍ଭ ମେଳାରେ ଫୁଟପାଥରେ ରୁଦ୍ରାକ୍ଷ ସହ ଫୁଲ ମାଳା ବିକ୍ରି କରୁଥିବା 'ଭାଇରାଲ ଗାର୍ଲ' ମୋନାଲିସାଙ୍କୁ ଫିଲ୍ମ ଅଫର ମିଳିଛି । ଫିଲ୍ମ ନିର୍ମାତା ସନୋଜ ମିଶ୍ରା ତାଙ୍କର ଆଗାମୀ ଫିଲ୍ମ 'ଦ ଡାଏରୀ ଅଫ୍ ମଣିପୁର'ରେ ମୋନାଲିସାଙ୍କୁ ମୁଖ୍ୟ ଅଭିନେତ୍ରୀ ଭାବେ କାମ କରିବାକୁ ଅଫର ଦେଇଛନ୍ତି । ମୋନାଲିସା ଫିଲ୍ମରେ କାମ କରିବାକୁ ସହମତି ପ୍ରକାଶ କରିଥିବା ଜଣାପଡିଛି । ଫିଲ୍ମରେ ମୋନାଲିସା ଜଣେ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଝିଅ ଭୂମିକାରେ ନଜର ଆସିବେ । ପୂର୍ବୋତ୍ତର ବିଭିନ୍ନ ସ୍ଥାନରେ ଏପ୍ରିଲରୁ ଜୁନ୍ ଯାଏ ଫିଲ୍ମର ସୁଟିଂ ହେବ । ଆସନ୍ତା ଅକ୍ଟୋବର କିମ୍ବା ନଭେମ୍ବର ମାସରେ ଫିଲ୍ମ ରିଲିଜ ହେବ । ସୁଟିଂ ପୂର୍ବରୁ ମୋନାଲିସାଙ୍କୁ ମୁମ୍ବାଇରେ ଅଭିନୟ ତାଲିମ ଦିଆଯିବ । ମହାକୁମ୍ଭରେ ମୋନାଲିସାଙ୍କର ଶ୍ୟାମଳ ରଙ୍ଗ ଓ ଧୂସର ଆଖି ଆକର୍ଷଣର କେନ୍ଦ୍ର ପାଲଟିଥିଲା । ତେଣୁ ତାଙ୍କ ସହ ଫଟୋ ଉଠାଇବାକୁ ଲୋକେ ଭିଡ ଜମାଉଥିଲେ । ମୋନାଲିସାଙ୍କ ଘର ମଧ୍ୟପ୍ରଦେଶ ଇନ୍ଦୋରରେ । ମହାକୁମ୍ଭରେ ସାଧୁ-ସନ୍ଥ ଓ ଶ୍ରଦ୍ଧାଳୁଙ୍କ ଫଟୋ ଓ ଭିଡିକୁ ନେଇ ଚର୍ଚ୍ଚା ହେଉଛି । ଏହି କ୍ରମରେ ମହାକୁମ୍ଭ ମେଳାକୁ ଆସିଥିବା ଜଣେ ଝିଅକୁ ନେଇ ସବୁଠି ଚର୍ଚ୍ଚା ହୋଇଥିଲା । ଭାଇରାଲ ଗାର୍ଲ ମୋନାଲିସା ଭୋସଲେଙ୍କ ଶ୍ୟାମଳ ରଙ୍ଗ ଓ ଧୂସର ଆଖି ସମସ୍ତଙ୍କୁ ଆକର୍ଷିତ କରିଥିଲା । ତାଙ୍କୁ ଦେଖିବାକୁ ସେଲ୍‌ଫି ନେବାକୁ ଲୋକେ ଭିଡ଼ ଜମାଇଥିଲେ । ସେ କୁମ୍ଭମେଳାରେ ମାଳା ବିକ୍ରି କରୁଥିଲେ । ତାଙ୍କ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଦୁଇଗୁଣ ମୂଲ୍ୟ ଦେଇ ଲୋକେ ତାଙ୍କଠୁ ମାଳା କିଣୁଥିଲେ । ୧୬ ବର୍ଷୀୟା ମୋନାଲିସାଙ୍କ ସୁନ୍ଦରତା ଲୋକଙ୍କୁ ମୋହିତ କରିଥିଲା ।

## ଆପାର୍ଟମେଣ୍ଟ ବିକ୍ରିଲେ ଅକ୍ଷୟ କୁମାର

ବଲିଉଡର ଖିଲାଡି କୁମାର ଅର୍ଥାତ୍ ଅକ୍ଷୟ କୁମାର ଆଜିକାଲି ତାଙ୍କ ଫିଲ୍ମ ସ୍କାଏ ଫୋର୍ସ ପାଇଁ ଚର୍ଚ୍ଚାରେ ଅଛନ୍ତି। ଏହି ଫିଲ୍ମଟି ଶୁକ୍ରବାର ଜାନୁଆରୀ ୨୪ରେ ସିନେମା ହଲରେ ମୁକ୍ତିଲାଭ କରିଥିଲା। ସ୍କାଏ ଫୋର୍ସ ଦର୍ଶକ ଏବଂ ସମାଲୋଚକମାନଙ୍କଠାରୁ ଭଲ ପ୍ରତିକ୍ରିୟା ପାଉଛି। ଏସବୁ ମଧ୍ୟରେ ଅଭିନେତା କୋଟି କୋଟି ଟଙ୍କା ମଧ୍ୟ ରୋଜଗାର କରିଛି। ଅକ୍ଷୟ ତାଙ୍କର ମୁମ୍ବାଇ ଆପାର୍ଟମେଣ୍ଟକୁ ଦୁଇଗୁଣ ମୂଲ୍ୟରେ ବିକ୍ରି କରିଛନ୍ତି। ଅକ୍ଷୟ କୁମାରଙ୍କ ଦ୍ୱାରା ବିକ୍ରି ହୋଇଥିବା ଆପାର୍ଟମେଣ୍ଟଟି ସ୍କାଏ ସିଟିରେ ଅବସ୍ଥିତ। ସ୍କାଏ ସିଟି ଓବେରୟ ରିଅଲିଟି ଦ୍ୱାରା ବିକଶିତ ଏବଂ ଏହା ୨୫ ଏକର ଜମିରେ ବ୍ୟାପିଛି। ସ୍କୋୟାର ୟାର୍ଡସ କହିଛି, ଅକ୍ଷୟ କୁମାର ନଭେମ୍ବର ୨୦୧୭ରେ ଆପାର୍ଟମେଣ୍ଟଟିକୁ ୨.୩୮ କୋଟି ଟଙ୍କାରେ କିଣିଥିଲେ ଏବଂ ସମ୍ପ୍ରତି ଏହାକୁ ୪.୨୫ କୋଟି ଟଙ୍କାରେ ବିକ୍ରି କରିଛନ୍ତି, ଯାହା ମୂଲ୍ୟରେ ୭୮ ପ୍ରତିଶତ ବୃଦ୍ଧିକୁ ପ୍ରତିଫଳିତ କରେ। ରିପୋର୍ଟ ଅନୁଯାୟୀ, ଅକ୍ଷୟ କୁମାର ବିକ୍ରି କରିଥିବା ଆପାର୍ଟମେଣ୍ଟର କାର୍ପେଟ କ୍ଷେତ୍ରଫଳ ୧,୦୭୩ ବର୍ଗଫୁଟ। ଏଥିରେ ଦୁଇଟି କାର ପାର୍କିଂ ପାଇଁ ମଧ୍ୟ ସୁବିଧା ଅଛି। ଏହି କାରବାରରେ ୨୫.୫ ଲକ୍ଷ ଟଙ୍କାର ଷ୍ଟାମ୍ପ ଡ୍ୟୁଟି ଏବଂ ୩୦,୦୦୦ ଟଙ୍କାର ପଞ୍ଜୀକରଣ ଫି ମଧ୍ୟ ଦିଆଯାଇଛି। ଅକ୍ଷୟ କୁମାର ତାଙ୍କ ଫିଲ୍ମ ସ୍କାଏ ଫୋର୍ସର ରିଲିଜ ମଧ୍ୟରେ ତାଙ୍କର ଫ୍ଲାଟ ବିକ୍ରି କରିଦେଇଛନ୍ତି। ଅଭିନେତାଙ୍କ ଏହି ଫିଲ୍ମଟି ଆଜି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି। ଏହି ଫିଲ୍ମଟି ଏପର୍ଯ୍ୟନ୍ତ ଦର୍ଶକଙ୍କଠାରୁ ଭଲ ପ୍ରତିକ୍ରିୟା ପାଉଛି ଏବଂ ଲୋକମାନେ ଏହାକୁ ଏକ ବହୁତ ଭାବପ୍ରବଣ ଫିଲ୍ମ ବୋଲି କହୁଛନ୍ତି। ବୀର ପାହାଡ଼ିଆ ଏହି ଫିଲ୍ମ ମାଧ୍ୟମରେ ବଲିଉଡରେ ଡେବ୍ୟୁ କରିଛନ୍ତି। ଏହି ଫିଲ୍ମରେ ନିମରତ କୌର ଏବଂ ସାରା ଅଲି ଖାନ ମଧ୍ୟ ଅଭିନୟ କରିଛନ୍ତି।



## ଥାଲାପତିଙ୍କ ଶେଷ ଫିଲ୍ମର ଫାଷ୍ଟ ଲୁକ୍ ରିଲିଜ୍

ସାଉଥ ସୁପରଷ୍ଟାର ଥାଲାପତି ବିଜୟ ଚଳଚ୍ଚିତ୍ରରୁ ଅବସର ଘୋଷଣା କରିସାରିଛନ୍ତି। ତାଙ୍କର ଶେଷ ଫିଲ୍ମକୁ ଦର୍ଶକ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଏହାରି ମଧ୍ୟରେ ତାଙ୍କର ଶେଷ ଫିଲ୍ମର ପ୍ରଥମ ଲୁକ୍ ରିଲିଜ ହୋଇଛି। ଏଥିସହିତ ଫିଲ୍ମର ଟାଇଟଲ୍ ମଧ୍ୟ ସେୟାର କରାଯାଇଛି। ବିଜୟଙ୍କ ଶେଷ ଫିଲ୍ମର ନାମ ହେଉଛି 'ଜନ ନାୟାଗନ'। ତେବେ ଫିଲ୍ମର ରିଲିଜ ତାରିଖ ଏଯାଏଁ ଜଣାପଡିନାହିଁ। ତେବେ ୨୦୨୫ରେ ଫିଲ୍ମଟି ମୁକ୍ତିଲାଭ କରିପାରେ ବୋଲି କୁହାଯାଉଛି। ଅପରପକ୍ଷରେ ଥାଲାପତି ବିଜୟ ରବିବାର ଦିନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ତାଙ୍କର ଶେଷ ତଥା ଆଗାମୀ ଫିଲ୍ମର ନାମ ଘୋଷଣା କରିଥିଲେ।





## ଗଣ୍ଠି ଫୁଲା ଏବଂ ବ୍ୟଥାକୁ ନେଇ ଚିନ୍ତିତ କି ? ଖାଆନ୍ତୁ ରସୁଣ

*ଜୀବନଶୈଳୀ ରୋଗ ଭାବରେ ଲୋକଙ୍କ ମଧ୍ୟରେ ହାଇ ୟୁରିକ୍ ଏସିଡ୍ ସମସ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଏହାର କାରଣ ଭୁଲ୍ ଖାଦ୍ୟ ଏବଂ ଖରାପ ଜୀବନଶୈଳୀ ବୋଲି ବିବେଚନା କରାଯାଏ । ବାସ୍ତବରେ ୟୁରିକ୍ ଏସିଡ୍ ହେଉଛି ଏକ ଆବର୍ଜନା ପଦାର୍ଥ, ଯାହା ସମସ୍ତଙ୍କ ଶରୀରରେ ରହିଛି । ୟୁରିକ୍ ଏସିଡ୍ ପ୍ୟୁରିନ୍ ନାମକ କେମିକଲ ଖଣ୍ଡ ଦ୍ୱାରା ପ୍ରସ୍ତୁତ ହୋଇଛି । ବାସ୍ତବରେ, କିଡନୀ ମୂତ୍ର ମାଧ୍ୟମରେ ୟୁରିକ୍ ଏସିଡ୍‌କୁ ବାହାର କରିଦେଇଥାଏ । କିନ୍ତୁ ଯେତେବେଳେ କିଡନୀ କାର୍ଯ୍ୟରେ ହ୍ରାସ ହୁଏ କିମ୍ବା ୟୁରିକ୍ ଏସିଡର ପରିମାଣ ଅଧିକ ଉତ୍ପାଦନ ହେବାକୁ ଲାଗେ, ଏହା ଗଣ୍ଠିରେ ସ୍ଫଟିକ୍ ଆକାରରେ ଜମା ହେବା ଆରମ୍ଭ କରେ । ଯେଉଁଥି ପାଇଁ ଗଣ୍ଠିରେ ଯନ୍ତ୍ରଣା, ଫୁଲା ଏବଂ ଚାଲିବାରେ ଅସୁବିଧା ହୁଏ । ଏହା ସହ ବେଳେବେଳେ ନିଜ ପାଦକୁ ଭୂମିରେ ରଖିବା ମଧ୍ୟ କଷ୍ଟକର ହୋଇଯାଏ । ଯଦି ଆପଣଙ୍କର ଏଭଳି ସମସ୍ୟା ହେଉଛି ତେବେ କିପରି ମୁକ୍ତି ପାଇବେ ଆସନ୍ତୁ ଜାଣିବା ।*

### ୟୁରିକ୍ ଏସିଡରେ ରସୁଣର ଫାଇଦା

ରସୁଣ ଖାଇବା ଦ୍ୱାରା ହାଇ ୟୁରିକ୍ ଏସିଡ୍ ଥିବା ରୋଗୀ ପାଇଁ ଲାଭଦାୟକ ହୋଇପାରେ। ରସୁଣ ଖାଇଲେ ଶରୀରରେ ୟୁରିକ୍ ଏସିଡ୍ ସ୍ତର କମିଯାଏ । ରସୁଣରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ରହିଥାଏ, ଯାହା ଅକ୍ସିଡେଟିଭ୍ ଚାପକୁ ହ୍ରାସ କରିଥାଏ ଏବଂ ୟୁରିକ୍ ଏସିଡକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ । ରସୁଣରେ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ମଧ୍ୟ ରହିଥାଏ ଯାହା ଗଣ୍ଠି ଫୁଲିବାକୁ କମ୍ କରିଥାଏ ଏବଂ ଗଣ୍ଠି ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ପ୍ରତିଦିନ ରସୁଣ ଖାଇବା ଦ୍ୱାରା ହଜମ ପ୍ରକ୍ରିୟାରେ ଉନ୍ନତି ହୋଇଥାଏ। ରସୁଣ ଖାଇବା ଦ୍ୱାରା ଶରୀରକୁ ଡିଟକ୍ସାଇଫ କରିଥାଏ ଏବଂ ବ୍ଲଡ ପ୍ରେସର, କୋଲେଷ୍ଟ୍ରଲକୁ ନର୍ମାଲ ରଖିଥାଏ। ରସୁଣ ଆର୍ଥ୍ରାଇଟିସ୍ ରୋଗୀଙ୍କ ପାଇଁ ଲାଭଦାୟକ ହୋଇଥାଏ ।

### ହାଇ ୟୁରିକ୍ ଏସିଡରେ ରସୁଣ କିପରି ଖାଇବେ

ବାସ୍ତବରେ, ଆପଣ ନିଜ ଖାଦ୍ୟରେ ଯେକୌଣସି ଭାବରେ ରସୁଣକୁ ସାମିଲ୍ କରିପାରିବେ । କିନ୍ତୁ ଏହି ୟୁରିକ୍ ଏସିଡ ରୋଗୀ ସକାଳେ ଖାଲି ପେଟରେ କଞ୍ଚା ରସୁଣକୁ ଖାଇଲେ ଲାଭ ମିଳିଥାଏ । ରସୁଣର ଦୁଇଟି ପାଖୁଡାକୁ ନେଇ ଉଷୁମ ପାଣି ସହିତ ଚୋବାଇ ଖାଆନ୍ତୁ । ଯଦି ଆପଣ ଚାହାଁନ୍ତି ତେବେ ଚା' ସହିତ ମଧ୍ୟ ରସୁଣକୁ ଖାଇପାରିବେ । ଆପଣଙ୍କୁ କିଛି ଦିନ ପାଇଁ ନିୟମିତ ରସୁଣ ଖାଇବୋକୁ ପଡିବ। ଏହା ସହିତ ୟୁରିକ୍ ଏସିଡ୍ ପ୍ରଭାବଶାଳୀ ଭାବରେ ନିୟନ୍ତ୍ରିତ ହେବ । ଏହା ବ୍ୟତୀତ, ରସୁଣ ଖାଇବା ଦ୍ୱାରା ବ୍ଲଡ ପ୍ରେସର ନିୟନ୍ତ୍ରଣରେ ରହିବା ସହ କୋଲେଷ୍ଟ୍ରଲ ମଧ୍ୟ କମ୍ ହେବ । ଏହା ସହ ଖାଲି ରସୁଣ ଖାଇବା ଦ୍ୱାରା ଗଣ୍ଠି ଯନ୍ତ୍ରଣା କମ୍ ହୋଇନଥାଏ ବରଂ ସୋରିଷ ତେଲ ସହ ରସୁଣକୁ ଫୁଟାଇ ଗଣ୍ଠିରେ ଲଗାଇ ଦ୍ୱାରା ବିନ୍ଧା ଏବଂ ଗଣ୍ଠି ଫୁଲା ମଧ୍ୟ କମ୍ ହୋଇଥାଏ । ତେଣୁ ଯଦି ଆପଣ ଗଣ୍ଠି ବିନ୍ଧା ଏବଂ ଫୁଲାରୁ ରକ୍ଷା । ପାଇବା



ପାଇଁ ଚାହୁଁଛନ୍ତି ତେବେ ରସୁଣକୁ ନିୟମିତ ଭାବରେ ଖାଆନ୍ତୁ ଏବଂ ତେଲରେ ଫୁଟାଇ ଲଗାନ୍ତୁ । ବହୁତ୍ ଶୀଘ୍ର ଆପଣଙ୍କ ଯନ୍ତ୍ରଣା ଦୂର ହେବ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik